# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୫/୨୦୨୪ (୧୪ ପୃଷ୍ଠା) | Bhubaneswar, Monday, March 25/2024 | Page 14 | ₹ 7.00

୫୦ଶ ଭାଗ ୧୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 122 | ମୂଲ୍ୟ ₹୭/-




**ମଣ୍ଡିରୁ ଲଢ଼ିବେ କଙ୍ଗନା ରାଣାଓ୍ୱତ**

ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କୁ ଭାଜପା ହିମାଚଳ ପ୍ରଦେଶର ମଣ୍ଡି ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି।

୦୨

୧୪

**ସଞ୍ଜୁ ସାମ୍‌ସନ ପ୍ଲେୟର ଅଫ୍ ଦି ମ୍ୟାଚ**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି ରାଜସ୍ଥାନ ରୟାଲ୍ସର ସଞ୍ଜୁ ସାମ୍‌ସନ।



# ‘ଚାନ୍ଦା ଦେଇ ରାଜସାକ୍ଷୀ’

## କେଜ୍‌ରିୱାଲଙ୍କୁ ଜେଲ ପଠାଇବା ପାଇଁ ୬୦ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ କିଣିଛି ଅରବିନ୍ଦୋ ଫାର୍ମା: ଆପ୍

ନୂଆଦିଲ୍ଲୀ,୨୪।୩

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅବକାରୀ ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫ କରି ଗତ ଶୁକ୍ରବାରଠାରୁ ରିମାଣ୍ଡରେ ନେଇଛି। ଇତିମଧ୍ୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଇଲେକ୍ଟୋରାଲ ବଣ୍ଡର ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିଛି। ଇସିଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ଅବକାରୀ ଦୁର୍ନୀତି ମାମଲାରେ ୨୦୨୨ ନଭେମ୍ବର ୧୦ରେ ଗିରଫ ହୋଇ ରାଜସାକ୍ଷୀ ପାଲଟିଥିବା ଅରବିନ୍ଦୋ ଫାର୍ମା ମାଲିକ ପି. ଶରତ ଚନ୍ଦ୍ର ରେଡ୍ଡୀଙ୍କଠାରୁ ଭାଜପା ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ସର୍ବାଧିକ ୩୪.୩୨ କୋଟି ଟଙ୍କା ଚାନ୍ଦା ଗ୍ରହଣ କରିଥିଲା। ତେବେ ଏହା ୬୦ କୋଟି ଟଙ୍କା ବୋଲି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ଗୋପାଳ ରାଏ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ପି. ଶରତ ଚନ୍ଦ୍ର ରେଡ୍ଡୀ

ଦିଲ୍ଲୀର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗୋପାଳ ରାଏ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ବିରୋଧୀ ନେତାମାନେ ଦୁର୍ନୀତିରେ ସମ୍ପୃକ୍ତ ହୋଇ ଗିରଫ ହେଉଥିବା ଭାଜପା କହୁଛି। କିନ୍ତୁ ୨ ବର୍ଷ ଧରି ଚାଲିଥିବା ଅବକାରୀ ନୀତି ମାମଲାରେ କୌଣସି ଆର୍ଥିକ କାରବାର ହୋଇ ନାହିଁ। ଏହି ମାମଲାରେ ରାଜସାକ୍ଷୀ ହୋଇଥିବା ଶରତ ରେଡ୍ଡୀଙ୍କ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଅରବିନ୍ଦୋ ଫାର୍ମା ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ୬୦ କୋଟି ଟଙ୍କା ଭାଜପାକୁ ଚାନ୍ଦା ଦେଇଛି। କେଜ୍‌ରିୱାଲଙ୍କ ବିରୋଧରେ ବୟାନ ଦେଇ ସରକାରୀ ସାକ୍ଷୀ ହେବା ଏବଂ ଭାଜପାକୁ ବଣ୍ଡ୍ ମାଧ୍ୟମରେ ୬୦ କୋଟି ☞ପୃଷ୍ଠା-୪

### ହୋଲି ଶୁଭେଚ୍ଛା

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

### ଧରିତ୍ରୀର ଛୁଟି

ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୨୫ ଓ ୨୬ ତାରିଖ ସୋମବାର ଏବଂ ମଙ୍ଗଳବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୨୮ ତାରିଖ ଗୁରୁବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ବୁଝି ହେଉଛି




# ଭାଜପା ତାଲିକାରେ ଓଡ଼ିଶାରୁ ୧୮

## ଝୁଲି ରହିଲା କଟକ, ଯାଜପୁର, କନ୍ଧମାଳ

**ଓଡ଼ିଶା ଭାଜପା ଲୋକ ସଭା ପ୍ରାର୍ଥୀ ତାଲିକା**

| | | |
|---|---|---|
| ୧ | ବରଗଡ଼ | ପ୍ରଦୀପ ପୁରୋହିତ |
| ୨ | ସୁନ୍ଦରଗଡ଼ | ଜୁଏଲ ଓରାମ |
| ୩ | ସମ୍ବଲପୁର | ଧର୍ମେନ୍ଦ୍ର ପ୍ରଧାନ |
| ୪ | କେନ୍ଦୁଝର | ଅନନ୍ତ ନାୟକ |
| ୫ | ମୟୂରଭଞ୍ଜ | ନବଚରଣ ମାଝି |
| ୬ | ବାଲେଶ୍ୱର | ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ |
| ୭ | ଭଦ୍ରକ | ଅଭିମନ୍ୟୁ ସେଠୀ |
| ୮ | ଢେଙ୍କାନାଳ | ରୁଦ୍ର ନାରାୟଣ ପାଣି |
| ୯ | ବଲାଙ୍ଗୀର | ସଙ୍ଗୀତା କୁମାରୀ ସିଂଦେଓ |
| ୧୦ | କଳାହାଣ୍ଡି | ମାଳବିକା କେଶରୀ ଦେଓ |
| ୧୧ | ନବରଙ୍ଗପୁର | ବଳଭଦ୍ର ମାଝି |
| ୧୨ | କେନ୍ଦ୍ରାପଡ଼ା | ବୈଜୟନ୍ତ ଜୟ ପଣ୍ଡା |
| ୧୩ | ଜଗତ୍‌ସିଂହପୁର | ବିଭୁ ପ୍ରସାଦ ତରାଇ |
| ୧୪ | ପୁରୀ | ସମ୍ବିତ ପାତ୍ର |
| ୧୫ | ଭୁବନେଶ୍ୱର | ଅପରାଜିତା ଷଡ଼ଙ୍ଗୀ |
| ୧୬ | ଆସିକା | ଅନିତା ଶୁଭଦର୍ଶିନୀ |
| ୧୭ | ବ୍ରହ୍ମପୁର | ପ୍ରଦୀପ କୁମାର ପାଣିଗ୍ରାହୀ |
| ୧୮ | କୋରାପୁଟ | କାଳେରାମ ମାଝି |

ଭୁବନେଶ୍ୱର,୨୪।୩(ସୁନୀତ୍ ମିଶ୍ର)

ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ରବିବାର ରାତିରେ ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରାଯାଇଛି। ଏଥିରେ ମୋଟ ୧୧୧ ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଇଛି। ଓଡ଼ିଶାର ୧୮ ସଂସଦୀୟ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ କଟକ, ଯାଜପୁର ଓ କନ୍ଧମାଳ ଆସନରେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ସ୍ପଷ୍ଟ ହୋଇନାହିଁ। ଓଡ଼ିଶାର ୬ ଆସନରେ ଭାଜପା ପ୍ରାର୍ଥୀ ବଦଳାଇଛି। ସେହି ଆସନଗୁଡ଼ିକ ହେଲା ବରଗଡ଼, ସମ୍ବଲପୁର, ମୟୂରଭଞ୍ଜ, କଳାହାଣ୍ଡି, ବ୍ରହ୍ମପୁର ଓ କୋରାପୁଟ। ୨୦୧୯ରେ ବରଗଡ଼ରୁ ସୁରେଶ ପୂଜାରୀ, ସମ୍ବଲପୁରରୁ ନୀତେଶ ଗଙ୍ଗଦେବ, ମୟୂରଭଞ୍ଜରୁ ବିଶେଶ୍ୱର ଟୁଡୁ ଏବଂ କଳାହାଣ୍ଡିରୁ ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ। ଟୁଡୁ କେନ୍ଦ୍ରରେ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ହୋଇଥିବାବେଳେ ତାଙ୍କୁ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ବାଦ ଦିଆଯାଇଛି।

ଭାଜପା ପକ୍ଷରୁ ପ୍ରକାଶିତ ପଞ୍ଚମ ତାଲିକାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବଲପୁର ଲୋକ ସଭା ଆସନରୁ ଲଢ଼ିବା ପାଇଁ ସୁଯୋଗ ଦିଆଯାଇଛି। ସେହିପରି ଭୁବନେଶ୍ୱର ଲୋକ ସଭା ଆସନର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଉପରେ ଦଳ ପୁନର୍ବାର ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଥିବାବେଳେ ଅନ୍ୟତମ ବହୁଚର୍ଚ୍ଚିତ ଆସନ ପୁରୀରୁ ସମ୍ବିତ ପାତ୍ରଙ୍କୁ ଆଉ ଥରେ ଟିକେଟ ଦେଇଛି। ବରଗଡ଼ରୁ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ସୁନ୍ଦରଗଡ଼ ସଂସଦୀୟ ଆସନରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ଦଳ ପୁଣି ଥରେ ପ୍ରାର୍ଥୀ କରିଛି। ସେହିପରି କେନ୍ଦୁଝର ଆସନରୁ ଅନନ୍ତ ନାୟକ, ମୟୂରଭଞ୍ଜରୁ ☞ପୃଷ୍ଠା-୪






# ମା’,ବାପାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ଚମ୍ପୁଆ,(ମହେଶ୍ୱର ଦାସ)୨୪।୩

ବାର୍ଦ୍ଧକ୍ୟ ସମୟରେ ଯିଏ ସାହାରା ହୋଇଥାନ୍ତା ଏବଂ ଶେଷ ବେଳେ ମୁହଁରେ ଟିକେ ନିଆଁ ଦେଇଥାନ୍ତା ତାହାରି ହାତରେ ଜୀବନ ଗଲା। ସାମାନ୍ୟ ବଚସାରୁ ହିତାହିତ ଜ୍ଞାନ ଭୁଲିଯାଇ ଟାଙ୍ଗିଆରେ ହାଣି ମା’, ବାପାଙ୍କୁ ହତ୍ୟା କରିବାକୁ ପଛାଇଲାନାହିଁ ପୁଅ। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ କାଳିକାପ୍ରସାଦ ପଞ୍ଚାୟତର ବସିରା ଗ୍ରାମରେ। ପୁଅର ଟାଙ୍ଗିଆ ଚୋଟରେ ମୃତ୍ୟୁବରଣ କରିଥିବା ମା’, ବାପା ହେଲେ ପାଲି ମୁଣ୍ଡା(୬୦) ଓ ଗୁରା ମୁଣ୍ଡା (୬୫)। ପୋଲିସ ଅଭିଯୁକ୍ତ ପୁଅ ଧାନ ମୁଣ୍ଡା (୩୫)ଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ରବିବାର ସକାଳେ ପୁଅ ଧାନ ଓ ବାପା ଗୁରା ମୁଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ଝଗଡ଼ା ଏତେ ତୀବ୍ର ରୂପ ଧାରଣ କରିଥିଲା ଯେ, ପୁଅ ବାପାଙ୍କ ଉପରେ ଜାଳେଣି ପାଇଁ ଥିବା କାଠ ବିଡ଼ାକୁ କଚାଡ଼ି ଦେଇଥିଲେ। ଏଥିସହ କାଠଫାଳିଆରେ ମାଡ଼ ମାରିଥିଲେ। ପରେ ଏକ ଟାଙ୍ଗିଆରେ ବାପାଙ୍କୁ ଆକ୍ରମଣ କରିଥିଲେ। ଗୁରା ଲହୁଲୁହାଣ ହୋଇ ତଳେ ପଡ଼ିଯାଇଥିଲେ। ଘଟଣା ଦେଖି ମା’ ପାଲି ଛଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ☞ପୃଷ୍ଠା-୪




## ସଂକ୍ଷେପରେ

### ଭାରତ ବାୟୋଟେକ୍‌ରେ କ୍ଲିନିକାଲ ଟ୍ରାଏଲ୍ ଆରମ୍ଭ

## ବୟସ୍କଙ୍କ ପାଇଁ ଆସିବ ଯକ୍ଷ୍ମା ଟିକା

**ହାଇଦ୍ରାବାଦ,୨୪।୩:** ଭାରତରେ ବୟସ୍କଙ୍କ ପାଇଁ ଖୁବ୍‌ଶୀଘ୍ର ଯକ୍ଷ୍ମା ଟିକା ଉପଲବ୍ଧ ହେବାକୁ ଯାଉଛି। ଭାରତ ବାୟୋଟେକ୍ ଇଣ୍ଟରନ୍ୟାଶନାଲ ଲିଃ ଏହି ଟିକା ଏମ୍‌ଟିବିଭାକ୍‌ର କ୍ଲିନିକାଲ ପରୀକ୍ଷା ଆରମ୍ଭ କରିଥିବା ରବିବାର ସୂଚନା ଦେଇଛି। ଏହି ପ୍ରଥମ ଯକ୍ଷ୍ମା ଟିକା, ଯାହାକୁ ସ୍ପେନ୍‌ର ବାୟୋଫାର୍ମା କମ୍ପାନୀ ବାୟୋଫାବ୍ରି ଦ୍ୱାରା ମାନବ ଉତ୍ସରୁ ପ୍ରାପ୍ତ ହୋଇଥିବା ଭାରତ ବାୟୋଟେକ୍ ପକ୍ଷରୁ କୁହାଯାଇଛି। ଏମ୍‌ଟିବିଭାକ୍‌କୁ ଦୁଇଟି ଉଦ୍ଦେଶ୍ୟରେ ବିକଶିତ କରାଯାଇଛି। ପ୍ରଥମତଃ ଏହା ନବଜାତ ଶିଶୁମାନଙ୍କ ପାଇଁ ବିସିଜି (ବାସିଲସ୍ କାଲମେଟେ ଗୁଏରିନ୍)ଠାରୁ ଅଧିକ ଦୀର୍ଘସ୍ଥାୟୀ ଏବଂ ପ୍ରଭାବୀ ଟିକା ଭାବେ ବ୍ୟବହାର କରାଯାଇପାରିବ। ଦ୍ୱିତୀୟରେ ବୟସ୍କ ଏବଂ କିଶୋରୀକିଶୋରଙ୍କୁ ଟିବିରୁ ସୁରକ୍ଷା ଦେଇପାରିବ। ବର୍ତ୍ତମାନ ପର୍ଯ୍ୟନ୍ତ ବୟସ୍କ ଏବଂ କିଶୋରମାନଙ୍କ ପାଇଁ ଯକ୍ଷ୍ମା ଟିକା ନାହିଁ। ଭାରତ ବାୟୋଟେକ୍ ବାୟୋଫାବ୍ରି ସହ ମିଳିତ ଭାବେ କ୍ଲିନିକାଲ ପରୀକ୍ଷା କରୁଛି।

### ବଦାୟୁଁ ହତ୍ୟା ମାମଲା ତଦନ୍ତରେ ଶିଥିଳତା

## ନାବାଳକଙ୍କ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ

**ବଦାୟୁଁ,୨୪।୩:** ଉତ୍ତରପ୍ରଦେଶର ବଦାୟୁଁରେ ଦୁଇ ନାବାଳକଙ୍କୁ ଜଣେ ବାରିକ ହତ୍ୟା କରିବା ଘଟଣାରେ ପୋଲିସ ତଦନ୍ତରେ କୌଣସି ଅଗ୍ରଗତି ହେଉ ନ ଥିବାରୁ ଏଥିରେ ମ୍ରିୟମାଣ ହୋଇ ସେମାନଙ୍କ ବାପା ବିନୋଦ କୁମାର ରବିବାର ନିଜ ମୋଟରସାଇକେଲ ଜାଳିଦେବା ସହ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ତାଙ୍କୁ ଆତ୍ମଦାହରୁ ଅଟକାଇଥିଲା। ହତ୍ୟାକାଣ୍ଡକୁ ୬ ଦିନ ବିତିଥିଲେ ମଧ୍ୟ ଏହା ପଛର କାରଣ ଖୋଜି ବାହାର କରିବାରେ ପୋଲିସ ବିଫଳ ହୋଇଛି। ଯାହା ଜଣାପଡୁଛି, ପୋଲିସ କିଛି ଲୁଚାଉଛି ବୋଲି ବିନୋଦଙ୍କ ମାଆ ମୁନ୍ନୀ ଦେବୀ ଅଭିଯୋଗ କରିଛନ୍ତି। ହତ୍ୟାକାରୀ ସାଜିଦ ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଥିବାବେଳେ ତାଙ୍କ ଭାଇ ଜାଭେଦଙ୍କୁ ଗିରଫ କରାଯାଇଛି।

### ପ୍ରଚାରରେ ବାଧାଦେବାକୁ ସିବିଆଇ କାର୍ଯ୍ୟାନୁଷ୍ଠାନ

## ଇସିଙ୍କୁ ଫେରାଦ ହେଲେ ମହୁଆ

**ନୂଆଦିଲ୍ଲୀ,୨୪।୩:** ଲୋକ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବା ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଏମ୍‌ପି ମହୁଆ ମୋଇତ୍ରଙ୍କ ପ୍ରଚାରରେ ବାଧା ସୃଷ୍ଟି ପାଇଁ ସିବିଆଇର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ସେ ରବିବାର ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ ଫେରାଦ ହୋଇଛନ୍ତି। ଇସିଙ୍କୁ ପଠାଇଥିବା ଚିଠିରେ ସେ ଲେଖିଛନ୍ତି, ସିବିଆଇ ତାଙ୍କୁ ହଇରାଣ କରିବା ସହ ତାଙ୍କ ନିର୍ବାଚନ ପ୍ରଚାରକୁ ପଣ୍ଡ କରିଦେବାକୁ ଉଦ୍ୟମ କରୁଛି। ଲୋକ ସଭାରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ମାମଲାରେ ଶନିବାର ସିବିଆଇ ଟିମ୍ ମହୁଆଙ୍କ ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରିଥିଲା।

## ଭାଜପାରେ ଯୋଗଦେଲେ ପୂର୍ବତନ ବାୟୁସେନା ମୁଖ୍ୟ

**ନୂଆଦିଲ୍ଲୀ,୨୪।୩(ପି.ଟି.):** ଭାରତୀୟ ବାୟୁସେନାର ପୂର୍ବତନ ମୁଖ୍ୟ ଆର୍‌କେଏସ୍ ଭଦୌରିଆ ରବିବାର ଭାଜପାରେ ଯୋଗଦେଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଦେଶର ସଶସ୍ତ୍ର ବଳକୁ ଆଧୁନିକୀକରଣ ଏବଂ ସୁଦୃଢ଼ କରିବା ପାଇଁ ତାଙ୍କ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ତାଙ୍କ ସମେତ ପୂର୍ବତନ ଏମ୍‌ପି ତଥା ୱାଇଏସ୍‌ଆର୍ କଂଗ୍ରେସ ନେତା ଭରାପ୍ରସାଦ ରାଓ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱଡେଙ୍କ ଉପସ୍ଥିତିରେ ସେମାନେ ପଦ୍ମ ଧରିଛନ୍ତି। ଭଦୌରିଆଙ୍କୁ ଭାଜପା ଉତ୍ତରପ୍ରଦେଶର ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। ସେ ୨୦୨୧ରେ ବାୟୁସେନାରୁ ଅବସର ନେଇଥିଲେ।

## ୩୧ରେ ଇଣ୍ଡିଆ ବ୍ଲକ୍‌ର ମହାରାଲି

### କେଜ୍‌ରିୱାଲଙ୍କ ଗିରଫଦାରିକୁ ବିରୋଧ

ନୂଆଦିଲ୍ଲୀ,୨୪।୩(ପି.ଟି.)

ଦିଲ୍ଲୀ ଅବକାରୀ ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିବାରୁ ଏହାର ପ୍ରତିବାଦରେ ତଥା ଦେଶର ସ୍ୱାର୍ଥ ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ମାର୍ଚ୍ଚ ୩୧ରେ ଦିଲ୍ଲୀର ରାମଲୀଳା ମଇଦାନରେ ବିରୋଧୀ ଇଣ୍ଡିଆ ବ୍ଲକ୍ ଏକ ମହାରାଲି ଆୟୋଜନ କରିବାକୁ ଯାଉଛି। ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଏହା ଘୋଷଣା କରାଯାଇଛି। ରାଲିରେ ଇଣ୍ଡିଆ ବ୍ଲକ୍‌ର ଶୀର୍ଷ ନେତାମାନଙ୍କ ସମେତ ସବୁ ସହଯୋଗୀ ଦଳ ଯୋଗଦେବେ ବୋଲି ଆପ୍‌ର ଦିଲ୍ଲୀ ଆବାହକ ଗୋପାଳ ରାୟ କହିଛନ୍ତି।

ଦେଶ ତଥା ଗଣତନ୍ତ୍ର ଏବେ ବିପଦରେ। କେଜ୍‌ରିୱାଲଙ୍କ ଗିରଫଦାରି ସମ୍ବିଧାନକୁ ସମ୍ମାନ ଦେଉଥିବା ଲୋକମାନଙ୍କୁ କ୍ରୋଧାନ୍ୱିତ କରିଛି। କେବଳ କେଜ୍‌ରିୱାଲ ନୁହନ୍ତି, ସମସ୍ତ ବିରୋଧୀ ନେତାଙ୍କୁ ଧମକ ଦିଆଯାଉଛି। ସେମାନଙ୍କୁ କିଣିବା ପାଇଁ ଟଙ୍କା ଦିଆଯାଉଛି କିମ୍ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ଭୟ ଦେଖାଯାଉଛି। କୌଣସି ନେତା ସେମାନଙ୍କ ନିକଟରେ ମୁଣ୍ଡ ନୋଇଁବାକୁ ମନାକଲେ ମିଥ୍ୟା ମାମଲାରେ ଗିରଫ କରାଯାଉଥିବା ରାୟ କହିଛନ୍ତି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଗିରଫ କରାଯାଇଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ଟାର୍ଗେଟ କରାଯାଉଛି। ଇଣ୍ଡିଆ ବ୍ଲକ୍‌ର ସମସ୍ତ ନେତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ ହୋଇଛି। ପ୍ରତିବାଦ କଲେ ନିର୍ବାଚିତ ବିଧାୟକ ଓ ମନ୍ତ୍ରୀମାନଙ୍କୁ ଅଟକ ରଖାଯାଉଛି। କେଜ୍‌ରିୱାଲଙ୍କ ପରିବାର ଏବେ ଗୃହବନ୍ଦୀ ରହିଥିବା ରାୟ କହିଛନ୍ତି। ଆପ୍‌ର ଦିଲ୍ଲୀ କାର୍ଯ୍ୟାଳୟକୁ ସିଲ୍ କରିଦିଆଯିବା ସହ ଏହାର ନେତାମାନଙ୍କୁ ଅପରାଧୀଙ୍କ ଭଳି ବ୍ୟବହାର କରାଯାଉଥିବା ଦିଲ୍ଲୀ ଆବାହକ କହିଛନ୍ତି।



ରୁଷିଆ ରାଜଧାନୀ ମସ୍କୋସ୍ଥିତ କ୍ରୋକସ୍ ସିଟି ହଲ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଜଣେ ମହିଳା।

### ଭାଜପାର ୫ମ ତାଲିକାରେ ୧୧୧

# କଙ୍ଗନା, ଜିନ୍ଦଲ ପ୍ରାର୍ଥୀ

### ୱାୟନାଡ୍‌ରେ ରାହୁଲଙ୍କ ବିରୋଧରେ ସୁରେନ୍ଦ୍ରନ

ନୂଆଦିଲ୍ଲୀ,୨୪।୩



କଙ୍ଗନା ରାଣାୱତ୍



ନବୀନ ଜିନ୍ଦଲ

ଲୋକ ସଭା ନିର୍ବାଚନ ପାଇଁ ଭାଜପା ରବିବାର ୫ମ ପର୍ଯ୍ୟାୟରେ ଆଉ ୧୧୧ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କୁ ହିମାଚଳପ୍ରଦେଶର ମଣ୍ଡି ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ଭାଜପାରେ ଯୋଗଦେବାର ଘଣ୍ଟାଏ ଭିତରେ ଶିଳ୍ପପତି ତଥା ପୂର୍ବତନ କଂଗ୍ରେସ ଏମ୍‌ପି ନବୀନ ଜିନ୍ଦଲ ହରିୟାଣାର କୁରୁକ୍ଷେତ୍ର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ୨୦୦୪-୧୪ ପର୍ଯ୍ୟନ୍ତ ଜିନ୍ଦଲ ଏହି ଆସନରୁ ପ୍ରତିନିଧିତ୍ୱ କରିଥିଲେ। ଅନ୍ୟପକ୍ଷରେ ଦୁଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ, ଭି.କେ. ସିଂ ଏବଂ ଏମ୍‌ପି ବରୁଣ ଗାନ୍ଧୀଙ୍କୁ ଦଳ ପ୍ରାର୍ଥୀ କରିନାହିଁ। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନନ୍ତ କୁମାର ହେଗ୍‌ଡେ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ଉତ୍ତରପ୍ରଦେଶର ସୁଲ୍‌ତାନପୁରରୁ ପ୍ରାର୍ଥୀ କରାଯାଇଥିବାବେଳେ ୟୁପି ମନ୍ତ୍ରୀ ଜିତିନ ପ୍ରସାଦଙ୍କୁ ବରୁଣଙ୍କ ପିଲିଭିଟ ଆସନରୁ ଟିକେଟ ଦିଆଯାଇଛି। ସେହିପରି ନିକଟରେ ଭାଜପାରେ ଯୋଗଦେଇଥିବା ଜେଏମ୍‌ଏମ୍ ପ୍ରତିଷ୍ଠାତା ଶିବୁ ସୋରେନ୍‌ଙ୍କ ବୋହୂ ସୀତା ସୋରେନ ଝାଡ଼ଖଣ୍ଡର ଦୁମ୍‌କା ଆସନରୁ ଲଢ଼ିବେ। ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'ରାମାୟଣ'ରେ ରାମ ଭୂମିକାରେ ଅଭିନୟ କରିଥିବା ଅରୁଣ ଗୋଭିଲଙ୍କୁ ଭାଜପା ମିରଟ ଆସନରୁ ପ୍ରାର୍ଥୀ କରିଛି। କାଲ୍‌କାଟା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅଭିଜିତ୍ ଗଙ୍ଗୋପାଧ୍ୟାୟ ତମଲୁକ୍ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେ କିଛିଦିନ ପୂର୍ବରୁ ବିଚାରପତି ପଦରୁ ଅବସର ନେଇ ଭାଜପାରେ ଯୋଗଦେଇଥିଲେ। ତୃଣମୂଳ କଂଗ୍ରେସରୁ ଭାଜପାରେ ପୁନର୍ବାର ଯୋଗଦେଇଥିବା ଅର୍ଜୁନ ସିଂ ଏବଂ ତାପସ ରାୟଙ୍କୁ ଯଥାକ୍ରମେ ବାରାକପୁର ଏବଂ କୋଲକାତା ଉତ୍ତର ଆସନରୁ ପ୍ରାର୍ଥୀ କରାଯାଇଛି। ସନ୍ଦେଶଖାଲିରେ ଆନ୍ଦୋଳନ ଚଳାଇଥିବା ରେଖା ପାତ୍ର ବଶିରହାଟ ଲୋକ ସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇଛନ୍ତି। କ୍ରିଷ୍ଣାନଗର ରାଜପରିବାର ସଦସ୍ୟ ଅମ୍ରିତା ରାୟ କ୍ରିଷ୍ଣାନଗରରୁ ଟିଏମ୍‌ସିର ମହୁଆ ମୋଇତ୍ରଙ୍କ ବିରୋଧରେ ଲଢ଼ିବେ। ଅମ୍ରିତା ଗତ ସପ୍ତାହରେ ଭାଜପାରେ ଯୋଗଦେଇଥିଲେ। କେରଳ ଭାଜପା ସଭାପତି କେ. ସୁରେନ୍ଦ୍ରନଙ୍କୁ ୱାୟନାଡ୍‌ରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରାର୍ଥୀ କରାଯାଇଛି।

ହରିୟାଣାର ସ୍ୱାଧୀନ ବିଧାୟକ ରଞ୍ଜିତ ଚୌତାଲା ଭାଜପାରେ ସାମିଲ ହେବା ପରେ ତାଙ୍କୁ ହିସାର ଲୋକ ସଭା ଆସନରୁ ଦଳ ପ୍ରାର୍ଥୀ କରିଛି। ପୂର୍ବତନ ଉପପ୍ରଧାନମନ୍ତ୍ରୀ ଦେବୀଲାଲ୍‌ଙ୍କ ପୁଅ ୭୮ ବର୍ଷୀୟ ଚୌତାଲା ହରିୟାଣାର ଭାଜପା ନେତୃତ୍ୱାଧୀନ ସରକାରରେ ମନ୍ତ୍ରୀ ଅଛନ୍ତି।

### ଅଶ୍ୱିନୀ, ବରୁଣଙ୍କ ଟିକେଟ କଟିଲା



ଅଶ୍ୱିନୀ ଚୌବେ



ବରୁଣ ଗାନ୍ଧୀ

### ଇଡି ହାଜତରୁ କେଜ୍‌ରିୱାଲଙ୍କ ପ୍ରଥମ ନିର୍ଦ୍ଦେଶ

## ଦିଲ୍ଲୀବାସୀଙ୍କୁ ପର୍ଯ୍ୟାପ୍ତ ପାଣି ଯୋଗାଅ

ନୂଆଦିଲ୍ଲୀ,୨୪।୩

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଆବଶ୍ୟକ ହେଲେ ଜେଲରୁ ସରକାର ଚଳାଇବେ ବୋଲି କହିଥିଲେ। ଏହିକ୍ରମରେ ସେ ହାଜତରେ ଥାଇ ପ୍ରଥମ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପର୍ଯ୍ୟାପ୍ତ ପାଣି ଯୋଗାଇଦେବାକୁ ସେ ବିଭାଗୀୟ ମନ୍ତ୍ରୀ ଆତିଶୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଜ୍‌ରିୱାଲଙ୍କ ଅର୍ଡର ଶନିବାର ରାତିରେ ଏକ ନୋଟ୍ ଜରିଆରେ ଆତିଶୀଙ୍କ ନିକଟରେ ପହଞ୍ଚାଯାଇଥିଲା। ପ୍ରକାଶ ଯେ, ଖରାଦିନେ ଦିନେ ଦିଲ୍ଲୀରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଥାଏ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ମୁସଲମାନ ମହିଳାଙ୍କ ଉପରେ ହୋଲି ରଙ୍ଗ ଢାଳି ଜଣେ ଗିରଫ

ବିଜ୍‌ନୁର,୨୪।୩

ଉତ୍ତରପ୍ରଦେଶର ବିଜ୍‌ନୁରରେ ହୋଲି ମନାଉଥିବା କେତେଜଣ ବ୍ୟକ୍ତି ଜଣେ ବାଇକ୍ ଆରୋହୀଙ୍କୁ ଅଟକାଇ ତାଙ୍କ ପଛ ସିଟ୍‌ରେ ବସିଥିବା ଦୁଇଜଣ ମୁସଲମାନ ମହିଳାଙ୍କ ଉପରେ ଜବରଦସ୍ତ ରଙ୍ଗ ଢାଳିଦେଇଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ବିଜ୍‌ନୁର ପୋଲିସ ଜଣଙ୍କୁ ଗିରଫ କରିବା ସହ ଅନ୍ୟ ୩ ଜଣଙ୍କୁ ଅଟକ ରଖିଛି। ସିସିଟିଭି ଫୁଟେଜ୍‌ରୁ ସେମାନେ ମୁସଲମାନ ମହିଳାଙ୍କ ଉପରେ ରଙ୍ଗ ଢାଳିଥିବା ଜଣାପଡ଼ିଥିଲା। ହୋଲି ମନାଇବା ନାଁରେ କାହାକୁ ହଇରାଣ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଜନସାଧାରଣଙ୍କୁ ସତର୍କ କରାଇଦେଇଛି। ଖବର ଅନୁଯାୟୀ, ଶନିବାର ଉକ୍ତ ଦୁଇ ମହିଳା ଅନ୍ୟ ଜଣକ ସହ ମେଡିସିନ୍ ଷ୍ଟୋରକୁ ଯାଉଥିବାବେଳେ ୩ରୁ ୪ ଜଣ ଅଜଣା ବ୍ୟକ୍ତି ସେମାନଙ୍କୁ ଅଟକାଇଥିଲେ। ମହିଳାଙ୍କ ପ୍ରତିବାଦ ସତ୍ତ୍ୱେ ସେମାନେ ଜବରଦସ୍ତ ତାଙ୍କ ଉପରେ ହୋଲି ରଙ୍ଗ ଢାଳିଥିଲେ ବୋଲି ପୋଲିସ କହିଛି।

## ଆଇଏସ୍‌ରେ ଯୋଗଦେବାକୁ ଯାଉଥିବା ଆଇଆଇଟି ଛାତ୍ର ଗିରଫ

ଗୁଆହାଟୀ,୨୪।୩

ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ରେ ଯୋଗଦେବାକୁ ଯାଉଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି), ଗୁଆହାଟୀର ଜଣେ ଛାତ୍ରଙ୍କୁ ପୋଲିସ ଗିରଫ କରିଛି। ଦିଲ୍ଲୀ ଓଖ୍‌ଲାର ଏହି ଚତୁର୍ଥ ବର୍ଷୀୟ ଛାତ୍ରଙ୍କୁ ଶନିବାର ଗୁଆହାଟୀ ନିକଟ ହାଜୋଠାରୁ ଗିରଫ କରାଯାଇଛି। ତାଙ୍କୁ ଅଟକ ରଖାଯାଇ ଜେରା କରାଯାଉଛି ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆସାମ ପୋଲିସ ମହାନିର୍ଦ୍ଦେଶକ ଜି.ପି. ସିଂ କହିଛନ୍ତି। ଛାତ୍ର ଜଣକ ନିକଟରେ ଇମେଲ୍ ଏବଂ ସୋସିଆଲ ମିଡିଆ ପୋଷ୍ଟରେ ଆଇଏସ୍‌କୁ ସମର୍ଥନ ଜଣାଇବା ସହ ଉକ୍ତ ଆତଙ୍କବାଦୀ ସଂଗଠନରେ ଯୋଗଦେବାର ଯୋଜନା କରିଛନ୍ତି ବୋଲି ଲେଖିଥିଲେ। ଏଥିସହିତ ସେ ଆଇଆଇଟି ଗୁଆହାଟୀ କ୍ୟାମ୍ପସ୍‌ରୁ ଉଭାନ ହୋଇଯାଇଥିଲେ। ସେ ଶିକ୍ଷାନୁଷ୍ଠାନ ଛାଡ଼ି ଆଇଏସ୍ ସଂଗଠନରେ ଯୋଗଦେବାକୁ ଯାଉଥିବା ଖବର ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ମାମଲାର ଅଧିକ ତଦନ୍ତ ଚଳାଇଛି। କିଛିଦିନ ପୂର୍ବରୁ ଏସ୍‌ଟିଏଫ୍ ଆଇଏସ୍‌ର ଭାରତ ମୁଖ୍ୟ ହରିଶ ଫାରୁକି ଓ ତାଙ୍କ ସହଯୋଗୀ ଅନୁରାଗ ସିଂଙ୍କୁ ଗିରଫ କରିଥିଲା। ସେମାନେ ବାଂଲାଦେଶରୁ ଆସାମର ଧୁବ୍ରୀ ଜିଲାରେ ପ୍ରବେଶ କରିଥିଲେ।

## ୟୁପିରୁ ରାହୁଲ କିମ୍ବା ପ୍ରିୟଙ୍କା ଲଢ଼ିବା ନିଶ୍ଚିତ: ଅଜୟ ରାୟ

ନୂଆଦିଲ୍ଲୀ,୨୪।୩

ଉତ୍ତରପ୍ରଦେଶର ଆମେଠି କିମ୍ବା ରାଏବରେଲିରୁ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଥବା ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଲଢ଼ିବା ନିଶ୍ଚିତ ବୋଲି ରବିବାର ପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ କହିଛନ୍ତି। କଂଗ୍ରେସ ନିକଟରେ ଉତ୍ତରପ୍ରଦେଶ ପାଇଁ ୯ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ଆମେଠି ଏବଂ ରାଏବରେଲିରୁ କାହାକୁ ପ୍ରାର୍ଥୀ କରିନାହିଁ। ଏହି ଦୁଇ ଆସନ ଦୀର୍ଘବର୍ଷ ଧରି ନେହେରୁ-ଗାନ୍ଧୀ ପରିବାର ହାତରେ ରହିଆସିଥିଲା। ଗାନ୍ଧୀ ଦାୟାଦଙ୍କ ମଧ୍ୟରୁ ଜଣେ ନିଶ୍ଚୟ ଉପରୋକ୍ତ ୨ ଆସନ ମଧ୍ୟରୁ ଗୋଟିକରେ ଲଢ଼ିବା ନେଇ ଦଳୀୟ କର୍ମୀମାନଙ୍କର ଦୃଢ଼ ବିଶ୍ୱାସ ରହିଥିବା ରାୟ କହିଛନ୍ତି।

## ୟୁକ୍ରେନ୍‌ରେ ୫୭ କ୍ରୁଜ୍ ମିଶାଇଲ ମାଡ଼ କଲା ରୁଷିଆ

### ପୋଲାଣ୍ଡ ବାୟୁ ସୀମାର ଉଲ୍ଲଂଘନ

କିଭ୍,୨୪।୩

ରୁଷିଆ କ୍ରମାଗତ ଭାବେ ୪ ଦିନ ହେଲା ୟୁକ୍ରେନ୍ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଜାରି ରଖିଛି। ରବିବାର ଦ୍ୱିତୀୟ ଥର ପାଇଁ ୟୁକ୍ରେନ୍ ରାଜଧାନୀ କିଭ୍‌କୁ ଟାର୍ଗେଟ କରି ରୁଷିଆ ୫୭ଟି କ୍ରୁଜ୍ ମିଶାଇଲ୍ ମାଡ଼ କରିଛି। ପଶ୍ଚିମ ୟୁକ୍ରେନ୍‌କୁ ଟାର୍ଗେଟ କରି ରୁଷିଆ ଛାଡ଼ିଥିବା ଏକ ମିଶାଇଲ ପୋଲାଣ୍ଡ ବାୟୁସୀମା ଉଲ୍ଲଂଘନ କରିଥିବା ଏହାର ସେନା ପକ୍ଷରୁ ଅଭିଯୋଗ ହୋଇଛି। ଉତ୍ତର ଦିଗରୁ ବହୁସଂଖ୍ୟାରେ ରକେଟ ମାଡ଼ ହେବାରୁ ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କିଭ୍ ହାଇଆଲର୍ଟରେ ରହିଥିଲା। ପୋଲାଣ୍ଡର ଓସେର୍ଡୋ ସହର ଉପରେ ୩୯ ସେକେଣ୍ଡ ଏକ ମିଶାଇଲ ପ୍ରବେଶ କରିଥିଲା ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ପାୱେଲ ରୋନ୍‌ସ୍କି କହିଛନ୍ତି। ୟୁକ୍ରେନ୍‌ର ଜନବହୁଳ ଅଞ୍ଚଳରେ ରୁଷିଆ ଏଭଳି ଆତଙ୍କବାଦୀ ଏୟାରଷ୍ଟ୍ରାଇକ୍ ବନ୍ଦ କରିବାକୁ ପୋଲାଣ୍ଡ କହିଛି। ରୁଷିଆ ଛାଡ଼ିଥିବା ମିଶାଇଲର ଘଣ୍ଟାପ୍ରତି ବେଗ ୮୦୦ କିଲୋମିଟର ଏବଂ ଏହା ୪୦୦ ମିଟର ଉଚ୍ଚରେ ଯାଇଥିଲା। ପୋଲାଣ୍ଡ ସୀମା ଭିତରକୁ ମିଶାଇଲ୍ ୨ କିଲୋମିଟର ଅତିକ୍ରମ କରିଥିବା ଏହାର ସେନା କହିଛି।



### ଲଦାଖକୁ ରାଜ୍ୟ ମାନ୍ୟତା ଦାବି

## ୱାଙ୍ଗ୍‌ଚୁକ୍‌ଙ୍କ ଅନଶନ ୧୯ ଦିନରେ

ନୂଆଦିଲ୍ଲୀ,୨୪।୩

ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ମାଗାସେସେ ପୁରସ୍କାର ବିଜେତା ଶିକ୍ଷାବିତ୍ ତଥା ଜଳବାୟୁ କର୍ମୀ ସୋନମ ୱାଙ୍ଗ୍‌ଚୁକ୍‌ଙ୍କ ଅନଶନ ରବିବାର ୧୯ ଦିନରେ ପହଞ୍ଚିଛି। ଏଥିସହିତ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ଅନନ୍ୟ ପରିବେଶର ସୁରକ୍ଷା ପାଇଁ ପଦକ୍ଷେପ ନେବା ନିମନ୍ତେ ସେ ଦାବି କରିଛନ୍ତି। ତାଙ୍କ ଅନ୍ୟ ଦାବି ମଧ୍ୟରେ ରହିଛି, ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ କାର୍ଯ୍ୟକାରୀ କରିବା, ଲେହ ଏବଂ କାର୍ଗିଲ ଜିଲା ପାଇଁ ଅଲଗା ଲୋକ ସଭା ଆସନ, ନିଯୁକ୍ତି ପ୍ରକ୍ରିୟା ଏବଂ ଲଦାଖ ପାଇଁ ସ୍ୱତନ୍ତ୍ର ଲୋକସେବା ଆୟୋଗ। ଦୀର୍ଘଦିନ ହେଲା ଅନଶନରେ ବସିବା ଯୋଗୁ ସେ ଦୁର୍ବଳ ହୋଇଗଲେଣି। ଅନଶନ ବନ୍ଦ କରିବା ପାଇଁ ସମର୍ଥକମାନଙ୍କ ନିବେଦନ ସତ୍ତ୍ୱେ ଆଉ ୩ ଦିନ ବସିରହିବେ ବୋଲି ୱାଙ୍ଗ୍‌ଚୁକ୍ ଶନିବାର କହିଥିଲେ। ଯୋଜନା ଅନୁଯାୟୀ ୨୧ ଦିନ ଅନଶନ ଜାରି ରଖିବା ପାଇଁ ସେ ପ୍ରତିବଦ୍ଧ। ତାଙ୍କ ସମର୍ଥନରେ ହଜାର ହଜାର ଲୋକ ସାମିଲ ହୋଇଛନ୍ତି। ୱାଙ୍ଗ୍‌ଚୁକ୍ ଅନଶନ ଭାଙ୍ଗିବା ପରେ ମଧ୍ୟ ସ୍ଥାନୀୟ ଲୋକେ ପାଳିକରି ଅନଶନ ଜାରି ରଖିବେ ବୋଲି କହିଛନ୍ତି। ଶନିବାର ୨,୦୦୦ ଲୋକ ତାଙ୍କ ଲେହସ୍ଥିତ ଅନଶନ ସ୍ଥଳକୁ ଆସି ସମର୍ଥନ ଜଣାଇଥିଲେ। ବୁଧବାର ହଜାର ହଜାର ଲୋକ ୱାଙ୍ଗ୍‌ଚୁକ୍‌ଙ୍କ ସମର୍ଥନରେ କାର୍ଗିଲରେ ଶୋଭାଯାତ୍ରା କରିଥିଲେ। ୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାକୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଅନୁଯାୟୀ ଲଦାଖକୁ ରାଜ୍ୟ ମାନ୍ୟତା ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପୂରଣ ହୋଇନାହିଁ।



ଦୋଳ ଏବଂ ହୋଲି ଉପଲକ୍ଷେ ରବିବାର କଟକ ନୟାସଡ଼କ ଅଞ୍ଚଳରେ ମାରୱାଡ଼ି ମହିଳାଙ୍କ ଦ୍ୱାରା ଅନୁଷ୍ଠିତ ହୋଲି କା ଦହନ ପୂଜା।

# ହୀରାକୁଦରେ ଆଉ ଜଣେ ଝାଡ଼ାବାନ୍ତିରେ ମୃତ

- ଝାଡ଼ାବାନ୍ତିରେ ମୃତ୍ୟୁକୁ ସିଡିଏମ୍ଓଙ୍କ ଅସ୍ୱୀକାର
- ଭୁବନେଶ୍ୱରରୁ ଆସି ୨ ଜଣିଆ ବିଶେଷଜ୍ଞ ଦଳର ସ୍ଥିତି ଅନୁଧ୍ୟାନ
- ପରିସ୍ଥିତି ନିୟନ୍ତ୍ରଣାଧୀନ: ବିଶେଷଜ୍ଞ ଦଳ

ସମ୍ବଲପୁର, ୨୪।୩ (ପ୍ରମୋଦ ବହିଦାର)



ହୀରାକୁଦ ଡାକ୍ତରଖାନାରେ ଚିକିତ୍ସାଧୀନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ବିଶେଷଜ୍ଞ ଡାକ୍ତରୀ ଦଳ ପଚାରୁଛନ୍ତି।

ଦୂଷିତ ପାନୀୟ ଜଳ ଯୋଗୁ ଶିଳ୍ପ ନଗରୀ ହୀରାକୁଦରେ ବ୍ୟାପିଥିବା ଝାଡ଼ାବାନ୍ତିରେ ରବିବାର ଆଉ ଜଣଙ୍କର ମୃତ୍ୟୁ ଘଟିଛି। ଫଳରେ ଝାଡ଼ାବାନ୍ତିଜନିତ ମୃତ୍ୟୁସଂଖ୍ୟା ୨ରେ ପହଞ୍ଚିଛି। ମୃତକ ହେଉଛନ୍ତି ଭେଜରାପାଲିର ଯୁଧିଷ୍ଠିର ଧୁରୁଆ। ଅପରପକ୍ଷରେ ହୀରାକୁଦ ସହରରେ ସଂକ୍ରମଣ ପରିସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ରବିବାର ଭୁବନେଶ୍ୱରରୁ ୨ ଜଣିଆ ବିଶେଷଜ୍ଞ ଦଳ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଛନ୍ତି। ଏହି ୨ଜଣ ହେଲେ ଆର୍ଆର୍ଟି ସେଲ୍ର ଡା. ସୁରଜିତ ଗରାବଡୁ ଓ ଆଇଡିଏସ୍ପିର ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ସୁନିତା ଜେନା। ଏଠାରେ ସେମାନେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଡା. ଅଶୋକ ଦାଶଙ୍କ ସହ ଅନ୍ୟ ସ୍ୱାସ୍ଥ୍ୟସେବୀଙ୍କ ଗହଣରେ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଓ ପରିଜନଙ୍କୁ ସାକ୍ଷାତ କରିଥିଲେ। ରୋଗୀଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସେହିପରି ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଡାକ୍ତର ଓ ସ୍ୱାସ୍ଥ୍ୟସେବୀଙ୍କ ସହିତ ସ୍ୱାସ୍ଥ୍ୟସେବା ନେଇ ଆଲୋଚନା କରିଥିଲେ। ସେମାନେ ହୀରାକୁଦ ସହରର ବିଭିନ୍ନ ସଂକ୍ରମିତ ଅଞ୍ଚଳ ବୁଲି ପରିସ୍ଥିତିର ସମୀକ୍ଷା କରିଛନ୍ତି। ବିଭିନ୍ନ ସ୍ଥାନରୁ ପାଇପ୍ ଯୋଗେ ଯୋଗାଣ ହେଉଥିବା ପାନୀୟ ଜଳର ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ସଂକ୍ରମଣର ପ୍ରକୃତ କାରଣ ଜଣାପଡ଼ିବ। ତେବେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ବିଶେଷଜ୍ଞ ଦଳ କହିଛି।

ଅପରପକ୍ଷରେ ରବିବାର ପ୍ରାୟ ୧୫ ଜଣ ଆକ୍ରାନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଫଳରେ ହୀରାକୁଦ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬୦ ଟପିଛି। ସମ୍ବଲପୁର ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଡା. ଦାଶ କହିଛନ୍ତି, ବିଶେଷଜ୍ଞ ଡାକ୍ତରୀ ଦଳ ସହ ସଂକ୍ରମିତ ଅଞ୍ଚଳଗୁଡ଼ିକ ବୁଲି ଲୋକଙ୍କୁ ନିରାକରଣ ଓ ଏହାର ମୁକାବିଲା ପାଇଁ ସଚେତନ କରିଥିଲେ।

ରବିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ପ୍ରକୃତ କାରଣ ଝାଡ଼ାବାନ୍ତିକୁ ଅସ୍ୱୀକାର କରିଛନ୍ତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ଡା. ସୁଜାତାରାଣୀ ମିଶ୍ର। ସେ କହିଛନ୍ତି ଯେ, ବିନା ତଦନ୍ତରେ ତାଙ୍କ ମୃତ୍ୟୁର କାରଣ ଠିକ ଭାବେ କୁହାଯାଇପାରିବ ନାହିଁ। ଚିକିତ୍ସା ପାଇଁ ସେ ପୂର୍ବରୁ ଡାକ୍ତରଖାନାକୁ ଆସି ନ ଥିଲେ। ସମ୍ଭବତଃ ଅନ୍ୟ କୌଣସି ରୋଗରେ ପୀଡ଼ିତ ହୋଇଥିବାବେଳେ ପରିବାର ଲୋକେ ଭିମ୍ସାରକୁ ନେଇଥିଲେ ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# କେନ୍ଦ୍ରୀୟ ମେଡିକାଲ ଟିମ୍ ପାଇଁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୪।୩(ଅସମାପିକା ସାହୁ)

**ହୀରାକୁଦରେ ଡାଇରିଆ**

ସମ୍ବଲପୁର ଜିଲା ହୀରାକୁଦରେ ବ୍ୟାପୁଥିବା ଡାଇରିଆ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ହୀରାକୁଦ ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡାଇରିଆ ସଂକ୍ରମଣ ରୋକିବା ପାଇଁ ପ୍ରଭାବିତ ଅଞ୍ଚଳରେ ତୁରନ୍ତ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜନ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଚିଠି ଜରିଆରେ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ହୀରାକୁଦ ଅଞ୍ଚଳରେ ଡାଇରିଆ ସଂକ୍ରମଣ ବୃଦ୍ଧି ପାଇବା କାରଣରୁ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖାଯାଇଛି। ଡାଇରିଆକୁ ନିୟନ୍ତ୍ରଣ କରିବା ସହ ତୁରନ୍ତ ପ୍ରତିଷେଧକମୂଳକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବର୍ତ୍ତମାନ ସୁଦ୍ଧା ଏହି ରୋଗରେ ଶତାଧିକ ଲୋକମାନେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ପାନୀୟ ଜଳ ସଂକ୍ରମଣରୁ ଏହି ରୋଗ ବ୍ୟାପୁଥିବା ସନ୍ଦେହ କରାଯାଉଥିବା ବେଳେ ନିମ୍ନମାନର ପାଣି ପାଇପ୍ ଫାଟି ଏହି ରୋଗ ବ୍ୟାପୁଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ବିଶେଷକରି ଶିଶୁ ଓ ବୟସ୍କଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ବଡ଼ ବିପଦ ଦେଖାଯାଇଛି। ତେଣୁ ଜନସାଧାରଣଙ୍କ ଜରୁରିକାଳୀନ ସ୍ୱାସ୍ଥ୍ୟବସ୍ଥା ସମୟରେ ଡାଇରିଆ ଆକ୍ରାନ୍ତଙ୍କୁ ଅବିଳମ୍ବେ ଆବଶ୍ୟକ ମେଡିକାଲ ସହାୟତା ଯୋଗାଇ ଦେବା ପାଇଁ ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜିତ କରିବାକୁ ଧର୍ମେନ୍ଦ୍ର ପ୍ରଧାନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଡାଇରିଆର ମୂଳ କାରଣକୁ ଚିହ୍ନଟ କରିବା ସହ ସଂକ୍ରମିତ ଅଞ୍ଚଳରେ ଡାଇରିଆ ନିରାକରଣ ପାଇଁ 'ବ୍ୟାପକ ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନ' ଆରମ୍ଭ କରିବା ସହ ଲୋକଙ୍କ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବା ପାଇଁ ପ୍ରଧାନ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଶନିବାର ଧର୍ମେନ୍ଦ୍ର ପ୍ରଧାନ ଆକ୍ରାନ୍ତଙ୍କୁ ଠିକ୍ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ସମ୍ବଲପୁର ସିଡିଏମଓ ଡା. ସୁଜାତା ରାଣୀ ମିଶ୍ରଙ୍କ ସହ କଥା ହୋଇଥିଲେ।

# ଜଳ ସଂରକ୍ଷଣ ପାଣ୍ଠି: ୨୦୧୫ରୁ ଆଦାୟ ବନ୍ଦ

ଯାଜପୁର,୨୪।୩ (ହର୍ଷବର୍ଦ୍ଧନ ବେହେରା)

- ସରକାରୀ ପ୍ରଚେଷ୍ଟା ବିଫଳ
- ୧୧ ଶିଳ୍ପସଂସ୍ଥାରୁ ୧୫୭.୮୬ କୋଟି ଟଙ୍କା ସଂଗ୍ରହ
- ଆଇନ ଜାଲରେ ଛନ୍ଦି ହୋଇଛି ୨୧ ମାମଲା

ରାଜ୍ୟର ୩୦ ଶିଳ୍ପ ସଂସ୍ଥା ୨୦୧୫ ପରଠାରୁ ଜଳ ସଂରକ୍ଷଣ ପାଣ୍ଠି (ଡବ୍ଲୁସିଏଫ୍) ପ୍ରଦାନ କରିନାହାନ୍ତି। ଫଳରେ ବିପୁଳ କୋଟି ଟଙ୍କାର ପାଣ୍ଠି ବାକି ପଡ଼ିଛି। ଏହି ଶିଳ୍ପ ସଂସ୍ଥାଗୁଡ଼ିକ ଜଳ ସଂରକ୍ଷଣ ପାଣ୍ଠି ମାର୍ଗଦର୍ଶିକାକୁ ବିରୋଧ କରି କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ସେଥିମଧ୍ୟରୁ ୯ଟି ମାମଲାର ରାୟ ପ୍ରକାଶ ପାଇଛି। ଜଳ ସଂରକ୍ଷଣ ପାଣ୍ଠି ସରକାରଙ୍କ ଦ୍ୱାରା ଅନୁରୋଧ ହୋଇଥିବାରୁ ତାହା ବାଧ୍ୟତାମୂଳକ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଏହାସହ ପାଣ୍ଠି ପାଇଁ ଟଙ୍କା ଆଦାୟ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ଉକ୍ତ ରହିତାଦେଶ ପ୍ରତ୍ୟାହାର କରି ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆଡଭୋକେଟ ଜେନେରାଲଙ୍କ ପରାମର୍ଶ ଅନୁସାରେ ପଦକ୍ଷେପ ନିଆଯାଉଛି ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟରେ ଦର୍ଶାଯାଇଛି।

ଓଡ଼ିଶାର ବିଭିନ୍ନ ନଦୀରୁ ୧ କ୍ୟୁସେକ ବା ତଦୂର୍ଦ୍ଧ୍ୱ ପରିମାଣର ଜଳ ବ୍ୟବହାରକାରୀ ଶିଳ୍ପସଂସ୍ଥାଠାରୁ ଏକକାଳୀନ ଅନୁଦାନ ଆକାରରେ ଅର୍ଥ ସଂଗ୍ରହ କରାଯାଇ ଜଳ ସଂରକ୍ଷଣ ପାଣ୍ଠି ଗଠିତ ହୋଇଛି। ଏହି ପାଣ୍ଠି ମାଧ୍ୟମରେ ବିଭିନ୍ନ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପାଣ୍ଠିରେ ୧ କ୍ୟୁସେକ ଜଳ ପ୍ରତି ୨.୫ କୋଟି ଟଙ୍କା ସଂଗ୍ରହ କରାଯାଉଛି। ତେବେ ୧୧ଟି ଶିଳ୍ପ ସଂସ୍ଥାଠାରୁ ୧୫୭.୮୬ କୋଟି ଟଙ୍କା ସଂଗ୍ରହ ହୋଇପାରିଛି। ଏଥିରେ ଯାଜପୁର ଜିଲା ଜାରକା ଇରିଗେସନ ଡିଭିଜନ ପକ୍ଷରୁ ୨୫.୨୫ କୋଟି, ଜଗତ୍ପୁର ମହାନଦୀ ଉତ୍ତର ଡିଭିଜନ ପକ୍ଷରୁ ୨.୭୦ କୋଟି, ଯୋବ୍ରା ମହାନଦୀ ସାଉଥ୍ ଡିଭିଜନ ପକ୍ଷରୁ ୪୯.୭୦ କୋଟି, ସୁନ୍ଦରଗଡ଼ ଜଳସେଚନ ଡିଭିଜନ ପକ୍ଷରୁ ୭.୭୬ କୋଟି, ହେଡୱାର୍କ ଡିଭିଜନ ପକ୍ଷରୁ ୫୨.୫୦ କୋଟି, ଅନୁଗୋଳ ଇରିଗେସନ ଡିଭିଜନ ପକ୍ଷରୁ ୮.୨୪ କୋଟି ଏବଂ ସାଲପଡ଼ା ବୈତରଣୀ ଡିଭିଜନ ପକ୍ଷରୁ ୧୧.୭୦ କୋଟି ଟଙ୍କା ଆଦାୟ ହୋଇପାରିଛି। ୯ ଶିଳ୍ପସଂସ୍ଥା ଯଥା ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ ଲିଃ, ମହାନଦୀ କୋଲ ଫିଲ୍ଡ, ବେଦାନ୍ତ ଲିଃ, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ଆଲୁମିନିୟମ, କୋଲକାତା ଶ୍ୟାମ ମେଟାଲିକ୍ସ ଆଣ୍ଡ୍ ଏନର୍ଜି, ଇଣ୍ଡିଆନ ମେଟାଲ୍ ଆଣ୍ଡ୍ ଫେରୋ ଆଲଏଜ ଲିଃ(ଇମ୍ଫା) ଏବଂ ବ୍ରାହ୍ମଣୀ ରିଭର୍ସ ପ୍ୟାଲେଟ ଲିଃ ଜଳ ସଂରକ୍ଷଣ ପାଣ୍ଠିକୁ ବିରୋଧ କରି ୨୦୧୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୩ ଏପ୍ରିଲ ଓ ମେ ମାସରେ ଉପରୋକ୍ତ ମାମଲାଗୁଡ଼ିକର ଫଇସଲା କରାଯାଇଛି। ଜଳ ସଂରକ୍ଷଣ ପାଣ୍ଠି ପାଇଁ ଅର୍ଥ ଆଦାୟ ଯେହେତୁ ଦାବି ନ ଥିଲା ଏବଂ ଏହା ଏକ ସରକାରଙ୍କ ଅନୁରୋଧ ଥିଲା ସେଥିପାଇଁ ହାଇକୋର୍ଟଙ୍କ ପକ୍ଷରୁ ତାହାକୁ ଖାରଜ କରାଯାଇଛି। ଅନ୍ୟ ୨୧ଟି ଶିଳ୍ପସଂସ୍ଥାର ମାମଲା ସବ୍ଜୁଡିସିଆଲସ୍ତରରେ ପଡ଼ିରହିଛି। ଫଳରେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇଥିବା ସହ ଜଳ ସଂରକ୍ଷଣ ପାଣ୍ଠିର ଲକ୍ଷ୍ୟ ପରାହତ ହୋଇଛି।

ବ୍ରାହ୍ମଣୀ, ବୈତରଣୀ, ମହାନଦୀ, ହୀରାକୁଦ ଡ୍ୟାମ୍ ଆଦି ଜଳଉତ୍ସରୁ ଏକାଧିକ ଶିଳ୍ପସଂସ୍ଥା ପାଣି ନେଇ ଲାଭବାନ ହେଉଛନ୍ତି। କିନ୍ତୁ ସରକାରଙ୍କ ଧାର୍ଯ୍ୟ ଜଳକର ଦେବାରେ ଶିଳ୍ପସଂସ୍ଥାଗୁଡ଼ିକ ପଛଘୁଞ୍ଚା ଦେଉଛନ୍ତି। ଏଥିପାଇଁ କେତେକାଂଶରେ କୃଷିକ୍ଷେତ୍ର ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ବ୍ରାହ୍ମଣୀ ନଦୀକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ନଦୀରୁ ଯାଜପୁର କଳିଙ୍ଗନଗରର ୧୨ରୁ ଊର୍ଦ୍ଧ୍ୱ ଶିଳ୍ପ କାରଖାନାକୁ ଦୈନିକ ବିପୁଳ ପରିମାଣର ପାଣି ଯୋଗାଇ ଦିଆଯାଉଛି। ପଙ୍କପାଳଠାରେ ଇଡ୍କୋ ପକ୍ଷରୁ ଏଥିପାଇଁ ଏକ ଇନଟେକ୍ ୱେଲ ନିର୍ମାଣ ହୋଇଛି। ଖରାଦିନେ ଏହାର ତଳମୁଣ୍ଡରେ ବ୍ରାହ୍ମଣୀ ନଦୀ ପ୍ରାୟ ଶୁଖିଯାଉଥିବାରୁ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ବିଭିନ୍ନ ମେଗା ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷୀ ଉପକୃତ ହୋଇପାରୁ ନ ଥିବା ମତପ୍ରକାଶ ପାଇଛି। ନଦୀଜଳକୁ ବିଭିନ୍ନ ଶିଳ୍ପସଂସ୍ଥା ଶୋଷି ଆସୁଥିବାବେଳେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଅନ୍ୟପକ୍ଷେ ଇଡ୍କୋକୁ ରାଜ୍ୟ ସରକାର ଅଯାଚିତ ଦାନ ସ୍ୱରୂପ ୨୦୧୫ ଅଗଷ୍ଟରେ ଜଳକର ବାବଦକୁ ୫୬ କୋଟି ୪ ଲକ୍ଷ ଟଙ୍କା ଛାଡ଼ କରିଥିଲେ। ଏହାବାଦ ବିଭିନ୍ନ ସମୟରେ ଚୁକ୍ତିଠାରୁ ଢେର ଅଧିକ ଜଳ ବ୍ରାହ୍ମଣୀରୁ ଉତ୍ତୋଳନ ହୋଇଥିବା ଜଳସେଚନ ବିଭାଗ ପକ୍ଷରୁ ଦର୍ଶାଯାଇଛି। ଏଥିପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ବିଭିନ୍ନ ଆଳରେ ଛାଡ଼ି ଦିଆଯାଉଥିବାବେଳେ କୃଷି କ୍ଷେତ୍ର ପ୍ରଭାବିତ ହେଉଛି।

# ଶ୍ରମିକରୁ କୋଟିପତି ଚୋର | ନବମ ଫେଲ୍ ପର୍ଶୁରାମଙ୍କ ସହ ସୁନା ଦୋକାନ ମାଲିକ ଗିରଫ

ଭୁବନେଶ୍ୱର,୨୪।୩ (ସୂର୍ଯ୍ୟକାନ୍ତ ବେହେରା)

- ୨୧ ଲକ୍ଷ ଟଙ୍କା, ୭୦୦ ଗ୍ରାମ୍ ସୁନା, ୭ କେଜି ରୁପା ସହ ବିଭିନ୍ନ ସାମଗ୍ରୀ ଜବତ
- ଚୋରି ଟଙ୍କାରେ କିଣିଛନ୍ତି ଜମି, ଭଡ଼ାରେ ଲାଗିଛି ଘର



ପର୍ଶୁରାମ ଗିରି

ନିର୍ମାଣ ଶ୍ରମିକରୁ ଏବେ କୋଟିପତି ଚୋର। ଘର, ଜମି, ସୁନା, ଗାଡ଼ି ଆଦି ଅମାପ ସମ୍ପତ୍ତିର ମାଲିକ। ରାଜଧାନୀ ଭୁବନେଶ୍ୱରରେ ଏକାକୀ ବୁଲି ବୁଲି ଚୋରି କରୁଥିବା ଏହି ୱାନ୍ ମ୍ୟାନ୍ ଗ୍ୟାଙ୍ଗ ଶେଷରେ କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ସେ ହେଲେ ଭୁବନେଶ୍ୱରରେ ରହୁଥିବା ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ପର୍ଶୁରାମ ଗିରି ଓରଫ ସନା। ତାଙ୍କଠାରୁ ନଗଦ ୨୧ ଲକ୍ଷ ଟଙ୍କା, ୪୨ଲକ୍ଷ ଟଙ୍କାର ୭୦୦ ଗ୍ରାମ୍ ସୁନା ଅଳଙ୍କାର, ୪.୨୦ ଲକ୍ଷ ଟଙ୍କାର ୭ କେଜି ରୁପା, ୨ଟି ବାଇକ ଓ ଗୋଟିଏ ମୋବାଇଲ, ଅପରାଧରେ ବ୍ୟବହୃତ ୨ଟି ଶାବଳ ଜବତ କରାଯାଇଥିବା ପୋଲିସ କମିଶନରେ ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ବଡ଼ଗଡ଼ ଥାନା ଅଞ୍ଚଳରେ ପୋଲିସ ବ୍ଲକିଂ କରି ଯାଞ୍ଚ ସମୟରେ ଅଭିଯୁକ୍ତ ପର୍ଶୁରାମ ଧରାପଡ଼ିଥିଲେ। ପଚରାଉଚରାବେଳେ ତାଙ୍କ ଅପରାଧ ଦୁନିଆ ବିଷୟରେ ଜଣାପଡ଼ିଥିଲା। ତେବେ ଗିରଫ ପରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଚୋରି ଅଳଙ୍କାର କିଣିବା ଅଭିଯୋଗରେ ଜଣେ ସୁନା ଦୋକାନୀ ଫରେଷ୍ଟ ପାର୍କ ଅଞ୍ଚଳରେ ରହୁଥିବା ମହାରାଷ୍ଟ୍ରର ପ୍ରବୀନ ବଳିରାମ ଲୋଖାଣ୍ଡେଙ୍କୁ ମଧ୍ୟ ଗିରଫ କରାଯାଇଛି। ସେ ପର୍ଶୁରାମଙ୍କଠାରୁ ଚୋରି ସୁନା କିଣି ୫୦ଲକ୍ଷରୁ ଅଧିକ ଟଙ୍କା ଦେଇଥିବା ଜଣାପଡ଼ିଛି।

ତେବେ ଅଭିଯୁକ୍ତ ପର୍ଶୁରାମ ନବମ ଫେଲ୍। ସେ ଜଣେ ପେସାଦାର ଲୁଟେରା। ତାଙ୍କ ନାଁରେ ଭୁବନେଶ୍ୱରରେ ବିଭିନ୍ନ ଥାନାରେ ୩୦ରୁ ଅଧିକ ମାମଲା ରହିଛି। ୨୦୨୩-୨୪ ବର୍ଷରେ ତାଙ୍କ ନାଁରେ ବଡଗଡ, ପାହାଳ ଓ ଲିଙ୍ଗରାଜ ଥାନାରେ ୩ଟି ଲେଖାଏ ମାମଲା ରହିଥିବା ବେଳେ ମଞ୍ଚେଶ୍ୱର ଓ ଶହୀଦନଗରରେ ୨ଟି ଲେଖାଏ, ଲକ୍ଷ୍ମୀସାଗର ଓ ଧଉଳିରେ ୪ଟି ଲେଖାଏ ମାମଲା ରହିଥିବା କମିଶନର କହିଛନ୍ତି। ତେବେ ଚୋରି ଟଙ୍କାରେ ବହୁ କୋଟିର ସମ୍ପତ୍ତି କରିଥିବା ଜଣାପଡ଼ିଛି। ବଡଗଡ ଟିଳି ପୋଖରୀ ନିକଟ ଶିବାନଗର ବସ୍ତିରେ ୫ଟି ଘର ନିର୍ମାଣ କରି ଭଡ଼ାରେ ଲଗାଇଥିବାବେଳେ ଗାଁରେ ଏକ ଜମି କିଣି ଘର କରିଛନ୍ତି। ଏହାସହ ବ୍ୟାଙ୍କ ଓ ବୀମା ଜମା ବାବଦକୁ ନେଇ ଖୋଳତାଡ଼ ଚାଲିଥିବା ସୂଚନା ଦିଆଯାଇଛି।

## ପର୍ଶୁରାମଙ୍କ ଅପରାଧ ସାମ୍ରାଜ୍ୟ: ସୋରରୁ ରାଜଧାନୀ

ନବମ ଡ୍ରପ୍ଆଉଟ୍ ପରେ ସେ ତାଙ୍କ ବାପାଙ୍କୁ ଶ୍ରମିକ ଭାବରେ ନିର୍ମାଣ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ୨୦୦୩ରେ ସୋରୋ ଥାନା ଖିରିକୁନି ଗାଁର ଜୁନୁ ଓରଫ ପୂଜା ଗିରିଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁଅ ମଧ୍ୟ ଅଛନ୍ତି। ହେଲେ ନିଶାସେବନରେ ଟଙ୍କା ଉଡାଉଥିବାରୁ ଘରେ ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ବହୁ ନିର୍ଯାତନା ଦେଉଥିଲେ। ଫଳରେ ସ୍ତ୍ରୀ ପୂଜା ୨୦୦୬ ଦୁର୍ଗା ପୂଜାରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ମାମଲାରେ ପର୍ଶୁରାମ ସୋରୋ ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ୯ ମାସ ରହିଥିଲେ। ଜାମିନ ପାଇବା ପରେ ସେ ୨୦୦୮ରେ ଭୁବନେଶ୍ୱର ଚାଲିଆସି ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ଜଣେ ବିଲ୍ଡରଙ୍କ ଅଧୀନରେ କାମ କରିଥିଲେ। ପରେ ଆର୍ଥିକ ବିବାଦ କାରଣରୁ ସେ ଉକ୍ତ ସଂସ୍ଥା ଛାଡି ବଡଗଡରେ ରହୁଥିବା ବେଙ୍ଗଲୀ ସାକିଲ ଖାନ ନାମକ ଜଣେ ରାଜମିସ୍ତ୍ରିଙ୍କ ସହ କାମ କରିଥିଲେ। ଏହି ସମୟରେ ସେ ନୟାଗଡ଼ର ଗଣେଶ ପାତ୍ର ନାମକ ଅନ୍ୟଜଣେ ଶ୍ରମିକଙ୍କ ସମ୍ପର୍କରେ ଆସିଥିଲେ। ୨୦୧୧ ରେ ଗଣେଶ ଏକ ଚୋରି ମୋବାଇଲକୁ ପର୍ଶୁରାମଙ୍କୁ ୧୫୦୦ ଟଙ୍କାରେ ବିକ୍ରି କରିଥିଲେ। ଇନ୍ଫୋସିଟି ପୋଲିସ ଟ୍ରାକ କରି ଗଣେଶ ଓ ପର୍ଶୁରାମଙ୍କୁ କୋର୍ଟ ଚାଲାଣ କରିବାରୁ ଝାରପଡା ଜେଲରେ ୧୫ଦିନ ରହି ଜାମିନରେ ମୁକୁଳିଥିଲେ। ଜେଲରୁ ଆସି ପର୍ଶୁରାମ ରାଜମିସ୍ତ୍ରି କାମ ଜାରି ରଖିଥିଲେ। ୨୦୧୩ରେ ସେ ଏକ ଏଟିଏମ ରାସ୍ତାରୁ ପାଇଥିଲେ। ଉକ୍ତ ଏଟିଏମ୍ର କଭରରେ ଲେଖାଇଥିବା ପାସ୍ୱାର୍ଡକୁ ବ୍ୟବହାର କରି ୨୫ ହଜାର ଟଙ୍କା ଉଠାଇ ଏକ ପଲ୍ସର ଗାଡ଼ି ଦ୍ୱିତୀୟ ସ୍ତ୍ରୀ ସ୍ନେହଲତା ଗିରିଙ୍କ ନାମରେ କିଣିଥିଲେ। ପୋଲିସ ଏଟିଏମ୍ କାଉଣ୍ଟର ସିସିଟିଭି ଫୁଟେଜରୁ ଗାଡି ନମ୍ବର ଟ୍ରାକିଂ କରି ତାଙ୍କୁ ଖୋଜିଥିଲା। ସେ କୋର୍ଟରେ ଆତ୍ମସମର୍ପଣ କରିବା ପରେ ୭ ଦିନ ଝାରପଡା ଜେଲରେ ରହିଥିଲେ। ଜେଲରେ କଟକ ନରସିଂହପୁରର ଜଣେ ପେଶାଦାର ଅପରାଧୀ ବନାମ୍ବର ସାହୁଙ୍କ ସହ ପରିଚିତ ହୋଇଥିଲେ। ଉଭୟେ ଗୋଟିଏ ଦିନରେ ଜେଲରୁ ମୁକ୍ତ ହୋଇଥିଲେ। ଏହାର ୨ଦିନ ପରେ ଉଭୟ ଚନ୍ଦ୍ରଶେଖରପୁର ଅଞ୍ଚଳର ଜଣଙ୍କ ଘରୁ ଝରକା ଓ ଲୁହା ଗ୍ରୀଲ୍ ତାଡ଼ି ଲାପ୍ଟପ୍ ଏବଂ ଏକ ମୋବାଇଲ ଫୋନ୍ ଚୋରି କରିଥିଲେ। ପରେ ସେ ଏକୁଟିଆ ଚୋରି କରୁଥିଲେ। ଏହିଭଳି ବାରମ୍ବାର ଜେଲରୁ ଆସି ଭୁବନେଶ୍ୱରର ଗୋଟିଏ ପରେ ଗୋଟିଏ ଅଞ୍ଚଳରୁ ଚୋରି କରୁଥିଲେ। ପରେ ଚୋରି ଜିନିଷକୁ ଗିରଫ ସୁନା ଦୋକାନ ମାଲିକଙ୍କୁ ବିକ୍ରି କରି ଦେଉଥିଲେ।

### କେବଳ ଟଙ୍କା, ଅଳଙ୍କାର ଚୋରି କରୁଥିଲେ

ଫ୍ୟାନ୍, ଏସି ଚାଲୁ ନ ଥିବା ବନ୍ଦ ଥିବା ବଡ଼ ବଡ଼ ଘରକୁ ପର୍ଶୁରାମ ଟାର୍ଗେଟ କରୁଥିଲେ। ମୁଖ୍ୟ ଫାଟକ ପଟେ ନ ଯାଇ ଝରକା ତାଡି ଘରେ ପଶି ଚୋରି କରୁଥିଲେ। ଚୋରି ପାଇଁ ଓଲା ଓବେରରେ ଖାଲି ପାଦରେ ଯାଉଥିଲେ। ମୋବାଇଲକୁ ଫ୍ଲାଇଟ୍ ମୋଡ୍ରେ ରଖୁଥିଲେ। ସେ ଟଙ୍କା ଓ ଅଳଙ୍କାର ଛଡା ଅନ୍ୟକିଛି ଚୋରି କରୁ ନ ଥିଲେ। ପୋଲିସ ଧରିପକାଇବା ଭୟ ଥିବାରୁ ସେ ମୋବାଇଲ, ଲାପଟପ, ଟାବଲେଟ ପରି ଇଲେକ୍ଟ୍ରୋନିକ୍ସ ଉପକରଣ ଚୋରି କରୁ ନ ଥିଲେ। ଏପରିକି ପୋଲିସ ବାଟରେ ଦେଖିଲେ ଅନ୍ୟ କାର୍ଯ୍ୟ କହି ବାହାନା କରି ଖସି ଯାଉଥିଲେ।

### ବିମାନରେ ବୁଲୁଥିଲେ, ତାଜ୍ ହୋଟେଲରେ ରହିଥିଲେ

ଚୋରି ଟଙ୍କାରେ ପର୍ଶୁରାମ ଅୟସ ଜୀବନ ବିତାଉଥିଲେ। ଦାମୀ ପୋଷାକ, ଜୋତା, ଗାଡି ବ୍ୟବହାର କରୁଥିଲେ। ବିମାନ ଯୋଗେ ମୁମ୍ବାଇ, କୋଲକାତା ଏବଂ ଗୋଆ ଭଳି ରାଜ୍ୟକୁ ଭ୍ରମଣରେ ଯାଉଥିଲେ। ସେଠାରେ ସେ ବିଳାସପୂର୍ଣ୍ଣ ହୋଟେଲରେ ରହି ନାଇଟ କ୍ଲବ, ପବ୍ରେ ସମୟ ବିତାଉଥିଲେ। କଲ୍ଗାର୍ଲଙ୍କ ସହିତ ରାତି କାଟୁଥିଲେ। ସେ ମୁମ୍ବାଇର ତାଜ ହୋଟେଲରେ ରହିଥିବା ମଧ୍ୟ ପୋଲିସ ସୂଚନା ଦେଇଛି।







**ଆଜିର ମନ୍ତବ୍ୟ**
" ପାକ୍ ଅଧିକୃତ କଶ୍ମୀର(ପିଓକେ)ର ଜନସାଧାରଣ ଭାରତରେ ମିଶିବା ପାଇଁ ନିଜଆଡୁ ଦାବି ଉଠାଇଛନ୍ତି। ଏହି ଅଞ୍ଚଳର ଭାରତରେ ମିଶିବା ନିଶ୍ଚିତ।
–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ପଦ୍ମନାଭ ଛୋଟରାୟଙ୍କ ୨୫୨ତମ ଜୟନ୍ତୀ, ସ୍ଥାନ: ବଡ଼ଗଡ଼ସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସମୟ: ସକାଳ ୮ଟା ୩୦।
- ମାସିକ ପତ୍ରିକା କଥା କଳିକାର ୧୦ମ ବାର୍ଷିକ ଉନ୍ମୋଚନ, ସ୍ଥାନ: ଦି ପ୍ରେସ କ୍ଲବ ଅଫ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ
- ସାକ୍ଷୀଗୋପାଳଙ୍କ ମେଣ୍ଢାପୋଡି ଉତ୍ସବ, ସ୍ଥାନ: ଦୋଳବେଦୀ ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସକାଳ ୯ଟା।
- ଦୋଳପୂର୍ଣ୍ଣିମା ଉପଲକ୍ଷେ ଚିତ୍ରକଳା ଶିବିର, ସ୍ଥାନ: ପୁରୀ ବଡ଼ଦାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣିମା ଅବସରରେ ସାକ୍ଷୀଗୋପାଳଙ୍କ ଦୋଳବେଦୀ ବିଜେ ଓ ଅବିର ଖେଳ, ସ୍ଥାନ: ମନ୍ଦିର ସମ୍ମୁଖ ଦୋଳବେଦୀ, ସମୟ: ଅପରାହ୍ନ ୨ଟା।
- ଦୋଳ ପୂର୍ଣ୍ଣିମା ଅବସରରେ ବିମାନ ଶୋଭାଯାତ୍ରା ଏବଂ ମେଣ୍ଢାକୁଡ଼ିଆ ପୋଡି କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଳ ଓ ବଡ଼ମାଛପୁର, ନିମାପଡ଼ା, ସମୟ: ଅପରାହ୍ନ ୨ଟା।
- କାଠଚକ୍ର ଆତସବାଜି ପ୍ରଦର୍ଶନ, ସ୍ଥାନ: ସାଇଁଶ ପଞ୍ଚାୟତ ଭଗବତୀପୁର ମେଳଣ ପଡ଼ିଆ, ନିମାପଡ଼ା, ଅପରାହ୍ନ ୪ଟା।
- ଦୋଳ ମେଳଣ, ସ୍ଥାନ: ତେରୁଣ୍ଡିଆ ଗ୍ରାମ, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।

## କଟକ
- ଧ୍ରୁବତାରା ଅନୁଷ୍ଠାନ ପକ୍ଷରୁ ଦୋଳପୁନେଇ ଉତ୍ସବ ପାଳନ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସକାଳ ୯ଟା ୩୦।
- ଆମେ ତମେ ଅନୁଷ୍ଠାନ ପକ୍ଷରୁ ବସନ୍ତ ମିଳନ, ସ୍ଥାନ: କଟକ ଚହଟାସ୍ଥିତ ମହାନଦୀକୂଳ, ସମୟ: ପୂର୍ବାହ୍ନ ୧୦ଟା।
- ୭୨ ସଂକୀର୍ତ୍ତନ ମଣ୍ଡଳୀର ଦୋଳମେଳଣ, ସ୍ଥାନ– କଟକ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ– ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବାପୁଜୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ଶଙ୍ଖାମେରୀ ଖେଳପଡ଼ିଆ ବଡ଼ମ୍ବା, ସମୟ: ଅପରାହ୍ନ ୩ଟା।
- ଫଗୁ ଓ ଫଗୁଣର ଶୁଭ ଉନ୍ମୋଚନ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଚୌଦ୍ୱାର ଦୋଳଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଅରୁଣୋଦୟ ନଗର ନାଗରିକ ପରିଷଦର ୩୯ତମ ବାର୍ଷିକ ମିଳନ ଓ ବସନ୍ତ ଉତ୍ସବ, ସ୍ଥାନ: କଟକ ଅରୁଣୋଦୟ ନଗରସ୍ଥିତ ପରିଷଦ ସଭାଗୃହ, ସମୟ: ସନ୍ଧ୍ୟା ୭ଟା।
- ସାଇଲୋ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ ବ୍ରାହ୍ମଣସାଇଲୋ, ସମୟ ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଅଷ୍ଟପ୍ରହର ହରିନାମ ଯଜ୍ଞ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ପ୍ରାତଃ ୫ଟା।
- ଭାଗବତ ମେଳା, ସ୍ଥାନ: ତ୍ରିନାଥ ଦେବଙ୍କ ପୀଠ, କୋଲୁହାପାଟଣା, ବେଗୁନିଆ, ସମୟ: ସକାଳ ୬ଟା।
- ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପି.ଏନ୍ କଲେଜ ନିକଟ ଖେଳପଡିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- ଚତୁର୍ଦ୍ଦଶ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଓ ଦୋଳ ଉତ୍ସବରେ ଲଉଡି ଖେଳ ଓ ଦୋଳପୂର୍ଣ୍ଣିମା, ସ୍ଥାନ: ଶ୍ରୀବାସୁଦେବଙ୍କ ବିଜେସ୍ଥଳୀ,ପଦ୍ମପୁର ଖାରଡପଲ୍ଲୀ, ବୋଲଗଡ଼, ସମୟ: ସନ୍ଧ୍ୟା ୫ଟା।

## ବାଲେଶ୍ୱର
- ୪ର୍ଥ ପ୍ରହର ନାମଯଜ୍ଞ, ସ୍ଥାନ: ବାଲେଶ୍ୱର, ଚାନ୍ଦମାରପଡ଼ିଆ, ସହଦେବଖୁଣ୍ଟା,ସମୟ:ସକାଳ ୬ଟା ନାମ ସଙ୍କୀର୍ତ୍ତନ ଓ ପୂର୍ବାହ୍ନ ୧୧ଟା୩୦ ପ୍ରସାଦ ସେବନ।
- ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଶ୍ରମରେ ସନାତନ ଧର୍ମ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶାନ୍ତି ଆନନ୍ଦାଶ୍ରମ, ବାଖରାବାଦ ଶାଖା, ରୂପ୍‌ସା, ସମୟ: ଅପରାହ୍ନ ୫ଟା।
- ପ୍ରସିଦ୍ଧ ପତିରାଜପୁର ଦୋଳ ମେଳଣର ଶୁଭାରମ୍ଭ, ସ୍ଥାନ:ପତିରାଜପୁର ମେଳଣ ପଡ଼ିଆ, ଖଇରା, ସମୟ: ରାତି ୧୧ଟା।

## ଭଦ୍ରକ
- କୁମ୍ଭ ମେଳଣ, ସ୍ଥାନ: କୋହ୍ଲ ଓ ବାରୋ, ତିହିଡ଼ି, ସମୟ: ଅପରାହ୍ନ ୩ଟା।
- ଫଗୁ ମିଳନ କବିତା ଆସର, ସ୍ଥାନ: ଜାନୁଗଞ୍ଜ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଦୋଳ ବିମାନ ଶୋଭାଯାତ୍ରା, ସ୍ଥାନ: ରାମଗଡ଼ପଦା, ଆଗରପଡ଼ା, ସମୟ: ରାତି ୧୦ଟା।
- କାଳିମେଘା ମେଳଣ, ସ୍ଥାନ: କାଳିମେଘା, ତିହିଡ଼ି, ସମୟ: ରାତି ୧୧ଟା।
- ତିହିଡ଼ି ମେଳଣ, ସ୍ଥାନ: ତିହିଡ଼ି, ସମୟ: ରାତି ୧୧ଟା।

## କେନ୍ଦୁଝର
- ପତିତ ପାବନ ରଘୁନାଥଜୀଉ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ପଦ୍ମପୁର, ଶ୍ରୀ ରାମଚନ୍ଦ୍ର ଦେବଙ୍କ ଆଶ୍ରମ, ଆନନ୍ଦପୁର, ସମୟ: ସକାଳ ୭ ଟା।
- ରାଧାକୃଷ୍ଣ ମେଳଣ, ନୂତନ ପାଞ୍ଜି ପଠନ, ସ୍ଥାନ: ଦୋଳ ପଡ଼ିଆ, ଝୁମ୍ପୁରା, ସନ୍ଧ୍ୟା: ୮ଟା।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଭୂଷୁଗାଁ, ଭଦ୍ରାସାହି, ବଡ଼ବିଲ, ସମୟ: ପୂର୍ବାହ୍ନ ୬ ଟା।
- ରାଧାକୃଷ୍ଣ ମନ୍ଦିରରେ ପୂଜା ଅର୍ଚ୍ଚନା, ଦହନ କାର୍ଯ୍ୟକ୍ରମ, ସ୍ଥାନ: ଯୋଡ଼ା, ସମୟ: ସନ୍ଧ୍ୟା ୭ଟା।
- ଅଷ୍ଟପ୍ରହରୀ ନାମ ଯଜ୍ଞ, ସ୍ଥାନ: ବାମ୍ପିଡି, ଘସିପୁରା, ସମୟ: ଅପରାହ୍ନ ୫ଟା।
- ଅଷ୍ଟପ୍ରହରୀ ନାମ ଯଜ୍ଞ, ସ୍ଥାନ: ବେଲବାହାଳି, ଆନନ୍ଦପୁର, ସମୟ: ଅପରାହ୍ନ ୪ଟା।
- ରାଜା କୃଷ୍ଣପୂଜା ଅନୁଷ୍ଠିତ, ସ୍ଥାନ: ମାଛଳ, ଘସିପୁରା, ସମୟ: ଅପରାହ୍ନ ୬ଟା।
- ଦୋଳ ପୂର୍ଣ୍ଣିମା ଅବସରରେ ରାଧାକୃଷ୍ଣ ପୂଜା, ସ୍ଥାନ: ଦେଓଗାଁ, ଘସିପୁରା, ସମୟ: ଅପରାହ୍ନ ୪ଟା।
- ସୃଜନ ୨୪ ବାର୍ଷିକ ଉତ୍ସବର ଉଦଯାପନୀ ଦିବସ, ସ୍ଥାନ: ଶ୍ରୀଗୁରୁ ବିହାର, ଘଟଗାଁ, ସମୟ: ସନ୍ଧ୍ୟା ୫ଟା।
- ମା' ମଙ୍ଗଳା ଚ୍ୟାଲେଞ୍ଜର୍ସ କ୍ରିକେଟ୍ କପ ଉଦ୍‌ଯାପିତ, ସ୍ଥାନ: ଜଳସୁଆଁ, ଘସିପୁରା, ସମୟ: ଅପରାହ୍ନ ୧ଟା।
- ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟ ପ୍ରହରୀ, ସ୍ଥାନ: ସଦର ବ୍ଲକ୍ ନେଲୁଙ୍ଗ ରାଧାକୃଷ୍ଣ ମନ୍ଦିର ପରିସର, କେନ୍ଦୁଝର, ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- କପ୍ତିପଦା ଉପଖଣ୍ଡ ବାହ୍ମଣ ମହାସଭାର ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ଉଦଳା କଲେଜ ରୋଡ୍ ମାଉସୀ ମା' ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ଫରେଷ୍ଟ କଲୋନୀ ୱାର୍ଡ ନଂ. ୩ ବାରିପଦା, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ନାମ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ବାରୁଣେଶ୍ୱର ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ଅପରାହ୍ନ ୧ଟା।
- ୯୯ତମ ଦୋଳ ମେଳନ ଉତ୍ସବ ଓ ନଗର ପରିକ୍ରମା, ସ୍ଥାନ: ବଡ଼ସାହି ବ୍ଲକ ତାଳପଦା, ସମୟ: ସନ୍ଧ୍ୟା ୬ଟା।
- ମହାପ୍ରଭୁଙ୍କ ସହ ହୋଲି ଖେଳ ଓ ପ୍ରସାଦ ସେବନ, ସ୍ଥାନ: ରାଧାମୋହନ ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ବ୍ରାହ୍ମଣୀଦେବୀ ମନ୍ଦିର ପ୍ରତିଷ୍ଠା ନାମଯଜ୍ଞ ଆରମ୍ଭ,ସ୍ଥାନ: ବୁଗୁଡ଼ା ତାଳସାକର, ସମୟ: ସକାଳ ୭ଟା।
- ଦୋଳପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁର, ସମୟ: ସକାଳ ୮ଟା।
- ହନୁମାନ ଓ ବିଷ୍ଣୁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଆସିକା ଅଶୋକ ସିନେମା ଛକ, ସମୟ: ମଧ୍ୟାହ୍ନ ୧୨ଟା।
- ଦୋଳପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଭଞ୍ଜନଗର ବ୍ଲକ କୁଲାଡ, ସମୟ: ଅପରାହ୍ନ ୧ଟା ।
- ଶ୍ରୀଅରବିନ୍ଦ ଶକ୍ତିମୟୀ ଟ୍ରଷ୍ଟ ପରିଚାଳନା କମିଟି ବୈଠକ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା।
- ଦୋଳଗୋବିନ୍ଦଙ୍କ ମିଳନ ଉତ୍ସବ,ସ୍ଥାନ: ବୁଗୁଡ଼ା ବଡଦାଣ୍ଡ ସାହି, ସମୟ: ସନ୍ଧ୍ୟା ୭ଟା ।

## କନ୍ଧମାଳ
- ଅଷ୍ଟମପ୍ରହର ନାମଯଜ୍ଞ,ସ୍ଥାନ: କ. ନୂଆଗାଁ ବ୍ଲକ ଗହିଙ୍ଗିଆ,ସମୟ:ସକାଳ ୯ଟା।
- ମା'ପାଟଖଣ୍ଡା କାନ୍ଦୁଲ ଭଜାଯାତ୍ରାର ଦ୍ୱିତୀୟ ଦିନ, ସ୍ଥାନ: ବାଲିଗୁଡାସ୍ଥିତ ମା'ଙ୍କ ମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ
- ଇସ୍କନ ପକ୍ଷରୁ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା

## ଅନୁଗୋଳ
- ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମ ଉତ୍ସବ ପାଳନ, ସ୍ଥାନ: କଣିହାଁ ବ୍ଲକ ବଡହୀରା ଗ୍ରାମ କୋଠଘର, ସମୟ: ଅପରାହ୍ନ ୨ ଟା ।
- ବାର୍ଷିକ ଦୋଳ ଯାତ୍ରା ଉତ୍ସବ, ରାମଲୀଳା, ସ୍ଥାନ: ବସଲା, ସମୟ: ଅପରାହ୍ନ ୨ଟା ଓ ରାତି ୧୦ଟା।
- ବାର୍ଷିକ ଦୋଳ ଯାତ୍ରା ଉତ୍ସବ, ରାମଲୀଳା, ସ୍ଥାନ: ବେଡା ଶାସନ, ସମୟ: ଅପରାହ୍ନ ୨ଟା ଓ ରାତି ୧୦ଟା।
- ବାର୍ଷିକ ଦୋଳ ଯାତ୍ରା ଉତ୍ସବ, ରାମଲୀଳା, ସ୍ଥାନ: ବାଲିସାହି, ସମୟ: ଅପରାହ୍ନ ୨ଟା ଓ ରାତି ୧୦ଟା।
- ବାର୍ଷିକ ଦୋଳ ଯାତ୍ରା ଉତ୍ସବ, ବାଦଦଣ୍ଡ, ସ୍ଥାନ: ଖଣ୍ଡହତା, ସମୟ: ଅପରାହ୍ନ ୨ଟା ଓ ରାତି ୧୦ଟା।
- ବାର୍ଷିକ ଦୋଳଯାତ୍ରା ଉତ୍ସବ, ସ୍ଥାନ: ବଡକନ୍ତକୁଳ, ସମୟ: ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର
- ବିଶ୍ୱଶାନ୍ତି ମହାଯଜ୍ଞ, ଜଗନ୍ନାଥଙ୍କ ଚବିଶ ବେଶ, ଛପନ ଭୋଗ ପ୍ରଦର୍ଶନ, ଭାଗବତ ସପ୍ତାହ ଓ ସାଧୁସନ୍ଥଙ୍କ ଦ୍ୱାରା ଜ୍ଞାନଯଜ୍ଞ, ସ୍ଥାନ: ରାହାମା କଲେଜ ପଡ଼ିଆ, ସମୟ: ପ୍ରାତଃ ୪ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଅନନ୍ତ ଆଶ୍ରମ ନୂଆବଜାର, ପାରାଦୀପ, ସମୟ: ପ୍ରାତଃ ୫ଟା।
- ଝୁଲଣ ଉତ୍ସବ ଓ ଗୌରାଙ୍ଗ ମହାପ୍ରଭୁଙ୍କ ଜନ୍ମୋତ୍ସବ, ସ୍ଥାନ: ଜଗତ୍‌ସିଂହପୁର ପୁନଙ୍ଗସ୍ଥିତ ନିତାଇଗୌର ସେବାଶ୍ରମ ପରିସର, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ କବିତା ପାଠୋତ୍ସବ, ସ୍ଥାନ: ଜଗତ୍‌ସିଂହପୁର ନିକଟ ପୋକପୁର ମଠ ପରିସର, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଏରସମା ବ୍ଲକ ଅନ୍ତର୍ଗତ ପଏଦା ପଞ୍ଚାୟତସ୍ଥିତ ବଡ଼ପାଳ ଗ୍ରାମ, ସମୟ: ଅପରାହ୍ନ ୪ଟା।
- ଜାତୀୟ ନାଟକ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ବଙ୍ଗଳା ନାଟକ 'ଅନିକେତ', ସ୍ଥାନ: ପାରାଦୀପ ଜୟଦେବ ଭବନ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ଗୁପ୍ତକ୍ଷେତ୍ର ବଜରଙ୍ଗ ସଙ୍ଗଠନ ପକ୍ଷରୁ ଶ୍ରୀମହାବୀରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ସଖୀବଟ, ବିଲବଳରାମପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀରଘୁନାଥଜୀଉ ପୀଠ, ସଚ୍ଚପଡ଼ା ଓ ଗୋବିନ୍ଦପୁର, ରାଜନଗର, ସମୟ: ସକାଳ ୬ଟା।
- ପଲ୍ଲି ପ୍ରଗତି ଯୁବକ ସଂଘ ପକ୍ଷରୁ ମା'ବଜ୍ରବୁଢ଼ୀ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ତେରଗାଁ, ମହାକାଳପଡ଼ା, ସମୟ: ସକାଳ ୬ଟା।
- ପଞ୍ଚମ ବାର୍ଷିକ ଶ୍ରୀବାସୁଦେବ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଉଆଁରମୁଣ୍ଡା, ଶିଳିପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ବଟବାବା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପୂଜ୍ୟ ପୂଜନ ସମାରୋହ ଓ ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ତୁଣପୁର, ବଗଡ଼ା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ବରୁଆଁ ମେଳଣ, ସ୍ଥାନ: ଯାଜପୁର ବ୍ଲକ୍‌ର ବରୁଆଁ ମେଳଣ ପଡ଼ିଆ,ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯାଜପୁର ରୋଡ୍‌ର ଚୋରଦାସ୍ଥିତ ପୁରୁଣା ଥାନା ପରିସର, ସମୟ: ସକାଳ ୮ଟା।
- ଦୋଳ ପୂର୍ଣ୍ଣିମା ଅବସରରେ ଗୋପାଳମାନଙ୍କ ପର୍ବ ପାଳନ,ସ୍ଥାନ: ଧର୍ମଶାଳା ବ୍ଲକ୍‌ର କଣିପାଟିଆ ଗ୍ରାମ ଠାକୁର ମଣ୍ଡପ, ସମୟ: ସକାଳ ୮ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାଧାମାଧବ ପୀଠରେ ଭାଗବତ ପାଠ, ପାଲା ଓ ପାରାୟଣ, ସ୍ଥାନ: କୋରେଇ ବ୍ଲକର କିଆପଦା, ସମୟ: ସନ୍ଧ୍ୟା ୬ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା। ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ଦିନରାତି।

## ନୟାଗଡ଼
- ଦୋଳପୂର୍ଣ୍ଣିମା ଯାତ୍ରା, ସ୍ଥାନ: ଗୋଡିପଡ଼ା, ଲଡୁକେଶ ମହେଶ, ସମୟ:ପ୍ରାତଃ ୫ଟା ।
- ଦୋଳପୂର୍ଣ୍ଣିମା ଯାତ୍ରା ଓ ଡ୍ରାମା, ସ୍ଥାନ: ନୟାଗଡ଼ ବ୍ଲକର ଜେମାଦେଇପୁର ଶାସନ, ସମୟ: ଅପରାହ୍ନ ସାଢ଼େ ୫ଟା ।
- ବିଶ୍ୱଶାନ୍ତି ଯଜ୍ଞର ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ:ନୟାଗଡ଼ ବ୍ଲକ ଭାଟସାହିର ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ସକାଳ ୮ଟା।
- ରାମଚରିତ ମାନସ ନବାହ୍ନ ପାରାୟଣର ଉଦ୍‌ଯାପନ ଦିବସ, ସ୍ଥାନ: ପଶ୍ଚିମମୁଖୀ ହନୁମାନ ମନ୍ଦିର ଖଣ୍ଡପଡ଼ା, ସମୟ: ସକାଳ ୮ଟା।
- ତୃତୀୟ ବାର୍ଷିକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଚାଉପଲ୍ଲୀ ଗାଁ, ସମୟ: ସକାଳ ୮ଟା।
- ନୀଳମାଧବଙ୍କ ଅନନ୍ତ ମୁଖୀ ଓ ଗୀତାଯଜ୍ଞ, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ଦୋଳ ବେଦ, ସମୟ : ସକାଳ ୭ଟା।
- କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଂଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଗୋପାଳ ସମାଜର ବନ୍ଦାଣ ଉତ୍ସବ, ସ୍ଥାନ:ଭାପୁର ବ୍ଲକ୍‌ର ପଥରଚକଡ଼ା ତଳସାହି, ସମୟ: ସକାଳ ୭ଟା।

## ରାୟଗଡା
- ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଝୁଲଣ ଉତ୍ସବ ଓ ସଙ୍କୀର୍ତ୍ତନ, ସ୍ଥାନ: ଖେତନାଞ୍ଜି ଟୋଟାସ୍ଥିତ ଶ୍ରୀକୃଷ୍ଣ ବିଜ୍ଞାନ ମହିଳା ସତ୍‌ସଙ୍ଗ ରାଧାଗୋବିନ୍ଦ ମନ୍ଦିର, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ
- ଦୋଳ ପୂର୍ଣ୍ଣିମା ଅବସରରେ ଶାବର ଶ୍ରୀକ୍ଷେତ୍ରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିସର, ସମୟ: ସକାଳ ୮ଟା।
- ହାତୀଶାଳସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଦୋଳ ପୂର୍ଣ୍ଣିମା ପୂଜାର୍ଚ୍ଚନା,ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୬ଟା।

## ସମ୍ବଲପୁର
- ରାଧାକୃଷ୍ଣଙ୍କ ନଗର ପରିକ୍ରମା ଓ ହୋଲିଆ ଦେବୀଙ୍କ ପୂଜନୋତ୍ସବ, ସ୍ଥାନ : ନାକଟିଦେଉଳ ବ୍ଲକର କିସିଣ୍ଡା ଗ୍ରାମ, ସମୟ: ସକାଳ ୭ଟା ।
- ରଣେଶ୍ୱର ରାମଚଣ୍ଡୀ ପୀଠରେ ଗୁଁଡିଖାଇ କାର୍ଯ୍ୟକ୍ରମ, ସ୍ଥାନ: ଦାନୀପାଲି ମନ୍ଦିର, ସମୟ : ସକାଳ ୯ଟା ।
- ସମ୍ବଲପୁର ସଂସ୍କୃତିରେ ତାଲିମ କାର୍ଯ୍ୟକ୍ରମ ପରାମ୍ପରା, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସଭାକକ୍ଷ, ସମୟ : ସକାଳ ୯ଟା ।
- ଉଦୀୟମାନ ମାତୃକ୍ଷେତ୍ରରେ ହୋଲି ମିଳନ, ସ୍ଥାନ: ଦେଦରଗୁଆଁପାଲି , ସମୟ : ସକାଳ ୮ଟା ।
- ବିମଳେଶ୍ୱର ବାବା ଆଞ୍ଚଳିକ ସେବା ସଂଗଠନ ପକ୍ଷରୁ ଗୁଡିଁଖାଇ ଉତ୍ସବ, ସ୍ଥାନ : ସମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୫ଟା ।
- ହୋଲି ମିଳନ କାର୍ଯ୍ୟକ୍ରମ, ସ୍ଥାନ : କଂସାରୀପଡା, ସମୟ : ରାତି ୮ଟା ।

## ବଲାଙ୍ଗୀର
- ଯାଦବ ମହାସଭା ଆନୁକୂଲ୍ୟରେ ଦୋଳ ମହୋତ୍ସବ, ସ୍ଥାନ: ବଲାଙ୍ଗୀର ଯାଦବ ଭବନ, ସମୟ: ସକାଳ ୭ଟା ୩୦ ।
- ରାମେଶ୍ୱର ମହାଦେବ ନୂତନ ମନ୍ଦିରରେ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତର ସିଲେଟକାନୀ, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଫଗୁଣମଧୁ ମୂର୍ଚ୍ଛନା କବିତା ଆସର, ହରିହର ଭେଟ, କବିତା ସଙ୍କଳନ ଅଭୁଲା ଅତୀତର ଉନ୍ମୋଚନ, ସ୍ଥାନ: ଦଧିବାମନ ମନ୍ଦିର ସମ୍ମୁଖ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୫ଟା୩୦।
- ଦୋଳ ମେଳଣ, ସ୍ଥାନ: ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା, ସମୟ: ରାତି ୧୦ଟା।

## ସୁବର୍ଣ୍ଣପୁର
- ଚବିଶ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ବୀରମହାରାଜପୁର, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ , ସ୍ଥାନ: ଖଣ୍ଡହତା ଗ୍ରାମ , ବୀରମହାରାଜପୁର , ସମୟ: ସକାଳ ୬ଟା।
- ଫଗୁଣ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଭୁଦୋବର ଗ୍ରାମ, ଉଲୁଣ୍ଡା, ସମୟ : ସକାଳ ୭ଟା ।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କୋଟସମଲେଇ ଗ୍ରାମ, ଉଲୁଣ୍ଡା, ସମୟ: ସକାଳ ୮ଟା।
- ଚମ୍ପେଶ୍ୱର ବାବା ପଞ୍ଚଦୋଳ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଚମ୍ପାମାଳ ଗ୍ରାମ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୬ଟା।
- ଫଗୁଣ ପୂର୍ଣ୍ଣିମା ଓ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ମସିଣାପାଲି ଗ୍ରାମ, ବୀରମହାରାଜପୁର, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା
- ଉତ୍କଳ ସମ୍ମିଳନୀ ପକ୍ଷରୁ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଛେଣ୍ଡ ମ୍ୟୁଜିକ ସର୍କଲ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହୋଲିକା ଦହନ, ସ୍ଥାନ: ବାସନ୍ତୀ ରାଜସ୍ଥାନ ପଡିଆ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁନ୍ଦରଗଡ଼
- ଜରଙ୍ଗଲୋଇ ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ଦେବ ମଣ୍ଡପ, ସମୟ: ସକାଳ ୭ଟା ୩୦।

## ବରଗଡ଼
- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ ସମ୍ମୁଖ,
- ସମୟ: ପୂର୍ବାହ୍ନ ୧୦ଟା।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କାଶିପାଲି, ସମୟ: ପୂର୍ବାହ୍ନ ୧୦ଟା।
- ବସନ୍ତ ମିଳନ, ଫାଲଗୁନ ମହୋତ୍ସବରେ ଗାୟତ୍ରୀ ଯଜ୍ଞ, ସ୍ଥାନ: ତପୋବନ ଆଶ୍ରମ, ଚକରକେନ୍ଦ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ହରିହର ଭେଟ, ସ୍ଥାନ: ବଡ଼ଧରା, ଅମ୍ବାଭୋନା, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୬ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: କେସିଙ୍ଗା ବ୍ଲକ ଡୁମେରମୁଣ୍ଡା ସଂକୀର୍ତ୍ତନ ମଣ୍ଡପ, ସମୟ: ସକାଳ ୭ଟା।
- ରାଧାକୃଷ୍ଣ ପୂଜା, ସ୍ଥାନ: କେସିଙ୍ଗା ବ୍ଲକ ଶିରୋଲ ରାଧାକୃଷ୍ଣ ମଣ୍ଡପ, ସମୟ: ସକାଳ ୯ଟା।
- କୃପାସିନ୍ଧୁ ସାଂସ୍କୃତିକ ପରିଷଦ ପକ୍ଷରୁ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ସାମାଜିକ 'ନାଟକ ସମୟରେ ତତେ ଭରଷା ନାହିଁ' ପରିବେଷଣ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ, ସମୟ: ରାତି ୧୦ଟା।

## ନୂଆପଡା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଦିଆମୁଣ୍ଡା ଗାଁ ଉପରପଡା, ସମୟ: ପୂର୍ବାହ୍ନ ୧୦ ଟା।

## ବୌଦ୍ଧ
- ପଦ୍ମନପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି,ବୌଦ୍ଧ, ସ୍ଥାନ:ପଦ୍ମନପୁର, ସମୟ: ସକାଳ ୬ଟା।
- ଝୁଣ୍ଟବନ୍ଧ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ, ବୌଦ୍ଧ, ସ୍ଥାନ: ଝୁଣ୍ଟବନ୍ଧ, ସମୟ: ସକାଳ ୬ଟା।
- ଗୁଣ୍ଡୁଚିତରା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି,କଣ୍ଟାମାଳ, ସ୍ଥାନ: ଖମନମୁଣ୍ଡା,ସମୟ: ସକାଳ ୯ଟା।
- ନୂଆଁପାଲି ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି,କଣ୍ଟାମାଳ, ସ୍ଥାନ: ନୂଆଁପାଲି, ସମୟ: ସକାଳ ୯ ଟା।
- ଅଁଳାପାଲି ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପନ ଉତ୍ସବ, ବୌଦ୍ଧ, ସ୍ଥାନ: ଅଁଳାପାଲି , ସମୟ: ସନ୍ଧ୍ୟା ୭ଟା।
- ବହିରାରେ ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ଉଦ୍‌ଯାପନ ଦିବସ, ବୌଦ୍ଧ, ସ୍ଥାନ: ବହିରା ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଘଣ୍ଟାପଡା ଉମା ଗ୍ରାମ ପଞ୍ଚାୟତ ଉମା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ, କଣ୍ଟାମାଳ, ସ୍ଥାନ: ଲଣ୍ଡାପଦର ଗ୍ରାମ୍ୟମଣ୍ଡପ , ସମୟ : ଅହୋରାତ୍ର।

## ଦେବଗଡ଼
- ଶ୍ରୀପଦ ଅମୃତ ଶାନ୍ତି ଯଜ୍ଞ, ମଙ୍ଗଳ ଆରତୀ, ପ୍ରଭାତ ଫେରି, ପ୍ରସାଦ ସେବନ ଓ ଆନନ୍ଦ ବଜାର, ସ୍ଥାନ: ଦେବଗଡ଼ ବଲମ କେନ୍ଦ୍ର, ସମୟ: ପ୍ରାନ୍ତଃ ୪ଟା୩୦ରୁ ଆରମ୍ଭ।
- ଦୋଳ ପୂର୍ଣ୍ଣିମା ଯାତ୍ରା ପାଳନ, ସ୍ଥାନ: ବାବୁ ସାହି ପ୍ରିନ୍ସ କ୍ଲବ, ସମୟ: ସନ୍ଧ୍ୟା ୬ଟା, ମେଲୋଡି, ସମୟ: ସନ୍ଧ୍ୟା ୮ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କ ରାଶିରେ ମଙ୍ଗଳ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣ ମଧ୍ୟରେ ରଖିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା ସକାଶେ ଚେଷ୍ଟା କରି ବିଫଳ ହେବେ। ନିଜ ପରିବେଶରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବୃଷ** ଶୁକ୍ରଙ୍କ ପ୍ରଭାବ ପ୍ରତ୍ୟେକ ଦିଗ ସକାଶେ ଅନୁକୂଳ ରହିଲେ ମଧ୍ୟ ପାରିବାରିକ ସମସ୍ୟା ସମାଧାନ କରିପାରିବ ନାହିଁ। କାମ ହାସଲ ପରିପ୍ରେକ୍ଷୀରେ ସମ୍ପର୍କୀୟ ସୁହାଇଲା ଭଳି କଥା କହିବେ। ବ୍ୟବସାୟ, ପରିବହନ, ଆଇନ ଓ ରାଜନୈତିକ ସଂଗଠନର କାର୍ଯ୍ୟ ଭଲ ଚାଲିବ। ବନ୍ଧୁଙ୍କ ନିକଟରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି।

**ମିଥୁନ** ପାରିବାରିକ ଜୀବନ ପୂର୍ବଭଳି ରହିଲେ ମଧ୍ୟ ସମ୍ପର୍କୀୟଙ୍କ କାନକୁହା କଥା ବ୍ୟତିକ୍ରମ ସୃଷ୍ଟି କରିବ। ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଂଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ଦୂରେଇବାରେ ଜଣେ ହିତାକାଂକ୍ଷୀ ସାହାଯ୍ୟ କରିପାରନ୍ତି।

**କର୍କଟ** ଆଜି ବିବାଦୀୟ ପରିସ୍ଥିତି ହେତୁ କିଛି ନୂତନ କାମ ପାଇଁ ମନରେ ଅସ୍ଥିରତା ସୃଷ୍ଟିର ଆଶଙ୍କା ରହିଛି। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବା ଦିଗରେ ପାଖପଡୋଶୀ ସାହାଯ୍ୟ କରିପାରନ୍ତି। ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ଅଧିକାଂଶ ସମୟ ସମସ୍ୟାଗ୍ରସ୍ତ ରହିବା ହେତୁ ମନ ବିଚଳିତ ରହିବ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କୌଣସି ପରିସ୍ଥିତିରେ ଭାଙ୍ଗିପଡ଼ନ୍ତୁ ନାହିଁ। ଦୀର୍ଘ ଦିନରୁ ଲାଗି ରହିଥିବା ଶତ୍ରୁତା, ଅଶାନ୍ତି ଓ ଋଣଭାର କ୍ରମଶଃ ହ୍ରାସ ପାଇବ।

**କନ୍ୟା** ଆଜି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ରହିପାରିବେ ନାହିଁ। ବନ୍ଧୁମାନଙ୍କ ପ୍ରାୟୋଜିତ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଟଙ୍କା ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ।

**ତୁଳା** ବହୁତ ଦିନରୁ ଚେଷ୍ଟା କରୁଥିବା କାମଟି ଜଣେ ସହକର୍ମୀଙ୍କ ଜରିଆରେ ଫଳବତୀ ହେବା ସୂଚନା ରହିଛି। ଆତ୍ମୀୟଙ୍କ ସମସ୍ୟା ବିଷୟରେ ଦୁଶ୍ଚିନ୍ତା ବୃଦ୍ଧି ସମ୍ଭାବନା ରହିଛି। ଶିଳ୍ପ, ବ୍ୟବସାୟ, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ମନୋରଞ୍ଜନର ମଉକା ବିଶାଖା ନକ୍ଷତ୍ର ଜୀବନ ଯାତ୍ରାକୁ ମଧୁମୟ କରିବ।

**ବିଛା** ଦୃଢ଼ ଇଚ୍ଛାଶକ୍ତି ସାଙ୍ଗକୁ ସାହସିକ ପଦକ୍ଷେପ ଅସମ୍ଭବକୁ ସମ୍ଭବ କରିବାରେ ସାହାଯ୍ୟ କରିବ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ ଓ କାମ ହାସଲ କରିବେ। ପାଖ ପଡୋଶୀମାନଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ବନ୍ଧୁମାନେ ବିରୁଦ୍ଧାଚରଣ କଲେ ମଧ୍ୟ ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟିକ ଉନ୍ନତି କରିବେ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ।

**ମକର** ସମ୍ପର୍କୀୟଙ୍କୁ ସାହାଯ୍ୟ ସହ ଭଲ ପାଇବାକୁ କେନ୍ଦ୍ର କରି ପାରିବାରିକ ସମସ୍ୟା ଦେଖାଦେବ। ଅଫିସିଆଲି ଟେନ୍ସନ ଲାଗି ରହିବାରୁ ରକ୍ତଚାପ ବଢ଼ିପାରେ। ଧାରକରଜ କରି କାମ ତୁଲାଇ ନେବେ, କିନ୍ତୁ ସମ୍ପର୍କୀୟ ପାଖ ମାଡିବେ ନାହିଁ। ନିଜର ଦାୟିତ୍ୱହୀନ ମନ୍ତବ୍ୟର ପରିଣାମ ସ୍ୱରୂପ ନିଜକୁ ଅପମାନିତ କିମ୍ବା ମନସ୍ତାପ କରିବାକୁ ପଡିବ।

**କୁମ୍ଭ** ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। ଦୂରଯାତ୍ରାରେ ଦୀର୍ଘ ଦିନର ଅଭିଳାଷ ଅବଶ୍ୟ ପୂରଣ ହୋଇଯିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ।

**ମୀନ** ଆଜି ଘରକୁ ଫେରିବା ରାସ୍ତାରେ ବନ୍ଧୁଟିଏ ଭେଟି କୌଣସି ସାହାଯ୍ୟ ଭିକ୍ଷା କରିପାରନ୍ତି। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି। ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖାଯାଇଥିବା ଅର୍ଥ ଅନ୍ୟ ଦିଗରେ ବିନିଯୋଗ କରିବାକୁ ବାଧ୍ୟ ହେବେ।

ଆଜି ଦୋଳପୂର୍ଣ୍ଣିମା, ମାର୍ଚ୍ଚ ୨୫ ତାରିଖ ସୋମବାର, ଶ୍ରୀମନ୍ଦିରରେ ରାଜବେଶ, ବସନ୍ତୋତ୍ସବ, ବସନ୍ତରାସ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜୟନ୍ତୀ, ରାଶିନକ୍ଷତ୍ର–ଉତ୍ତରା ଫାଲଗୁନୀ/କନ୍ୟା, ଦିବା ଘ. ୧୦।୩୭ ମି. ଗତେ ହସ୍ତା ନକ୍ଷତ୍ର, ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୯ ଗତେ, ଘ.୦୭।୨୦ ମଧ୍ୟେ, ଘ.୧୦।୪୦ ଗତେ, ଘ.୦୧।୦୫ ମଧ୍ୟେ ଶୁଭ ଶୁଭ ବେଳା। ସକାଳ ଘ.୦୭।୨୦ ଗତେ, ଘ.୦୮।୫୧ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### 'ଚାନ୍ଦା ଦେଇ ...

ଟଙ୍କା ଚାନ୍ଦା ଦେବା ସର୍ତ୍ତରେ ଶରତଙ୍କୁ ଜେଲରୁ ଛଡ଼ାଯାଇଥିଲା। ଏପରି କଂଗ୍ରେସକୁ ଲୋକ ସଭା ନିର୍ବାଚନ ପ୍ରଚାର କରାଇ ନ ଦେବା ପାଇଁ ସର୍ବପୁରାତନ ଦଳର ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ସିଲ୍ କରାଯାଇଥିଲା। ତେଣୁ ଭାଜପା ବିପକ୍ଷରେ ସବୁ ବିରୋଧୀ ଦଳ ଏକାଠି ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୩୧ରେ ଦେଶର ଗଣତନ୍ତ୍ରକୁ ବଞ୍ଚାଇବା ଓ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ଦିଲ୍ଲୀରେ ଏକ ମହାରାଲି ଆୟୋଜନ କରାଯିବ ବୋଲି ଆପ୍ ନେତା ଗୋପାଳ ରାଏ କହିଛନ୍ତି।

ଅନ୍ୟପକ୍ଷେ ଇସିଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଥିବା ତଥ୍ୟ ଅନୁସାରେ ଶରତଙ୍କ କମ୍ପାନୀ ମୋଟ ୫୨ କୋଟି ଟଙ୍କାର ବଣ୍ଡ୍ କିଣିଥିଲା। ସେଥିରୁ ୫ କୋଟି ଟଙ୍କାର ବଣ୍ଡ୍ ଶରତ ଗିରଫ ହେବାର ୫ ଦିନ ପରେ କିଣାଯାଇଥିଲା। ଏହାର କିଛି ଦିନ ପରେ ଭାଜପା ବଣ୍ଡ୍ ବିକ୍ରିର ଟଙ୍କା ପାଇଥିଲା। ୨୦୨୩ ଜୁନ୍‌ରେ ଦିଲ୍ଲୀର ଏକ କୋର୍ଟ ଶରତଙ୍କୁ ରାଜସାକ୍ଷୀ ହେବା ପାଇଁ ଅନୁମତି ଦେଇଥିଲେ। ଶରତ ରାଜସାକ୍ଷୀ ହେବା ପରେ ଜାମିନରେ ମୁକୁଳିଥିଲେ। ବର୍ତ୍ତମାନ ସେ ଅରବିନ୍ଦୋ ଫାର୍ମାର ନନ୍–ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଅଛନ୍ତି। ଦିଲ୍ଲୀ ଶିକ୍ଷାମନ୍ତ୍ରୀ ତଥା ଆପ୍ ନେତା ଆତିଶୀ ଶନିବାର ଅଭିଯୋଗ ଆଣିଥିଲେ ଯେ, ଇଡି କେନ୍ଦ୍ରରେ କ୍ଷମତାସୀନ ଭାଜପା ଇଙ୍ଗିତରେ ପରିଚାଳିତ ହେଉଛି। ଶରତ କିଣିଥିବା ଇଲେକ୍ଟୋରାଲ ବଣ୍ଡ୍‌ରୁ ଏହି ବିଷୟ ସ୍ପଷ୍ଟ ହୋଇଛି। କେନ୍ଦ୍ରୀୟ ଏଜେନ୍ସି ଯେଉଁ 'ମନି ଟ୍ରାଏଲ୍' କଥା କହୁଛି, ତାହା ପ୍ରକୃତରେ କେଜ୍‌ରିୱାଲଙ୍କୁ ଜେଲକୁ ପଠାଇବା ପାଇଁ କରାଯାଇଥିଲା ବୋଲି ଆତିଶୀ ପ୍ରକାଶ କରିଥିଲେ।

#### କ'ଣ କହୁଛି ଇସିଙ୍କ ୱେବ୍‌ସାଇଟ୍

ନିର୍ବାଚନ କମିଶନ (ଇସି) ନିଜ ୱେବ୍‌ସାଇଟ୍‌ରେ ସଦ୍ୟ ଅପ୍‌ଲୋଡ୍ କରିଥିବା ତଥ୍ୟ ଅନୁସାରେ, ଅରବିନ୍ଦୋ ଫାର୍ମା ୨୦୨୧ ଏପ୍ରିଲରୁ ୨୦୨୩ ନଭେମ୍ବର ମଧ୍ୟରେ ୫୨ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ କିଣିଥିଲା। ଏହାର ୬୬% ଅର୍ଥାତ୍ ୩୪.୩୨ କୋଟି ଟଙ୍କା ଭାଜପାକୁ ଚାନ୍ଦା ଆକାରରେ ଦିଆଯାଇଥିଲା। ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ଅରବିନ୍ଦୋ ଫାର୍ମା କିଣିଥିବା ମୋଟ ଇଲେକ୍ଟୋରାଲ ବଣ୍ଡ୍‌ର ୨୯% ଅର୍ଥାତ୍ ୧୫.୦୮ କୋଟି ଟଙ୍କା ତେଲଙ୍ଗାନାର ତତ୍କାଳୀନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ପାଇଥିଲା। ଅବଶିଷ୍ଟ ୫% ଅର୍ଥାତ୍ ୨.୬ କୋଟି ଟଙ୍କା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)କୁ ଚାନ୍ଦା ଆକାରରେ ମିଳିଥିଲା।

### ଭାଜପା ତାଲିକାରେ ...

ନବଚରଣ ମାଝି ଓ ବାଲେଶ୍ୱର ସଂସଦୀୟ ଆସନରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଦଳ ପ୍ରାର୍ଥୀ କରିଛି। ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ ଭଦ୍ରକ ଆସନରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସେଠୀଙ୍କ ପୁଅ ଅଭିମନ୍ୟୁ ସେଠୀ ଏବଂ ଢେଙ୍କାନାଳ ଆସନରୁ ରୁଦ୍ରନାରାୟଣ ପାଣିଙ୍କୁ ଟିକେଟ ମିଳିଛି। ବଲାଙ୍ଗୀର ଆସନରୁ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, କଳାହାଣ୍ଡିରୁ ମାଳବିକା କେଶରୀ ଦେଓ, ନବରଙ୍ଗପୁରରୁ ବଳଭଦ୍ର ମାଝି ଏବଂ କେନ୍ଦ୍ରାପଡ଼ା ଆସନରୁ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ଦଳ ପ୍ରାର୍ଥୀ କରିଛି। ଆସିକାରୁ ଅନିତା ଶୁଭଦର୍ଶିନୀ, ଜଗତ୍‌ସିଂହପୁରରୁ ବିଭୁପ୍ରସାଦ ତରାଇ, ବ୍ରହ୍ମପୁରରୁ ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ କୋରାପୁଟରୁ କଲେରାମ ମାଝିଙ୍କୁ ଭାଜପା ପ୍ରାର୍ଥୀ କରିଛି।

### ମା',ବାପାଙ୍କୁ ...

ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ଆଇଆଇସି ଦେବକୀ ନାଏକ ସଦଳବଳେ ପହଞ୍ଚି ଧ୍ୟାନ ମୁଣ୍ଡାଙ୍କୁ ଗିରଫ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଚମ୍ପୁଆ ପୋଲିସ ମୃତ ଗୁରାଙ୍କ ପୁତୁରା ଘାସିନାଥ ମୁଣ୍ଡାଙ୍କ ଏତଲା କ୍ରମେ ଏକ ମାମଲା(ନଂ.୧୨୬/୨୪) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିହାରରୁ ମୁଖ୍ୟ ଅଭିଯୁକ୍ତ ଗୋଲ୍‌ଡେନ୍ ସିଂ ଗିରଫ

## ବେଆଇନ ବନ୍ଧୁକ କାରବାର ମାମଲା
### କଟକରୁ ମଧ ଆଉ ଜଣେ ଗିରଫ



କଟକ, ୨୪।୩ (କାର୍ତ୍ତିକ ସାହୁ)

ବେଆଇନ ବନ୍ଧୁକ କାରବାର ମାମଲାରେ କମିଶନରେଟ୍ ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ କାରବାରର ମୁଖ୍ୟ ଅଭିଯୁକ୍ତ ବିହାର ମୁଙ୍ଗେର ଅଞ୍ଚଳର ଗୋଲ୍‌ଡେନ୍ ସିଂ(୩୪) ଓ କଟକ କେଶରପୁର ଅଞ୍ଚଳର ୱାସିମ୍ ଖାନ୍ (୨୫)। ଗୋଲ୍‌ଡେନ୍‌ଙ୍କଠାରୁ ୨ଟି ବନ୍ଧୁକ ଓ ଗୁଳି ଏବଂ ୱାସିମ୍‌ଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ସହ ଗୁଳି ଜବତ କରାଯାଇଛି। ତେବେ ଜଗତ୍‌ପୁର ଓ ମଙ୍ଗଳାବାଗ ଥାନାରେ ରୁଜୁ ୨ଟି ମାମଲାରେ ଏହି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଛି ବୋଲି କଟକ ଡିସିପିଙ୍କ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିସିପି କେ.ବି. ସିଂ ସୂଚନା ଦେଇଛନ୍ତି।

କଟକ ଓ ଏହାର ପାର୍ଶ୍ୱବର୍ତ୍ତୀ ଜିଲାଗୁଡ଼ିକରେ ଗୋଲ୍‌ଡେନ୍ ସିଂ ଚୋରା ବନ୍ଧୁକ କାରବାର ଚଳାଇ ଆସୁଥିଲେ। ଏ ସମ୍ପର୍କରେ ଜଗତ୍‌ପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୪୭/୨୪) ରୁଜୁ କରି ତଦନ୍ତ କରିଥିଲା। ଏହାପରଠାରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ କରିବାବେଳେ ଗୋଲ୍‌ଡେନ୍ ବିହାରର ମୁଙ୍ଗେର ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲା। ତୁରନ୍ତ ତାଙ୍କୁ ଧରିବା ପାଇଁ କଟକ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନ ଓ ସ୍ପେଶାଲ ସ୍କ୍ୱାଡ୍ ଏସ୍ଆଇ ସୁନୀଲ ଯାଦବଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିହାର ଯାଇଥିଲା। ସେଠାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ମୁଙ୍ଗେର ଅଞ୍ଚଳରୁ ଗୋଲ୍‌ଡେନ୍‌ଙ୍କୁ ଗିରଫ କରିଥିଲା। ତାଙ୍କୁ ଓଡ଼ିଶା ଅଣାଯାଇ ରବିବାର କୋର୍ଟରେ ହାଜର କରାଯାଇଥିଲା। ବେଆଇନ ବନ୍ଧୁକ କାରବାର ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ, ଜଗତ୍‌ପୁର ପୋଲିସ ଗତ ୧୦ ତାରିଖରେ ବନ୍ଧୁକ ବେପାରୀ ବାବୁଆ ଓରଫ ପ୍ରକାଶ ବେହେରାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଗୋଟିଏ ପିସ୍ତଲ ଓ ୩ଟି ଗୁଳି ଜବତ କରିଥିଲା। ବାବୁଆଙ୍କ ସହିତ ବେଆଇନ ବନ୍ଧୁକ କାରବାରରେ ସାମିଲ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ପିଣ୍ଟୁ ଓରଫ ପ୍ୟାରୀମୋହନ ଦାସ ଓ ମିହିର କୁମାର ରାୟଙ୍କୁ ପୋଲିସ ଗିରଫ କରିଥିଲା। ପୁନର୍ବାର ୧୭ ତାରିଖରେ ଆଉ ଜଣେ ଅଭିଯୁକ୍ତ ଢେଙ୍କାନାଳ ସଦର ଥାନା ଅଧୀନ ଗୋବିନ୍ଦ ପ୍ରସାଦ ଅଞ୍ଚଳର ପିଙ୍କୁ ଓରଫ ପ୍ରିୟବ୍ରତ ସାମଲଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ବନ୍ଧୁକ ଓ ଗୁଳି ଜବତ କରାଯାଇଥିଲା। ଏହି ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ଜେରା କରିବାବେଳେ ବନ୍ଧୁକ କାରବାରର ମୂଳ ବିହାରର ମୁଙ୍ଗେର ଓ ଜମୁଇ ଜିଲାର ଅଞ୍ଚଳର ବୋଲି ଜଣାପଡିଥିଲା। ଅଭିଯୁକ୍ତମାନଙ୍କଠାରୁ ହାସଲ ହୋଇଥିବା ତଥ୍ୟ ଆଧାରରେ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଟିମ୍ ବିହାରର ମୁଙ୍ଗେର ଅଞ୍ଚଳକୁ ଯାଇ ବନ୍ଧୁକ କାରବାରର ମୁଖ୍ୟ ଗୋଲ୍‌ଡେନ୍‌ଙ୍କୁ ଗିରଫ କରିଥିଲା।

ସେହିପରି ବେଆଇନ ବନ୍ଧୁକ କାରବାରରେ ସମ୍ପୃକ୍ତ ଆଉଜଣେ ଅଭିଯୁକ୍ତ ୱାସିମ୍ ଖାନ୍‌ଙ୍କୁ ମଙ୍ଗଳାବାଗ ପୋଲିସ କେଶରପୁର ଅଞ୍ଚଳରୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ତାଙ୍କୁ ପଚରାଉଚରାବେଳେ ସେ ଗୋଲ୍‌ଡେନ୍‌ଙ୍କଠାରୁ ବନ୍ଧୁକ କିଣି ଅନ୍ୟମାନଙ୍କୁ ବିକ୍ରି କରୁଥିବାବେଳେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୯୫/୨୪) ରୁଜୁ ହୋଇଛି। ୱାସିମ୍‌ଙ୍କ ନାଁରେ କଟକର ବିଭିନ୍ନ ଥାନାରେ ୮ଟି ମାମଲା ରୁଜୁ ହେଇଥିବା ପୋଲିସ ଜାଣିବାକୁ ପାଇଛି।

# କଲରାପତରିଆ ବାଘ ଆହତ

ନୟାଗଡ଼/ଦଶପଲ୍ଲା,୨୪।୩ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)



ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ବାଣିଗୋଛା ପଶ୍ଚିମ ରେଞ୍ଜ ବୁଗୁଡ଼ା ଫରେଷ୍ଟ କାର୍ଯ୍ୟାଳୟ ଅଧୀନ ସାତକୋଶିଆ ଅଭୟାରଣ୍ୟ ଗୁମ୍ଫାରେ ଏକ କଲରାପତରିଆ ବାଘ ଅସୁସ୍ଥ ଅବସ୍ଥାରେ ପଡି ରହିଥିଲା। ନୟାଗଡ଼ ବନ୍ୟପ୍ରାଣୀ ବନଖଣ୍ଡର ଟିମ୍ ଓ ଚନ୍ଦକା ଡିଭିଜନର ରାପିଡ ରେସ୍‌ପନସ ଟିମ୍ ମିଳିତ ଭାବେ ଅସୁସ୍ଥ ବାଘକୁ ଶନିବାର ଉଦ୍ଧାର କରି ନନ୍ଦନକାନନର ଭେଟାନାରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଓୟୁଏଟିର ବିଶେଷଜ୍ଞ ଟିମ୍ ଓ ନନ୍ଦନକାନନର ଡାକ୍ତରୀ ଦଳ ଆହତ ବାଘର ଚିକିତ୍ସା କରୁଛନ୍ତି। ଶିକାର ବେଳେ ବାଘ ଆହତ ହୋଇଛି ନା ଗୁଳି କରାଯାଇଛି ସେନେଇ ସ୍ପଷ୍ଟ ହୋଇ ନାହିଁ। ବାଘର ଦୁଇ ଗୋଡ଼ରେ କ୍ଷତ ଯୋଗୁ ଚଲାବୁଲା କରି ନ ପାରି ଗୁମ୍ଫାରେ ପଡି ରହିଥିଲା। ସାତକୋଶିଆ ଅଭୟାରଣ୍ୟରେ ଶୁକ୍ରବାର ବାଘର ଘୋଷରା ଚିହ୍ନ ଦେଖି ମହାନଦୀ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ଖୋଜାଖୋଜି କରାଯାଇଥିଲା। ବାଘଟି ଗୁମ୍ଫାରେ ଥିବା ଜଣାପଡିବା ପରେ ପିସିସିଏଫ୍‌ଙ୍କୁ ଖବର ଦିଆଯାଇଥିଲା। ବନ୍ୟପ୍ରାଣୀ ବିଭାଗର ପିସିସିଏଫ୍ ପ୍ରଶାନ୍ତ ନନ୍ଦଙ୍କ ସୂଚନା ଅନୁଯାୟୀ, ବାଘଟିକୁ ଗୁଳି କରାଯାଇ ନାହିଁ। ବାଘଟି ପଛ ଦୁଇ ଗୋଡରେ ଚଲାବୁଲା କରି ନ ପାରିବାରୁ ଘୁଷୁରି ଘୁଷୁରି ଯାଉଥିଲା। କେଉଁ କାରଣରୁ କଲରାପତରିଆ ବାଘ ଆହତ ହୋଇଛି ତା'ର କାରଣ ଅନୁଧ୍ୟାନ କରାଯାଉଛି। ସୁସ୍ଥ ପରେ ବାଘଟିକୁ ଜଙ୍ଗଲରେ ଛାଡି ଦିଆଯିବ। ଏନେଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ଼ର ଡିଏଫ୍‌ଓ ଫାଲଗୁନି ସାରଥୀ ମଳିକ କହିଛନ୍ତି, ଆହତ କଲରାପତରିଆ ବାଘର ବୟସ ଦେଢ଼ରୁ ୨ ବର୍ଷ ଭିତରେ ହେବ। ବାଘଟି ଶିକାର କରିବା ସମୟରେ ଆହତ ହୋଇଥିବା ଅନୁମାନ କରାଯାଉଛି। ବାଘଟି ଚଲାବୁଲା କରି ନ ପାରିବା ଜଣାପଡ଼ିବା ପରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ପରେ ଟ୍ରାଙ୍କୁଲାଇଜ କରି ବାଘକୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ କଲରାପତରିଆ ବାଘକୁ ଭଲ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ନନ୍ଦନକାନନ ପଠାଇ ଦିଆଯାଇଛି।

■ ୨ ଗୋଡ଼ରେ କ୍ଷତ,କାରଣ ଅସ୍ପଷ୍ଟ
■ ନନ୍ଦନକାନନ ହସ୍ପିଟାଲରେ ଚାଲିଛି ଚିକିତ୍ସା




ହୋଲି ଉପଲକ୍ଷେ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ୩୮ ଡିଗ୍ରୀ ଉପରେ ୩ ସହର
### ଆହୁରି ବଢ଼ିବ ତାତି




ଭୁବନେଶ୍ୱର,୨୪।୩ (ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଝଡ଼ବର୍ଷା କାରଣରୁ କିଛିଦିନ ହେଲା ତାପମାତ୍ରା କମ୍ ରହୁଥିଲା। ଲୋକେ ଗରମରୁ ଆଶ୍ୱସ୍ତି ହୋଇଥିଲେ। ମାତ୍ର ୨ଦିନ ହେଲା ପୁଣି ତାତି ବଢ଼ିବା ଆରମ୍ଭ ହୋଇଛି। ରବିବାର ରାଜ୍ୟର ୩ ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ୍ ଛୁଇଁଥିଲା। ବଲାଙ୍ଗୀରରେ ସର୍ବାଧିକ ୩୮.୫ ଡିଗ୍ରୀ ରହିଥିବାବେଳେ ଟିଟିଲାଗଡରେ ୩୮.୨ ଡିଗ୍ରୀ ଏବଂ ମାଲକାନଗିରିରେ ୩୮ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ଆଗାମୀ ୪ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରାରେ ୩ରୁ ୪ ଡ଼ିଗ୍ରୀ ଯାଏ ବୃଦ୍ଧ ସମ୍ଭାବନା ଥିବାବେଳେ ମାର୍ଚ୍ଚ ଶେଷ ବେଳକୁ କିଛି ଜିଲାରେ ୪୦ ଡିଗ୍ରୀ ଛୁଇଁବ, ଏପରିକି କେତେକ ସ୍ଥାନରେ ତାପମାତ୍ରା ଏହାଠାରୁ ଅଧିକ ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୨୫ ଓ ୨୬ ତାରିଖରେ ବରଗଡ଼, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ସମେତ ଅନ୍ୟ କିଛି ଅଞ୍ଚଳରେ ଝଡ଼ବର୍ଷା ସମ୍ଭାବନା ରହିଥିଲେ ମଧ୍ୟ ଅନ୍ୟ ଦିନଗୁଡ଼ିକରେ ପାଗ ଶୁଖିଲା ରହିବ ବୋଲି ସୂଚନା ଦିଆଯାଇଛି।

# ୟୁଟ୍ୟୁବର ମୋନାଲିସାଙ୍କ ଘରେ ବନ ବିଭାଗର ଚଢ଼ାଉ



ମୋନାଲିସାଙ୍କ ଘରକୁ ଚଢ଼ାଉ କରିବାକୁ ଯାଇଥିବା ବନ ବିଭାଗ ଟିମ୍।

ଯାଜପୁର ସଦର,୨୪।୩ (ସମର ବିଜୟ ଶରଣ)

### ମାଙ୍କଡ଼ ସହ ଫଟୋ ଓ ଭିଡିଓ କରି ସୋସିଆଲ ମିଡିଆରେ ସେୟାର କରୁଥିଲେ

ବେଆଇନ ଭାବେ ମାଙ୍କଡ଼ ରଖି ସେମାନଙ୍କ ସହ ଫଟୋ ଓ ଭିଡିଓ କରି ସୋସିଆଲ ମିଡିଆରେ ସେୟାର କରିବା ଚର୍ଚ୍ଚିତ ୟୁଟ୍ୟୁବର ମୋନାଲିସା ଭଦ୍ର ଓ ତାଙ୍କ ସ୍ୱାମୀ ବଦ୍ରିନାରାୟଣ ଭଦ୍ରଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ଅଭିଯୋଗ ହେବାପରେ ରବିବାର ବନ ବିଭାଗର ୨ ଟିମ୍ ତାଙ୍କ ଯାଜପୁର ବ୍ଲକ ଜହଳ ଗାଁ ସ୍ଥିତ ବାସଭବନରେ ଚଢ଼ାଉ କରିଛି। ଚଢ଼ାଉ ଖବର ପାଇ ଦମ୍ପତି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେମାନଙ୍କ ବିରୋଧରେ ଏକ ମାମଲା ନଂ.୨୭୫।୨୪ ରୁଜୁ ହୋଇଥିବା ଯାଜପୁର ରୋଡ୍ ରେଞ୍ଜର ଜ୍ୟୋତିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ ମୋନାଲିସାଙ୍କ ନାଁରେ ଅଭିଯୋଗ ହୋଇଥିଲା। ସେ ଏଥିରୁ ନିବୃତ୍ତ ରହିବେ ବୋଲି ବନ ବିଭାଗକୁ ଲିଖିତ ଭାବେ ଜଣାଇଥିଲେ। ଏହା ସତ୍ତ୍ୱେ ସେ ପୂର୍ବ ପରି ଭିଡିଓ କରି ସୋସିଆଲ୍ ମିଡିଆରେ ଭାଇରାଲ କରିବାରେ ଲାଗିଥିଲେ।

# ଚିଲିକା ଭ୍ରମଣ ଅଧୁରା ରହିଲା

ରଣପୁର,୨୪।୩ (ସୁକାନ୍ତ କିଶୋର ଡାକୁଆ)




ଟ୍ରେଲର ପଛରେ ପଶି ଯାଇଥିବା କାର।

■ ଟ୍ରେଲର ପଛରେ ପିଟିହେଲା କାର, ଯୁବକ ମୃତ
■ ଜଣେ ଯୁବକଙ୍କ ସମେତ ୨ ଯୁବତୀ ଗୁରୁତର

୨ଯୁବତୀ ଓ ୨ ଯୁବକ ରବିବାର ଏକ କାରରେ ଚିଲିକା ବୁଲିବାକୁ ଯାଉଥିଲେ। ହେଲେ କାରଟି ଭାରସାମ୍ୟ ହରାଇ ଏକ ଟ୍ରେଲର ପଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଯୁବକ,୨ ଯୁବତୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ଟ୍ରଲରକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ରବିବାର ବାଲୁଗାଁ ନିକଟସ୍ଥ ଚିଲିକାକୁ ବୁଲିଯିବା ପାଇଁ ଭୁବନେଶ୍ୱରରୁ ଏକ କାର(ନଂ.ଓଡି ଓପିଏଲ ୨୦୦୭)ରେ ୨ ଯୁବତୀଙ୍କ ସହ ୨ ଯୁବକ ଯାଉଥିଲେ। କାରଟି ନୟାଗଡ଼ ଜିଲା ଚାନ୍ଦପୁର ଥାନା ନିକଟ ୧୬ନଂ. ଜାତୀୟ ରାଜପଥର ଗୌରଚନ୍ଦ୍ରପୁର ଛକ ଦେଇ ଯାଉଥିବା ସମୟରେ କୌଣସି କାରଣରୁ ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଟ୍ରେଲର(ନଂ.ଏନ୍‌୦୧ଏବି ୧୭୯୬) ପଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକମାନେ ବହୁ କଷ୍ଟରେ ଆହତମାନଙ୍କୁ କାର ଭିତରୁ ବାହାର କରିଥିଲେ। ହେଲେ ଘଟଣାସ୍ଥଳରେ ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଜାହାଙ୍ଗୀର ଗ୍ରାମର ଅମରଜ୍ୟୋତି ରାଉତ(୨୮)ଙ୍କ ମୃତ୍ୟୁ ଘଟିଥିଲା। କାରରେ ଥିବା ଅନ୍ୟ ୩ ଜଣ ଗୁରୁତର ହୋଇଥିଲେ। ହେଲେ କେନ୍ଦ୍ରାପଡ଼ାର ଦିପ୍ତୀ ସାମନ୍ତରାୟ(୨୪), ୨ ଯୁବତୀ ହେଲେ କଳାହାଣ୍ଡିର ରଞ୍ଜିତା ନାୟକ(୨୪) ଓ କୋମଲ ଶର୍ମା(୨୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ଆହତମାନଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

# ଯବାନଙ୍କ ସହ ଗୁଳି ବିନିମୟ, ୨ ମାଓବାଦୀ ନିହତ

ମାଲକାନଗିରି,୨୪।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜଲା ସୀମାନ୍ତ ଛତିଶଗଡ଼ ବିଜାପୁର ପିଡ଼ିଆ ଜଙ୍ଗଲରେ ପୋଲିସ ସହ ରବିବାର ଗୁଳି ବିନିମୟରେ ୨ ମାଓବାଦୀ ନିହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ବିଜାପୁର ଜିଲାର ମାଓବାଦୀ ପ୍ରଭାବିତ ପିଡ଼ିଆ ଜଙ୍ଗଲରେ ଡିଆରଜି, ବସ୍ତର ଫାଇଟର୍ସ ଏବଂ କୋବ୍ରା ବାହିନୀ ଯବାନମାନେ ତଲାସି ଅଭିଯାନ କରୁଥିବା ବେଳେ ଜଙ୍ଗଲରେ ଲୁଚି ଥିବା ମାଓବାଦୀ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାର ପାଲଟା ଜବାବ ଦେଇ ଯବାନମାନେ ମଧ ଗୁଳି ଚାଳନା କରିଥିଲେ। ଏହି ଗୁଳି ବିନିମୟରେ ସୁରକ୍ଷା ବାହିନୀର ସାମ୍ନା କରି ନ ପାରି ମାଓବାଦୀମାନେ ସେଠାରୁ ଲୁଚି ପଳାଇଯାଇଥିଲେ। ତେବେ ଗୁଳି ବିନିମୟ ପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ତଲାସି କରିବା ବେଳେ ୨ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ତେବେ ଏନେଇ ବିଜାପୁର ଏସ୍‌ପି ଡା.ଜିତେନ୍ଦ୍ର ଯାଦବ କହିଛନ୍ତି, ପିଡିଆ ଜଙ୍ଗଲରେ ରିପୋର୍ଟ ଲେଖାହେବା ସୁଦ୍ଧା ତଲାସି ଅଭିଯାନ ଜାରି ରହିଛି। ଯବାନମାନେ ଫେରିବା ପରେ ଅଧିକ ତଥ୍ୟ ମିଳିପାରିବ।

# ନନ୍ଦନକାନନ: ୩ ଶାବକ ଜନ୍ମ ଦେଲା ସିଂହୀ ରେୱା

ବାରଙ୍ଗ,୨୪।୩(ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ଦ୍ୱିତୀୟ ଥର ପାଇଁ ସିଂହୀ ରେୱା ମା' ହୋଇଛି। ବର୍ତ୍ତମାନ ମା' ଓ ୩ ଛୁଆ ଉଭୟ ସୁସ୍ଥ ଥିବାବେଳେ କର୍ତ୍ତୃପକ୍ଷଙ୍କ ନଜରବନ୍ଦୀରେ ରହିଥିବା ଜଣାପଡ଼ିଛି। ତେବେ ରେୱା ତା' ପ୍ରଥମ ଛୁଆକୁ ଆପଣେଇ ନ ଥିବାବେଳେ ଏହି ୩ ଶାବକକୁ ମଧ୍ୟ ସେ ଗ୍ରହଣ ନ କରିବାରୁ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଯାଇଛନ୍ତି। ବାଧ ହୋଇ କର୍ତ୍ତୃପକ୍ଷ ଛୁଆ ଦୁହିଁଙ୍କୁ ଲାଳନପାଳନ କେନ୍ଦ୍ରରେ ଛାଡ଼ିଥିବା ସୂଚନା ମିଳିଛି।

# ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟରେ 'ରଙ୍ଗ ବରଷେ'

ଭୁବନେଶ୍ୱର,୨୪।୩ (ଅନୁରାଧା ମହାରଣା)

ହୋଲି ଉପଲକ୍ଷେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ 'ରଙ୍ଗ ବରଷେ -୨୦୨୪' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିନେ ନିର୍ମାତା ଅମର ମହାପାତ୍ର ଏବଂ ଅଭିନେତ୍ରୀ ଡ. ସ୍ଥିତିପ୍ରଜ୍ଞା ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. ନରେନ୍ଦ୍ର କିଶୋର ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିଲେ। ଡିନ୍ ପ୍ରଫେସର ବିପୁଳ କୁମାର, ପ୍ରଫେସର ଦେବାଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଡ. ଆଦ୍ୟାଶା ଶୁଭଦର୍ଶିନୀ ଓ ପ୍ରଫେସର ଦୀପା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଏମ୍‌ବିଏ ଓ ଏମସିଏ ଛାତ୍ରୀଛାତ୍ରମାନେ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ମଗାଇଲେ ପତିତପାବନ ବାନା, ଆସିଲା ଭାଜପା ପତାକା

■ ଆମାଜନ୍ ଆପ୍ ନାଁରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅଭିଯୋଗ
■ ଖାଉଟି ଅଦାଲତର ଦ୍ୱାରସ୍ଥ ହେବେ ଅଭିଯୋଗକାରୀ

ପୁରୀ,୨୪।୩(ଅଜିତ୍ ମହାନ୍ତି)

ଅନ୍‌ଲାଇନ୍‌ରେ ମଗାଇଲେ ପତିତପାବନ ବାନା, କିନ୍ତୁ ଆସିଲା ଭାରତୀୟ ଜନତା ଦଳ (ଭାଜପା)ର ପତାକା। ଫଳରେ ଠକେଇର ଶିକାର ହୋଇଥିବା ନେଇ ଅନ୍‌ଲାଇନ୍ ଆପ୍ ଆମାଜନ୍ ନାଁରେ ପୁରୀ ବାସେଳିସାହିର ଭଗବାନ ମହାପାତ୍ର ଅଭିଯୋଗ ଆଣିଛନ୍ତି। ଏ ସଂକ୍ରାନ୍ତରେ ସେ ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅଭିଯୋଗ କରିବା ସହ ସମ୍ପୃକ୍ତ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅନୁରୋଧ କରିଛନ୍ତି।

ମହାପାତ୍ର କହିଛନ୍ତି, କିଛିଦିନ ତଳେ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସେ ଦେଖିବାକୁ ପାଇଥିଲେ ଦିଲ୍ଲୀର ଏକ ସଂସ୍ଥା ଅନ୍‌ଲାଇନ୍ ଶପିଙ୍ଗ୍ ଆପ୍ ଆମାଜନରେ ଶ୍ରୀମନ୍ଦିରର ପତିତପାବନ ବାନା ବିକ୍ରି କରୁଛି। ସେ ଏନେଇ ଉକ୍ତ କମ୍ପାନୀ ସହ ମେସେଜ ଜରିଆରେ କଥା ହୋଇଥିଲେ। ମହାପ୍ରଭୁଙ୍କ ବାନା ବିକ୍ରି ପାଇଁ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଅନୁମତି ଦେଇଛି କି ନାହିଁ ବୋଲି ପଚାରିଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଠିକ ଭାବେ କୌଣସି ଉତ୍ତର ଦେଇ ନ ଥିଲେ। ନିଜେ ବାନା ପ୍ରସ୍ତୁତ କରି ବିକ୍ରି କରୁଥିବା ସୂଚନା ଦେଇଥିଲେ। ତେବେ ପ୍ରକୃତରେ ପତିତପାବନ ବାନା ବିକ୍ରି ହେଉଛି କି ନାହିଁ ତାହା ପରୀକ୍ଷା କରିବା ପାଇଁ ମହାପାତ୍ର ଅନ୍‌ଲାଇନ ଆପ୍ ଆମାଜନ୍‌ରେ ନାଲିରଙ୍ଗର ପତିତପାବନ ବାନା ଅର୍ଡର କରିଥିଲେ। ଅର୍ଡର ମୁତାବକ ତାଙ୍କ ନିକଟରେ ପ୍ୟାକେଟ ଆସି ପହଞ୍ଚିଥିଲା। ହେଲେ ସେ ଯେତେବେଳେ ପ୍ୟାକେଟ୍ ଖୋଲି ଦେଖିଥିଲେ ସେଥିରୁ ଭାଜପାର ପତାକା ମିଳିଥିଲା। ଏହା ଦେଖି ତାଙ୍କ ଭାବନାକୁ ଆଘାତ ଲାଗିଥିଲା। ଭକ୍ତଙ୍କ ଭାବନା ସହ କମ୍ପାନୀ ଖେଳୁଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଥିବାବେଳେ ଖାଉଟି ଅଦାଲତର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସେହିପରି ଶ୍ରୀମନ୍ଦିର ଚୂନରା ସେବାୟତ ଡ. ଶରତ କୁମାର ମହାନ୍ତି କହିଛନ୍ତି, ଏହା ଚିନ୍ତାର ବିଷୟ। ପତିତପାବନ ବାନା ନାମରେ ଆମାଜନ ବ୍ୟବସାୟ କରିବା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଅପମାନ ସଦୃଶ। ମହାପ୍ରଭୁଙ୍କ ଦ୍ରବ୍ୟ ଟିକିଏ ପାଇବା ପାଇଁ ଭକ୍ତ ଆକୁଳତାର ସହ ଆବେଗପୂର୍ଣ୍ଣ ଭାବେ ଚାହିଁବସିଥାଏ। କିନ୍ତୁ ଉକ୍ତ କମ୍ପାନୀ ଭକ୍ତଙ୍କ ଭାବନା ସହ ଖେଳିଛି। ଶ୍ରୀମନ୍ଦିର ପ୍ରଶାସନ କେବେ ମଧ୍ୟ ମହାପ୍ରଭୁଙ୍କ ପତିତପାବନ ବାନା ବିକ୍ରୟ କରିବା ପାଇଁ କୌଣସି କମ୍ପାନୀକୁ ଅନୁମତି ପ୍ରଦାନ କରିନାହିଁ। ଉକ୍ତ କମ୍ପାନୀ ଡୁପ୍ଲିକେଟ୍ ବାନା ବିକ୍ରି କରିବା ଭକ୍ତଙ୍କ ଭାବନା ପ୍ରତି କୁଠାରାଘାତ ସଦୃଶ। ତେଣୁ ଏପରି କାର୍ଯ୍ୟ ପାଇଁ ଆମାଜନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ମହାନ୍ତି ମତ ଦେଇଛନ୍ତି।




# ଅଗ୍ନିକାଣ୍ଡରେ ତିନି ଗାଈ ଜୀବନ୍ତ ଦଗ୍ଧ

ନିମାପଡ଼ା,୨୪।୩(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ବିଷ୍ଣୁପୁର ନୂଆପଡ଼ା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ଟି ଗାଈ ପୋଡ଼ି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏଥିରେ ଗୋଟିଏ ବାଇକ୍ ପୋଡ଼ିବା ସହ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଯାଇଛି। ପ୍ରକାଶଯୋଗ୍ୟ, ଗ୍ରାମର ପ୍ରଶାନ୍ତ ମଲିକ ଗୁହାଳରେ ଧୂଆଁ ଦେଇଥିଲେ। ଅସାବଧାନତାରୁ ଗୁହାଳରେ ଅଗ୍ନିକାଣ୍ଡ ଘଟି ଏଭଳି ଘଟଣା ଘଟିଥିଲା। ଏନେଇ ଖବରପାଇ ନିମାପଡ଼ା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆକୁ ଆୟତ୍ତ କରିଥିଲା।

"ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା । ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ । ମଣିଷଠାରୁ ଅତିମାନବ ଆଡକୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା । ଏହା ଅପରିହାର୍ଯ୍ୟ । କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ । -ଶ୍ରୀଅରବିନ୍ଦ

-ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଶ୍ରୀଜୀଉଙ୍କ ରାଜ ବେଶ



# ବୁଝିହେଉଛି

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ନିଜ ହେପାଜତରେ ରଖିଛି । ଲୋକ ସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦବୀରେ ଥିବା ବ୍ୟକ୍ତିଙ୍କୁ ଯେଉଁଭଳି ଭାବେ ଗିରଫ କରାଗଲା, ତାହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କଲାଭଳି ଲକ୍ଷ୍ୟ କରାଯାଉଛି । ଭାଜପା ତରଫରୁ କୁହାଯାଉଛି, କେନ୍ଦ୍ରୀୟ ଯାଞ୍ଚ ସଂସ୍ଥା ପକ୍ଷରୁ ଦିଆଯାଇଥିବା ୯ଟି ସମନ୍‌କୁ କେଜ୍‌ରିୱାଲ ପ୍ରତ୍ୟାଖ୍ୟାନ କରିଥିବାରୁ ତାଙ୍କ ଗିରଫ ଯଥାର୍ଥ । ଅନ୍ୟପକ୍ଷରେ ଦିଲ୍ଲୀ ମଦ ଦୁର୍ନୀତି ନେଇ କେଜ୍‌ରିୱାଲଙ୍କ ସମ୍ପୃକ୍ତି ବିଷୟ ଇଡି ବାରମ୍ବାର କହିଆସୁଥିବା ବେଳେ ଏବେ କାହିଁକି ତାଙ୍କୁ ଗିରଫ କଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ସରକାର ୨୦୨୧ରେ ନୂଆ ମଦ ନୀତି ପ୍ରଚଳନ କରିଥିଲେ । ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେବା ପରେ ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଜୁଲାଇ ୨୦୨୨ରେ ଏହି ମଦ ନୀତି ପ୍ରତ୍ୟାହାର କରିନିଆଯାଇଥିଲା । ୨୦୨୩ ଫେବୃଆରୀରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ଥିବା ମନୀଷ ସିସୋଦିଆ ଓ ଆପ୍‌ର ରାଷ୍ଟ୍ରୀୟ ମୁଖପାତ୍ର ସଞ୍ଜୟ ସିଂଙ୍କୁ ଅକ୍ଟୋବର ୨୦୨୩ରେ ଗିରଫ କରାଯାଇ ଜେଲରେ ରଖାଯାଇଛି । ପୁଣି ପ୍ରଶ୍ନ ଉଠିବା ସ୍ୱାଭାବିକ, ଯଦି କେଜ୍‌ରିୱାଲଙ୍କ ଉକ୍ତ ମଦ ଦୁର୍ନୀତି ସହ ସମ୍ପର୍କ ଅଛି ବୋଲି ଇଡି ଜାଣିଥିଲା, ତାହା ହେଲେ ତାଙ୍କୁ ଗିରଫ କରିବାରେ ଏତେ ବିଳମ୍ବ କାହିଁକି କରାଗଲା । ବିରୋଧୀ ଅଭିଯୋଗ କରୁଛନ୍ତି, ଲୋକ ସଭା ନିର୍ବାଚନକୁ ଲକ୍ଷ୍ୟରେ ରଖି ମୋଦି ସରକାର ତାଙ୍କୁ ଜେଲରେ ଭର୍ତ୍ତି କରିବା ପାଇଁ ସମୟ ଗଡ଼ାଇ ଚାଲିଥିଲେ । ଫଳରେ ଆପ୍ ପାଇଁ ପ୍ରଚାର କରିବା ଏକପ୍ରକାର ବନ୍ଦ କରିଦିଆଗଲା । ଏଠାରେ ମନେପକାଇ ଦିଆଯାଇପାରେ ଯେ, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ନେତା ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିବା ହେମନ୍ତ ସୋରେନ୍‌ଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆଣି ଇଡି ତାଙ୍କୁ ସାଢ଼େ ୭ ଘଣ୍ଟା ଜେରା କରିଥିଲା । ପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଓ ଇଡିର ଅତିରିକ୍ତ ନିର୍ଦ୍ଦେଶକ କପିଲ ରାଜ ତାଙ୍କୁ ଗିରଫ କରିଥିଲେ । ସେହି କପିଲ ରାଜ ପୁନର୍ବାର କେଜରିୱାଲଙ୍କୁ ଗିରଫ କରିଛନ୍ତି, କିନ୍ତୁ ତଫାତ୍ ଏତିକି ଯେ କେଜରିୱାଲ ତାଙ୍କ ମୁଖ୍ୟମନ୍ତ୍ରୀ ପଦରୁ ଏପର୍ଯ୍ୟନ୍ତ ଇସ୍ତଫା ଦେଇନାହାନ୍ତି ।

> **ପ୍ରଶ୍ନ ଉଠିବା ସ୍ୱାଭାବିକ, ଯଦି କେଜ୍‌ରିୱାଲଙ୍କ ଉକ୍ତ ମଦ ଦୁର୍ନୀତି ସହ ସମ୍ପର୍କ ଅଛି ବୋଲି ଇଡି ଜାଣିଥିଲା, ତାହା ହେଲେ ତାଙ୍କୁ ଗିରଫ କରିବାରେ ଏତେ ବିଳମ୍ବ କାହିଁକି କରାଗଲା । ବିରୋଧୀ ଅଭିଯୋଗ କରୁଛନ୍ତି, ଲୋକ ସଭା ନିର୍ବାଚନକୁ ଲକ୍ଷ୍ୟରେ ରଖି ମୋଦି ସରକାର ତାଙ୍କୁ ଜେଲରେ ଭର୍ତ୍ତି କରିବା ପାଇଁ ସମୟ ଗଡ଼ାଇ ଚାଲିଥିଲେ । ଫଳରେ ଆପ୍ ପାଇଁ ପ୍ରଚାର କରିବା ଏକପ୍ରକାର ବନ୍ଦ କରିଦିଆଗଲା ।**

ଭାରତବର୍ଷର ରାଜନୈତିକ ଇତିହାସ ଦେଖିଲେ କଂଗ୍ରେସ ସମେତ ଅନ୍ୟ ଦଳଗୁଡ଼ିକ ମଧ୍ୟ କ୍ଷମତାରେ ଥିବା ବେଳେ ସରକାରୀକଳ ବିଶେଷକରି ଯାଞ୍ଚ ଓ ପୋଲିସ ସଂସ୍ଥାକୁ ଦୁରୁପଯୋଗ କରି ବିରୋଧୀଙ୍କୁ ହଇରାଣ କରିଆସିଛନ୍ତି । କିନ୍ତୁ ସେହି ସ୍ଥିତିରେ ପରିବର୍ତ୍ତନ ଆଣିବା ନେଇ ଦାବିକରିବା ସହ ଦୁର୍ନୀତିକୁ ରୋକିବ ବୋଲି ପ୍ରତିଶ୍ରୁତି ଦେଇ ଭାଜପା କ୍ଷମତାକୁ ଆସିଲା । ଦେଶବାସୀ ଭାବିଥିଲେ ଯେ ରବର୍ଟ ଭଦ୍ରାଙ୍କ ଜମି ଦୁର୍ନୀତିଠାରୁ ଆରମ୍ଭ କରି କଂଗ୍ରେସ ସମୟର ସ୍କାମ୍ ଯଥା ୨ଜି, ଅଗୁସ୍ତା ୱେଷ୍ଟଲାଣ୍ଡ, ସିଡବ୍ଲ୍ୟୁଜି ଆଦିର ତୁରନ୍ତ ଦୃଷ୍ଟାନ୍ତମୂଳକ ନ୍ୟାୟ ପ୍ରଦାନ କରାଯିବ । କିନ୍ତୁ ଏବେ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି । ସବୁଠାରୁ କୁପ୍ରସିଦ୍ଧ ୨ଜି ସ୍କାମ୍‌ରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ କୌଣସି ପ୍ରମାଣ ଦେଇପାରି ନ ଥିବା ହେତୁ ଏ. ରାଜା ଭଳି ଲୋକ ଆଜି ସ୍ୱାଧୀନ ଭାବେ ବୁଲିପାରୁଥିବା ବେଳେ ଅଦାଲତରେ ସେହି ମାମଲାକୁ ଖାରଜ କରିଦିଆଗଲାଣି । ରବର୍ଟ ଭଦ୍ରାଙ୍କ ବ୍ୟବସାୟରେ କୌଣସି ଧୂଳି ଟିକେ ମଧ୍ୟ ପଡ଼ିଥିବାର ସୂଚନା କାହା ପାଖରେ ନାହିଁ । ଅନ୍ୟପଟେ ଏବେ ନୂଆ ଦୁର୍ନୀତି ସମ୍ପର୍କରେ ଶୁଣିବାକୁ ମିଳୁଛି ଯେଉଁଗୁଡ଼ିକ ୨ଜି ଭଳି ମନଗଢ଼ା ହୋଇଥିବାର ସବୁ ସମ୍ଭାବନା ରହିଛି । ହେମନ୍ତ ସୋରେନଙ୍କୁ କ୍ଷୁଦ୍ର ସାଢ଼େ ୮ ଏକର ଜମି ଦୁର୍ନୀତିରେ ଗିରଫ କଲାବେଳକୁ ଖୋଦ୍ କେନ୍ଦ୍ର ସରକାରଙ୍କ ନାକ ତଳେ ଥିବା ଦିଲ୍ଲୀ ସରକାରଙ୍କ ଅବକାରୀ ନୀତିକୁ ନେଇ କେଜରିୱାଲଙ୍କୁ ଗିରଫ କରିବା ଘଟଣା କେବଳ ରାଜନୈତିକ ହତାଶାଭାବର ପରିଚାୟକ ।

ଏବେ ଏହିସବୁ ଗିରଫ କାହିଁକି କରାଯାଉଛି, ପ୍ରତ୍ୟେକ ସଚେତନ ଭାରତୀୟ ଭୋଟର ବୁଝିପାରୁଛନ୍ତି ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | | 1 | |
| 1 | 2 | | 9 | 5 | | | 8 | |
| | 5 | | 1 | | | | 6 | |
| 3 | | | | 8 | 2 | | 9 | 5 |
| 7 | | | | | | | | |
| | | | | | 4 | 1 | | 3 |
| | | | 5 | | | | | 6 |
| 9 | | | | | | | 7 | |
| | | | | 7 | | | | 2 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 6 | 1 | 2 | 3 | 7 | 8 | 9 |
| 2 | 9 | 7 | 8 | 5 | 4 | 3 | 6 | 1 |
| 1 | 8 | 3 | 9 | 7 | 6 | 5 | 4 | 2 |
| 5 | 4 | 1 | 2 | 3 | 7 | 6 | 9 | 8 |
| 9 | 7 | 2 | 5 | 6 | 8 | 1 | 3 | 4 |
| 3 | 6 | 8 | 4 | 1 | 9 | 2 | 5 | 7 |
| 7 | 3 | 4 | 6 | 9 | 1 | 8 | 2 | 5 |
| 8 | 1 | 5 | 3 | 4 | 2 | 9 | 7 | 6 |
| 6 | 2 | 9 | 7 | 8 | 5 | 4 | 1 | 3 |

ଗତକାଲିର ଉତ୍ତର



# ମତଦାତାଙ୍କ ବୁଦ୍ଧି ବିମୂଢ଼ତା

ଡ.ଛାୟାକାନ୍ତ ଷଡ଼ଙ୍ଗୀ

ସାମ୍ପ୍ରତି ଭାରତ ତଥା ବିଭିନ୍ନ ପ୍ରଦେଶରେ ରାଜନୀତିର ବିଚିତ୍ର ଗତି ଦେଖି ମତଦାତାମାନେ ଉଇଲିଅମ ଜେମ୍‌ସଙ୍କ ଭଳି ସମସ୍ୟାର ସମ୍ମୁଖୀନ ହେଲେଣି । ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଭଲ ପ୍ରାର୍ଥୀକୁ ଭୋଟ ଦେବା ପାଇଁ ମନ ସ୍ଥିର କଲାବେଳେ ହଠାତ୍ ଦେଖାଯାଉଛି ସେହି ପ୍ରାର୍ଥୀ ଅନ୍ୟ ଏକ ଦଳରେ ସାମିଲ ହୋଇଯାଉଛି, ଯେଉଁ ଦଳ ବିରୋଧରେ ସେ ଗତକାଲି ପର୍ଯ୍ୟନ୍ତ ବିଷୋଦ୍‌ଗାର କରୁଥିଲା । ଜନସାଧାରଣ ବୁଝିପାରୁନାହାନ୍ତି ଦଳ ଠିକ୍ ନା ବ୍ୟକ୍ତି ଠିକ୍, ସେମାନେ ଦଳୀୟ ଆଦର୍ଶକୁ ଦେଖି ଭୋଟ୍ ଦେବେ ନା ବ୍ୟକ୍ତିର ଚରିତ୍ର ଓ ବ୍ୟକ୍ତିତ୍ୱକୁ ଦେଖି ଭୋଟ ଦେବେ । ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଉଇଲିଅମ ଜେମ୍‌ସ ଏହିଭଳି ଏକ ଦ୍ୱନ୍ଦାତ୍ମକ ସମସ୍ୟାର ଉପସ୍ଥାପନ କରିଛନ୍ତି । ଜଣେ ଭଦ୍ରଲୋକ ଗୋଟିଏ ସହରକୁ ନୂଆ ହୋଇ ଆସିଥାନ୍ତି । ସେ ସେଠାରେ କୌଣସି ଏକ ଅନୁଷ୍ଠାନର ସଭ୍ୟ ହେବାକୁ ଚାହିଁଲେ । ଦିନେ ରାସ୍ତାରେ ଚାଲୁଚାଲୁ ଦୁଇ କଡ଼ରେ ଦୁଇଟି ଅନୁଷ୍ଠାନ ତାଙ୍କର ଦୃଷ୍ଟି ଆକର୍ଷଣ କଲା । ଗୋଟିଏ ଥିଲା 'ଭାଗ୍ୟବାଦୀ ସମିତି' । ସେହି ଅନୁଷ୍ଠାନର ସଭ୍ୟମାନେ ବିଶ୍ୱାସ କରନ୍ତି ମଣିଷ ଯାହା କରେ ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ । ଅନ୍ୟଟି ହେଲା 'ସ୍ୱେଚ୍ଛାବାଦୀ ସମିତି' । ସେହି ଅନୁଷ୍ଠାନର ସଭ୍ୟମାନଙ୍କ ବିଶ୍ୱାସ ମଣିଷ ନିଜର ସ୍ୱାଧୀନ ଇଚ୍ଛା ଦ୍ୱାରା ତା'ର କର୍ମପନ୍ଥା ସ୍ଥିର କରେ । ନବାଗତ ଜଣକ ପ୍ରଥମେ 'ଭାଗ୍ୟବାଦୀ ସମିତି'ର ଅଫିସରେ ପ୍ରବେଶ କରି ତା'ର ସଭ୍ୟ ହେବାକୁ ଚାହାନ୍ତେ ସମ୍ପାଦକ ମହାଶୟ ପଚାରିଲେ, 'ଆପଣ କାହିଁକି ଆମ ସମିତିର ସଭ୍ୟ ହେବାକୁ ଚାହୁଁଛନ୍ତି?' ଭଦ୍ରଲୋକ ଉତ୍ତର ଦେଲେ, 'ଏହା ମୋର ଇଚ୍ଛା' । ସମ୍ପାଦକ କହିଲେ, ''ଏଠାରେ ତୁମର ସ୍ଥାନ ନାହିଁ, କାରଣ ତୁମେ ସ୍ୱାଧୀନ ଇଚ୍ଛାରେ ବିଶ୍ୱାସୀ । ଏଠାରେ ସଭ୍ୟ ହେବାକୁ ହେଲେ ସ୍ୱାଧୀନ ଇଚ୍ଛା ନୁହେଁ ଭାଗ୍ୟରେ ବିଶ୍ୱାସ କରିବାକୁ ପଡ଼ିବ । ସେଥିପାଇଁ ତ ଏହି ଅନୁଷ୍ଠାନର ନାମ ଭାଗ୍ୟବାଦୀ ସମିତି ।'' ତା'ପରେ ଅନନ୍ୟୋପାୟ ହୋଇ ସେହି ଭଦ୍ରବ୍ୟକ୍ତି 'ସ୍ୱେଚ୍ଛାବାଦୀ ସମିତି' ଅଫିସକୁ ଯାଇ ତା'ର ସଭ୍ୟ ହେବା ପାଇଁ ଇଚ୍ଛାପ୍ରକାଶ କଲେ । ସେହି ସମିତିର ସମ୍ପାଦକ ସେଠାରେ ସଭ୍ୟ ହେବାକୁ ଇଚ୍ଛା କରିବାର କାରଣ ପଚାରନ୍ତେ ସେ କହିଲେ, ଯେହେତୁ ମୋ ପାଇଁ ଆଉ ବିକଳ୍ପ ନାହିଁ ବାଧ୍ୟ ହୋଇ ଏଠାକୁ ଆସିଛି । ହୁଏତ ଏହା ମୋ ଭାଗ୍ୟରେ ଅଛି ।'' ସମ୍ପାଦକ କହିଲେ, ''ତା'ହେଲେ ଏଠାରେ ତୁମର ସ୍ଥାନ ନାହିଁ, କାରଣ ତୁମେ ତୁମର ସ୍ୱାଧୀନ ଇଚ୍ଛାରେ ବିଶ୍ୱାସ ନ କରି ଭାଗ୍ୟର ନିୟନ୍ତ୍ରଣ ଉପରେ ବିଶ୍ୱାସ କରୁଛ ।'' ଭଦ୍ରଲୋକଟି ନିରାଶ ହୋଇ ଫେରିଆସିଲା ଓ 'ସେ କୁଆଡ଼େ ଯିବ' ପ୍ରଶ୍ନର ଉତ୍ତର ନ ପାଇ କିଂକର୍ତ୍ତବ୍ୟବିମୂଢ଼ ହୋଇ ବସି ରହିଲା ।

ନିର୍ବାଚନ ଯେତେ ପାଖେଇ ଆସୁଛି ଆମ ଭଳି ଭୋଟରମାନଙ୍କ ଦ୍ୱନ୍ଦ୍ୱ ସେହିଭଳି ବଢ଼ିଚାଲିଛି । ଆମେ ଜାଣୁ ଯେଉଁ ଦଳ ସଂଖ୍ୟାଗରିଷ୍ଠତା ପାଇବ ସେହି ଦଳ ସରକାର ଗଠନ କରିବ । ଏଣୁ ଦଳର ଆଦର୍ଶକୁ ବିଚାରକୁ ନେଇ ଆମେ ଆମର ମତସାବ୍ୟସ୍ତ କରିବାକୁ ଚାହୁଁ । ମାତ୍ର ବିବେକ କହୁଛି ''ତୁମେ ଦଳୀୟ ଆଦର୍ଶରେ ପ୍ରଭାବିତ ହୋଇ ଯେଉଁ ଦଳକୁ ଭୋଟ୍ ଦେବାକୁ ଚାହୁଁଛ ସେହି ଦଳର ପ୍ରାର୍ଥୀ ହେଉଛନ୍ତି ଦୁର୍ନୀତିଗ୍ରସ୍ତ ଓ ଅସାଧୁ । ଏଣୁ ସେଭଳି ଲୋକ ନିର୍ବାଚନରେ ଜିତିଲେ ସେ ଦେଶ ପାଇଁ କ୍ଷତିକାରକ ହେବେ । ଅସାଧୁ ବ୍ୟକ୍ତିଙ୍କ ହାତରେ ଆଦର୍ଶର ଅବସ୍ଥା ଠିକ୍ ସେପରି ହେବ ଯେଭଳି ମାଙ୍କଡ଼ ହାତରେ ଶାଳଗ୍ରାମର ଅବସ୍ଥା ହୁଏ ।'' ଅପରପକ୍ଷରେ ଆମେ ଯଦି ଜଣେ ପ୍ରାର୍ଥୀର ସାଧୁତା, କର୍ତ୍ତବ୍ୟନିଷ୍ଠା, ସମ୍ବେଦନଶୀଳତା ଭଳି ସୁଗୁଣ ଦ୍ୱାରା ଆକର୍ଷିତ ହୋଇ ତାଙ୍କୁ ଭୋଟ ଦେବାକୁ ଚାହିବା, ବିବେକ କହୁଛି ''ପ୍ରାର୍ଥୀ ସଚ୍ଚରିତ୍ର ଓ ସାଧୁ ହେଲେ ମଧ୍ୟ ସେ ଯେଉଁ ଦଳରେ ଅଛନ୍ତି ସେହି ଦଳର ଆଦର୍ଶ ଓ ଇସ୍ତାହାର ଦେଶ ପାଇଁ ହାନିକାରକ । ଏଣୁ ବ୍ୟକ୍ତିକୁ ଦେଖି ନୁହେଁ, ଦଳର ଆଦର୍ଶକୁ ଦେଖି ଭୋଟ୍ ଦିଅ ।'' ଏହି ଦ୍ୱନ୍ଦାତ୍ମକ ଅବସ୍ଥାକୁ ଆହୁରି ଜଟିଳ କରିଦେଇଛି ନେତାମାନଙ୍କ ଦଳ ବଦଳ । ଏକ ନିର୍ଦ୍ଦିଷ୍ଟ ଆଦର୍ଶକୁ ଆଧାର କରି ଏକ ରାଜନୈତିକ ଦଳ ଗଠିତ ହୋଇଥାଏ । ଯେଉଁମାନେ ସେହି ଆଦର୍ଶରେ ବିଶ୍ୱାସ କରନ୍ତି ସେମାନେ ସେହି ଦଳରେ ଯୋଗ ଦିଅନ୍ତି । ମାତ୍ର ସମ୍ପ୍ରତି କେଉଁ ନେତା କେଉଁ ଆଦର୍ଶରେ ବିଶ୍ୱାସ କରନ୍ତି ତାହା ବୁଝିବା ଅତ୍ୟନ୍ତ କଷ୍ଟକର, କାରଣ ସେମାନଙ୍କ ଆଦର୍ଶ ବାରମ୍ବାର ବଦଳୁଛି ଓ ଅପ୍ରତ୍ୟାଶିତ ଭାବରେ ବଦଳୁଛି । ଏହି ପ୍ରସଙ୍ଗରେ ମନେପଡୁଛି ଏକ ଫରାସୀ ଲୋକକଥା । ଗୋଟିଏ ଦ୍ୱୀପରେ ଅନେକ ପ୍ରକାର ଜୀବଜନ୍ତୁ ଥିଲେ, ମାତ୍ର ଏଣ୍ଡୁଅ ନ ଥିଲା । ରାଜା ଘୋଷଣା କଲେ ଯିଏ ଏଣ୍ଡୁଅଟିଏ ଯୋଗାଡ଼ କରିପାରିବ, ତାକୁ ଏକଶତ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦିଆଯିବ । ତିନିଜଣ ବନ୍ଧୁ ଏଣ୍ଡୁଅ ସନ୍ଧାନରେ ବାହାରିଲେ ଏକ ନୂଆ ରାଜ୍ୟକୁ । ଗୋଟିଏ ଏଣ୍ଡୁଅ ସଂଗ୍ରହ କରି ଏକ ବାକ୍ସରେ ତାକୁ ପୂରାଇ ବୋଇତରେ ନିଜ ଦେଶକୁ ଫେରିଲେ । ରାଜାଙ୍କଠାରୁ ଏକଶତ ମୁଦ୍ରା ପୁରସ୍କାର ପାଇବେ ବୋଲି ସେମାନଙ୍କ ମନରେ ଆନନ୍ଦର ସୀମା ନ ଥାଏ । ଜଣେ ବନ୍ଧୁ କହିଲା, 'ଏ ଅଦ୍ଭୁତ ସବୁଜ ଜୀବଟିକୁ ଦେଖିଲେ ରାଜା ଭାରି ଖୁସି ହେବେ ।' ଦ୍ୱିତୀୟ ଜଣକ କହିଲା, 'ରାଜା ନିଶ୍ଚୟ ଖୁସି ହେବେ, କିନ୍ତୁ ତୁମେ ଭୁଲ କହୁଛ । ଏ ଜୀବଟି ସବୁଜ ନୁହେଁ, ଲାଲ ।' ତୃତୀୟ ବନ୍ଧୁ କହିଲା, 'ତୁମେ ଦୁଇଜଣ ଭୁଲ କହୁଛ, ଏହାର ରଙ୍ଗ ମାଟିଆ ।' ଏଣ୍ଡୁଅର ରଙ୍ଗକୁ ନେଇ ତିନିଜଣ ବନ୍ଧୁଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଲା । ଶେଷରେ ବାକ୍ସଟି ଖୋଲାଗଲା । ଦେଖାଗଲା ଏଣ୍ଡୁଅଟି ଧଳା ଦିଶୁଛି । ତିନିଜଣ ଯାକ ବିସ୍ମିତ ହେଲେ । ଠିକ୍ ସେହି ସମୟରେ ଏଣ୍ଡୁଅଟି ବାକ୍ସ ଭିତରୁ ବାହାରକୁ ଖସିଆସି ବଣ ଭିତରକୁ ଚାଲିଗଲା । ବହୁ ବର୍ଷ ତଳେ ବିଶିଷ୍ଟ ଲେଖକ ମନୋଜ ଦାସ ଏହି କାହାଣୀକୁ ଉଦ୍ଧାର କରି କହିଥିଲେ, ''ପ୍ରାଗୈତିହାସିକ କାଳରୁ ଜୀବଜଗତକୁ ନେଇ କେତେପ୍ରକାର ପରୀକ୍ଷା କରିଆସିଛି ପ୍ରକୃତି । ଏଣ୍ଡୁଅକୁ ଘନ ଘନ ରଙ୍ଗ ବଦଳାଇବାର ଶକ୍ତି ବା ଗୁଣ ଦାନ କରି ସେ ଯେଉଁ ପରୀକ୍ଷା ଆରମ୍ଭ କରିଥିଲା ତାହା ନିଶ୍ଚେ ଆଜି ଶେଷ ହୋଇନାହିଁ । ସେହି ଅସମାପ୍ତ ପରୀକ୍ଷା ଆଜିର ରାଜନୀତି ଅଭିଳାଷୀମାନଙ୍କ ଚରିତ୍ର ଉପର ଦେଇ ପ୍ରକୃତି ପୁନର୍ବାର ଆରମ୍ଭ କରିଛି ବୋଲି ମନେହୁଏ ।''



ନିର୍ବାଚନ ପାଖେଇ ଆସୁଥିବାବେଳେ ନେତାମାନଙ୍କ ରଙ୍ଗ ବଦଳାଉଥିବା ଦୃଶ୍ୟପଟ ଆମଭଳି ଭୋଟରମାନଙ୍କୁ ଆହୁରି କିଂକର୍ତ୍ତବ୍ୟବିମୂଢ଼ କରିଦେଇଛି । କିଛି ନେତା ନିର୍ବାଚନରେ ଲଢ଼ିବା ପାଇଁ ଟିକେଟ ନ ପାଇଲେ ଦିନେ ଯେଉଁ ଦଳକୁ ସେ ଶତ୍ରୁ ବିଚାରୁଥିଲେ ସେହି ଦଳରେ ସେ ଯୋଗ ଦେଉଛନ୍ତି । ପୁଣି କିଛି ଦିନ ପରେ କୌଣସି କାରଣରୁ ଅସନ୍ତୁଷ୍ଟ ହେଲେ ସେ ପୁଣି ନିଜର ପୂର୍ବଦଳକୁ ଫେରୁଛନ୍ତି ଓ ତାକୁ କୁହାଯାଉଛି ଘରବାହୁଡ଼ା । ଏହା ହାସ୍ୟାସ୍ପଦ ଓ ଲଜ୍ଜାଜନକ କହିଲେ ଅତ୍ୟୁକ୍ତି ହେବନାହିଁ । ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟରେ ଭୋଟର ବିଚରା ବୁଝିପାରୁନାହିଁ ସେ ଭଲ ଲୋକକୁ ଭୋଟ ଦେବ ନା ଭଲ ଦଳକୁ ଭୋଟ ଦେବ । କାରଣ ବେଳେବେଳେ ତା' ଦୃଷ୍ଟିରେ ଭଲ ଲୋକ ଖରାପ ଦଳର ପ୍ରାର୍ଥୀ ତ ଆଉ କେତେବେଳେ ଖରାପ ଦଳର ଭଲ ଲୋକ ପ୍ରାର୍ଥୀ । ପୁନଶ୍ଚ ଭଲ ଲୋକଟିଏ ମଧ୍ୟ ନିର୍ବାଚିତ ହେଲା ପରେ କ୍ଷମତାର ଅପବ୍ୟବହାର କରି ଦୁର୍ନୀତି କରୁଛି ଓ ଭଲ ଦଳଟିଏ ଭାବି ତାକୁ ଭୋଟ ଦେଲେ ସେହି ଦଳ ଦୁର୍ନୀତିଗ୍ରସ୍ତ ଓ ଅସାଧୁ ନେତାଙ୍କୁ କୋଳେଇ ନେଉଛି । ତେବେ ଆମ ବିଚାରରେ ଆମେ କାହାକୁ ଗୁରୁତ୍ୱଦେବା ଦଳକୁ ନା ବ୍ୟକ୍ତିକୁ? ଆଜି ବୋଧହୁଏ ଏହି ପ୍ରଶ୍ନର ଉତ୍ତର ମିଳିବା ବଡ଼ କଷ୍ଟକର ବ୍ୟାପାର । ମଣିଷ ଇଚ୍ଛାବାଦୀ ହେବା ଉଚିତ ନା ଭାଗ୍ୟବାଦୀ ହେବା ଉଚିତ- ଏହି ପ୍ରଶ୍ନ ଉପରେ ଚିନ୍ତାକରି ଉଇଲିଅମ ଜେମସ୍ ସାମୟିକ ଭାବରେ ମାନସିକ ଭାରସାମ୍ୟ ହରାଇଥିଲେ । ସମ୍ପ୍ରତି ପ୍ରାର୍ଥୀର ଚରିତ୍ରକୁ ଦେଖି ଭୋଟ ଦେବା ନା ଦଳର ଆଦର୍ଶକୁ ଦେଖି ଭୋଟ ଦେବା- ଏହି ପ୍ରଶ୍ନ ଉପରେ ଚିନ୍ତାକଲେ ଆମେ ମଧ୍ୟ ଉଇଲିଅମ ଜେମସ୍‌ଙ୍କ ଭଳି ମାନସିକ ଭାରସାମ୍ୟ ହରାଇବାର ସମ୍ଭାବନା ଅଛି ।

ମୋ:୯୪୩୭୩୨୯୨୬୩



# ରାମ ରାଜ୍ୟ ସମ୍ଭବ କି

ବୈକୁଣ୍ଠନାଥ ମିଶ୍ର

ଆଜିକାଲି 'ଜୟ ଶ୍ରୀରାମ' ଉଚ୍ଚାରଣ କରି ବନ୍ଧୁଙ୍କୁ ପ୍ରଥମ ସାକ୍ଷାତରେ ସମ୍ଭାଷିତ କରିବାର ଅଭିନବ ପରମ୍ପରା ସର୍ବତ୍ର ପରିଦୃଷ୍ଟ । ବନ୍ଧୁଙ୍କୁ ସମ୍ଭାଷଣ ସମୟରେ ଈଶ୍ୱରଙ୍କ ନାମ ଉଚ୍ଚାରଣ କରିବା ବଡ଼ କଥା ; କିନ୍ତୁ ଏହାର ଅପବ୍ୟବହାର ଈଶ୍ୱରଙ୍କ ପ୍ରତି ଏକ ତାଚ୍ଛଲ୍ୟ ପରି ମନେହୁଏ । ଉଚ୍ଚ ମନ, ନିର୍ମଳ ହୃଦୟ, ନିରହଂକାର ଆଚରଣ, ପରୋପକାର ଭଳି ସୁଗୁଣର ଅଧିକାରୀଙ୍କୁ ରାମନାମ ଉଚ୍ଚାରଣ ଶୋଭାପାଏ । ମନେ ଅଛି ସପ୍ତଦଶ ଲୋକ ସଭାକୁ ନିର୍ବାଚିତ ସଭ୍ୟମାନଙ୍କ ପ୍ରଥମ ପ୍ରବେଶ ସମୟରେ, ବିଶେଷକରି ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ସମୟରେ ଅଧିକାଂଶ ସଭ୍ୟ ଜୟଶ୍ରୀରାମ ଧ୍ୱନିରେ ସଂସଦକୁ ପ୍ରକମ୍ପିତ କଲେ । ମନେହେଲା ଏଥର ଭାରତବର୍ଷକୁ ପ୍ରକୃତ ରାମରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ଯେପରି ଅଙ୍ଗୀକାରବଦ୍ଧ । କିନ୍ତୁ ଦିନ ଗଡିଚାଲି ଇତିମଧ୍ୟରେ ପାଞ୍ଚବର୍ଷ ବିତିଯାଇଥିଲେ ମଧ୍ୟ ରାମ ରାଜ୍ୟର ସ୍ୱରୂପ ଦର୍ଶନରୁ ଭାରତର ଜନତା ସତତଃ ବଞ୍ଚିତ । ଜୟ ଶ୍ରୀରାମ ହୁଏତ ଗୋଟିଏ ଧର୍ମାବଲମ୍ବୀଙ୍କ ପାଇଁ ଏକ ପବିତ୍ର ଉଚ୍ଚାରଣ ହୋଇପାରେ ; ମାତ୍ର ଅନ୍ୟ ଧର୍ମର ବ୍ୟକ୍ତି ବିଶେଷଙ୍କୁ ଏହା ପୀଡ଼ା ଦେଇପାରେ । ତେଣୁ ସଂସଦ ଭଳି ଏକ ରାଜନୈତିକ ଅନୁଷ୍ଠାନରେ ଜୟ ଶ୍ରୀରାମ ଉଚ୍ଚାରଣ ଅନେକଙ୍କ ପାଇଁ ଥିଲା ଅପ୍ରାସଙ୍ଗିକ ।

ବାଲ୍ମୀକି ରାମାୟଣ ଅନୁଯାୟୀ ଶ୍ରୀରାମ ହେଉଛନ୍ତି ଅହିଂସାର ପ୍ରତୀକ । ସେ ବୀର ଓ ଅନ୍ୟାୟକୁ ପ୍ରତିରୋଧ କରୁଥିବା ନୀତିନିଷ୍ଠ, ସତ୍ୟସନ୍ଧ ମର୍ଯ୍ୟାଦା ପୁରୁଷୋତ୍ତମ । ସେ ଅରକ୍ଷ ରକ୍ଷକ, ଅନାଥର ବନ୍ଧୁ, ସତ୍ୟ, ଧର୍ମ ଓ ନ୍ୟାୟର ମୂର୍ତ୍ତିମନ୍ତ ପ୍ରତୀକ । ସନ୍ଥ ତୁଳସୀ ଦାସଙ୍କ ପ୍ରସିଦ୍ଧ 'ରାମ ଚରିତ ମାନସ'ରେ ଶ୍ରୀରାମଙ୍କୁ କମନୀୟ କାନ୍ତିଯୁକ୍ତ, ନମନୀୟ ସ୍ୱଭାବବିଶିଷ୍ଟ, ପ୍ରଜାବତ୍ସଳ ଓ ଦୁର୍ବଳର ରକ୍ଷାକାରୀ ଭାବରେ ଯେପରି ବର୍ଣ୍ଣନା କରାଯାଇଛି, ଶତ୍ରୁସଂହାର ସମୟରେ ତାଙ୍କୁ ଠିକ୍ ସେହିପରି କଠୋରତା ନିଦର୍ଶକ ରୂପେ ମଧ୍ୟ ଚିତ୍ରଣ କରାଯାଇଛି । 'ଜନ୍ ଗୀରସନ' ନାମକ ଜଣେ ବିଦେଶୀ ସମୀକ୍ଷକଙ୍କ ମତରେ ସନ୍ଥ ତୁଳସୀ ଦାସଙ୍କ ରାମଚରିତ ମାନସ ଆମେ ଯାହା ପ୍ରଚାର କରୁ କି ନ କରୁ, ଶ୍ରୀରାମଙ୍କ ଉଦାରତା, ଦୁର୍ବଳଙ୍କୁ ରକ୍ଷାକରିବାର ପ୍ରତିବଦ୍ଧତା ଓ ସର୍ବୋପରି ସତ୍ୟ ପ୍ରତିଷ୍ଠା କରିବାର ଅଦମ୍ୟ ପ୍ରେରଣା ଯୁଗେଯୁଗେ ପବିତ୍ର ରାମାୟଣକୁ ଜନସମୁଦାୟର ନିକଟତର କରିବାରେ ସକ୍ଷମ ହେବ । ସନ୍ଥ ତୁଳସୀ ଦାସଙ୍କ ମତରେ ପ୍ରଭୁ ଶ୍ରୀରାମ ଶ୍ରେଷ୍ଠ ମାନବବାଦୀ ଏବଂ କର୍ମ ଓ ଜ୍ଞାନ ଯୋଗର ଅନନ୍ୟ ନିଦର୍ଶନ । ସେ ହେଉଛନ୍ତି ଉଭୟ ବୈରାଗ୍ୟ ଓ ଗାର୍ହସ୍ଥ୍ୟ ଧର୍ମର ଅପୂର୍ବ ସଂସ୍ଥାପକ । ଲୌକିକ ସଂସାରରେ ଅବତୀର୍ଣ୍ଣ ହୋଇ ମଧ୍ୟ ବିଷୟ ବାସନା ପ୍ରତି ବିମୁଖ ରହିବା ରାମ ଦର୍ଶନର ବିଶେଷତ୍ୱ । ପିତାଙ୍କର କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ବିମାତା କୈକେୟୀଙ୍କୁ ବରପ୍ରଦାନର ପ୍ରତିବଦ୍ଧତା ଓ ରାଜାଭିଷେକର ଅବ୍ୟବହିତ ପୂର୍ବରୁ ଶ୍ରୀରାମଙ୍କୁ ରାଜସୁଖରୁ ବଞ୍ଚିତ କରିବା ଓ ସ୍ୱାମୀଙ୍କ ଦ୍ୱାରା ଯାଚିତ ବରପ୍ରାପ୍ତିର ଅଭୀପ୍‌ସାକୁ ଚରିତାର୍ଥ କରିବାର ହୀନ ପ୍ରୟାସକୁ ହୃଦୟଙ୍ଗମ କରି ପିତାଙ୍କୁ ଏକ ଧର୍ମ ସଙ୍କଟରୁ ରକ୍ଷାକରିବାର ମହାନ୍ ଲକ୍ଷ୍ୟକୁ ଅକ୍ଳେଶରେ ପୂରଣ କରିବାରେ ସଫଳ ହେଲେ ସୁପୁତ୍ର ଶ୍ରୀରାମ । କି ବିଶାଳ ହୃଦୟ । ବନବାସ ଉପରାନ୍ତେ ମାତା କୈକେୟୀଙ୍କୁ ସାକ୍ଷାତ ସମୟରେ କୈକେୟୀ କୋହଭରା କଣ୍ଠରେ କହିଛନ୍ତି- ମୁଁ ମାତା ନୁହେଁ ବିମାତା । ମୋ ଯୋଗୁ ତୋତେ ଏତେସବୁ ଦୁର୍ଦ୍ଦିନର ସମ୍ମୁଖୀନ ହେବାକୁ ପଡ଼ିଲା । ଉତ୍ତରରେ ଶ୍ରୀରାମ କହୁଛନ୍ତି ମାତା! ଆପଣଙ୍କର ଏ ରାମ ପ୍ରତି ଦୟା ଅପାର । ବନବାସକୁ ଯାଇ ନ ଥିଲେ ରାମ କେବଳ ଜଣେ ସାଧାରଣ ରାଜା ହୋଇ ଅନ୍ୟ ନରପତିମାନଙ୍କ ପରି ଦିନେ ଇହଧାମ ତ୍ୟାଗ କରିଥା'ନ୍ତା । କେବଳ ଆପଣଙ୍କ ଯୋଗୁ ରାମର ରାମତ୍ୱ ପୃଥିବୀରେ ପ୍ରସାରିତ ହେଲା । ବିଚିତ୍ର ରାମାୟଣରେ କବି ବିଶ୍ୱନାଥ ଖୁଣ୍ଟିଆ କହନ୍ତି- 'କରିଛି ମାତା ଯେଉଁ ଉପକାର ମାନ - ବଚନରେ ତାହା ନୁହଇ ବର୍ଣ୍ଣନା ।' ସନ୍ଥ ତୁଳସୀଦାସ କହନ୍ତି - 'ଶୁନୁ ଜନନୀ ଶୋଇ ସୁତୁ ବଡ଼ଭାଗୀ, ଯୋ ପିତୃ ମାତୃ ବଚନ ଅନୁରାଗୀ । ତନୟ ମାତୃପିତୃ ଶୋକ ନିହାରା, ଦୁର୍ଲଭ ଜନନୀ ସକଲ ସଂହାର । ପିତା ମାତାଙ୍କ ବଚନ ରକ୍ଷାଠାରୁ ବଳି ସୌଭାଗ୍ୟର କଥା ଆଉ କିଛିନାହିଁ ।'



ଆଜି ଆମେ ଯେଉଁମାନେ କଥାକଥାକେ ଜୟ ଶ୍ରୀରାମ କହି ଶ୍ରୀରାମଙ୍କ ଅନୁଗତ ଓ ଶ୍ରେଷ୍ଠ ଭକ୍ତ ଭାବେ ନିଜକୁ ପରିଚିତ କରାଉଛୁ, ଥରେ ନିଜକୁ ପ୍ରଶ୍ନ କରିବା ଦରକାର ଶ୍ରୀରାମଙ୍କ କେଉଁ ଗୁଣକୁ ଆମେ ହୃଦୟରେ ଧାରଣ କରିଛୁ ଓ ବାସ୍ତବତାରେ ରୂପାୟିତ କରୁଛୁ । ତୁଣ୍ଡରେ ରାମନାମ ଉଚ୍ଚାରଣ କରୁଥିବା ନେତୃମଣ୍ଡଳୀ ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ ତ? ଗାନ୍ଧିଜୀଙ୍କ ପରିକଳ୍ପିତ ରାମରାଜ୍ୟ ପ୍ରତିଷ୍ଠା ପାଇଁ କେତେଜଣ ଅଙ୍ଗୀକୃତ? କେତେଜଣ ତଥାକଥିତ ରାମ ଅନୁରାଗୀ ତାଙ୍କ ବଚନ ରକ୍ଷା କରୁଛନ୍ତି, ଯାହା ଥିଲା ରଘୁବଂଶର ଶ୍ରେଷ୍ଠ ଭୂଷଣ । ପ୍ରାଣପଛେ ଯାଉ ମାତ୍ର ଦେଇଥିବା ବଚନରୁ ବିଚ୍ୟୁତ ନ ହୁଏ, ଏପରି ମାନସିକତା ଆଜିର ଦୁନିଆରେ ବିରଳ । ଗାନ୍ଧିଜୀଙ୍କ ରାମରାଜ୍ୟ କେଉଁ ଆଡ଼େ ଉଭେଇ ଯାଇ କେବଳ ରାବଣର ରାଜତ୍ୱ ଚାଲିଛି । ନାରୀର ସମ୍ମାନ ଆଜି ଭୂଲୁଣ୍ଠିତ । ରାବଣର ସବୁ ସୁଗୁଣ ମଧ୍ୟରେ ସୀତାହରଣ ଭଳି ମହାପାପ ତା'ର ବିନାଶର କାରଣ ହେଲା । ଆଜି ଆମେ ପ୍ରତ୍ୟହ ଶୁଣିବାକୁ ପାଉଛୁ ନାରୀ ପ୍ରତି ପୈଶାଚିକତାର କାହାଣୀ । ଏଥିରେ କ'ଣ ରାମ ରାଜ୍ୟ ପରିକଳ୍ପନା ବାସ୍ତବ ରୂପ ନେଇପାରିବ? ରାମ ରାଜ୍ୟରେ ନ ଥିଲା ଜାତିଭେଦର ଉତ୍କଟତା । ଶ୍ରୀରାମ ମିତ୍ରତା ସ୍ଥାପନ କରିଥିଲେ ବନବାସୀ ଶବର ଗୁହକ ସହିତ । ଶ୍ରୀରାମ ଜାତିପ୍ରଥାର ଊର୍ଦ୍ଧ୍ୱକୁ ଉଠି ମାତା ଶବରୀ ହାତରୁ ତା'ର ଉଚ୍ଛିଷ୍ଟ ଫଳ ସବୁକୁ ଆନନ୍ଦରେ ଭକ୍ଷଣ କରିଥିଲେ । ମାନବେତର ବାନର ଭଲ୍ଲୁକଙ୍କୁ ଶ୍ରୀରାମ ଦେଇଥିଲେ ଶ୍ରେଷ୍ଠତମ ମାନ୍ୟତା ।

ବର୍ତ୍ତମାନ ସମୟରେ ମଧ୍ୟ ହିନ୍ଦୁ ମୁସଲମାନ ଜୈନ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ଭାଇଚାରାର ଅଭାବ ନାହିଁ । କେଉଁଠି ହିନ୍ଦୁମାନେ ମସ୍‌ଜିଦର ରକ୍ଷଣାବେକ୍ଷଣ କରୁଛନ୍ତି (ଯଥା ପାବର ହେଣ୍ଡୋନେଟ୍ ଗ୍ରାମ) ତ କେଉଁଠି ମୁସଲମାନ ମୁରବି ହିନ୍ଦୁମାନଙ୍କ ଉପାସନା ପାଇଁ ନିର୍ମାଣ କରୁଛନ୍ତି ମନ୍ଦିର (ଯଥା ଉତ୍ତର ପ୍ରଦେଶ ମଥୁରା ଜିଲାର ଅଜମଲ ଅଲିଶେଖ) ଭ୍ରାତୃତ୍ୱ ଓ ବନ୍ଧୁତା ବଳରେ ସମଗ୍ର ପୃଥିବୀକୁ ଆପଣାର କରାଯାଇପାରେ ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ:୯୯୩୭୪୫୦୫୪୦**

## ଏଇ ଭାରତରେ

ଦେଶ ଗଠନରେ ଯୁବ ପ୍ରଶାସକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରିଛନ୍ତି ୨୦୧୧ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା(ଆଇଆର୍‌ଏସ୍) ଅଧିକାରୀ ରବି କପୁର । ସେ ୨୦୨୩ରେ ଦିଲ୍ଲୀରେ ରହି ମାଗଣାରେ ୟୁପିଏସ୍‌ସି ଆଶାୟୀଙ୍କୁ କୋଚିଂ ଦେଉଛନ୍ତି । ରବି ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇ ଆଇଆର୍‌ଏସ ଅଧିକାରୀ ଭାବେ ଚାକିରିରେ ଯୋଗ ଦେଇଥିଲେ । ସେଥିରେ ୧୦ ବର୍ଷ ଚାକରି ପରେ ଏବେ ଏହି କାର୍ଯ୍ୟରେ ଲାଗିଛନ୍ତି । ରବି ଅନ୍‌ଲାଇନ ମେଣ୍ଟରଶିପ୍ ପ୍ରୋଗ୍ରାମ ଆରମ୍ଭ କରି ୟୁପିଏସ୍‌ସି ଆଶାୟୀଙ୍କୁ ପରୀକ୍ଷା ପ୍ରସ୍ତୁତିରେ ମାର୍ଗଦର୍ଶନ ଦେଉଛନ୍ତି । ସେ କଷ୍ଟୋମର ରିଲେସନଶିପ ମ୍ୟାନେଜମେଣ୍ଟ (ସିଆର୍‌ଏମ୍) ଦ୍ୱାରା ଏହି ପ୍ରକ୍ରିୟାକୁ ସଞ୍ଚାଳନ କରୁଛନ୍ତି । ଗତ ବର୍ଷ ତାଙ୍କଠାରୁ କୋଚିଂ ନେଇଥିବା ୭ ଜଣ ୟୁପିଏସ୍‌ସିରେ ପରୀକ୍ଷାରେ କୃତକାର୍ଯ୍ୟ ହେଇଥିଲେ । ଚଳିତ ବର୍ଷ ୨୦ ଜଣ ସଫଳ ହେବେ ବୋଲି କୁହନ୍ତି ରବି । ସେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିଲେ । ପଢ଼ା ସମୟରେ ସେ କୋଚିଂ ନେବାରେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇପାରିଥିଲେ । ଏଣୁ ସେ ଆର୍ଥିକକ୍ଷେତ୍ରରେ ଦୁର୍ବଳ ତଥା ଅନ୍ୟ ଆଶାୟୀମାନଙ୍କୁ ମାଗଣାରେ କୋଚିଂ ଦେବାକୁ ନିଷ୍ପତ୍ତି ନେଇ ଚାକିରି ଛାଡ଼ିଦେଇଥିଲେ ।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ମାର୍ଚ୍ଚ ୧୯୭୫

- ୧୪ଶ ଜାତୀୟ କୁସ୍ତି ପ୍ରତିଯୋଗିତାରେ କର୍ଣ୍ଣାଟକ ଛମ୍ମାମଲ୍ଲ ପ୍ରଥମ ସ୍ଥାନ ଅଧିକାର କରି 'ହିନ୍ଦକେଶରୀ' ଉପାଧି ଲାଭ କରିଛନ୍ତି ।
- ହିନ୍ଦୁସ୍ଥାନ ସିପୟାର୍ଡରେ ତିଆରି ହୋଇଥିବା ଭାରତର ପ୍ରଥମ ବହୁମୁଖୀ ବୃହତ୍ ଜାହାଜ ଏମ୍.ଭି. ଜଗଦୂତକୁ ଗ୍ରେଟ ଇଷ୍ଟର୍ଣ୍ଣ ସିଫିଙ୍ଗ କମ୍ପାନୀ ହାତରେ ପ୍ରଦାନ ।

## ଚିରନ୍ତନୀ

ଯେ ଥିଲା ଅତି ସତ ନିକଟତମ
କେସନ ତାକୁ ଆଜି କହିବି ଭ୍ରମ-
ଜୀବନ ହୋଇ ଦିନେ ଥିଲାଟି ଯାହା,
କେସନ ବୋଲିବି ସେ ମରଣ-ମାୟା !
ଦିନେ ଯେ ପୁଲକର ରୁଧିର
କଲା ଏ ଦେହମୟ ଅଧୀର,
ଲୁଚାଇଅଛି ତାହା ବୟସ ଆବରଣ
ନୁହଇ ମିଛ ତେବେ ନୁହେଁ ସେ ଅକାରଣ
ସେ ଲାଗି ସ୍ମୃତି ତା'ର ରଖିଛି ଆଜି ଯାକି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି !
-(ଦୁଇଟି କଳା ଆଖି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରଙ୍ଗଖେଳ ବିପଦର କାରଣ ନ ହେଉ

ମହାଶୟ,

ଦୋଳପୂର୍ଣ୍ଣିମା ଓ ହୋଲିରେ ଖେଳାଯିବା ରଙ୍ଗ ଏବଂ ଅବିର ବା ଫଗୁ ବ୍ୟବହାର ଉପରେ ସ୍ୱଚ୍ଛତା, ଶୁଦ୍ଧତା ଏବଂ ସତର୍କତା ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ । ନିଜକୁ ତଥା ଅନ୍ୟଙ୍କୁ ଚର୍ମ ସଂକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ଜୈବିକ ରଙ୍ଗ ଉପରେ ଗୁରୁତ୍ୱ ଦେବା ଦରକାର । ନିଜ ଖୁସି ପାଇଁ ବିଷାକ୍ତ ରଙ୍ଗର ବ୍ୟବହାର ଅନ୍ୟକୁ ବିଭିନ୍ନ ଚର୍ମ ସଂକ୍ରମଣରେ ଆକ୍ରାନ୍ତ କରାଇବ । ଏହା ମଧ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଏପରି କି ଚକ୍ଷୁକୁ କ୍ଷତି ପହଞ୍ଚାଇବା ଉପରେ ରଙ୍ଗର ପ୍ରଭାବ ସବୁଠାରୁ ଅଧିକ । ରଙ୍ଗ ଖେଳ ଅନ୍ୟମାନଙ୍କୁ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ପକାଇବାର କାରଣ ନ ହେଉ । ଅପ୍ରମିଶ୍ରିତ ରାସାୟନିକ ବିଷାକ୍ତ ରଙ୍ଗ ବ୍ୟବହାର ନ କରିବା ଉପରେ ବିଭିନ୍ନ ଗଣମାଧ୍ୟମ ଦ୍ୱାରା ମୂଲ୍ୟବୋଧଭିତ୍ତିକ ଉପଦେଶାତ୍ମକ ପ୍ରଚାର ପ୍ରସାର ସବୁ ସ୍ୱାଗତଯୋଗ୍ୟ ; ଯାହାକୁ ଆମେ ସମସ୍ତେ ଅନୁସରଣ କରିବା ଉଚିତ । ରଙ୍ଗ ଖେଳ ପରେ ରଙ୍ଗ ଛଡ଼ାଇବା ପାଇଁ ପୋଖରୀ, ନଦୀ, ହ୍ରଦ କିମ୍ବା ସମୁଦ୍ରରେ ବେପରୁଆ ସ୍ନାନ ପୂର୍ବରୁ ବି ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ । ନିଜେ ନିଜକୁ ସତର୍କିତ କରି ଦୁର୍ଘଟଣାକୁ ଏଡ଼ାଇବାରେ ଯତ୍ନବାନ ହେବା ମଧ୍ୟ ଆମ୍ଭମାନଙ୍କର କର୍ତ୍ତବ୍ୟ ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହୋଲି ଉତ୍ସାହ



ହୋଲି ଆସିଲେ ମନରେ ଅସୁମାରି ଖୁସି ଆଉ ଆନନ୍ଦ ଖେଳିଯାଏ। ରଙ୍ଗ ଖେଳରେ ରଙ୍ଗିନ ହୁଅନ୍ତି ସଭିଏଁ। ସବୁ ବର୍ଗ ଏହି ରଙ୍ଗ ଖେଳରେ ସାମିଲ ହୁଅନ୍ତି। ସାଙ୍ଗସାଥୀ ଓ ପରିବାର ବର୍ଗଙ୍କ ସହ ହୋଲି ମନାଇବାକୁ ବର୍ଷରେ ଥରେ ଅନେଇ ବସନ୍ତି। ହୋଲି ଦିନ ରାସ୍ତା ଘାଟେ ଦଳ ଦଳ ହୋଇ ରଙ୍ଗ ଖେଳନ୍ତି। ଡିଜେ ବଜାଇ ନାଚି ନାଚି ପରସ୍ପରକୁ ରଙ୍ଗ ଲଗାନ୍ତି। ସୋମବାର ଦୋଳ ପୂର୍ଣ୍ଣିମା ପଡୁଥିବାବେଳେ ମଙ୍ଗଳବାର ରଙ୍ଗ ଖେଳ ରହିଛି। ବିମାନରେ ରାଧାକୃଷ୍ଣ ମୂର୍ତ୍ତି ପୂଜା ପାଇ ଗାଁରୁ ଗାଁ ବୁଲିବାର ପ୍ରଥା ରହିଛି। ମେଳଣ ପଡ଼ିଆରେ ଏକାଠି ହୋଇ ଫଗୁ ଖେଳନ୍ତି। ସେହିପରି ସହରର ଗଳି କନ୍ଦିରେ ରଙ୍ଗ ଖେଳ ହୁଏ। ହୋଲି ପାଇଁ ସମସ୍ତେ ନିଜର କିଛି ନା କିଛି ପ୍ଲାନ୍ ରଖିଥାନ୍ତି। ତେଣୁ ହୋଲିକୁ ନେଇ ସମସ୍ତଙ୍କ ମନରେ ଉତ୍ସାହ ବାରି ହୋଇପଡୁଛି। ଏଥର ହୋଲିକୁ କିପରି ସେଲିବ୍ରେଟ୍ କରୁଛନ୍ତି ତାହାକୁ ନେଇ 'ଧରିତ୍ରୀ' ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।

### ଘର ଲୋକଙ୍କ ସହ ହୋଲି ପାଳିବା ବେଶି ଖୁସି ଦେଇଥାଏ



ମୁଁ ଏବେ ମୋ ଘରେ ଅଛି। ଆଉ ୧୦ଦିନ ପରେ ମୋର ପରୀକ୍ଷା ଅଛି। ତେଣୁ ପାଠ ପଢ଼ାରେ ବ୍ୟସ୍ତ ରହୁଛି। ମାତ୍ର ପରିବାର ସହ ହୋଲି ନିହାତି ପାଳନ କରିବି। ମୋ ମାଆ ହୋଲିରେ ଅନେକ ସୁସ୍ୱାଦୁ ଖାଇବା ବନାନ୍ତି। ବହୁତ ମଜା ମସ୍ତି ବି ହୁଏ। ଘର ଲୋକଙ୍କ ସହ ହୋଲି ପାଳିବା ବେଶି ଖୁସି ଦେଇଥାଏ। ମୋ ସାଙ୍ଗମାନେ ମଧ୍ୟ ଘରକୁ ଆସନ୍ତି। ଆମେ ମିଶିକି ରଙ୍ଗ ଖେଳୁ। ଏଥର ପାଠ ପଢ଼ା ସହ ହୋଲି ଖେଳ ବି ହେବ।

- ଅଙ୍କିତା ଆର୍ଲିନ୍, ଅଭିନେତ୍ରୀ

### ମୋ ଫିଲ୍ମ ହାଉସ୍‌ଫୁଲ ହେଉ



ସବୁ ବର୍ଷ ପରି ଏଥର ମଧ୍ୟ ହୋଲିରେ ପରିବାର ଓ ସାଙ୍ଗମାନଙ୍କ ସହ ପାଳନ କରିବାର ପ୍ଲାନ୍ ରହିଛି। ମାତ୍ର ନିକଟରେ ଶୁଭମୁକ୍ତି ହୋଇଥିବା ମୋ ଚଳଚ୍ଚିତ୍ର 'ତ୍ରିକନ୍ୟା' ପାଇଁ ମୁଁ ଟିକେ ବ୍ୟସ୍ତ ରହୁଛି। ହୋଲିରେ ଛୁଟି ଥିବାରୁ ମୁଁ ଆଶା କରୁଛି ମୋ ଫିଲ୍ମ ଦେଖିବାକୁ ଦର୍ଶକମାନେ ଆସିବେ। ଫିଲ୍ମ ହାଉସଫୁଲ ହେଲେ ହିଁ ବ୍ୟବସାୟ ଭଲ ହେବ। ତେଣୁ ଏହି ହୋଲିରେ ଦର୍ଶକମାନେ ମୋ ଫିଲ୍ମ ଦେଖିବାକୁ ଆସନ୍ତୁ ଏବଂ ଓଡ଼ିଆ ସିନେମାକୁ ସମୟ ଦିଅନ୍ତୁ।

- ପାର୍ଥ ସାରଥୀ ରାୟ, ଅଭିନେତା

### ସାଙ୍ଗ ମେଳରେ ହୋଲି ସେଲିବ୍ରେଶନ



ସାଙ୍ଗଙ୍କ ସହ ହୋଲି ସେଲିବ୍ରେଶନଟା ଖୁବ୍ ଜମେ। ସାଙ୍ଗ ହୋଇ ଗୋଟେ ଜାଗାରେ ଏକତ୍ରିତ ହେଉ। ଯିଏ ହୋଲି ଖେଳିବାକୁ ରାଜି ବି ହେଉ ନ ଥିବ ତାକୁ ଯେମିତି ହେଲେ ଡକାଇ ରଙ୍ଗ ଲଗାଉ। ରଙ୍ଗ ଖେଳ ପରେ ବକ୍ସ ବଜାଇ ଟିକେ ଡ୍ୟାନ୍ସ କରୁ। ଆଉ ସବୁଥର ହୋଲିରେ କେଉଁ ନା କେଉଁ ସାଙ୍ଗ ଘରେ ହି ଖାଇବା ହୋଇଥାଏ। ପୁଣି ସନ୍ଧ୍ୟାରେ ବୁଲୁ। ତେଣୁ ହୋଲିଟା ସାଙ୍ଗଙ୍କ ସହ ମଜା ମସ୍ତିରେ କଟିଯାଏ।

- ସୁପ୍ରିୟା ରାଉତରାୟ, ଛାତ୍ରୀ

### ଗାଁ ମେଳଣ ଦେଖାକୁ ରଙ୍ଗ ଖେଳ ଭାରି ଜମିବ



ଛୁଟି ହେଲେ ଘରକୁ ଯିବାଟା ନିଶ୍ଚିତ। ଆଉ ହୋଲି ଭଳି ରଙ୍ଗିନ ପର୍ବରେ ତ ନିହାତି। ମୁଁ ଯେହେତୁ ବାହାରେ ରହି କାମ କରେ, ଏଥର ୪ ଦିନ ଛୁଟି ନେଇ ଘରକୁ ଆସିଛି। ଗାଁରେ ହୋଲିର ଗୋଟେ ବଡ଼ ମଜା ହେଉଛି ରାତି ରାତି ମେଳଣ ଦେଖା। ଗାଁ ପାଖ ଗାଁ, ତା ପାଖ ଗାଁରେ ରାତି ରାତି ଅନିଦ୍ରା ହୋଇ ମେଳଣ ଦେଖୁ। ଏଥର ବି ୪ଦିନ ପାଇଁ ପୂରା ପ୍ଲାନିଂ ହୋଇଯାଇଛି। ମୋ ପରିବାର ସହ ସମ୍ପର୍କୀୟମାନେ ମିଶି ମେଳଣ ଦେଖୁ। ସମସ୍ତେ ଗୋଟେ ଜାଗାରେ ରହି ବହୁ ମଜା କରୁ। ସୁଆଦିଆ ଖାଇବା ସାଙ୍ଗକୁ ଗାଁ ମେଳଣ ଦେଖା ଓ ରଙ୍ଗ ଖେଳ ପୂରା ଜମିଯାଏ।

- ଶ୍ରୀଦତ୍ତା ନନ୍ଦ, କର୍ମଜୀବୀ

### ମହିଳା, ଝିଅମାନେ ସତର୍କ ରହିବା ଉଚିତ



ହୋଲି ହେଉଛି ରଙ୍ଗ ଆଉ ଆନନ୍ଦର ପର୍ବ। ଭାଇଚାରାର ଅନେକ ବାର୍ତ୍ତା ଦିଏ ଏହି ପର୍ବ। କିନ୍ତୁ ରଙ୍ଗ ଖେଳବେଳେ ଆମକୁ ଅନେକ ସତର୍କତା ଅବଲମ୍ବନ କରିବା ଜରୁରୀ। ବିଶେଷକରି ଅଜଣା ଅଚିହ୍ନା ଲୋକଙ୍କ ସହ ରଙ୍ଗ ଖେଳିବା ଉଚିତ ନୁହେଁ। ଏହି ସମୟରେ ଝିଅ ଓ ମହିଳାଙ୍କ ପ୍ରତି ଅସଦାଚରଣର ଅଭିଯୋଗ ଆସେ। ତେଣୁ ପ୍ରତ୍ୟେକ ପରିବାର ଏଥିପ୍ରତି ସଚେତନ ରହିବା ଦରକାର। ଦ୍ୱିତୀୟ କଥା ହେଲା, ହୋଲିରେ ପିଲା ଚୋରି ସଂଖ୍ୟା ମଧ୍ୟ ବଢ଼ିଥାଏ। ତେଣୁ ଏହା ଉପରେ ମଧ୍ୟ ପୋଲିସ ନଜର ରଖିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଯୁବଗୋଷ୍ଠୀ ଏ ଦିଗରେ ଯତ୍ନବାନ ହେବା ଦରକାର। ଏଭଳି କେତେକ ସତର୍କତା ଆପଣାଇଲେ ସମ୍ଭାବ୍ୟ ଅଘଟଣକୁ ଏଡ଼ାଇ ଦିଆଯାଇପାରିବ। ଆଉ ଏ ଉଲ୍ଲାସର ରଙ୍ଗ ପର୍ବ ଆମ ଜୀବନରେ ନୂଆ ଉଦ୍ଦୀପନା ଆଣିଦେବ।

-ପ୍ରୀତିଛନ୍ଦା ଧଳ. ସମାଜସେବୀ ତଥା ସ୍ତମ୍ଭକାର

### ପ୍ରାକୃତିକ ରଙ୍ଗ ବ୍ୟବହାର ଉପରେ ଗୁରୁତ୍ୱ ରହୁ



ହୋଲିରେ ମୁଖ୍ୟ କଥା ହେଉଛି ପ୍ରାକୃତିକ ରଙ୍ଗ ବ୍ୟବହାର କରିବା। ସେ ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ। ରାସାୟନିକ ରଙ୍ଗ ପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ। କମ୍ ଦରରେ ମିଳିଯିବ ବୋଲି ଯେ ଆମେ ଯେଉଁ ରଙ୍ଗ ଚାହିଁବା ବ୍ୟବହାର କରିବା ସେସବୁ ଠିକ୍ ନୁହେଁ। ରାସାୟନିକ ରଙ୍ଗ ଚର୍ମ ରୋଗ ସହ କ୍ୟାନସର, କିଡ୍‌ନୀକୁ ବି ପ୍ରଭାବିତ କରେ। ତେଣୁ ସମସ୍ତେ ପ୍ରାକୃତିକ ରଙ୍ଗ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଉଚିତ।

-ଡା. ନିରୋଜ ମିଶ୍ର, ସ୍ୱାସ୍ଥ୍ୟ ବିଶେଷଜ୍ଞ



# ଓଡ଼ିଆ ଜନଜୀବନରେ ଦୋଳଯାତ୍ରା

ଫାଲ୍‌ଗୁନ ଶୁକ୍ଳ ଦଶମୀ ତିଥିଠାରୁ ସାଧାରଣତଃ ଓଡ଼ିଆ ଜନଜୀବନରେ ଦୋଳଯାତ୍ରା ଆଧ୍ୟାତ୍ମିକ ଭକ୍ତିପୂତ ପରିବେଶରେ ଆରମ୍ଭ ହୋଇଥାଏ। ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ପ୍ରେମମୟ କୃଷ୍ଣ ଓ ରାଧାଙ୍କ ନିକଟରେ ଅବିର ଅର୍ପଣ କରାଯାଇ ରାଧାକୃଷ୍ଣ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ ଉତ୍ସବ ମୁଖରିତ ହୋଇଥାଏ। ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟ ଛୋଟ ବିମାନରେ ଚିତ୍ତାକର୍ଷକ ସାଜସଜ୍ଜା ସହିତ ଘରେ ଘରେ ମହାପ୍ରଭୁପ୍ରସାଦପାଇଁବିଜେକରିଥାନ୍ତି। ରଥଯାତ୍ରାବେଳେ ଜଗତରନାଥ ଜଗନ୍ନାଥ ନିଜ ସିଂହାସନରୁ ବଡ଼ଦାଣ୍ଡକୁ ଯେପରି ଭାବେ ଓହ୍ଲାଇ ଆସିଥାନ୍ତି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେବାପାଇଁ, ସେହିପରି ପ୍ରେମମୟ ଶ୍ରୀକୃଷ୍ଣ ଦୋଳ ଉତ୍ସବ ବେଳେ ଭକ୍ତମାନଙ୍କ ଘରକୁ ଯାଇଥାନ୍ତି ଭୋଗ ଖାଇ ସେମାନଙ୍କୁ କୃପା ପ୍ରଦାନ କରିବା ପାଇଁ।

ଐତିହ୍ୟ ପରମ୍ପରାର ରାଷ୍ଟ୍ର ଭାରତରେ ବହୁ ପ୍ରାଚୀନ କାଳରୁ ହୋଲି ଓ ଦୋଳ ପର୍ବ ପାଳିତ ହୋଇଆସୁଛି। ଭଗବାନ୍ କୃଷ୍ଣ ମଧ୍ୟ ଶ୍ରୀରାଧା ଓ ଗୋପୀଙ୍କ ସହ ରଙ୍ଗ ଖେଳୁଥିଲେ ବୋଲି ପୁରାଣରେ ବର୍ଣ୍ଣିତ ରହିଛି। ସେହିପରି ଫାଲ୍‌ଗୁନ ପୂର୍ଣ୍ଣିମା ଦିନ ପାଳନ ହେଉଥିବା ଦୋଳ ପର୍ବ ଓଡ଼ିଶାର ପରମ୍ପରା ଓ ଇତିହାସ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଦୋଳପୂର୍ଣ୍ଣିମାର ପାଞ୍ଚଦିନ ପୂର୍ବରୁ ପଞ୍ଚଦୋଳ ଏବଂ ଦୋଳପୂର୍ଣ୍ଣିମା ପରେ ମଧ୍ୟ କେତେକ ସ୍ଥାନରେ ଏହି ପର୍ବ ପାଳିତ ହୋଇଥାଏ। ଦୋଳପର୍ବରେ ରାଧାଗୋବିନ୍ଦଙ୍କ ମେଳଣ ଅନୁଷ୍ଠିତ ହୋଇଥାଏ। ଭଗବାନ୍ କୃଷ୍ଣ ଏବଂ ରାଧାଙ୍କୁ ସୁସଜ୍ଜିତ ବିମାନରେ ବୁଲାଯାଇଥାଏ। ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଦୋଳପୂର୍ଣ୍ଣିମାରେ ଶେଷ ହୋଇଥାଏ। ଦୋଳ ଉତ୍ସବ ହିନ୍ଦୁ ସମାଜକୁ ଏକତା, ସଙ୍ଗଠନ, ଧର୍ମରକ୍ଷା, ତ୍ୟାଗ, ତପସ୍ୟା ଓ ଐତିହାସିକ ପରମ୍ପରାକୁ ସୁରକ୍ଷା ଦେବା ଲାଗି ସର୍ବଦା ତତ୍ପର ରହିବାକୁ ଶିକ୍ଷା ଦେଇଥାଏ।



ଦୋଳଯାତ୍ରାର ପ୍ରଥମ ଦିନକୁ ଫଗୁ ଦଶମୀ କୁହାଯାଇଥାଏ। ଏହା ପରଠାରୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଚାଚେରୀ ଲୀଳା ଆରମ୍ଭ ହୋଇଥାଏ। ଫଗୁ ଦଶମୀ ଦିନ ଦୋଳବିମାନରେ ମଦନମୋହନ ଓ ଲକ୍ଷ୍ମୀ, ସରସ୍ୱତୀ ଦୋଳବେଦିକୁ ବିଜେ କରିଥାନ୍ତି। ଏମାନେ ପାଲିଙ୍କିରେ ବସି ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭଙ୍କ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି। ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଦୋଳବେଦିରେ ପହଞ୍ଚିବା ପରେ ଫଗୁ ଲାଗି ହୋଇଥାଏ। ସେଠାରେ ସୁବାସିତ ପୁଷ୍ପ ଓ ଲାଲ୍ ବେଶରେ ପୂଜାର୍ଚ୍ଚନା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି।

ଓଡ଼ିଆ ଜନଜୀବନରେ ହୋଲିର ସ୍ଥାନ ସ୍ୱତନ୍ତ୍ର। ଏହି ଦିନ ବନ୍ଧୁ-ବନ୍ଧୁ, ଭାଇ-ଭାଇ ଏପରି କି ସବୁକ୍ଷେତ୍ରରେ ସମସ୍ତେ ହୋଲିର ରଙ୍ଗ ଭିତରେ ନିଜ ଜୀବନକୁ ରଙ୍ଗାୟିତ କରିବା ପାଇଁ ଚେଷ୍ଟିତ ହୋଇଥାନ୍ତି। ଶ୍ରୀଚୈତନ୍ୟଦେବଙ୍କ ଜନ୍ମ ଦୋଳ ପୂର୍ଣ୍ଣିମାରେ ହୋଇଥିବାରୁ ଗୌଡ଼ୀୟ ମତାବଲମ୍ବୀ ଭକ୍ତଗଣ ଏହି ଦିନଟିକୁ ମହୋତ୍ସବର ଦିନ ରୂପେ ପାଳନ କରିଥାନ୍ତି। ଶ୍ରୀଚୈତନ୍ୟଙ୍କ ଉତ୍କଳ ଆଗମନ ପରେ ପରେ ଓଡ଼ିଶାରେ ଶ୍ରୀରାଧାକୃଷ୍ଣ ପୂଜା ଉତ୍ସବ ପାଳନ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା। ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ଦୋଳଯାତ୍ରା ବା ହୋଲି ଆରମ୍ଭ ହେଉଥିଲେ ହେଁ ଦୋଳପୂର୍ଣ୍ଣିମା ଦିନ ମେଳଣ ସମାପ୍ତ ହୋଇଥାଏ । ଅବଶ୍ୟ ଦୋଳପୂର୍ଣ୍ଣିମା ପରେ କେତେକ ସ୍ଥାନରେ ମେଳଣ ମହୋତ୍ସବ ପାଳିତ ହୁଏ, ଏହାକୁ ଦଶ ଦୋଳ କୁହାଯାଏ। ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସୌହାର୍ଦ୍ଦ୍ୟର ପ୍ରତୀକ ହେଉଛି ହୋଲି ଖେଳ। କର୍ମବ୍ୟସ୍ତ ତେଲଲୁଣର ସଂସାର ହେଉ ବା କର୍ମକ୍ଷେତ୍ରର ଗୁରୁଦାୟିତ୍ୱ ଭିତରେ ପ୍ରାୟତଃ ସମସ୍ତେ କିଛି ସମୟ କାଢ଼ି ଥାଆନ୍ତି ରଙ୍ଗ ଓ ଆନନ୍ଦର ମହାପାର୍ବଣ ହୋଲିରେ ନିଜକୁ ସାମିଲ କରିବା ପାଇଁ। ସମ୍ପ୍ରତି ମାନବୀୟ ମୂଲ୍ୟବୋଧର ଏକ ସନ୍ଧିକ୍ଷଣରେ ପହଞ୍ଚିଥିବା ସମୟରେ ହୋଲିର ପବିତ୍ର ରଙ୍ଗ ସମସ୍ତଙ୍କ ଜୀବନର ଦାୟିତ୍ୱବୋଧକୁ ରଙ୍ଗାୟିତ କରୁ ଏତିକି କାମନା।

–ଯଶସ୍ୱିନୀ ପଟ୍ଟନାୟକ , ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର–୮, ସିଡିଏ, କଟକ

# ନିର୍ବାଚନରେ ପ୍ରମୁଖ ଭୂମିକା ନେବ ଛାତ୍ର ବିଜେଡି



ବୈଠକରେ ବିସିଜେଡି କର୍ମକର୍ତ୍ତାଙ୍କ ସହ ବିଜେଡି ନେତୃବୃନ୍ଦ।

**ଭୁବନେଶ୍ୱର, ୨୪।୩(ଅସମାପିକା ସାହୁ)**

ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ରବିବାର ଶଙ୍ଖଭବନଠାରେ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଣବ ପ୍ରକାଶ ଦାସ କହିଲେ, ଛାତ୍ର ସମାଜ ସବୁବେଳେ ଏକ ସୁସ୍ଥ ସମାଜ ଗଠନ କରିବାର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ମୋର ଦୃଢ଼ ବିଶ୍ୱାସ ରହିଛି ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ବିସିଜେଡିର ସମସ୍ତ କର୍ମକର୍ତ୍ତା ସଙ୍କଳ୍ପିତ ଭାବେ ସଜାଗ ପ୍ରହରି ଭାବେ କାର୍ଯ୍ୟ ନିର୍ବାହ କରିବେ ବୋଲି ସେ କହିଥିଲେ। ପ୍ରଣବ ବଳବନ୍ତରାୟ କହିଲେ, ପୂର୍ବଦିନରେ ବିସିଜେଡିର ସମସ୍ତ କର୍ମକର୍ତ୍ତା ସମସ୍ତ ଦଳୀୟ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ମଧ୍ୟ ବିସିଜେଡିର ସମସ୍ତ କର୍ମକର୍ତ୍ତା ବ୍ଲକଠାରୁ ଆରମ୍ଭ କରି ୱାର୍ଡ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବେ। ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ଉପସ୍ଥାପନ କରିବେ। ନିଜକୁ ଅଧିକ କ୍ରିୟାଶୀଳ କରାଇ ସାମାଜିକ ଗଣମାଧ୍ୟମକୁ ଏକ ପ୍ରମୁଖ ଅସ୍ତ୍ର ରୂପେ ବ୍ୟବହାର କରିବେ ବୋଲି ସାଧାରଣ ସମ୍ପାଦକ ଆଶାପ୍ରକଟ କରିଛନ୍ତି। ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମୋକେଶ ରାୟ ଉପସ୍ଥିତ ରହି ବିସିଜେଡି ଆଗାମୀ ସାଧାରଣ ନିର୍ବାଚନ ବୈତରଣୀ ପାର କରିବାର ପ୍ରମୁଖ ଭୂମିକା ନେବ ବୋଲି କହିଥିଲେ। ବିସିଜେଡି ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ବୈଠକକୁ ପରିଚାଳନା କରି କହିଲେ, ବିସିଜେଡି ଆଗାମୀ ସାଧାରଣ ନିର୍ବାଚନରେ ପ୍ରମୁଖ ସାରଥି ସାଜିବା ସହ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ବେଳକୁ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବୈଠକରେ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିସିଜେଡିର ଭୂମିକା ଏବଂ ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ସାମାଜିକ ଗଣମାଧ୍ୟମକୁ ଆହୁରି ଅଧିକ କ୍ରିୟାଶୀଳ କରିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱକୁ ବହୁଳ ଭାବେ ପ୍ରଚାର ପ୍ରସାର କରାଯାଇପାରିବ ସେଥିରେ ଛାତ୍ର ବିଜେଡି କର୍ମକର୍ତ୍ତା ମୁଖ୍ୟ ଭୂମିକା ବହନ କରିବେ। ବିସିଜେଡିର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲା ସଭାପତି, ଜୋନ ସଭାପତି ଏବଂ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏସ୍‌ଆଇ ପ୍ରିୟବ୍ରତ ପ୍ରଧାନ ନିଲମ୍ବିତ

## ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ

ଭୁବନେଶ୍ୱର,୨୪।୩(ସୂର୍ଯ୍ୟକାନ୍ତ ବେହେରା): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା ଭୁବନେଶ୍ୱର ଶହୀଦନଗର ଥାନାର ସବ୍‌ଇନ୍ସପେକ୍ଟର(ଏସ୍‌ଆଇ) ପ୍ରିୟବ୍ରତ ପ୍ରଧାନଙ୍କୁ ନିଲମ୍ବିତ କରାଯାଇଛି। ପୋଲିସ କମିଶନର ସଞ୍ଜୀବ ପଣ୍ଡା ଶନିବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କମିଶନରେଟ ପୋଲିସ ପକ୍ଷରୁ ରବିବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।



ଅନ୍ୟପଟେ ଭିଜିଲାନ୍ସ ଟିମ୍ ଏସଆଇ ପ୍ରିୟବ୍ରତଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତ ୨୧ ତାରିଖରେ ଅଭିଯୋଗକାରୀ ମନୋରଞ୍ଜନ ପାତ୍ର ମଦ୍ୟପାନ କରି କାର୍ ଚଳାଇ ଯାଉଥିବାବେଳେ ଧରାପଡିଥିଲେ। ଟ୍ରାଫିକ ନିୟମ ଭାଙ୍ଗିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ତାଙ୍କ ଡିଏଲ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରିଥିଲା। ଏହାପରେ ମନୋରଞ୍ଜନ ଡିଏଲ୍ ମୁକୁଳାଇବା ପାଇଁ ଥାନାକୁ ଯାଇଥିଲେ। ଏସ୍‌ଆଇ ପ୍ରିୟବ୍ରତ ଏଥିପାଇଁ ୫ ହଜାର ଟଙ୍କା ଦାବି କରିବାରୁ ମନୋରଞ୍ଜନ ପ୍ରଥମ ପର୍ଯ୍ୟାୟରେ ୩ ହଜାର ଟଙ୍କା ଦେଇଥିଲେ। ହେଲେ ପ୍ରିୟବ୍ରତ ବାକି ୨ ହଜାର ଦେଲେ ଡିଏଲ୍ ନେବ ବୋଲି କହିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ ଟିମ୍‌କୁ ଅବଗତ କରାଇ ଶନିବାର ବାକି ଟଙ୍କା ଦେବାକୁ ଥାନାକୁ ଆସିଥିଲେ। ଥାନାରେ ଏସ୍‌ଆଇ ପ୍ରଧାନ ଅଭିଯୋଗକାରୀ ମନୋରଞ୍ଜନଙ୍କଠାରୁ ୨ ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଟିମ୍ ପ୍ରିୟବ୍ରତଙ୍କୁ ଟଙ୍କା ସହ ଧରିବାରେ ସକ୍ଷମ ହୋଇଥିଲା।

# ୨ ଶିକାରୀ ଗିରଫ, ଦେଶୀ ବନ୍ଧୁକ ଜବତ

**ନୀଳଗିରି,୨୪।୩(ପ୍ରଶାନ୍ତ ବିଶ୍ୱାଳ)**

## କୁଲଡ଼ିହାରେ ଅପରେଶନ ହଣ୍ଟର

ବନ କର୍ମଚାରୀଙ୍କ ଉପରେ ଶିକାରୀଙ୍କ ଆକ୍ରମଣ ପରେ କୁଲଡ଼ିହା ଅଭୟାରଣ୍ୟର ପାଦଦେଶ ଅଞ୍ଚଳରେ ଚାଲିଛି ଅପରେଶନ ହଣ୍ଟର। ଏହି କୋମ୍ବିଂ ଅପରେଶନର ଚତୁର୍ଥ ଦିନରେ କୁଲଡ଼ିହା ଅଭୟାରଣ୍ୟ ପାଦଦେଶ ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଧୀନ ଖମଖୁଟ ଓ ଗୋଡିଖୋଳା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଖମଖୁଟ ଗ୍ରାମର ଶିବ ହାଁସଦା(୪୨), ଗୁଡ଼ିଖୋଳା ଗ୍ରାମର ଛୋଟାରାୟ ମୁର୍ମୁ(୩୦)ଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ ଜବତ ହୋଇଛି। ଫଳରେ ଗତ ୬ ଦିନ ମଧ୍ୟରେ ୧୯ ବନ୍ଧୁକ ଜବତ ସହ ୧୭ ଜଣ ଶିକାରୀ ଏବଂ ଜଣେ ଦେଶୀ ବନ୍ଧୁକ ନିର୍ମାଣକାରୀ ଗିରଫ ହୋଇଛନ୍ତି।

ସୂଚନାଯୋଗ୍ୟ, ଗତ ସୋମବାର ରାତିରେ ବନ ବିଭାଗ ପକ୍ଷରୁ ସର୍ଚ୍ଚ ଅପରେଶନ ବେଳେ ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀ ଗୁରୁତର ହୋଇଥିଲେ। ଏହାପରେ ବନ ବିଭାଗ ଆକ୍ସନ ମୋଡ୍‌ରେ ରହିବା ସହ କୋମ୍ବିଂ ଅପରେଶନକୁ ଜୋରଦାର କରିଛି। ତେବେ ଅଭୟାରଣ୍ୟ ପାଦଦେଶ ଅଞ୍ଚଳରେ ବହୁସଂଖ୍ୟାରେ ଦେଶୀ ବନ୍ଧୁକ ଥିବା ସୂଚନା ମିଳିବା ପରେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦଙ୍କ ନେତୃତ୍ୱରେ କୁଲଡ଼ିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର, ଫରେଷ୍ଟ ଗାର୍ଡ, ସବୁଜବାହିନୀ, ଶିମିଳିପାଳ ଟାଇଗର ପ୍ରୋଟେକ୍ସନ୍ ଫୋର୍ସ ଓ ନୀଳଗିରି ପୋଲିସର ମିଳିତ ସହଯୋଗରେ ଚଢ଼ାଉ ଜାରି ରହିଛି। ବନ୍ଧୁକ ଜବତ ଘଟଣାରେ ନୀଳଗିରି ଥାନା ପକ୍ଷରୁ ଏକ ମାମଲା (ନଂ. ୯୮/୨୪) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

**TPNODL**

**TP NORTHERN ODISHA DISTRIBUTION LIMITED**
**(A Tata power and Odisha Govt. Joint Venture)**
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) March 25th, 2024**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2023-24/2500000616 | RC for Housekeeping and facility management services at Jajapur, Baripada, Bhadrak, Keonjhor circle offices |
| 2 | TPNODL/OT/2023-24/2500000614 | Rate Contract for Revenue Collection Activity at PAN TPNODL |
| 3 | TPNODL/OT/2023-24/2500000621 | Rate Contract for AMC of Fire Preparedness at TPNODL |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com**. All tenders will be available on TPNODL website. Future communication / corrigendum to tender documents, if any, shall be available on website.

**Chief- Contracts & MM**

## ସଂକ୍ଷେପରେ

### ନାବାଳକ ଉଦ୍ଧାର

**ପାଣିକୋଇଲି, ୨୪।୩(ବିକାଶ ମଲ୍ଲିକ):**

ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ରାଜପଥ କଡ଼ରେ ଅସହାୟ ଅବସ୍ଥାରେ ବୁଲୁଥିବା ଜଣେ ନାବାଳକଙ୍କୁ ଉଦ୍ଧାର କରି ପାଣିକୋଇଲି ପୋଲିସ ଜିମା ଦେଇଛନ୍ତି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଛି। ଶୁକ୍ରବାର ରାତିରେ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ସମ୍ପୃକ୍ତ ନାବାଳକ ରାସ୍ତା କଡ଼ରେ କାନ୍ଦି କାନ୍ଦି ଯାଉଥିଲେ। ଗ୍ରୁପ୍‌ର ସଭାପତି ଅଶୋକ ଦାସ, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ ତାଙ୍କୁ ଦେଖିବା ପରେ ସଦସ୍ୟ ଆଶିଷ ମାଝି ଏବଂ ପ୍ରଫୁଲ୍ଲ ମାଝିଙ୍କୁ ଜଣାଇଥିଲେ। ପରେ ଗ୍ରୁପର ସଦସ୍ୟମାନେ ସମ୍ପୃକ୍ତ ନାବାଳକଙ୍କୁ ଆଶ୍ୱାସନା ଦେବା ସହିତ ଖାଦ୍ୟ ଖୁଆଇ ଥାନାକୁ ନେଇଥିଲେ। ଥାନା ତରଫରୁ ଜିଲା ଶିଶୁ ମଙ୍ଗଳ ସମିତିକୁ ଅବଗତ କରାଯିବା ପରେ ସେମାନେ ଆସି ସମ୍ପୃକ୍ତ ନାବାଳିକଙ୍କୁ ନେଇଥିଲେ। ଗ୍ରୁପର ସଦସ୍ୟମାନଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି।

### ଗାୟତ୍ରୀ ମହାଯଜ୍ଞ ଆରମ୍ଭ

**କାଏମା, ୨୪।୩(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ଡିଗିରି ପଡ଼ିଆ ଗ୍ରାମରେ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ରବିବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶତାଧିକ ମହିଳା ଓ ପୁରୁଷ ଭକ୍ତଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ କେଲୁଅ ନଦୀ କୂଳରେ ପୂଜା କରିବା ପରେ କଳସ ଶୋଭାଯାତ୍ରା ମାଧ୍ୟମରେ ବଜାର ମଧଦେଇ ପୂଜା ମଣ୍ଡପରେ ପହଞ୍ଚିଥିଲେ। ପରେ ଦୀପ ମହାଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ସକାଳୁ ସାମୂହିକ ଜପ, ଯୋଗ ଓ ପରେ ଯଜ୍ଞ ଏବଂ ସଂସ୍କାର କାର୍ଯ୍ୟକ୍ରମ କରାଯିବ। ଶେଷରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଡିଗିରିପଡ଼ିଆ ଗାୟତ୍ରୀ ପରିବାର ପକ୍ଷରୁ ଏହାକୁ ପରିଚାଳନା କରାଯାଉଛି ବୋଲି ସୂଚନା ଦିଆଯାଇଛି।

### ବ୍ରହ୍ମବରଦା ଦୋଳ ମେଳଣ ପ୍ରସ୍ତୁତି ବୈଠକ

**ବ୍ରହ୍ମବରଦା, ୨୪।୩(ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ଦୋଳ ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ କମିଟି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ଆସନ୍ତା ମଙ୍ଗଳବାର ମଧ୍ୟ ରାତ୍ରିରୁ ଆରମ୍ଭ ହୋଇ ବୁଧବାର ଅପରାହ୍ନରେ ଶେଷ ହେବ। ମେଳଣରେ ବ୍ରହ୍ମବରଦା ଓ ଏହାର ଆଖପାଖ ଅଞ୍ଚଳର ୧୦ ବଡ଼ ବିମାନ ସହିତ ୨୦ କୁନିବିମାନରେ ଠାକୁର ବିଜେକରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମେଳଣ ସନ୍ଧ୍ୟାରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମେ ଥାନପତି ବିମାନ ରାତ୍ର ୧ଟାରେ ମେଳଣ ପଡ଼ିଆରେ ବିରାଜମାନ ହେବେ। ପରେ ଅନ୍ୟବିମାନ ବିରାଜମାନ ହେବେ। ଚଳିତ ବର୍ଷ ଏହି ମେଳଣ ୮୬ ବର୍ଷରେ ପଦାର୍ପଣ କରିବାରୁ ଅଧିକ ଜନସମାଗମ ହେବା ଆଶା କରାଯାଉଛି। ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ବ୍ରହ୍ମବରଦା ଥାନା ପକ୍ଷରୁ ସହଯୋଗ କରିବାକୁ କମିଟି ପକ୍ଷରୁ ଅବଗତ କରାଯାଇଛି। ବୈଠକରେ କମିଟି ଉପସଭାପତି ମହେଶ ବେହେରା, ସହସମ୍ପାଦକ ବିବେକାନନ୍ଦ ଦେଓଙ୍କ ସହ ବ୍ରହ୍ମବରଦାର ବହୁ ବ୍ୟକ୍ତି ଉପସ୍ଥିତଥିଲେ।

# ପୁଣି ଖଣିରୁ ଚୋରି ବଢୁଛି

## କ୍ରୋମାଇଟ ଚୋରି ଅଭିଯୁକ୍ତ ଗିରଫ

**ଯାଜପୁର/କାଳିଆପାଣି(ହର୍ଷବର୍ଦ୍ଧନ ବେହେରା/ଅସିତ୍ ମହାନ୍ତ), ୨୪।୩**

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ପୁଣି କ୍ରୋମାଇଟ ମାଫିଆମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ରବିବାର ଓଡ଼ିଶା ଖଣି ନିଗମର ଦକ୍ଷିଣ କାଳିଆପାଣି ଖଣିରୁ ପଶ୍ଚିମବଙ୍ଗ ପୋଲିସ ଖଣିଜ ପଦାର୍ଥ ଚୋରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ଉଠାଇ ନେଇଥିବା ଘଟଣାରୁ ଆଶଙ୍କା କରାଯାଉଛି। ପ୍ରାୟ ଦୁଇ ମାସ ତଳେ ଲୁହାପଥର ମାନକୁ ହ୍ରାସ କରାଯାଇ ବିକ୍ରି ହେଉଥିବା ଧରାପଡ଼ିଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଗାଡ଼ି ଜବତ କରାଯାଇଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ଏହି ପ୍ରକ୍ରିୟାରେ ଖଣି କମ୍ପାନୀ, ଖଣି ବିଭାଗ, ମାନ ଧାର୍ଯ୍ୟ କରୁଥିବା ଏକ ବେସରକାରୀ ସଂସ୍ଥା ଏବଂ ପରିବହନକାରୀ କର୍ତ୍ତୃପକ୍ଷ ମିଳିମିଶି ବିପୁଳ ଅର୍ଥ ହରିଲୁଟ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ହେଲେ ଏହାକୁ କଳେବଳେ କୌଶଳେ ଚାପି ଦେବାକୁ ସମ୍ପୃକ୍ତ ଅଧିକାରୀମାନେ ସଫଳ ହୋଇପାରିଥିଲେ। ତେଣୁ ନିର୍ବାଚନ ସମୟ ପାଖେଇ ଆସୁଥିବାବେଳେ ଖଣି ଚୋରି ପୁଣି ଜୋର ଧରିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁସାରେ ଖଣି ନିଗମର ଦକ୍ଷିଣ କାଳିଆପାଣି ଖଣିରୁ ପଶ୍ଚିମବଙ୍ଗ ଅଞ୍ଚଳର ଦୁର୍ଗାପୁର କାରଖାନାକୁ କ୍ରୋମାଇଟ ଯୋଗାଣ ହେଉଥିଲା। ପରିବହନ କରୁଥିବା ସଂସ୍ଥା ପକ୍ଷରୁ ଯେଉଁ ମାନର କ୍ରୋମାଇଟ ଲୋଡିଂ ହୋଇଥାଏ ତାହା ବହୁ ସମୟରେ ନିମ୍ନମାନର କ୍ରୋମାଇଟ୍ କାରଖାନାକୁ ପହଞ୍ଚୁ ଥିବା ଅଭିଯୋଗ ହୋଇ ଆସୁଥିଲା। ଗତ କିଛି ଦିନ ପୂର୍ବରୁ ୨ଟି ୧୪ ଚକିଆ ଟ୍ରକକୁ ପଶ୍ଚିମବଙ୍ଗ ଦୁର୍ଗାପୁର କାରଖାନାରେ ଅଟକ ରଖାଯାଇ କ୍ରୋମାଇଟ୍‌ର ମାନ ପରୀକ୍ଷା କରାଯାଇଥିଲା, ଯେଉଁଥିରେ ଲୋଡିଂ ହୋଇଥିବା କ୍ରୋମାଇଟ୍ ନିମ୍ନମାନର ରହିଥିବା ଜଣାପଡ଼ିଥିଲା। କ୍ରୋମାଇଟ୍‌ର ମାନ ପରୀକ୍ଷା ପରେ ଉଭୟ ଟ୍ରକକୁ ଜବତ କରାଯିବା ସହ ଡ୍ରାଇଭର ମିତ୍ର ସେନ ମହାନ୍ତ ଓ ଭରତ ମହାନ୍ତଙ୍କୁ ଅଟକ ରଖାଯାଇଥିଲା। ଦୁର୍ଗାପୁର କାରଖାନା କର୍ମଚାରୀଙ୍କ ଅଭିଯୋଗ କ୍ରମେ ଦୁର୍ଗାପୁର କୋକଓଭେନ ଥାନା କେସ୍ ନମ୍ବର ୬୨/୨୦୨୪ ଅନୁଯାୟୀ କ୍ରୋମାଇଟ ବିକ୍ରିର ମୁଖ୍ୟ ଅଭିଯୁକ୍ତ କାଙ୍କଡ଼ପାଳ ପଞ୍ଚାୟତ ଗିରିଙ୍ଗାମାଳି ଗାଁର ବିଜୟ ମହାନ୍ତ (୨୬)ଙ୍କୁ କାଳିଆପାଣି ଥାନା ପୋଲିସ ସହାୟତାରେ ଗିରଫ କରାଯାଇଥିଲା। ପରେ ତାଙ୍କୁ କୋଲକାତା ନିଆଯାଇଥିବା ଜଣାପଡ଼ିଛି। ଏହି ଖଣିଜ ପଦାର୍ଥ ଲୁଟ୍ କାରବାରରେ ସମ୍ପୃକ୍ତି ଥିବା ଅନ୍ୟମାନଙ୍କୁ ଖୋଜା ଚାଲିଛି ବୋଲି କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ପୂର୍ବରୁ ଯାଜପୁରରୋଡ୍ ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ବିପୁଳ ପରିମାଣରେ ଚୋରା ଲୁହାପଥର ଜବତ ହୋଇ ଆସୁଛି। ଏହାକୁ ନେଇ ପ୍ରାୟ ୧୫ ବର୍ଷ ତଳର ଖଣି ଦୁର୍ନୀତିର ପୁଣି ପୁନରାବୃତ୍ତି ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଖଣି ବିଭାଗ ଓ ପାରାଦୀପ ପୋର୍ଟର କେତେଜଣ ଅସାଧୁ କର୍ମଚାରୀଙ୍କ ସହଯୋଗରେ ନକଲି ଚାଲାଣ କାଟି ଚୋରା ଲୁହାପଥର ପରିବହନ କରାଯାଉଥିବା ଏଥିରୁ ସନ୍ଦେହ କରାଯାଉଛି। ଯୋଡ଼ା ଖଣି ଅଞ୍ଚଳରୁ ୫୯,୨୦୩ କୋଟି ଟଙ୍କାର ଲୁହାପଥର ଓ ମାଙ୍ଗାନିଜ ଅଧିକ ଉତ୍ତୋଳନ କରି ଚୋରାଚାଲାଣ ହୋଇଥିବା ସାହା କମିଶନ ରିପୋର୍ଟରୁ ଜଣାପଡ଼ିଥିଲା । ସେତେବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଏକାଧିକ ଖଣି କମ୍ପାନୀ ନାମରେ ଡିମାଣ୍ଡ ନୋଟିସ ଦେଇ କିଛି ମାତ୍ରାରେ ଜରିମାନା ଆଦାୟ କରିଥିଲେ। ଏଯାଏ ଅନ୍ୟ କେତୋଟି ଖଣି କମ୍ପାନୀ ଜରିମାନା ନ ଦେଇ କୋର୍ଟ କଚେରିର ଦ୍ୱାରସ୍ଥ ହେବାରୁ ମାମଲା ବିଚାରାଧୀନ ରହିଛି।



ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ଡିଗିରି ପଡ଼ିଆ ଗ୍ରାମରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞରେ ସାମିଲ କଳସଧାରୀ ।

## ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ



ବାରବାଟୀ ବଜାରରେ ଲାଗିଥିବା ହୋର୍ଡିଂ ।

**ରସୁଲପୁର, ୨୪।୩(ରଞ୍ଜିତ ରାଉତ):**

ଦେଶରେ ୨୦୨୪ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇସାରିଛି। ଆଚରଣ ବିଧିକୁ ଅନୁପାଳନ କରିବା ସହ ନିର୍ବାଚନକୁ ଅବାଧ, ହିଂସା, କଳାଟଙ୍କା ମୁକ୍ତ କରିବା, ଭୋଟରଙ୍କୁ ପ୍ରଭାବିତ ଓ ପ୍ରଲୋଭିତ କରିବା ଭଳି ଜାବତୀୟ କାର୍ଯ୍ୟକୁ ରୋକିବା ଦାୟିତ୍ୱ ପ୍ରଶାସନିକ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ତେବେ ଏହି କାର୍ଯ୍ୟ ରସୁଲପୁର ବ୍ଲକ ଅଞ୍ଚଳରେ ଠିକ୍‌ରେ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି।

ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତ, ସହର, ବଜାର ଆଦି ସ୍ଥାନରେ ସରକାରୀ ବିଜ୍ଞାପନର ହୋର୍ଡିଂ ଖୋଲାଯାଉନାହିଁ। ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ବାରବାଟୀ ବଜାରରେ ରାଜ୍ୟ ସରକାରଙ୍କ ପକ୍ଷରୁ କାଳିଆ, ବଳିଆ, ଫସଲବୀମା, ଓଡିଶା ମିଲେଟ୍ ମିଶନ ଆଦି ଯୋଜନା ସମ୍ପର୍କିତ ପ୍ରଚାରପତ୍ର ଲାଗିଛି। ଉକ୍ତ ପ୍ରଚାରପତ୍ରଟି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଆଚରଣ ବିଧି ଲାଗୁହେବାର ୬ଦିନ ପରେ ବି ବଜାର ଉପରେ ଖୋଲାମେଲା ସ୍ଥାନରେ ଏଭଳି ପ୍ରଚାରପତ୍ର ଲାଗିଛି। ଏହାକୁ ଦେଖି ସଭିଏଁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ଆଚରଣ ବିଧି ଉଲଘଂନ କରୁଥିବା ହୋର୍ଡିଂକୁ ଅଧିକାରୀ ନ ଖୋଲି, ଜନସାଧାରଣଙ୍କୁ ସଚେତନ କରାଉଥିବା ସୂଚନା ଫଳକ ଓ ବୋର୍ଡଗୁଡିକୁ ହଟାଇ ଦେଉଥିବା ଅଭିଯୋଗ ହେଉଛି। ଅଧିକାରୀମାନଙ୍କ ଏତାଦୃଶ କାର୍ଯ୍ୟ ଆଦର୍ଶ ଆଚରଣବିଧିକୁ ନେଇ ରହିଥିବା ନିୟମକୁ ଠିକ୍ ଭାବରେ ବୁଝି ନ ଥିବା ଭଳି ମନେ ହେଉଛି। ଆଚରଣ ବିଧିକୁ ଅନୁପାଳନ କରିବାକୁ ହେଲେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଏଥିପ୍ରତି ଅଧିକ ଯତ୍ନବାନ ଓ ସଜାଗହେବାକୁ ପଡିବ ବୋଲି କୁହାଯାଉଛି।

### ୨୬ରେ ନାକପୋଲ ମେଳଣ

**ଧର୍ମଶାଳା, ୨୪।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍‌ର ଅନ୍ୟତମ ପ୍ରସିଦ୍ଧ ନାକପୋଲ ମେଳଣ ଆସନ୍ତା ୨୬ତାରିଖ ରାତିରେ ଆରମ୍ଭ ହୋଇ ୨୭ତାରିଖ ଅପରାହ୍ନରେ ଉଦ୍‌ଯାପିତ ହେବ। ଏନେଇ ପଲାରଶୁଣୀ ମନ୍ଦିର ପରିସରରେ ମେଳଣ କମିଟି ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଚୈତନ୍ୟ ଦାସ ମେଳଣ ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ସୂଚନା ଦେଇଥିଲେ। ଚଳିତ ବର୍ଷ ୧୫ ରାଧାକୃଷ୍ଣ ବିମାନ ରାଜଦୋଳରେ ସାମିଲ ହେବେ। ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଧର୍ମଶାଳା ଥାନା ପୋଲିସ୍‌ଙ୍କୁ ଅନୁରୋଧ କରାଯାଇଛି। ସମ୍ପାଦକ ବ୍ରଜକିଶୋର ରାଉଳ, ଶିଶିର ସ୍ୱାଇଁ, ସଦାଶିବ ଦାସ, ବଲ୍ଲିଚରଣ ସାମଲ, ପ୍ରଦୀପ୍ତ ରାୟ, ସଦାନନ୍ଦ ନାୟକ, ଶ୍ରବଣ ବାରିକ, କୃଷ୍ଣଚନ୍ଦ୍ର ଦାସ, ନିର୍ମଳ ନାୟକ, ଅସିତ୍ ସାମଲ, ଶତ୍ରୁଘ୍ନ ରାଉଳ, ନଟବର ସ୍ୱାଇଁ, ଗୋଲଖ ମହାନ୍ତି, ଦାମୋଦର ରାୟ, ଶ୍ରୀକାନ୍ତ ରାଉଳ, ଧରଣୀଧର ସ୍ୱାଇଁ, ତ୍ରିଲୋଚନ ରାଉଳ, ପୂର୍ଣ୍ଣଚନ୍ଦ୍ର ସାମଲ, ଶିଶିର ବେହେରା, ନିତ୍ୟାନନ୍ଦ ଦାସ, ବିଷ୍ଣୁ ଚରଣ ସାମଲ, ଗୁଲୁ ଦାସ ଓ ରଣଜିତ୍ ପ୍ରଧାନ ଯୋଗଦେଇ ଶାନ୍ତିଶୃଙ୍ଖଳା ସହକାରେ ମେଳଣ ପରିଚାଳନା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପରେ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସଦସ୍ୟ ଦେବପ୍ରସାଦ ରାୟ ଧନ୍ୟବାଦ ଦେଇଥିଲେ।

## ଏପ୍ରିଲ ୧୪ରେ ପ୍ରକାଶ ପାଇବ 'ପାଦୁକା'ର ୫ମ ସଂସ୍କରଣ



**ଜେନାପୁର, ୨୪।(ଅଶୋକ ଦାସ):**

ବ୍ରାହ୍ମଣୀଦେବୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରକାଶ ପାଉଥିବା ପାଦୁକା ପତ୍ରିକାର ୫ମ ସଂସ୍କରଣ ପ୍ରକାଶ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚାରଗୋଠସ୍ଥିତ କଠଉଣୀ ମଠ ପରିସରରେ ଅନୁଷ୍ଠିତ ବୈଠକରେ ୪ ବର୍ଷର ସଫଳ ସମ୍ପାଦନା ପରେ ପଞ୍ଚମ ସଂସ୍କରଣ ନିମନ୍ତେ ବିଭିନ୍ନ ଆଲୋଚନା କରାଯାଇଛି। ଆଲୋଚନାରେ ଉପସ୍ଥିତ ସାହିତ୍ୟାନୁରାଗୀଙ୍କ ସମ୍ମତିକ୍ରମେ ଏପ୍ରିଲ ୧୪ ମହାବିଷୁବ ପଣା ସଂକ୍ରାନ୍ତିରେ ପତ୍ରିକା ଆତ୍ମପ୍ରକାଶ କରିବ ବୋଲି ସ୍ଥିର ହୋଇଛି। ପତ୍ରିକା ପ୍ରକାଶ ସହିତ କବିତା ଆସର, ଆଲୋଚନାଚକ୍ର ମଧ୍ୟ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କଠଉଣୀ ମଠ ପରିସରରେ ବରିଷ୍ଠ ସାହିତ୍ୟିକଙ୍କ ଗହଣରେ ପତ୍ରିକା ଉନ୍ମୋଚନ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ପତ୍ରିକାର ସମ୍ପାଦକ କାହ୍ନୁଚରଣ ସାହୁ, ଆଶୁତୋଷ ଦେବୀପ୍ରସାଦ ରାଉତ, ବୃନ୍ଦାବନ ଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ଦେଓ, ମହେଶ ମଲ୍ଲିକ, ଦିଲୀପ କୁମାର ବଳ ଓ ରଶ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ୨ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

## ପିଏଚ୍‌ଡି ଓ ଗେଲ ଇଣ୍ଡିଆର ଦାୟିତ୍ୱହୀନତା

**ଯାଜପୁର ଟାଉନ, ୨୪।୩ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ସହରର କେତେକ ଅଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ୨ଦିନ ହେଲା ବନ୍ଦ ରହିଛି। ସହରରେ ଗ୍ୟାସ ପାଇପ୍ ଲାଇନ ବିଛାଉଥିବା ଗେଲ୍ ଇଣ୍ଡିଆ ଏବଂ ପୌରପ୍ରଶାସନ ନିୟନ୍ତ୍ରିତ ଜନସ୍ୱାସ୍ଥ୍ୟ ବିଭାଗ(ପିଏଚଡି) ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଭୀମକରପୁର, ମହାବୀର ଛକ, ରାଉତରାପୁର ଓ ଭାଗବତପୁର ସମେତ ଆଖପାଖ ଅଞ୍ଚଳରେ ଏହି ସମସ୍ୟା ଦେଖାଦେଇଛି।

ଗତ ଶନିବାର ଯୋଡିକୁଅ-ମହାବୀର ଛକ ରାସ୍ତାର ଅଶୋକନଗରଠାରୁ ମହାବୀରଛକ ଦିଗକୁ ଗେଲ ପକ୍ଷରୁ ମେଶିନ ଯୋଗେ ଭୂ-ତଳ ପାଇପ୍ ଲାଇନ ବିଛା ଯାଉଥିବାବେଳେ ଛକ ନିକଟ ପୂର୍ବତନ କାଉନସିଲର ତୁଷାର ବେହେରାଙ୍କ ଘର ନିକଟରେ ପିଏଚଡି ପାଣି ପାଇପ୍ କଟି ଯାଇଥିଲା। ଫଳରେ ଯାଜପୁର-ବିଞ୍ଝାରପୁର ମୁଖ୍ୟ ରାସ୍ତାରେ ପାଣିର ସୁଅ ଛୁଟିଥିଲା ଓ ପାଣି ଯୋଗାଣ ବନ୍ଦ ହୋଇଥିଲା। କେତେଜଣଙ୍କ ଘର ପାଇପ୍ ଲାଇନରେ କଳା ନର୍ଦ୍ଦମା ପାଣି ଆସିଥିଲା। ଚତୁର୍ଥ ଶନିବାର ଛୁଟିଦିନ ଥିବାରୁ ପିଏଚଡିର କୌଣସି କର୍ମଚାରୀ ଆସି ନ ଥିଲେ। ଗେଲ କର୍ମଚାରୀମାନେ ଅପରାହ୍ନ ୨ଟାରୁ ବିଳମ୍ବିତ ରାତି ଯାଏଁ ରାସ୍ତାର ୨ପାର୍ଶ୍ୱକୁ ଖୋଳି ମାଟି ପଥରକୁ ରାସ୍ତା ଉପରେଠୁଳ କରି ଚାଲି ଯାଇଥିଲେ। ଶନିବାର ରାତିରୁ ରବିବାର ଦିନ ତମାମ ଏହି ରାସ୍ତାରେ ଯାନବାହାନ ଯାତାୟାତ ବନ୍ଦ ରହିଛି। ଏନେଇ ପିଏଚଡି ଅଧିକାରୀ ଅବନୀ ଖୁଣ୍ଟିଆ କହିଛନ୍ତି, ଆମକୁ ନ ଜଣାଇ ଗେଲ ଇଣ୍ଡିଆ ଠିକାଦାର ଭୂତଳ ପାଇପ୍ ଲାଇନ ବିଛାଇଛନ୍ତି। କାର୍ଯ୍ୟ ସ୍ଥଳରେ ଉପସ୍ଥିତ ଗେଲ ଠିକାଦାର କିନ୍ତୁ ଭିନ୍ନକଥା କହିଛନ୍ତି। ତାଙ୍କ ଅଫିସ ପୂର୍ବରୁ ସୂଚନା ଦେଇ ଓ ଅନୁମତି ନେଇ ହିଁ କାମ କରିଥାଏ। ଏଠାରେ ମଧ୍ୟ ଗେଲ ପୌରପ୍ରଶାସନ ଏବଂ ଅନ୍ୟ ବିଭାଗକୁ ସୂଚନା ଦେଇ ଏବଂ ଅନୁମତି ନେଇ କାମ କରୁଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ୨ଦିନ ହେଲା ନିଜ ପାଇପ୍ ଲାଇନ କଟିଯିବା ସମସ୍ୟାକୁ ପିଏଚଡି ସେତେଟା ଗୁରୁତ୍ୱ ଦେଇ ନ ଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏହି ସମସ୍ୟା ମଧ୍ୟରେ ଏକ ସମ୍ବେଦନଶୀଳ ଘଟଣା ଦୃଷ୍ଟିକୁ ଆସିଛି। ପିଏଚ୍‌ଡି ୩/୪ ବର୍ଷ ପୂର୍ବରୁ ସହର ତମାମ ନୂଆ ପାଣି ପାଇପ ବିଛାଇ ଥିବା କଥା କହୁଥିବାବେଳେ ପାନୀୟ ଜଳ ଯୋଗାଣ ହେଉଥିବା ଯେଉଁ ପାଇପ୍ ଫାଟି ଯାଇଛି ତାହା କୁଆଡ଼େ ବହୁ ପୁରୁଣା ବୋଲି କୁହାଯାଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳି ପାରିନାହିଁ।

## ସର୍ବଭାରତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରଥମ ହେଲେ ଛାତ୍ର ଦୁଷ୍ମନ୍ତ

**ଯାଜପୁର ଟାଉନ, ୨୪।୩ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ଆନ୍ତର୍ଜାତୀୟ ସାଇନ୍ସ (ବିଜ୍ଞାନ) ଅଲିମ୍ପିଆଡ୍ ଫାଉଣ୍ଡେସନ୍ ୨୦୨୪ ବର୍ଷ ପାଇଁ ହୋଇଥିବା ବିଭିନ୍ନ ଅଲିମ୍ପିଆଡ୍ ମଧ୍ୟରୁ 'ଡିଫେନ୍ସ ସର୍ଭିସେସ୍ ଏକାଡ଼େମୀସିଆନ ସ୍କଲାରସିପ୍' ବିଭାଗରେ ଯାଜପୁର ହାରୋ ପବ୍ଲିକ୍ ସ୍କୁଲର ୬ଷ୍ଠ ଶ୍ରେଣୀ ଛାତ୍ର ଦୁଷ୍ମନ୍ତ ପତି ଓଡ଼ିଶାରୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାର୍ଷିକ ୫ହଜାର ଟଙ୍କା ସ୍କୋଲାରସିପ୍ ହାସଲ କରିଛନ୍ତି। ଆନ୍ତର୍ଜାତୀୟ ସାଇନ୍ସ (ବିଜ୍ଞାନ) ଅଲିମ୍ପିଆଡ୍ ଫାଉଣ୍ଡେସନ୍‌ର ହିରିଆନାର ଗୁରୁଗ୍ରାମସ୍ଥିତ ମୁଖ୍ୟାଳୟରୁ ଏହି ଫଳାଫଳ ସହ ଦୁଷ୍ମନ୍ତଙ୍କ ପାଇଁ ୫ ହଜାର ଟଙ୍କାର ପ୍ରଥମ ଚେକ୍ ସ୍କୁଲକୁ ପଠାଇ ଦିଆଯାଇଛି। ଦୁଷ୍ମନ୍ତଙ୍କ ଏହି ସଫଳତା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ତାଙ୍କ ପିତାମାତାଙ୍କ ପାଖକୁ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିବାରେ ଲାଗିଛି। ଦୁଷ୍ମନ୍ତଙ୍କୁ ବିଜ୍ଞାନରେ ଦକ୍ଷ କରାଇବାରେ ସ୍କୁଲର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ମନୋଜ କୁମାର ପାଣିଗ୍ରାହୀ ଓ ବିଜ୍ଞାନ ଶିକ୍ଷକ ସର୍ବଶ୍ରୀ ବିଶ୍ୱଜିତ ବିଶ୍ୱମୋହନ ମୁଖ୍ୟ ଭୂମିକା ନେଇଥିଲେ। ଦୁଷ୍ମନ୍ତଙ୍କ ଏହି ସଫଳତା ସ୍କୁଲର ଅନ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବ ଓ ଆଗକୁ ଅଧିକରୁ ଅଧିକ ଏଭଳି ସର୍ବଭାରତୀୟ ସଫଳତା ହାସଲ କରିବାକୁ ଛାତ୍ରୀଛାତ୍ରଙ୍କୁ ଦକ୍ଷ କରାଯାଉଛି ବୋଲି ସ୍କୁଲର କାର୍ଯ୍ୟକାରୀ ସଭାପତି ସ୍ୱପ୍ନେନ୍ଦୁ ଶେଖର କର ଓ ସ୍କୁଲର ସେକ୍ରେଟାରୀ ହେମଲତା ପତି ଜଣାଇଛନ୍ତି।

## ଚିତ୍ରକୂଳ ଗାଁରେ ଦେଶୀ ମଦ କାରବାରକୁ ବିରୋଧ



ମଦ ବ୍ୟବସାୟକୁ ମହିଳାମାନେ ବିରୋଧ କରୁଛନ୍ତି ।

**ରସୁଲପୁର, ୨୪।୩(ରଞ୍ଜିତ ରାଉତ):**

ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଚିତ୍ରକୂଳ ଗ୍ରାମରେ ବେଆଇନ ମଦ କାରବାରକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏଠାରେ ଜଣେ ବ୍ୟକ୍ତିଙ୍କ ପରିବାର ବେଆଇନ ଦେଶୀ ମଦ କାରବାର କରୁଛନ୍ତି। ମଦରେ ନିଶା ବଟିକା ମିଶାଇ ପିଇବାକୁ ଦେଉଛନ୍ତି। ଅଧିକାଂଶ ତାଙ୍କ ଭାଟିରୁ ମଦପିଇ ରୋଗାକ୍ରାନ୍ତ ହେଉଛନ୍ତି ବୋଲି ଅଭିଯୋଗ କରି ଗାଁର ଶତାଧିକ ଲୋକ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ୧୮ଦିନ ବିତି ଯାଇଥିଲେ ସୁଧା ବେଆଇନ ମଦକାରବାର ରୋକିବାରେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ଗାଁର ମହିଳାମାନେ ରବିବାର ସଂଘବଦ୍ଧ ହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କ ମଦ ଆଡ୍ଡାରେ ପହଞ୍ଚି ବିରୋଧ କରିଛନ୍ତି। କେବଳ ଏଇଠି ନୁହେଁ ବରଂ ରସୁଲପୁର ବ୍ଲକ ଅଞ୍ଚଳରେ ବେଆଇନ ମଦକାରବାର ରୋକିବାରେ ପ୍ରଶାସନ ବିଫଳ ହେଉଥିବାରୁ ଗାଁରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। ସାଧାରଣ ନିର୍ବାଚନ ସମୟରେ ଏସବୁରେ ରୋକ ଲଗାଯାଇ ନ ପାରିଲେ ଗାଁରେ ହିଂସାତ୍ମକ ପରିସ୍ଥିତ ଉପୁଜିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଗାଁରୁ ବେଆଇନ ମଦ କାରବାର ବନ୍ଦ କରିବା ପାଇଁ ଦାବି ହେଉଛି।

## ବଡ଼ଚଣା ବିଜେଡିର ୨ ପୃଥକ୍ ବୈଠକ

**ଚଣ୍ଡିଖୋଲ, ୨୪।୩(ପ୍ରଦୀପ୍ତ କୁମାର ପୃଷ୍ଟି)**

ନିର୍ବାଚନ ଘୋଷଣା ହେବା ପରେ ବଡ଼ଚଣା ବିଜେଡି ମଧ୍ୟରେ ଧୀରେ ଧୀରେ ବିବାଦ ବଢ଼ିବାରେ ଲାଗିଛି। ରବିବାର ଦୁଇଟି ସ୍ଥାନରେ ପୃଥକ୍ ବୈଠକ ହେବା ଦ୍ୱାରା ଏହାର ଚିତ୍ର ସ୍ପଷ୍ଟ ହେବାରେ ଲାଗିଛି। ଗୋଟିଏ ଗୋଷ୍ଠୀ ପକ୍ଷରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ଗଜେନ୍ଦ୍ରପୁରଠାରେ ହୋଲି ଉତ୍ସବ ପାଳନ ନାମରେ ବୈଠକ ଆୟୋଜନ କରାଯାଇଛି। ଅନ୍ୟ ଏକ ଗୋଷ୍ଠୀ ଏହି ବ୍ଲକ ଅନ୍ତର୍ଗତ ଖଇରାପଡିଆରେ କର୍ମୀ ସମ୍ମିଳନୀ ଜରିଆରେ ପ୍ରସ୍ତୁତି ବୈଠକ କରିଛନ୍ତି। ଉଭୟ ଗୋଷ୍ଠୀ ରବିବାର ଅପରାହ୍ନରେ ସମାନ ସମୟରେ ବୈଠକ ଆୟୋଜନ କରି ନିଜ ନିଜର ପତିଆରା ଦେଖାଇଛନ୍ତି। ଗଜେନ୍ଦ୍ରପୁରଠାରେ ଟିମ୍ ବଡ଼ଚଣା ନାମରେ ହୋଲି ଉତ୍ସବ ଆୟୋଜନ କରାଯାଇଥିଲା। ବ୍ଲକ ବିଜେଡି ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟିମ ବଡ଼ଚଣାର ସଭାପତି ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ପୁତ୍ର ଅଦ୍ୱିତୀୟ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର କୁମାର ନାୟକ, ଜୋନ ସଭାପତି ତାପସ ରାୟ, ଫନିନ୍ଦ୍ର ପଣ୍ଡା, ସରପଞ୍ଚ କିଶୋର ବେହୁରା, ଦିଲୀପ କୁମାର ସାହୁଙ୍କ ସମେତ ବହୁ ବିଜେଡିର ସଭ୍ୟମାନେ ଯୋଗ ଦେଇଥିଲେ। ସେହିଭଳି ଖଇରା ପଡିଆରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆଗାମୀ ୨୯ ତାରିଖରେ କର୍ମୀ ସମ୍ମିଳନୀ କରିବା ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଉପସଭାପତି ତଥା ବ୍ଲକ ଯୁବ ବିଜେଡି ସଭାପତି ଗଣେଶର ବରାଳ, ଜିଲା ବିଜେଡି ଉପସଭାପତି ଅମର ମହାନ୍ତି, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଆଶିଷ ରଞ୍ଜନ ଚୌଧୁରୀ, ଧନେଶ୍ୱର ବେହେରା ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ୨ଟି ସ୍ଥାନରେ ଏକ ସମୟରେ ପୃଥକ୍ ପୃଥକ୍ ବୈଠକ ହେବା ନେଇ ବଡ଼ଚଣାରେ ଚର୍ଚ୍ଚାର ବିଷୟ ପାଲଟି ଥିଲା।



ଖଇରାପଡିଆରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ନେତା ଓ କର୍ମୀ ।



ଗଜେନ୍ଦ୍ରପୁରଠାରେ ଅନୁଷ୍ଠିତ ବୈଠକ ।

**ଖଇରାହୁଳି ଗ୍ରାମରୁ ହରିଣ ଉଦ୍ଧାର**

ନାଉଗାଁ, (ସୁଧା ବେହୁରା): ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତ ଅନ୍ତର୍ଗତ ଖଇରାହୁଳି ଗ୍ରାମରୁ ଏକ ହରିଣକୁ ରବିବାର ଉଦ୍ଧାର କରାଯାଇଛି। ଉକ୍ତ ଗ୍ରାମର ସର୍ବେଶ୍ୱର ପରିଡାଙ୍କ ବାରିପଛପଟେ ଏହି ହରିଣଟି ବୁଲୁଥିଲା। ସର୍ବେଶ୍ୱରଙ୍କ ପୁଅ ରଞ୍ଜିତ ତାକୁ କାବୁ କରିଥିଲେ। ଏହାପରେ ପରିବାର ପକ୍ଷରୁ ପ୍ରଥମେ ନାଉଗାଁ ଥାନା ଓ ପରେ କୁଜଙ୍ଗ ବନଖଣ୍ଡକୁ ଖବର ଦିଆଯାଇଥିଲା। କୁଜଙ୍ଗ ବନଖଣ୍ଡ କର୍ମଚାରୀ ପହଞ୍ଚି ହରିଣକୁ ସାଙ୍ଗରେ ନେଇଯାଇଥିଲେ।

# ଧସିଲା ପଦନିପାଳ ସେତୁକୁ ସଂଯୋଗ ରାସ୍ତା

ଆଳି, ୨୪।୩ (ବନମାଳୀ ସେନାପତି)

- ୧୫ ଦିନ ପୂର୍ବେ ସେତୁ ଉଦ୍‌ଘାଟନ ହୋଇଥିଲା
- ବାହ୍ୟଜଗତରୁ ପଞ୍ଚାୟତବାସୀ ବିଚ୍ଛିନ୍ନ

ବହୁପ୍ରତୀକ୍ଷିତ ପଦନିପାଳ ସେତୁ ଉଦ୍‌ଘାଟନ ହେବାର ୧୫ଦିନ ମଧ୍ୟରେ ସଂଯୋଗୀକରଣ ରାସ୍ତା ସାମାନ୍ୟ ବର୍ଷାରେ ଧୋଇଯାଇଛି। ଫଳରେ ପଞ୍ଚାୟତବାସୀ ପୁନର୍ବାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ସେତୁ ସଂଯୋଗୀକରଣ ରାସ୍ତା ଧସିବା ଘଟଣାକୁ ନେଇ ଅନେକ ପ୍ରଶ୍ନ ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ଦ୍ୱୀପାଞ୍ଚଳ ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ପଦନିପାଳ ପଞ୍ଚାୟତ ପଦନିପାଳ, ଦୈତାରୀପୁର ଓ କଳମଡ଼ାଶାସନ ଗ୍ରାମର ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଗଠିତ। ଏହି ପଞ୍ଚାୟତକୁ ଚତୁଃପାର୍ଶ୍ୱରୁ ନଦୀ ଘେରି ରହିଥିବାରୁ ସେମାନେ ଚିରଦିନ ପାଇଁ ଜଳବନ୍ଦୀ ଭାବେ ଜୀବନ ଅତିବାହିତ କରିଥାନ୍ତି। ପଦନିପାଳବାସୀଙ୍କ ଦୀର୍ଘଦିନର ଦାବି ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୬ କୋଟି ଟଙ୍କା ବ୍ୟୟରେ ପଦନିପାଳ ସେତୁ ନିର୍ମାଣ କରାଯାଇଥିଲା। ସେତୁ ନିର୍ମାଣ କରାଯାଇ ରାଜକନିକା ବ୍ଲକ ନମତରା ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା କରାଯାଇଥିଲା। ମାର୍ଚ୍ଚ ୯ ତାରିଖରେ ଏହି ସେତୁଟି ଆଳି ବିଧାୟକ ତଥା ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ମାତ୍ର ବିଡ଼ମ୍ବନାର ବିଷୟ ୨ଦିନ ପୂର୍ବେ ହୋଇଥିବା ବର୍ଷାରେ ସେତୁକୁ ସଂଯୋଗୀକରଣ ରାସ୍ତାରୁ ଧୀରେ ଧୀରେ ମାଟି ଧସିବା ଆରମ୍ଭ କରିଥିଲା। ପୋଲ ନିକଟରେ ହୋଇଥିବା ବାଲିବନ୍ଧରୁ ବାଲି ଧସିବା ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିବା ସହ ସାମାନ୍ୟ ବର୍ଷାରେ ଯଦି ବନ୍ଧ ଭୁଶୁଡି ପଡୁଛି ତେବେ ପୋଲର ସ୍ଥାୟିତ୍ୱକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ପଞ୍ଚାୟତବାସୀ ଅଭିଯୋଗ କରିବା ପରେ ପୋଲ କାର୍ଯ୍ୟ କରୁଥିବା ଠିକାଦାର ପୋଲକୁ ସଂଯୋଗ କରୁଥିବା ରାସ୍ତାକୁ ସମ୍ପୂର୍ଣ୍ଣ କାଟି ଦେଇଛନ୍ତି।


ସେତୁକୁ ସଂଯୋଗ କରୁଥିବା ରାସ୍ତାରୁ ମାଟି ଧସି ଯାଇଛି।

ଫଳରେ ପୋଲ ଉପର ଦେଇ ଯାତାୟାତ କରିବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଏଠାରେ ପ୍ରଶ୍ନ ଉଠୁଛି, ୨୦୧୯ରୁ ଏହି ସେତୁ ନିର୍ମାଣ କାର୍ଯ୍ୟ ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆରମ୍ଭ ହୋଇ ୨୦୨୪ ମାର୍ଚ୍ଚ ୯ରେ ଉଦ୍‌ଘାଟନ ହୋଇଥିଲା। ସ୍ଥାନୀୟ ଲୋକମାନେ ସେତୁ ହେବା ପରେ ଯାତାୟାତ ଆରମ୍ଭ କରିବା ସହ ଖୁସିରେ ରାଜ୍ୟ ସରକାରଙ୍କୁ ପ୍ରଶଂସା ମଧ୍ୟ କରିଥିଲେ। ସେତୁ ସଂଯୋଗୀକରଣ ରାସ୍ତା ଧସିଯିବା ପରେ ବିଭାଗୀୟ ଅଧିକାରୀଙ୍କ ପାରିଲାପଣିଆ ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

ସେତୁ ନିର୍ମାଣ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଓ ଠିକାଦାରଙ୍କ ମନମୁଖି ନୀତିରେ କାର୍ଯ୍ୟ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏହି ଗୋଟିଏ ଘଟଣା ହିଁ ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପୋଷଣ ନୀତିର ସ୍ପଷ୍ଟ ଚିତ୍ର। କାରଣ ଦୀର୍ଘ ଦଶନ୍ଧି ପରେ ପୋଲଟିଏ ପାଇ ଖୁସି ହେଉଥିବା ପଦନିପାଳବାସୀ ରାସ୍ତା ଧସିବା ପରେ ଚିନ୍ତାରେ ରହିଛନ୍ତି। ଏ ସମ୍ପର୍କରେ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କୁ ପଚାରିବାରେ ଉଦ୍‌ଘାଟନ ପାଇଁ ଅସ୍ଥାୟୀ ଭାବେ ସଂଯୋଗ ରାସ୍ତା ନିର୍ମାଣ କରିଥିଲୁ। ଏବେ ଆମେ ସେତୁକୁ ସଂଯୋଗ ରାସ୍ତା ପାଇଁ ୱାଲ ତିଆରି କରିବା ପରେ ଦୃଢ଼ ଭାବେ ନିର୍ମାଣ କରିବୁ ବୋଲି ସେ କହିଛନ୍ତି।

**ଏମାନେ ଯାହା କୁହନ୍ତି**

“ ୯ ତାରିଖରେ ଉଦ୍‌ଘାଟିତ ହେଲା, କିନ୍ତୁ ଠିକ୍ ଭାବେ କାର୍ଯ୍ୟ କରାଯାଇ ନ ଥିବାରୁ ମାତ୍ର ୧୫ ଦିନ ଭିତରେ ସେତୁକୁ ସଂଯୋଗରୁ ବାଲି ସବୁ ଧୋଇଗଲା। ଏହା ଗ୍ରାମବାସୀଙ୍କ ପାଇଁ ହସ୍ୟାସ୍ପଦ କଥା। ପ୍ରଶାସନ କାହିଁକି ଏପରି କଲା ଏବଂ ଏବେ ପୁଣି ସେହି ରାସ୍ତାକୁ ଖୋଳାଯାଉଛି, ତାହା କରାଯିବ କି ନାହିଁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।
—ନରେନ୍ଦ୍ର ଲେଙ୍କା, ଗ୍ରାମବାସୀ

“ ସେତୁ ନିର୍ମାଣ ପରେ ଲୋକମାନେ ଦୀର୍ଘଦିନର ସ୍ୱପ୍ନ ପୂରଣ ହେଲା ବୋଲି ଖୁସି ଅନୁଭବ କରୁଥିଲେ। ମାତ୍ର ଗୋଟିଏ ଅସରା ବର୍ଷା ସେତୁ ପାଖ ରାସ୍ତା ଧୋଇନେବାରୁ ଲୋକମାନଙ୍କ ଖୁସି ମିଳାଇ ଯାଇଛି। ଗ୍ରାମବାସୀ ସେଥିଁ ଅସୁବିଧାରେ ଥିଲେ ଏବେବି ସେହି ପୁରୁଣା ପରିସ୍ଥିତିରେ ରହିଛନ୍ତି।
—କମଳାକାନ୍ତ ମଲ୍ଲିକ, ଗ୍ରାମବାସୀ

“ ପୋଲ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ନମତରା ପଟକୁ ହୋଇଥିବା ବାଲିବନ୍ଧଟି ପୁରା ଫାଟି ଗଳିପଡ଼ିଛି। ତେଣୁ ଏହାକୁ ସୁଦୃଢ଼ ଭାବେ କରାଯିବା ଉଚିତ ବୋଲି ଗ୍ରାମବାସୀ ଦାବି କରିଛନ୍ତି।
—ଅଜାମ୍ବର ମଲ୍ଲିକ, ଗ୍ରାମବାସୀ

## ସଂକ୍ଷେପରେ

### ଟାୱାର ଯନ୍ତ୍ରାଂଶ ନେଇ ଯାଉଥିବା ଟ୍ରକ୍ ଜବତ

ପଟ୍ଟାମୁଣ୍ଡାଇ, ୨୪।୩ (କଳ୍ପତରୁ ନାୟକ)

ମୋବାଇଲ ଟାୱାର ନିର୍ମାଣ ଯନ୍ତ୍ରାଂଶ ନେଇ ଯାଉଥିବା ଏକ ଟ୍ରକ୍‌କୁ ପଟ୍ଟାମୁଣ୍ଡାଇ ପୋଲିସ ସନ୍ଦେହରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଶନିବାର ବିଳମ୍ବିତ ରାତିରେ ମୋବାଇଲ ଟାୱାର ଯନ୍ତ୍ରାଂଶ ନେଇ ନଂ. ଏପି ୩୯ ୟୁଜେ ୨୪୪୫ ଟ୍ରକ୍ କଟକ ଅଭିମୁଖେ ଯାଉଥିବାବେଳେ ପଟ୍ଟାମୁଣ୍ଡାଇ ବାଇପାସ୍‌ଠାରେ ସ୍ଥାନୀୟ ପୋଲିସ ସନ୍ଦେହରେ ଅଟକ ରଖି କାଗଜପତ୍ର ଯାଞ୍ଚ କରୁଛି। ତେବେ ଟ୍ରକ୍‌ଟି ରାଜକନିକା ଅଞ୍ଚଳରୁ ମୋବାଇଲ ଟାୱାର ଯନ୍ତ୍ରାଂଶ ନେଇ କଟକ ଅଭିମୁଖେ ଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଦେମାଲ ଟିମ୍ ଚାମ୍ପିୟନ

ଆଳି, ୨୪।୩ (ବନମାଳୀ ସେନାପତି)

ଆଳି ବ୍ଲକ ନିଆଳ ପଞ୍ଚାୟତ ତେଲିପାଟଣା ଖେଳପଡିଆଠାରେ ଚାଲିଥିବା ଚତୁର୍ଥ ଗୌରହରି ସାହୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶନିବାର ଫାଇନାଲ ମ୍ୟାଚ ହୋଇଯାଇଛି। ଉଦ୍‌ଯାପନ ଦିବସରେ ଦେମାଲ ଟିମ୍ ସହ ମା' ଖରାଖାଇ କ୍ରିକେଟ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ମା ଖରାଖାଇ ଟିମ୍ ୧୦ ଓଭରରେ ୩ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଜବାବରେ ଦେମାଲ ଟିମ୍ ୭.୫ ଓଭରରେ ୨ ଉଇକେଟରେ ୧୯୯ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଖବରଦାତା ବନମାଳୀ ସେନାପତି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଶ୍ରୀଧର ମହାନ୍ତି, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ନିଆଳି ସରପଞ୍ଚ ଅଶୋକ ମଲ୍ଲିକ, ସମିତିସଭ୍ୟ ସନ୍ତୋଷ ପଡ଼ିହାରୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଦେମାଲ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ଅର୍ଥରାଶି, ମା' ଖରାଖାଇକୁ ରନର୍ସଅପ୍ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ।

### ଏମ୍‌ଜେ ଷ୍ଟ୍ରାଇକର କ୍ରିକେଟ ଟିମ୍ ଚାମ୍ପିୟନ

ରାଜକନିକା, ୨୪।୩ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଅନ୍ତର୍ଗତ ପାରି ନୂଆପଡ଼ା ଖେଳ ପଡିଆଠାରେ ଚାଲିଥିବା ଚଳିତବର୍ଷର ୨ୟ ବାର୍ଷିକ ପଞ୍ଚାୟତସ୍ତରୀୟ ପ୍ରିମିୟର ଲିଗ୍ କ୍ରିକେଟ ଖେଳର ଫାଇନାଲ ରବିବାର ଅନୁଷ୍ଠିତ ହୋଇଯାଇଛି। ଖେଳ ଜେସିବି ଇଲେଭେନ ସହ ଏମ୍‌ଜେ ଷ୍ଟ୍ରାଇକର୍ ମଧ୍ୟରେ ହୋଇଥିଲା। ଏମ୍ ଜି ଷ୍ଟ୍ରାଇକର୍ ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୦୧ରନ୍ କରିଥିଲା। ଜବାବରେ ଜେସିବି ଇଲେଭେନ ସମସ୍ତ ଉଇକେଟ୍ ହରାଇ ୯ ଓଭରରେ ମାତ୍ର ୩୪ ରନ୍ କରି ପରାସ୍ତ ହୋଇଥିଲା। ତେବେ ଚଳିତ ବର୍ଷର ଚାମ୍ପିୟନ ଭାବେ ଏମ୍ ଜେ ଷ୍ଟ୍ରାଇକର୍ ବିବେଚିତ ହୋଇଥିଲା। ଆଜିର ମୁଖ୍ୟ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ୨୭ନମ୍ବର ଜୋନର ଜିଲା ପରିଷଦ ପ୍ରତାପ ବେହେରା, ଆଖୁଳିପଡା ସରପଞ୍ଚଙ୍କ ପ୍ରତିନିଧି ନଇମ ଖାନ, ସମିତି ସଭ୍ୟ ସତ୍ୟସୁନ୍ଦର ପତି, କୁମର ନାୟକ ଯୋଗଦେଇ ଚାମ୍ପିୟନ ଦଳକୁ ୨୦ ହଜାର ଓ ରନର୍ସ ଦଳକୁ ୧୫ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପ୍ରଦୀପ ମଲିକ, ମ୍ୟାନ ଅଫ୍ ଦି ସିରିଜ ଭାବେ ଅମୀୟ ନାୟକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳରେ ଅମ୍ପାୟର ରହିଥିଲେ ଅଞ୍ଜନା କୁମାର ବେହୁରିଆ ଓ ଅମୂଲ୍ୟ ବେହୁରିଆ। ଅନ୍ୟମାନଙ୍କ ମଧ୍ୟରେ ପାରି ନୂଆପଡ଼ା ବହୁରୂପା କ୍ରିକେଟ୍ ଟିମ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ବିଶ୍ୱ ଜଳ ଦିବସ ପାଳିତ

ପଟ୍ଟାମୁଣ୍ଡାଇ, ୨୪।୩ (କଳ୍ପତରୁ ନାୟକ)

ଉତ୍କଳମଣି ନୋଡାଲ କ୍ଲଷ୍ଟର ଅଧୀନରେ ଥିବା ବଡ଼ପଡା ଉପ୍ରା ବିଦ୍ୟାଳୟ ପରିସରରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିରାକାର ସେଠୀ, ସିଆର୍‌ସିସି ଏମ. ଡି. ମସିଉଲ୍ଲା, ପୂର୍ବତନ ପ୍ରଧାନ ଶିକ୍ଷକ ବିଧୁଭୂଷଣ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ରାଉତ ଓ ସହକାରୀ ଶିକ୍ଷକ କବି ଅନ୍ତର୍ଯ୍ୟାମୀ ବେଜ ଯୋଗଦେଇ ଜନଜୀବନ ପାଇଁ ଜଳର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ରଶ୍ମିରେଖା ମହାରଣା ଧନ୍ୟବାଦ ଦେଇଥିଲେ।

## ମିଥ୍ୟା ବକ୍ତବ୍ୟ ଆଧାରରେ ଗିରଫ ହୋଇଛନ୍ତି କେଜ୍‌ରିୱାଲ

କେନ୍ଦ୍ରାପଡ଼ା, ୨୪।୩ (ଜଗନ୍ନାଥ ଧଳ)

ନିଜ ଦୋଷ ଘୋଡାଇବାକୁ ଭାଜପା ସୁଚିନ୍ତିତ ଯୋଜନାରେ ଆମ ଆଦମୀ ପାର୍ଟି (ଏଏପି) ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜରିୱାଲଙ୍କୁ ଗିରଫ କରାଇଛି। ଏକ ମଦ ବ୍ୟବସାୟୀ ତଥା ଔଷଧ କମ୍ପାନୀ ମାଲିକ ପି. ଶରତ ଚନ୍ଦ୍ର ରେଡ୍ଡିଙ୍କ ମିଥ୍ୟା ବୟାନକୁ ସାହାରା କରିଛି। ଭାଜପା ବିରୋଧରେ ତଦନ୍ତ କରାଯାଉ ବୋଲି କେନ୍ଦ୍ରାପଡ଼ା ଜିଲା ଏଏପି କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀ ମାଧ୍ୟମରେ ଦାବି କରିଛନ୍ତି। ସମ୍ମିଳନୀ ସହରର ଶ୍ୟାମସୁନ୍ଦରପୁରସ୍ଥିତ ନିଜସ୍ୱ ଜିଲା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସନ୍ଦୀପ୍ତ କୁମାର ଦାସ, ରାଜ୍ୟ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପରିଡା, ବୈବମନୁ ବେଉରା, କୁମୁଦ କୁମାର ରାଉତ ଏଥିରେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଦେଶରେ ଏଏପିର ଆଦର ବଢିବାରେ ଲାଗିଛି। ଲୋକ ହିତକର ଯୋଜନା



ଖବରଦାତା ସମ୍ମିଳନୀରେ ଏଏପିର ନେତାମାନେ।

ପାଇଁ ଏହି ପାର୍ଟି ଆସନ୍ତା ସାଧାରଣ ନିର୍ବାଚନରେ ଭାଜପାର ମୁଖ୍ୟ ବିରୋଧୀ ଭାବେ ଉଭା ହୋଇଛି। ଶାସକ ଭାଜପା ଏଥିରେ ବ୍ୟତିବ୍ୟସ୍ତ ହୋଇ ରାଷ୍ଟ୍ରୀୟ ଅଧ୍ୟକ୍ଷ କେଜରିୱାଲଙ୍କୁ ଷଡଯନ୍ତ୍ର କରି ଗିରଫ କରାଇଛି। ମଦ ବ୍ୟବସାୟୀ ରେଡିଙ୍କୁ ଇଡି ବିଭିନ୍ନ ଅନିୟମିତତା ପାଇଁ ଗିରଫ କରିଥିଲା। ଜେରା ସମୟରେ ଏଏପି ଅଧ୍ୟକ୍ଷ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସହ ମଦ ବ୍ୟବସାୟକୁ ନେଇ କୌଣସି ସମ୍ପର୍କ ନ ଥିବା କହିଥିଲେ। ଗିରଫ ସମୟରେ ମଦ ବ୍ୟବସାୟୀ ରେଡି ଭାଜପାକୁ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ୫୯.୫ କୋଟି ଟଙ୍କା ଦେଇଥିବା ଏବେ ଜଣାପଡିଛି। ସୁପ୍ରିମ କୋର୍ଟର ନିର୍ଦ୍ଦେଶ ପରେ ଇଲେକ୍ଟୋରାଲ ବଣ୍ଡ ଦୁର୍ନୀତି ଚପାଇବାକୁ ଏଏପି ଅଧ୍ୟକ୍ଷ କେଜରିୱାଲଙ୍କ ବିରୋଧରେ ମିଥ୍ୟା ବୟାନ ଦେବାକୁ ଭାଜପା ପକ୍ଷରୁ ବାଧ୍ୟ କରାଯାଇଛି। ଭାଜପାର ଏହି ଧମକ ପାଇଁ ମଦ ବ୍ୟବସାୟୀ ରେଡି ମିଥ୍ୟା ବୟାନ ଦେଇଛନ୍ତି। ଯାହା ଫଳରେ ରାଷ୍ଟ୍ରୀୟ ଅଧ୍ୟକ୍ଷ କେଜରିୱାଲଙ୍କୁ ଗିରଫ କରାଯାଇଛି। ଏ ନେଇ ଭାଜପା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଜିଲା କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ।

## ଜରିମୂଳରେ କଂଗ୍ରେସର କର୍ମୀ ସମ୍ମିଳନୀ

ରାଜନଗର, ୨୪।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକର ଜରିମୂଳସ୍ଥିତ ମା'ମାଟିଆମଙ୍ଗଳା ମନ୍ଦିର ପରିସରରେ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରରେ କଂଗ୍ରେସ ନେତା ସିଦ୍ଧାର୍ଥ ସ୍ୱରୂପ ଦାସ, ପିସିସି ସଭ୍ୟ ମନୋରଞ୍ଜନ ରାଉତରାୟ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସଂପାଦକ ସ୍ନେହଲତା ଚୌଧୁରୀ, ରାଜନଗର ବ୍ଲକର ପୂର୍ବତନ କଂଗ୍ରେସ କମିଟି ସଭାପତି ଦାମୋଦର ବିଶ୍ୱାଳ, କଂଗ୍ରେସନେତା କାଳନ୍ଦୀ ଚରଣ ରାଉତରାୟ, ପ୍ରମୋଦ କୁମାର ସ୍ୱାଇଁ, ବୈକୁଣ୍ଠ ବିହାରୀ ବିଶ୍ୱାଳ, ହେମନ୍ତ କୁମାର ମିଶ୍ର, ନିରଞ୍ଜନ ବାରିକ, ଅମୂଲ୍ୟ ଜେନା, ଉଦୟଭାନୁ ପଡିହାରୀ, ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇ କଂଗ୍ରେସକୁ ପଞ୍ଚାୟତ ଓ ବୁଥ୍ ସ୍ତରରେ କିପରି ଶକ୍ତିଶାଳୀ କରାଯିବ, ସେ ନେଇ ଆଲୋଚନା କରାଯିବା ସହ ନିର୍ବାଚନମଣ୍ଡଳୀରେ ବ୍ଲକ, ଥାନା, ତହସିଲରେ ଚାଲିଥିବା ବ୍ୟାପକ ଦୁର୍ନୀତି ଉପରେ ଆଲୋଚନା କରାଯାଇଥିଲା।

## ଶାଗ ଭୋଗ ପାଇବାକୁ ବିଦୁରଙ୍କ ମନ୍ଦିରରେ ଭିଡ଼

ଡେରାବିଶ, ୨୪।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗ୍ରାମରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରରେ ଶାଗ ଓ ଅନ୍ନ ପ୍ରସାଦ ଭୋଗ ପାଇବାକୁ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼ ସନ୍ଧ୍ୟା ଯାଏ ଲାଗି ରହିଥିଲା। ପ୍ରସିଦ୍ଧ ଓଳକଣା ମେଳଣ ପଡ଼ିଆ ନିକଟରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିର କାହିଁ କେଉଁକାଳରୁ ପ୍ରତିଷ୍ଠିତ ହୋଇଛି। ଭକ୍ତି ଓ ବିଶ୍ୱାସର ପ୍ରତୀକ ଭାବେ ପୂଜା ପାଉଥିବା ବିଦୁରଙ୍କ ପାଇଁ ବହୁ ଜନଶ୍ରୁତି ରହିଛି। ଜନଶ୍ରୁତି ଅନୁଯାୟୀ, ଦ୍ୱାପର ଯୁଗରେ ପାଣ୍ଡବ ୫ ଭାଇ ନିକଟସ୍ଥ ଡେରାଡିହ ଗ୍ରାମରେ ଅଜ୍ଞାତବାସରେ ରହିଥିବା ବେଳେ ଭକ୍ତ ବିଦୁର ଅରାଖଣ୍ଡ ଗ୍ରାମରେ ଏକ ଆଶ୍ରମ ସ୍ଥାପନ କରି ରହୁଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଅତି ଅନ୍ତରଙ୍ଗ ଥିବା ଭକ୍ତ ବିଦୁରଙ୍କ ସମ୍ପର୍କ ସର୍ବଜନବିଦିତ। ତେବେ ବିଦୁରଙ୍କ ଆଶ୍ରମରେ ଭଗବାନ ଶ୍ରୀକୃଷ୍ଣ ଅବସ୍ଥାନ କରିଥିଲେ। ଏହି ସମୟରେ ବିଦୁର ଭକ୍ତିରେ ତାଙ୍କ ହାତରନ୍ଧା ଶାଗଭଜା ଓ ପଖାଳ ନୈବେଦ୍ୟରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ ବର ଯାଚିଥିଲେ। ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହରଙ୍କ ମିଳନର ଦୃଶ୍ୟ ଦର୍ଶନ ପାଇଁ ଭକ୍ତ ବିଦୁର ବର ମାଗିଥିଲେ। ଶ୍ରୀକୃଷ୍ଣଙ୍କ ବର ପ୍ରଦାନ ଅନୁଯାୟୀ ରବିବାର ରାତିରୁ ଆରମ୍ଭ ହେବ ପ୍ରସିଦ୍ଧ ଓଳକଣା ମେଳଣ। ତେବେ ଏହି ପରମ୍ପରାର ପ୍ରତୀକ ସ୍ୱରୂପ ଫାଲଗୁନ ଚତୁର୍ଦ୍ଦଶୀ ତିଥି ଥିବାରୁ ଭକ୍ତ ବିଦୂରଙ୍କ ମନ୍ଦିରରେ ନୈବେଦ୍ୟ ହେଉଥିବା ଶାଗ ଭଜା ଓ ଅନ୍ନ ପ୍ରସାଦ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି।


ବିଦୁର ମନ୍ଦିରରେ ଭୋଗ ଲାଗି ପ୍ରସ୍ତୁତ ହୋଇଥିବା ଶାଗ।

## ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସତୀର୍ଥର ବସନ୍ତ ଉତ୍ସବ

କେନ୍ଦ୍ରାପଡ଼ା, ୨୪।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକସ୍ଥ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସତୀର୍ଥ ପକ୍ଷରୁ ବସନ୍ତ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର କେରୋସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି ଅମର ପ୍ରସାଦ ରାଉତ ଅଧ୍ୟକ୍ଷତା କରିଥିଲେ। ଏଥିରେ ବାବାଜି ହୃଷୀକେଶ ଦାସ, ଜଗଦାନନ୍ଦ ଜେନା, କବି ହେମନ୍ତ କୁମାର ରାଉତ, ଡ. ଶ୍ରୀଧର ସାମଲ, ହେମନ୍ତ ଜେନା, ସ୍ୱପ୍ନାଂଶୁ ଦାସ, ମାଧବ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବସନ୍ତ ଉତ୍ସବ ସମ୍ପର୍କରେ ନିଜ ମତବ୍ୟକ୍ତ କରିଥିଲେ। ସେମାନେ କହିଛନ୍ତି ଯେ, ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ସର୍ବାଗ୍ରେ


ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ରଖାଯାଇଥାଏ। ବର୍ଷକ ବାରମାସ ମଧ୍ୟରେ ବସନ୍ତ ଋତୁ ହିଁ ଧରାଧାମରେ ସର୍ବସୁଖ ଦେଇଥାଏ। ନବ ପଲ୍ଲବଠାରୁ ଆରମ୍ଭ କରି ଶ୍ରୀରାଧାକୃଷ୍ଣଙ୍କ ଦୋଳପର୍ବ ଏହି ଋତୁରେ ଦେଖାଯାଇଥାଏ। କୃଷିପ୍ରଧାନ ଓଡ଼ିଶା ରାଜ୍ୟରେ କୃଷକଙ୍କର ଏହି ସମୟ କୃଷି ପାଇଁ ଏକ ପ୍ରସ୍ତୁତିର ଆଦ୍ୟପର୍ବ। ଏହି ଋତୁ ପରେ ନିଦାଘ ଖରା ସହ ବର୍ଷା ଆଗମନକୁ ଅପେକ୍ଷା କରାଯାଏ। ଏହା ମାଧ୍ୟମରେ ସାମାଜିକ ସୁରକ୍ଷା ଓ ପ୍ରତିବଦ୍ଧତାକୁ ଦୃଢ଼ କରାଯାଇଥାଏ ବୋଲି ସେମାନେ ମତ ରଖିଥିଲେ। ପଣ୍ଡିତ ପ୍ରତାପ ପତି, ମନ୍ମଥ ନାଥ ବରାଳ, କୈଳାସ ରାଉତ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିଥିଲେ।

## ରାସ୍ତା ଉପରେ ଲହଡ଼ି ମାରୁଛି ଡ୍ରେନ ପାଣି

ମାର୍ଶାଘାଇ, ୨୪।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଖରାଦିନେ ଜଳାଶୟ ଶୁଖିଲା ପଡ଼ିଥିବା ବେଳେ ଜଳ ନିଷ୍କାସନ ପଥ ଅବରୋଧ ଯୋଗୁ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ରାସ୍ତାରେ ଡ୍ରେନ ପାଣି ପ୍ରବାହିତ ହେଉଛି। ଖରାଦିନେ ଏଭଳି ଅବସ୍ଥା ହୋଇଥିବା ବେଳେ ବର୍ଷା ଋତୁରେ ଅବସ୍ଥା ଅସମ୍ଭାଳ ହୋଇ ବଜାରବାସୀଙ୍କୁ କଲବଲ କରିବ ବୋଲି ଆଲୋଚନା ହେଉଛି। ମାର୍ଶାଘାଇ କଲେଜ ପରିସରରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ଡ୍ରେନ



ନିର୍ମାଣ କରାଯାଇ ଜଳ ନିଷ୍କାସନ ପଥ ସହ ଏହାର ସଂଯୋଗ କରାଯାଇଛି। ମାତ୍ର ଏହି ଜଳ ନିଷ୍କାସନ ପଥ ଏବେ ସମ୍ପୂର୍ଣ୍ଣ ଭାବେ ଅବରୋଧ ହୋଇଥିବାରୁ ହାଇସ୍କୁଲ ରାସ୍ତାରେ ଡ୍ରେନ ପାଣି ଲହଡି ମାରୁଛି। ଡ୍ରେନ୍‌ର ମଇଳା ପାଣିରେ

**ତହସିଲଦାରଙ୍କୁ ଛାତ୍ରୀଛାତ୍ରଙ୍କ ଅଭିଯୋଗ**

ହାଇସ୍କୁଲ ଛାତ୍ରୀଛାତ୍ର ଯାତାୟାତ କରି ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହେଉଛି। ଡ୍ରେନ ପାଣିକୁ ବନ୍ଦ କରାଯିବା ପାଇଁ ଛାତ୍ରୀଛାତ୍ର ମାର୍ଶାଘାଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଭାବଶାଳୀ ବ୍ୟକ୍ତିମାନେ ଜଳପଥ ଅବରୋଧ କରିଥିବାରୁ ତୁରନ୍ତ ଏହାକୁ ମୁକ୍ତ ପାଇଁ ସାଧାରଣରେ ଦାବି ହେଉଛି।

## ରାଜା ସାହେବ ଶରତ କୁମାର ଦେବଙ୍କ ଶ୍ରାଦ୍ଧୋତ୍ସବ


ଶ୍ରାଦ୍ଧୋତ୍ସବରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ରାଜା ବ୍ରଜ କେଶରୀ ଦେବ ଓ ଅନ୍ୟମନେ।

ଆଳି, ୨୪।୩ (ବନମାଳୀ ସେନାପତି)

ଶରତ କୁମାର ଦେବ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ରାଜା ସାହେବ ସ୍ୱର୍ଗତ ଶରତ କୁମାର ଦେବଙ୍କ ଶ୍ରାଦ୍ଧ ଦିବସ ଆଳି ନୂଆବଜାରସ୍ଥିତ ଅନ୍ନପୂର୍ଣ୍ଣା ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଜଗତାନନ୍ଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଶରତଙ୍କ ପୁତ୍ର ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଥିଲେ, ୭୦ ଦଶକରେ ଶରତ ଦେବ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ବାସ୍ତବରେ ପରିଣତ ହୋଇଛି। ଆଳି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ହୋଇଛି। ମୁଖ୍ୟ ଅତିଥି ଭାବେ ଆଳିର ରାଜା ସାହେବ ବ୍ରଜ କେଶରୀ ଦେବ ଯୋଗଦେଇ ସ୍ୱର୍ଗତ ଦେବଙ୍କ ବାଲ୍ୟକାଳ, ଶିକ୍ଷାଦାନ ଓ ରାଜନୈତିକ ଜୀବନ ବିଷୟରେ କହିଥିଲେ। ସେ ତାଙ୍କ ପିତାଙ୍କଠାରୁ ହିଁ ଏ ସମସ୍ତ ବିଷୟବସ୍ତୁ ଶୁଣିଛନ୍ତି। ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ମିନତି ରାଉତ ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାର ଶିକ୍ଷା ପାଇଁ ଶରତ ଚନ୍ଦ୍ର ମହାପାତ୍ର, ସାହିତ୍ୟ ପାଇଁ କବି ନାରାୟଣ ପ୍ରସାଦ ରାଉଳ, କ୍ରୀଡାବିତ୍ ପୁଷ୍ପାଞ୍ଜଳି ପଣ୍ଡା, ଉଦ୍ୟାନବିତ୍ ହୃଷୀକେଶ ବେହେରା ଓ ଜୟ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀ କୋଇଲିପୁର ସମ୍ପାତି ବେହେରାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ପେଣ୍ଠ, ଭିତରକନିକା ରାଜନଗର ପାଇଁ ପ୍ରକୃତିର ବରଦାନ

ରାଜନଗର, ୨୪।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ଚାଲିଥିବା ସାଗରବେଳା ମହୋତ୍ସବ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ଦୈନିକ 'ସମାଜ' ଖବରକାଗଜର ମୁଖ୍ୟ ପ୍ରଶାସକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ମୃତ୍ୟୁ ପରେ ଅଙ୍ଗଦାନର ମହତ୍ତ୍ୱ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ପେଣ୍ଠ ଓ ଭିତରକନିକା ରାଜନଗର ପାଇଁ ପ୍ରକୃତିର ବରଦାନ ବୋଲି କହିଥିଲେ। ମହୋତ୍ସବରେ ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗରରେ ଶିଳ୍ପ ନ ଥିଲେ ମଧ୍ୟ ପ୍ରକୃତିର ବରଦାନ ଭିତରକନିକା, ପେଣ୍ଠ ବେଳାଭୂମି ଏବଂ ଗହୀରମଥା ଭଳି ପ୍ରାକୃତିକ ବିଭବ ରହିଛି। ଇକୋ ଟ୍ୟୁରିଜମ୍‌ର ବିକାଶ ହେଲେ ଅଞ୍ଚଳର ଆର୍ଥିକ ବିକାଶ ହେବା ସହ ସ୍ଥାନୀୟ ଲୋକେ କର୍ମ ସଂସ୍ଥାନ ପାଇପାରିବେ।

ଭିତରକନିକା ମହୋତ୍ସବ, ଇକୋ ରିଟ୍ରିଟ୍ ଓ ସାଗରବେଳା ମହୋତ୍ସବ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ


ମହୋତ୍ସବରେ ମଞ୍ଚାସୀନ ଅତିଥି।

**ସାଗରବେଳା ମହୋତ୍ସବ ଉଦ୍‌ଯାପିତ**

କରିଛି ବୋଲି କହିଥିଲେ। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡ. ଅଭୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମହିମା ଧର୍ମର ବ୍ରହ୍ମା ଅବଧୂତ ସୁବ୍ରତ ବାବା, ପ୍ରଫେସର ତଥା ଅନୁଷ୍ଠାନର ସମ୍ପାଦକ ସତ୍ୟବାଦୀ ଜେନା, ସଙ୍ଗଠନ ସମ୍ପାଦକ ଡ. ଧରଣୀଧର ରାଉତ ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷାବିତ୍ ଅନିଲ କୁମାର ବଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସୈନିକ ସୁବେଦାର ଗଗନ ବିହାରୀ ସ୍ୱାଇଁ, ବିଏମ୍‌ସିର ଡେପୁଟି କମିଶନର ରାଜଲକ୍ଷ୍ମୀ ନାୟକ, କେନ୍ଦୁଝରର ଉପଜିଲାପାଳ ତ୍ରିଲୋଚନ ମହାନ୍ତି, ମାଟ୍ରିକ୍ ଟପ୍ପର ଆୟେଶା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଡିଏଫ୍‌ଓ ଯଜ୍ଞଦତ୍ତ ପତି, ପରିବେଶବିତ୍ ତଥା ଗାଳ୍ପିକ ପ୍ରଦୀପ ନାୟକ, ଅଧାପିକା ଭଗବତୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ହଂସୁଆ କଳା ପ୍ରତିଷ୍ଠାନ, ଖବରଦାତା ବସନ୍ତ କୁମାର ହାତୀ, ସଙ୍ଗୀତଜ୍ଞ ସନାତନ ରାଉଳ, ଗାଳ୍ପିକ ତଥା ପରିବେଶବିତ୍ ପ୍ରଦୀପ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ହଂସୁଆ କଳା ପ୍ରତିଷ୍ଠାନ ଓ ଶେଷ ସନ୍ଧ୍ୟାରେ ଭାବଗ୍ରାହୀ କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ପୋଲସରା,୨୪।୩(ସୁବ୍ରତ ବେହେରା)

ପୋଲସରା ଥାନା ଅନ୍ତର୍ଗତ ସିଂହାସନୀ ନିକଟ କିମ୍ବିରିଖଣି ଗ୍ରାମ ନିକଟରେ ଦୁଇ ବାଇକ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୋଦଳା ଥାନା ମଠ ବ୍ରହ୍ମପୁର ଗ୍ରାମର ଅଙ୍ଗତ ମହାନ୍ତି (୩୫) । ଫାଶୀ ଗ୍ରାମର ମଙ୍ଗୁଲୁ ନାୟକ, ରାମ୍ପୁଡ଼ି ଗ୍ରାମର ଜଗନ୍ନାଥ ଶବର ଓ ସୁଦାମ ଶବର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଅଙ୍ଗତ ଓ ମଙ୍ଗୁଲୁ ମିଶି ବାଇକ୍‌ରେ କୌଣସି କାମରେ ସିଂହାସନୀ ଆସି କୋଦଳା ରାସ୍ତାରେ ଯାଉଥିଲେ। ଅନ୍ୟପଟରେ ରାମ୍ପୁଡ଼ି ଗ୍ରାମର ସୁଦାମ ଓ ଜଗନ୍ନାଥ ଅନ୍ୟ ଏକ ବାଇକରେ କୋଦଳା ରାସ୍ତାରେ ଗାଁକୁ ଫେରୁଥିବା ବେଳେ କିମ୍ବିରିଖଣିଠାରେ ଦୁଇ ଗାଡି ମୁହାମୁହିଁ ହେବାରୁ ସମସ୍ତେ ଛଟିକି ପଡିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ପୋଲସରା ମେଡିକାଲକୁ ନେଇଥିଲେ ମଧ୍ୟ ଅଙ୍ଗତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ହରିକୃଷ୍ଣପୁର ଗୋପୀନାଥଙ୍କ ରାମଗିରି ପରିକ୍ରମା

ଶେରଗଡ଼, ୨୪।୩(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ନିକଟସ୍ଥ ହରିକୃଷ୍ଣପୁର ଗ୍ରାମରେ କିଛି ଦିନ ହେଲା ଦୋଳପୂର୍ଣ୍ଣିମା ପାଇଁ ପୂଜାର୍ଚ୍ଚନା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ରାଧାକୃଷ୍ଣଙ୍କୁ ବିମାନରେ ବସାଯାଇ ଗ୍ରାମ ପରିକ୍ରମା କରାଯାଉଛି। ରବିବାର ସନ୍ଧ୍ୟାରେ ଠାକୁରଙ୍କ ବିମାନ ବସାଯାଇ ଗ୍ରାମ ପରିକ୍ରମା ପରେ ନିକଟସ୍ଥ ରାମଗିରି ଗ୍ରାମକୁ ମଧ୍ୟ ଯିବା ସହ ସବୁ ସାହି ପରିକ୍ରମା କରାଯାଇଛି। ପରେ ଫେରିବା ପରେ ହରିକୃଷ୍ଣପୁର ଗ୍ରାମ ଦକ୍ଷିଣ ସାହି ଛକରେ ଅହୀର ପୋଡ଼ି କରାଯାଇ ଠାକୁରଙ୍କୁ ପୂଜାକରି ମନ୍ଦିରରେ ପ୍ରବେଶ କରାଯାଇଛି।

### ପୋଖରୀରୁ ମୃତଦେହ ଜବତ

ମୋହନା,୨୪।୩(ମନ୍ମଥ ମିଶ୍ର):

ମୋହନା ଥାନା ଅନ୍ତର୍ଗତ କିରିସିଂ ଗାଁର ଗୋବିନ୍ଦ ଯାନୀ (୫୫)ଙ୍କ ମୃତଦେହ ପୋଖରୀରୁ ଜବତ କରାଯାଇଛି। ସକାଳେ କୌଣସି କାମରେ ବାହାରକୁ ଯାଇ ଫେରିନଥିଲେ। ଗାଁ ନିକଟରେ ଥିବା ଏକ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ଅଗ୍ନିଶମ କର୍ମଚାରୀ ଆସି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ରହ୍ମପୁର ବଡ଼ ମେଡିକାଲ୍‌କୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ସୂଚନା ଦେଇଛନ୍ତି।

### ୪୦ ଥର ରକ୍ତଦାନ ସହ ଶରୀର ଦାନ କଲେ ଶୁଭକାନ୍ତ



ବେଲଗୁଣ୍ଠା,୨୪।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ପଞ୍ଚାୟତ ସମିତି ଉପଖଣ୍ଡ ଠେଙ୍ଗାଧର ଗ୍ରାମର ବାସିନ୍ଦା ଶୁଭକାନ୍ତ ନାୟକ। ପେଶାରେ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ କିନ୍ତୁ ନିଶା ସମାଜ ସେବା। କନ୍ଧମାଳ ଜିଲା ନାରୀଙ୍ଗାଖୋଲାରେ ଫାର୍ମାସିଷ୍ଟ ଭାବେ ରୋଗୀଙ୍କୁ ଯଥାସାଧ୍ୟ ସେବା ଯୋଗାଇଥାନ୍ତି। ତାଙ୍କ କାର୍ଯ୍ୟ ପାଇଁ ସେଠାରେ ସେ ସମସ୍ତଙ୍କ ପ୍ରିୟପାତ୍ର। ଏହା ସହିତ ଲୋକଙ୍କ ରକ୍ତର ଅଭାବ ପୂରଣ ପାଇଁ ସେ ୪୦ ଥର ରକ୍ତ ଦାନ କରିସାରିଲେଣି। ଆଉ ଜୀବନ ଯିବା ପରେ ମଧ୍ୟ ସେ ଅମର ରହିବା ପାଇଁ ନିଜ ଶରୀରକୁ ସମାଜର ହିତ ପାଇଁ ପ୍ରଦାନ କରିବାକୁ ବିଧିବଦ୍ଧ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯୯ତମ 'ମନ କି ବାତ' କାର୍ଯ୍ୟକ୍ରମରେ ଶରୀର ଦାନ କରି ଅମର ହେବା କଥା ଶୁଣିବା ପରେ ସେଥିରେ ଅନୁପ୍ରାଣିତ ହୋଇ ଗତ ବର୍ଷ ଜୁଲାଇରେ ବ୍ରହ୍ମପୁର ଏମକେସିଜିରେ ଶରୀର ଦାନ ପାଇଁ ଘୋଷଣା କରିଛନ୍ତି।

# ହଳଦୀର ସର୍ବନିମ୍ନ ଦର ସ୍ଥିର କରିବାକୁ ଦାବି

## ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ

ଦାରିଙ୍ଗବାଡି, ୨୪।୩ (ଅରୁଣ ସାହୁ)

କନ୍ଧମାଳ ହଳଦୀର ଅଭାବି ବିକ୍ରୀ ଏବେ ଚାଷୀଙ୍କୁ ସଂକଟରେ ପକାଇଛି। ଗୋଟିଏ ପଟେ ସାହୁକାର ଋଣ, ଅନ୍ୟପଟେ ଅମଳରେ ହ୍ରାସ ପାଇ ଚାଷୀ ଏବେ ଚିନ୍ତାରେ। ଚଳିତ ଥର ହଳଦୀ ଅମଳରେ ବହୁ ବିଳମ୍ବ ଦେଖାଯାଇଥିବା ବେଳେ ବର୍ଷା ପଡିବାରୁ ହଳଦୀ ଖୋଳି ଅମଳ କରାଯାଉଛି। ଦୀର୍ଘ ୧୫ ବର୍ଷ ପରେ ହଳଦୀ ଦର କିଲୋ ପିଛା ୧ ଶହ ଛୁଇଁଥିବା ବେଳେ ବର୍ଷା ପରେ ଅମଳ ଜୋରଦାର ହେବାରୁ ପୁଣି ସାହୁକାରମାନେ ହଳଦୀ ଦର ହ୍ରାସ କରି କିଣୁଥିବା ନେଇ ଚାଷି ଅଭିଯୋଗ କରୁଛନ୍ତି। ସରକାର ହଳଦୀରେ କୌଣସି ସର୍ବନିମ୍ନ ଦର ଧାର୍ଯ୍ୟ କରୁନଥିବାରୁ ଚାଷୀଙ୍କ ମଧ୍ୟରେ ନିରାଶଭାବ ଦେଖାଯାଇଛି। ଯିଏ ଯେଉଁ ଦର ନିଷ୍ପତ୍ତି କରି ସାହୁକାର ଓ ଦଲାଲମାନେ ହଳଦୀ କିଣୁଛନ୍ତି। ଫଳରେ



ଚାଷୀମାନେ ଜମିରୁ ହଳଦୀ ସଂଗ୍ରହ କରୁଛନ୍ତି ।

ଚାଷୀ ମୁଣ୍ଡରେ ଥିବା ଋଣ ଭାର କିଭଳି ମୁକ୍ତହେବ ସେ ନେଇ ଚିନ୍ତରେ ପଡ଼ିଛି। ଗୋଟିଏ ପଟେ ହଳଦୀ ଚାଷ ପାଇଁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ବ୍ୟବସ୍ଥା ରହିଥିବା ବେଳେ ହଳଦୀ ଚାଷ କେବଳ ବ୍ୟକ୍ତିଗତ ଚାଷ କରାଯାଉଛି। ଫଳରେ ଏକାକୀ ଚାଷୀଙ୍କୁ ସରକାରଙ୍କ କୌଣସି ସହାୟତା ନ ଥିବାରୁ ହଳଦୀ ଚାଷରୁ ଚାଷୀ ମୁହଁ ଫେରାଇବା ଆରମ୍ଭ କଲେଣି। କନ୍ଧମାଳ ହଳଦି ପାରମ୍ପରିକ ଓ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା ବେଳେ ଏଥିରୁ କୁରକୁମିନ ନାମକ ଏକ ଦ୍ରବ୍ୟ ବାହାରୁଛି, ଯାହାକି କ୍ୟାନ୍ସର ପ୍ରତିରୋଧକ ସହ ଆଣ୍ଟି ଅକ୍ସିଡେଣ୍ଟ ଗୁଣ ଭରପୁର ରହିଛି। ଫଳରେ କନ୍ଧମାଳ ହଳଦୀର ଚାହିଦା କେବଳ ରାଜ୍ୟ ନୁହେଁ ସାରା ପୃଥିବୀରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହାକୁ ପ୍ରୋତ୍ସାହନ ଦିଆଗଲେ ଓ ସର୍ବନିମ୍ନ ଦର କିଲୋ ପିଛା ୧୫୦ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରାଗଲେ ଚାଷୀ ଏହି ଚାଷରୁ ମୁହଁ ଫେରାଇନିଅନ୍ତା ନାହିଁ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ପରେ ଗତ ବର୍ଷ ଜୁଲାଇ ଦର ୪୦ ଟଙ୍କାରୁ ୧୦୦ ଟଙ୍କା କିଲୋ ପହଞ୍ଚିଥିଲା। ଚଳିତ ବର୍ଷ କିଲୋ ପିଛା ୧ ଶହରୁ ଉର୍ଦ୍ଧ୍ୱ ଦର ରହିଛି, ଯାହାକି ସର୍ବନିମ୍ନ କିଲୋ ପିଛା ୧୫୦ କରିବାକୁ ଦାବି ହେଉଛି।

## ସିଧାମୂଳା ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




ଖଣ୍ଡପଡ଼ା,୨୪।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ପଞ୍ଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସମବାୟ ନିର୍ଦ୍ଦେଶକ ସଞ୍ଜୟ କୁମାର ଖୁଣ୍ଟିଆ, ଯୁବ ସଙ୍ଗଠକ ନିହାର ରଞ୍ଜନ ମିଶ୍ର, ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା, ପ୍ରଭାତ କୁମାର ନାୟକ, ଶିକ୍ଷାବିତ୍ ମହେଶ୍ୱର ରଣା, ସଙ୍ଗଠକ ଭକ୍ତ ଚରଣ ଦାସ, ପଞ୍ଚାନନ ଦଳେଇ, ମହେଶ୍ୱର ନାୟକ, ବ୍ରଜବନ୍ଧୁ ମନ୍ତ୍ରୀ, ସୁରେଶ ନାୟକ, ବୈକୁଣ୍ଠ ବେହେରା, କାର୍ତ୍ତିକ ସ୍ୱାଇଁ, ମହେଶ୍ୱର ସ୍ୱାଇଁ, ଅର୍ଜୁନ ସାହୁ, ଭଗବାନ ସାହୁଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ କର୍ମୀ, ସଙ୍ଗଠକ ସାମିଲ ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ପ୍ରତି ଘରେ ଦଳୀୟ କର୍ମୀମାନେ ଶଙ୍ଖଚିହ୍ନ ପୋଷ୍ଟର ଲଗାଇଥିଲେ ।

# ଖ୍ରୀଷ୍ଟ ସମ୍ପ୍ରଦାୟର ତାଳପତ୍ର ପର୍ବ ପାଳିତ



ବ୍ରାହ୍ମଣୀଗାଁରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ବ୍ରାହ୍ମଣୀଗାଁ/ ଫିରିଙ୍ଗିଆ, ୨୪।୩
(ମନୋରଞ୍ଜନ ରଣା/ ବିକ୍ରମ ଦିଗାଲ)

କନ୍ଧମାଳ ଜିଲାର ବିଭିନ୍ନ କାଥଲିକ ଚର୍ଚ୍ଚମାନଙ୍କରେ ତାଳପତ୍ର ପର୍ବ ରବିବାର ପାଳନ କରାଯାଇଛି। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ କୃଶବିଦ୍ଧ ପୂର୍ବରୁ ଜେରୁଜେଲମ ନଗରବାସୀ ତାଙ୍କ ଶିକ୍ଷାରେ ଅନୁପ୍ରାଣିତ ହୋଇ ତାଙ୍କୁ ରାଜା ରୂପରେ ଗ୍ରହଣ କରି ମହାଆଡ଼ମ୍ବରରେ ଜେରୁଜେଲମ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେହି ସମୟରେ ତାଙ୍କୁ ଗୌରବ, ପ୍ରଶଂସା ଓ ସମ୍ମାନ ଦେବା ନିମନ୍ତେ ତାଳପତ୍ର ଓ ଖଜୁରୀ ଡାଳ ଆଦି ବ୍ୟବହାର କରିଥିଲେ। ସେହି ଘଟଣାକୁ ସ୍ମରଣ କରି ଖ୍ରୀଷ୍ଟ ସମ୍ପ୍ରଦାୟ ପକ୍ଷରୁ ଏହି ପର୍ବକୁ ଆଡ଼ମ୍ବର ସହ ପାଳନ କରିଥାନ୍ତି। ଏହି ଅବସରରେ ଦାରିଙ୍ଗବାଡି ବ୍ଲକ, ବ୍ରାହ୍ମଣୀଗାଁ କାଥଲିକ ଚର୍ଚ୍ଚ ପକ୍ଷରୁ ରବିବାର ତାଳପତ୍ର ପର୍ବ ଅନୁଷ୍ଠିତ ହୋଇଯାଇଛି। ଲୁର୍ଦ୍ଦମେରୀ ଗ୍ରାମ୍ୟ ପରିଚାଳନା କମିଟିର ନେତୃତ୍ୱରେ ଖ୍ରୀଷ୍ଟ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ସକାଳୁ ସକାଳୁ ସ୍ଥାନୀୟ ବଡ଼ସାହିରେ ଏକତ୍ରିତ ହୋଇଥିଲେ। ଚର୍ଚ୍ଚର ମୁଖ୍ୟ ଯାଜକ ବିମଳ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ତାଳପତ୍ର ଓ ଖଜୁରୀ ଡାଳଗୁଡ଼ିକୁ ଆଶୀର୍ବାଦ କରାଯାଇଥିଲା। ସେହି ତାଳପତ୍ର ଧରି ଶ୍ରଦ୍ଧାଳୁମାନେ ପ୍ରଶଂସାର ଗୀତ ଗାନ କରି ବଡ଼ ସାହିରୁ ଚର୍ଚ୍ଚ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ଏକ ମିଳିତ ଦିବ୍ୟଯଜ୍ଞ ଅନୁଷ୍ଠିତ ହେଇଥିଲା। ମୁଖ୍ୟ ଯାଜକ ଶ୍ରୀ ନାୟକ ବାଇବେଲରୁ ଯୀଶୁଙ୍କ ଯାତନା ବିବରଣୀ ପଠନ କରିବା ସହ ବାକ୍ୟ ପରିବେଷଣ କରିଥିଲେ। ଖ୍ରୀଷ୍ଟୀୟ ଜୀବନରେ କିଭଳି ଜଣେ ବ୍ୟକ୍ତି ବିଶ୍ୱାସରେ ଅଭିବୃଦ୍ଧି କରିପାରିବେ ଏବଂ ପାପପଥରୁ ମନ ଫେରଣ କରି ଆତ୍ମିକ ଜୀବନ ଲାଭ କରିପାରିବେ ସେ ସମ୍ପର୍କରେ ଉଦବୋଧନ ଦେଇଥିଲେ।

ସେହିପରି ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ରୋମାନ୍ କାଥଲିକ୍ ଚର୍ଚ୍ଚରେ ଧୁମ୍‌ଧାମରେ ତାଳପତ୍ର ଯାତ୍ରା ପାଳିତ ହୋଇଛି। ଏହି ଯାତ୍ରା ପାଳନ କରିବାକୁ ୨୧ ମଣ୍ଡଳୀର ୮୦୦ରୁ ଉର୍ଦ୍ଧ ଖ୍ରୀଷ୍ଟ ବିଶ୍ୱାସୀ ଭାଇ ଓ ଭଉଣୀ ମାନେ ଏହି ତାଳପତ୍ର ରବିବାର ପାଳନ କରିବାକୁ ଚର୍ଚ୍ଚ ରେ ଉପସ୍ଥିତ ଥିଲେ। ସମସ୍ତେ ପ୍ରଥମେ ପବିଙ୍ଗିଆ ଗାନ୍ଧୀ କହଁରଙ୍କ ଯାଜକ ପ୍ରେମାନନ୍ଦ ନାୟକ ଦିବ୍ୟ ଯଜ୍ଞ ଉତ୍ସର୍ଗ କରିଥିବା ବେଳେ ଯାଜକ ତ୍ରିନାଥ କହଁର ଓ ଡିକେନ୍ ଅସିତ୍ ବାଗସିଂ ସହଯୋଗ କରିଥିଲେ। ଏଥିରେ ପବିଙ୍ଗିଆ ପାରିସ୍‌ର ପ୍ରଚାରକ ରାହୁଲ ସିଂ, ବ୍ରହ୍ମାନନ୍ଦ ଦିଗାଲ, ପାଉଲ ଦିଗାଲ,ବେହେରା ଛୋଟ୍ ରାୟ ଦିଗାଲ ,ସମ୍ପାଦକ ରିତେଶ କହଁର, ମାନୁଆଲ ଦିଗାଲଙ୍କ ସହିତ ଅନ୍ୟ ମାନେ ପ୍ରଭୁ ଯୀଶୁ ଙ୍କ ବିଜୟ ପର୍ବ ପାଳନ କରିଥିଲେ।

## ରାଜ୍ୟ ଓକିଲ ପରିଷଦ ସଭ୍ୟଙ୍କୁ ସମ୍ବର୍ଦ୍ଧନା

ଭଞ୍ଜନଗର,୨୪।୩(ବାବୁଲା ପ୍ରଧାନ)

ଭଞ୍ଜନଗର ଓକିଲ ସଙ୍ଘ ତରଫରୁ ରବିବାର ଓଡିଶା ରାଜ୍ୟ ଓକିଲ ପରିଷଦର ନବ ନିର୍ବାଚନ ସଭ୍ୟ ତଥା ଭୁବନେଶ୍ୱର ଓକିଲ ସଂଘର ସଭ୍ୟ ତପନ କୁମାର ବିଶାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଅଭିମନ୍ୟୁ ଗୌଡ଼ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ରଜତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ହରେକୃଷ୍ଣ ମହାପାତ୍ର, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର, କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ସଭାରେ ଶ୍ରୀ ବିଶାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାପତି ଶ୍ରୀ ଗୌଡ ବର୍ତ୍ତମାନ ଓକିଲମାନଙ୍କ ସମସ୍ୟା ଉପରେ କହିଥିଲେ। ଶ୍ରୀ ବିଶାଳ ମଧ୍ୟ ଓକିଲମାନଙ୍କ ସମସ୍ତ ଅଭିଯୋଗକୁ ସରକାରଙ୍କୁ ଜଣାଇବି ବୋଲି କହିଥିଲେ। ଭଞ୍ଜନଗର ଓକିଲ ସଂଘର ଆଇନଜୀବୀ ସନ୍ତୋଷ କୁମାର ନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ବସନ୍ତ କୁମାର ଦାଶ, ଦଣ୍ଡପାଣି ସ୍ୱାଇଁ, ଅଳକା ମଞ୍ଜରୀ ପଟ୍ଟନାୟକ, ଶୈଳେନ୍ଦ୍ର ସାହୁ, ଦିବାକର ନାୟକ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସମୀର ନାୟକ, ସୁଶାନ୍ତ ତିଆଡ଼ି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଓକିଲ ସଂଘର ସମ୍ପାଦକ ସଭା ପରିଚାଳନା କରିଥିବା ବେଳେ ଉପ ସଭାପତି ରଜତ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

## ନୀଳମାଧବଙ୍କ ଦୋଳ ଉତ୍ସବ, ହୋଲିକା ଦହନ

ଖଣ୍ଡପଡ଼ା,୨୪।୩(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ଅନ୍ୟାନ୍ୟ ପର୍ବ ପର୍ବାଣି ଭଳି ଦୋଳ ଓ ମେଣ୍ଢାଶାଳ ପୋଡ଼ି(ହୋଲିକା ଦହନ) ଉତ୍ସବ ଅନ୍ୟତମ । ଫାଲଗୁନ ଦଶମୀ ବା ଫଗୁ ଦଶମୀଠାରୁ ନୀଳମାଧବଜୀଉଙ୍କର ଦୋଳ ଉତ୍ସବ ଆରମ୍ଭ ହୋଇଥାଏ । ରବିବାର ସନ୍ଧ୍ୟାରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ସିଂହଦ୍ୱାରସ୍ଥିତ ଦୋଳବେଦୀକୁ ହାନ୍ଦୋଳାରେ ବିଜେ କରାଇ ପୂଜାର୍ଚ୍ଚନା ପରେ ଠାକୁରଙ୍କ ଫଗୁ ଖେଳ ନୀତି ସଂପନ୍ନ ହୋଇଥିଲା। ଏହାପରେ ଦୋଳବେଦୀ ନିକଟରେ ଦେବୋତ୍ତର ବିଭାଗ ଦ୍ୱାରା ନିର୍ମିତ ଏକ ଚାଳ ଘରକୁ ଅଗ୍ନି ସଂଯୋଗ କରାଯାଇଥିଲା । ଏହି ସମୟରେ ଶ୍ରୀଜୀଉଙ୍କୁ ପୋଡ଼ି ଯାଉଥିବା ଏହି ଗୃହର ଚତୁଃପାର୍ଶ୍ୱରେ ୭ଥର ପରିକ୍ରମା କରାଯାଇଥିଲା। ପରେ ଠାକୁର ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପୁରାଣ ତଥା ଲୋକ କଥାନୁଯାୟୀ ଅତ୍ୟାଚାରୀ ମେଷାସୁର(ମେଣ୍ଢାସୁର)ର ଅତ୍ୟାଚାରରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଅତ୍ୟାଚାରୀ ମେଣ୍ଢାସୁରର ମୁଖ୍ୟ ଗହ୍ୱର ମଧ୍ୟକୁ ପ୍ରବେଶ କରି ମେଣ୍ଢାସୁରକୁ ବଧ କରିଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ଅଙ୍ଗରେ ଲାଗିଥିବା ରକ୍ତ ଛିଟାକୁ ଭୂମିରେ ପଡିବାକୁ ନ ଦେଇ ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ଦେହରେ ଫଗୁ ବା ଅବିର ବୋଳି ଦେଇଥିଲେ । ଅତ୍ୟାଚାରୀର ବଧ ପରେ ଗୋପାଙ୍ଗନାମାନେ ଆନନ୍ଦ ବିହ୍ୱଳିତ ହୋଇ ଅସୁରର ଗୃହକୁ ପୋଡ଼ି ଦେଇଥିଲେ। ଲୋକ କଥା ଅନୁଯାୟୀ ଏହାକୁ ମେଣ୍ଢାଶାଳ ପୋଡ଼ି ବୋଲି କୁହାଯାଏ ।

## ଚାଉପଲ୍ଲୀ ମଦନମୋହନଙ୍କ ବାର୍ଷିକ ମହୋତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

ଖଣ୍ଡପଡ଼ା,୨୪।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମର ଆରାଧ୍ୟ ଠାକୁର ମଦନ ମୋହନ ଓ ରାଧାରାଣୀଙ୍କ ତୃତୀୟ ବାର୍ଷିକ ଉତ୍ସବ ୪ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି। ଏ ଅବସରରେ ରବିବାର ସକାଳେ ପ୍ରାତଃପୂଜା, ପ୍ରବକ୍ତା ଚିତ୍ତବିନୋଦ ଦାସଙ୍କ ଦ୍ୱାରା ଭାଗବତ କଥାମୃତ ପ୍ରଦାନ କରାଯାଇଥିଲା । ଅପରାହ୍ନରେ ଯଜ୍ଞ ପୂଜା ସମ୍ପନ୍ନ ପରେ ଅପରାହ୍ନରୁ ପୌରାଣିକ ଗୀତିନାଟ୍ୟ 'ଦାନବୀର ହରିଶ୍ଚନ୍ଦ୍ର' ନବରଙ୍ଗୀ ପରିବେଷଣ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀର ଭାଗିରଥୀ ପୂଜାପଣ୍ଡା ଓ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ ।

# ବିନା ସୂଚନା ଫଳକରେ ଉନ୍ନୟନ କାମ

ଖଜୁରିପଡ଼ା,୨୪।୩(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଲକ୍ଷାଧିକ ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ତେବେ କେତେକ କାର୍ଯ୍ୟରେ ସୂଚନା ଫଳକ ଥାଇ କାମ ହୋଇନି ତ ଆଉ କେତେକ ସ୍ଥାନରେ ସୂଚନା ଫଳକ ନ ହୋଇ ନିର୍ମାଣ କାମର ବିଲ ହୋଇଛି। ସେହିପରି କେତେକ ପ୍ରକଳ୍ପର କାର୍ଯ୍ୟ ଚାଲିଥିଲେ ମଧ୍ୟ ସୂଚନା ଫଳକ ନାହିଁ । ଫଳରେ ଲୋକେ କାର୍ଯ୍ୟର କୌଣସି ସୂଚନା ପାଇପାରୁ ନାହାଁନ୍ତି ବୋଲି ବ୍ଲକ କଂଗ୍ରେସ ସଭାପତି ସ୍ୱାଧୀନ ବେହେରା, କମଳ ବେହେରା, ବରିଷ୍ଠ ଆଇନଜୀବୀ ଦେବେନ୍ଦ୍ର ପ୍ରଧାନ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପିତାମ୍ବର ସାହୁ ଅଭିଯୋଗ କରିଛନ୍ତି।

ଖଜୁରିପଡ଼ା ବ୍ଲକ ସମ୍ମୁଖରେ ନିର୍ମାଣ ହେଉଥିବା ଫାଟକରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଅରାପାଜୁ ବନ୍ଧରେ ସୂଚନା ଫଳକ ଅଛି, ହେଲେ କାମ ଆରମ୍ଭ ହୋଇ ନାହିଁ। ବଲସକୁମ୍ପା ୟୁପି ସ୍କୁଲରେ ସ୍କୁଲ ମରାମତି ସରି ବିଲ୍ ହେବାର କିଛିଦିନ ପରେ ସୂଚନା ଫଳକ ଲେଖାଯାଇଛି । ଏଭଳି ଆଉ ଅନେକ କାର୍ଯ୍ୟ ଚାଲୁ ରହିଥିଲେ ସୁଦ୍ଧା ସୂଚନା ଫଳକ ନାହିଁ । ଯାହା ଫଳରେ ଜନସାଧାରଣ ଏହି କାମ କେଉଁ ଅନୁଦାନ ପାଣ୍ଠିରୁ କରାଯାଉଛି ଏବଂ କେତେ ଟଙ୍କା ଅଟକଳ ହୋଇଛି, କାମ କେବେ ଆରମ୍ଭ ହେଲା କେବେ ଶେଷ ହେବ ଏବଂ ଠିକାଦାର କିଏ, କେଉଁ ନିର୍ବାହୀ ସଂସ୍ଥା କରୁଛି ତାହା ଜାଣି ପାରୁନାହାଁନ୍ତି। ଅଧିକାଂଶ କାମ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ହେଉଥିବାରୁ ସୂଚନା ଫଳକ ଲେଖା ଯାଉ ନ ଥିବା ଆଲୋଚନା ହେଉଛି। ଏ ନେଇ ସହକାରୀ ଯନ୍ତ୍ରୀ ଶୁଭସ୍ମିତା ନାଥଙ୍କୁ ପଚାରିବାରେ ଯଦି ଏଭଳି କୋଉଠି ହେଇଥିବ ତାହାହେଲେ ଅତିଶୀଘ୍ର ସେଠାରେ ସୂଚନା ଫଳକ ଲେଖା ଯିବ ବୋଲି କହିଛନ୍ତି।

## ଆସିକା ବିଧାୟିକାଙ୍କ ଜନସମ୍ପର୍କ ଯାତ୍ରା

କବିସୂର୍ଯ୍ୟନଗର,୨୪।୩(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ସିଆଳିଆ ଗ୍ରାମ ପଞ୍ଚାୟତ ସିଆଳିଆ ଗାଁରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଶତାଧିକ କର୍ମୀଙ୍କୁ ଧରି ଜନସମ୍ପର୍କ ପଦଯାତ୍ରା କରିଥିଲେ । ସେ ଘର ଘର ବୁଲି ଲୋକଙ୍କ ଦୁଃଖସୁଖ ବୁଝିଥିଲେ। ଜନସମ୍ପର୍କ ଯାତ୍ରାରେ ସିଆଳିଆ ସମିତି ସଭ୍ୟ କମ୍ବୁପାଣି ନାହାକ , ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଯୁବନେତା ବ୍ରଜସୁନ୍ଦର ମଲ୍ଲିକ, ଜିଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ପ୍ରାକ୍ତନ ସିଆଳିଆ ସରପଞ୍ଚ ରତନ ନାହାକ, ପ୍ରାକ୍ତନ ସମିତିସଭ୍ୟ ସୁଶାନ୍ତ ନାହାକ ପ୍ରମୁଖ ବହୁ ସାମିଲ ହୋଇଥିଲେ ।

## କ୍ୟାମେରା ମ୍ୟାନ ସଂଘର କର୍ମକର୍ତ୍ତା ଚୟନ



ଫୁଲବାଣୀ, ୨୪।୩(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା କ୍ୟାମେରା ମ୍ୟାନ ସଂଘର ନୂତନ କର୍ମକର୍ତ୍ତା ଚୟନ ସ୍ଥାନୀୟ ଫୁଟବଲ କ୍ଲବଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ ଜଗନ୍ନାଥ ଦାଶ, ଉପ ସଭାପତି ଯୁବରାଜ ରାଉତ, ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଅସିତ୍ ବେହେରା ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ କୃତିଦିପନ ଭୋଇ, କାହ୍ନା ପଟ୍ଟନାୟକ, କାହ୍ନା ଦିଗାଲ, ମନୋଜ ଦାସ, ନିଖିଲ୍ କୁମାର, ଅଶୋକ ପରିଡ଼ା, ସୋମ୍ୟରଞ୍ଜନ ଆଚାରି. ସନ୍ତୋଷ ଦଳେଇ, ଉପଦେଷ୍ଟା ଭାବେ ରାଜେଶ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଶିବାଜୀ ଜେନା, ରାମକୃଷ୍ଣ ପଣ୍ଡା, ଗୋପାଳ ଚନ୍ଦ୍ର ପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି । ଆଗାମୀ ଦିନରେ ସଂଘକୁ ମଜବୁତ୍ କରିବା ସହ ଅନ୍ୟ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ଦାଶ ଏବଂ ସାଧାରଣ ସମ୍ପାଦକ ସାମନ୍ତରାୟ କହିଛନ୍ତି ।

# ନିମ୍ନମାନର ରାସ୍ତା ନିର୍ମାଣ ଯୋଗୁ ଏସ୍‌ଡିଓ, ଯନ୍ତ୍ରୀ ଅଟକ

ନୂଆଗଡ଼,୨୪।୩(ଯୋଗ୍ୟବନ୍ତ ପରିଚ୍ଛା)

ନିମ୍ନମାନର ରାସ୍ତା ନିର୍ମାଣ ଯୋଗୁଁ ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଅଟକ ରଖିଲେ ଅଞ୍ଚଳବାସୀ। ଉଚ୍ଚପଦସ୍ଥ ଅଧିକାରୀ ଆସି ଏହାର ପୁନଃନିର୍ମାଣ ଓ ଉନ୍ନତମାନର କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେବାକୁ ଅଞ୍ଚଳବାସୀ ଜିଦ୍ କରି ବସିଥିଲେ। ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ କେରେଡାଙ୍ଗଠାରୁ ଲୁହାସିଂ ଭାୟା ଅଲେଙ୍ଗୁର ଦେଇ କଣ୍ଟାବାଡ଼ ପର୍ଯ୍ୟନ୍ତ ୮କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୩.୮୪ ଲକ୍ଷ ଟଙ୍କା ବିନିମୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଲୋକଙ୍କ କହିବା ପ୍ରକାରେ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଅଞ୍ଚଳର ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କୁ ଅଭିଯୋଗ କରୁଥିଲେ। ଅଭିଯୋଗ କରୁଥିଲେ ମଧ୍ୟ ଠିକାଦାର ମନମୁତାବକ ରାସ୍ତା କାମ କରିଚାଲିଥିଲେ। କିନ୍ତୁ ଶନିବାର ଲୋକଙ୍କ ଅଭିଯୋଗକୁ



ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ଅଧିକାରୀ

ଭିତ୍ତି କରି ନିର୍ମାଣାଧୀନ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଏସଡିଓ ରାମ ଚନ୍ଦ୍ର ବେହେରା ଏବଂ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ପୂର୍ତ୍ତି ସେଠାରେ ପହଞ୍ଚି ରାସ୍ତା କାମର ତର୍ଜମା କରୁଥିଲେ। ସେତିକି ବେଳେ ସ୍ଥାନୀୟ ଅଞ୍ଚଳର ଲୋକେ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଛି। ତେଣୁ ତୁରନ୍ତ ରାସ୍ତାର ପୁନଃନିର୍ମାଣ ଓ ଉନ୍ନତମାନର କରାଯିବାକୁ ନେଇ ଏସଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଅଟକ ରଖିଥିଲେ। ଖବର ପାଇ ଆର.ଉଦୟଗିରି ପୋଲିସ, ବିଭାଗୀୟ କର୍ମଚାରୀ ଏବଂ ଠିକାଦାର ପହଞ୍ଚି ଲୋକମାନଙ୍କୁ ବହୁ ବୁଝାସୁଝା କରିଥିଲେ। ପରେ ଠିକାଦାର ଏବଂ ବିଭାଗୀୟ କର୍ମଚାରୀମାନେ ଏହି କାର୍ଯ୍ୟ ଉନ୍ନତମାନର କରାଯିବ ବୋଲି ଲିଖିତ ଆକାରରେ ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ଦୁଇଜଣଙ୍କୁ ଲୋକେ ଛାଡ଼ିଥିଲେ।

# ଗାଁରେ ଆଉ ଜଳୁନି ଷ୍ଟ୍ରିଟ୍ ଲାଇଟ୍

■ ଅନ୍ଧାରରେ ଅନେକ ପଞ୍ଚାୟତ
■ ବିଲ୍ ପୈଠରେ ନାହିଁ ତାଳମେଳ

**କାଏମା,୨୪।୩(ଶିବପ୍ରସାଦ ମହାନ୍ତି):**

ଅନ୍ଧକାରରୁ ମୁକ୍ତି ପାଇଁ ଗାଁଗାଁରେ ଲାଗିଥିଲା ଷ୍ଟ୍ରିଟ ଲାଇଟ୍। ମାତ୍ର କିଛି ଦିନ ଜଳିବା ପରେ ତାହା ବନ୍ଦ ହୋଇଯାଇଛି। ଅନେକ ଗାଁରେ ଆଉ ଜଳୁନି ଷ୍ଟ୍ରିଟ୍ ଲାଇଟ। ଧର୍ମଶାଳା ବ୍ଲକର ଅନେକ ପଞ୍ଚାୟତରେ ଏହି ଘଟଣା ଦେଖିବାକୁ ମିଳିଛି। ଗାଁରେ ବିଦ୍ୟୁତୀକରଣ ପାଇଁ ସରକାରଙ୍କ ପକ୍ଷରୁ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଯୋଜନା ସମ୍ପୂର୍ଣ୍ଣ ସଫଳ ହୋଇ ନ ଥିବା ଏହା ପ୍ରମାଣିତ କରୁଛି। ଉକ୍ତ ବ୍ଲକ ଅନ୍ତର୍ଗତ ଦେଓଦା ପଞ୍ଚାୟତରେ ୨୦୨୧-୨୨ରେ ୯୫ ଷ୍ଟ୍ରିଟ୍ ଲାଇଟ ଲାଗିଥିଲା। କିଛି ମାସ ଧରି ଲୋକେ ଷ୍ଟ୍ରିଟ ଲାଇଟ ସୁବିଧା ପାଇଥିଲେ, ହେଲେ ତା'ପରଠାରୁ ପଞ୍ଚାୟତର ଅନେକ ଗଳିକନ୍ଦି ଅନ୍ଧାରରେ ରହିଛି। ଏନେଇ ସରପଞ୍ଚ ଅତୁଲ ମଳିକ କହିଛନ୍ତି, ପଞ୍ଚାୟତରେ ୯୫ ଷ୍ଟ୍ରିଟ ଲାଇଟ୍ ଲାଗିଥିଲା। ଏଥିପାଇଁ ୭ ହଜାରରୁ ଅଧିକ ଟଙ୍କା ମାସିକ ବିଦ୍ୟୁତ୍ ବିଲ୍ ପଞ୍ଚାୟତରୁ ପ୍ରଦାନ କରାଯାଉଥିଲା। ସେଥିମଧ୍ୟରୁ ୫୨ ଲାଇଟ ଖରାପ ହୋଇଥିବାରୁ ଏହାକୁ ମରାମତି ପାଇଁ ସେ ଅଭିଯୋଗ କରିଥିଲେ। ଗତ ସେପ୍ଟେମ୍ବରରେ ଜଳୁ ନ ଥିବା ଲାଇଟକୁ ମରାମତି କରିବା ସହ ନୂତନ ଷ୍ଟ୍ରିଟ ଲାଇଟ୍


ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ।

ଯୋଗାଇ ଦେବା ପାଇଁ ସରପଞ୍ଚଙ୍କଠାରୁ ଏକ ଫର୍ମରେ ଦସ୍ତଖତ କରାଇ ନେଇଥିଲେ ବିଦ୍ୟୁତ୍ ବିଭାଗ ଅଧିକାରୀ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଲାଇଟ ମରାମତି ହୋଇ ନାହିଁ କି ନୂତନ ଲାଇଟ ସଂଯୋଗ କରାଯାଇନାହିଁ। କିନ୍ତୁ ପ୍ରତି ମାସ ୨୨୦ ଲାଇଟର ଆନୁମାନିକ ବିଲ୍ ବାବଦକୁ ମାସିକ ୩୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଆସୁଛି। ଫଳରେ ବର୍ତ୍ତମାନ ଦୁଇ ଲକ୍ଷ ଟଙ୍କାରୁ ଅଧିକା ବିଲ୍ ବାକି ହୋଇଛି। ସେଥିରୁ ମାର୍ଚ୍ଚ ମାସ ହୋଇଥିବାରୁ ଏକ ଲକ୍ଷ ଟଙ୍କାର ବିଲ୍ ପ୍ରଦାନ କରାଯାଇଥିବା ସରପଞ୍ଚ ସୂଚନା ଦେଇଛନ୍ତି।

ଏହିପରି ଭାବେ ବ୍ଲକ୍‌ର ୨୨ ପଞ୍ଚାୟତରେ ସମସ୍ୟା ଦେଖାଦେଇଛି। ସେଥିମଧ୍ୟରୁ ମଙ୍ଗଳପୁର ପଞ୍ଚାୟତର ସମାନ କଥା ହୋଇଥିବା ସରପଞ୍ଚ ପ୍ରମୋଦ ଜେନା ପ୍ରକାଶ କରିଛନ୍ତି। କିନ୍ତୁ ଏହାକୁ ପର ମୁହୂର୍ତ୍ତରେ ସଂଶୋଧନ କରି କିଛି ଟଙ୍କା କାଟଛାଣ୍ଟ କରାଯାଇ ବିଲ ପୈଠ କରିଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ମଲ୍ଲିକ କହିଛନ୍ତି। ମିର୍ଜାପୁର ପଞ୍ଚାୟତରେ ମୋଟ୍ ୧୦୬ ଷ୍ଟ୍ରିଟ୍‌ଲାଇଟ ଲାଗିଥିବାବେଳେ ୧୦ଟି ଜଳୁଛି ଆଉ ସବୁ ଖରାପ ଥିବା ସରପଞ୍ଚ ପ୍ରଶାନ୍ତ ଜେନା କହିଛନ୍ତି। ପଞ୍ଚାୟତବାସୀ ହଇରାଣ ହରକତ ହେଉଥିବା ନେଇ ସରପଞ୍ଚ ଅଭିଯୋଗ କରିବା ପରେ ମଧ୍ୟ ତାହା ସମାଧାନ କରାଯାଉନାହିଁ। ତାଙ୍କ କଥା କେହି ଶୁଣୁନାହାନ୍ତି। ଏପରିକି ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ସେ ଚୁପ ରହିଥିବା କହିଛନ୍ତି। ସେହିପରି ବଡ଼କାଏମା ପଞ୍ଚାୟତରେ ମଧ୍ୟ ଅନେକ ଗାଁ ଏବେ ବି ଅନ୍ଧକାରରେ ରହିଛି। ଉତ୍ତରପ୍ରତାପ ପଞ୍ଚାୟତରେ ମଧ୍ୟ ଷ୍ଟ୍ରିଟ ଲାଇଟ ସମସ୍ୟା ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହେଲେ ସ୍ଥାନୀୟ ସରପଞ୍ଚ ନିମାଇଁ ମଲ୍ଲିକ ପଞ୍ଚାୟତରେ କେତେ ଲାଇଟ ଲାଗିଛି ଓ କେତେ ଖରାପ ଅଛି ସେ ବିଷୟରେ ଜାଣି ନ ଥିବା କହିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଲକ୍ଷ୍ମୀ ସ୍ୱାଇଁ କହିଛନ୍ତି, ପଞ୍ଚାୟତରେ ୧୮୭ ଷ୍ଟ୍ରିଟ ଲାଇଟ୍ ଲାଗିଥିଲା। ବର୍ତ୍ତମାନ ୮୦ରୁ ଅଧିକ ଲାଇଟ ଜଳୁନାହିଁ। ପୂର୍ବ ବିଲ୍ ଆନୁମାନିକ ୬ରୁ ୭ହଜାର ଟଙ୍କା ଆସୁଥିବାବେଳେ ବର୍ତ୍ତମାନ ତା'ର ତିନି ଗୁଣରୁ ଅଧିକ ବିଲ୍ ଆସୁଛି। ସେ ତିନି କିସ୍ତିରେ ପାଖାପାଖି ୮୦ ହଜାରରୁ ଅଧିକ ଟଙ୍କାର ବିଲ ପୈଠ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ସରପଞ୍ଚ ଏହା ଜାଣି ପାରିଲେ ନାହିଁ କେମିତି। ଯେଉଁ ସମୟରେ ଅନେକ ପଞ୍ଚାୟତର ସରପଞ୍ଚ ବିଦ୍ୟୁତ୍ ବିଲକୁ ନେଇ ଚିନ୍ତିତ ସେ ସମୟରେ ନିମାଇଁ କିଛି ଜାଣି ନ ଥିବା କଥା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ଯେଉଁ ସମୟରେ ପ୍ରତ୍ୟେକ ପଞ୍ଚାୟତରେ ସମ୍ପୂର୍ଣ୍ଣ ଲାଇଟ ଜଳୁଥିଲା ସେ ସମୟରେ ବିଲ୍‌ର ପରିମାଣ ଯାହା ଥିଲା ବର୍ତ୍ତମାନ ୫୦ ପ୍ରତିଶତରୁ କମ୍ ଲାଇଟ ଜଳୁଥିବାବେଳେ ବିଲ ତାହାର ତିନି ଗୁଣାରୁ ଅଧିକ ଆସୁଛି କେମିତି। ଏହି ଟଙ୍କା ଯାଉଛି କୁଆଡ଼େ। ଏଭଳି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କିମାରୁଛି। ଏନେଇ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁଙ୍କଠାରୁ ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ଉକ୍ତ ସମସ୍ୟା ଉପରେ ଉପରିସ୍ଥ ଅଧିକାରୀ ତୁରନ୍ତ ତଦନ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।


ଧର୍ମଶାଳା ବ୍ଲକ୍ ଅଧୀନ କଣିପାଟିଆ ଗ୍ରାମ ଗୋପାଳ ପରିବାରର ସଦସ୍ୟମାନେ ରବିବାର ଦୋଳପୂର୍ଣ୍ଣିମା ପାଳନ ପାଇଁ ନଦୀରୁ ଜଳ ସଂଗ୍ରହ କରି ଘରକୁ ନେଉଛନ୍ତି।

# ପ୍ରତାରଣା ଅଭିଯୋଗରେ ବିବାହିତ ପ୍ରେମିକ ଗିରଫ

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା


ବିପିନ କୁମାର ସାମଲ

**ପାଣିକୋଇଲି,୨୪।୩(ବିକାଶ ମଲ୍ଲିକ):**

ପାଣିକୋଇଲି ପୋଲିସ ଗତ ୧୯ ତାରିଖରେ ସନ୍ତରା ନିକଟ ଏକ ଭଡ଼ାଘରୁ ଯୁବତୀ ପ୍ରିୟଙ୍କା ସାହୁଙ୍କ ଝୁଲନ୍ତା ମୃତଦେହ ଜବତ କରିବା ଘଟଣା ଭିନ୍ନମୋଡ଼ ନେଇଛି। ଯୁବତୀଙ୍କ ଆତ୍ମହତ୍ୟା ପାଇଁ ଦାୟୀ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଜିଲାର ଭଦ୍ରକ ଥାନା ଅନ୍ତର୍ଗତ ଗଣିଜଙ୍ଗା କଣ୍ଟିଆ ଗ୍ରାମର ବିପିନ କୁମାର ସାମଲ(୩୦)।

ପୋଲିସ ସୂଚନା ମୁତାବକ, ଯାଜପୁର ସଦର ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର ବାସୁଦେବ ସାହୁଙ୍କ ଝିଅ ପ୍ରିୟଙ୍କା(୨୪) ପାଣିକୋଇଲି ଥାନା ସନ୍ତରା ଛକଠାରେ ଅବସ୍ଥିତ ଏକ ହୋଟେଲରେ କାର୍ଯ୍ୟ କରିବା ସହିତ ମିଶନ ଶକ୍ତି ସିନେମା ହଲ ନିକଟରେ ଏକ ଘର ଭଡ଼ା ନେଇ ରହୁଥିଲେ। ଏହି ସମୟରେ ଉକ୍ତ ହୋଟେଲରେ କାର୍ଯ୍ୟରତ ଥିବା ବିପିନଙ୍କ ସଂସ୍ପର୍ଶରେ ପ୍ରିୟଙ୍କା ଆସିଥିଲେ। ବିପିନ ଆଗରୁ ବିବାହିତ ହୋଇଥିଲେ ମଧ୍ୟ ନିଜକୁ ଅବିବାହିତ ଦର୍ଶାଇ ପ୍ରିୟଙ୍କାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ପ୍ରେମ ଓ ପରେ ଶାରିରୀକ ସମ୍ପର୍କ ସ୍ଥାପନା କରିଥିଲେ। ପ୍ରିୟଙ୍କା ବାରମ୍ବାର ବିବାହ ଲାଗି ବିପିନଙ୍କୁ ଅନୁରୋଧ କରୁଥିଲେ ମଧ୍ୟ ବିପିନ ଧରାଛୁଆଁ ଦେଉ ନ ଥିଲେ। ଗତ ୧୮ ତାରିଖରେ ବିବାହକୁ ନେଇ ବିପିନ ଓ ପ୍ରିୟଙ୍କାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ବିପିନ ପ୍ରିୟଙ୍କାଙ୍କ ସହ ବିବାହକୁ ନେଇ ପ୍ରତ୍ୟାଖ୍ୟାନ କରିଥିଲେ। ଏପରି କି ନିଜର ସୋସିଆଲ ମିଡିଆ ଓ ଫୋନରେ ମଧ୍ୟ ପ୍ରିୟଙ୍କାଙ୍କୁ ବ୍ଲକ କରିଦେଇଥିଲେ। ଫଳରେ ପ୍ରିୟଙ୍କା ମାନସିକ ଚାପରେ ରହିବା ସହିତ ଖାଦ୍ୟ ମଧ୍ୟ ଖାଉ ନ ଥିଲେ। ଏ ସମସ୍ତ ଘଟଣା ସମ୍ପର୍କରେ ପ୍ରିୟଙ୍କା ୧୮ ତାରିଖ ରାତିରେ ସମ୍ପୃକ୍ତ ହୋଟେଲରେ କାର୍ଯ୍ୟରତ ଜଣେ ସହକର୍ମୀଙ୍କୁ ସମସ୍ତ ବିଷୟ ଜଣାଇଥିଲେ। ପରଦିନ ପ୍ରିୟଙ୍କାଙ୍କ ଭାଇ ଧୀରେଶଙ୍କ ଅଭିଯୋଗକ୍ରମେ ପୋଲିସ ପ୍ରିୟଙ୍କାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ସେ ରହୁଥିବା ଭଡ଼ା ଘରୁ ଜବତ କରିଥିଲା। ତେବେ ପ୍ରିୟଙ୍କାଙ୍କ ମୋବାଇଲରୁ ବିପିନଙ୍କ ସମସ୍ତ ତଥ୍ୟ ଓ ପ୍ରମାଣ ପୋଲିସର ହସ୍ତଗତ ହେବା ପରେ ପ୍ରିୟଙ୍କାଙ୍କ ଆତ୍ମହତ୍ୟା ପାଇଁ ଦାୟୀ ଅଭିଯୋଗରେ ବିପିନଙ୍କୁ ପୋଲିସ ଗିରଫ କରିଥିଲା।

# ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ: ଯୁବକ ଗିରଫ

**ପାଣିକୋଇଲି,୨୪।୩(ବିକାଶ ମଲ୍ଲିକ):**

ନାବାଳିକା କଲେଜ୍ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ ଅଭିଯୋଗରେ ପାଣିକୋଇଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପାଣିକୋଇଲି ଗ୍ରାମର ସୌମ୍ୟରଞ୍ଜନ ପରିଡ଼ା (୨୩)। ଅଭିଯୁକ୍ତ ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ଏପରି କି ନାବାଳିକା କଲେଜ ଯାଉଥିବାବେଳେ ସୌମ୍ୟ ତାଙ୍କୁ ବାଟରେ ନାନା ହଇରାଣ ହରକତ କରୁଥିଲେ। ତାଙ୍କୁ ବିବାହ ନ କଲେ ସେ ନାବାଳିକା ଛାତ୍ରୀ ଓ ତାଙ୍କ ପରିବାର


ସୌମ୍ୟରଞ୍ଜନ ପରିଡ଼ା

ଲୋକଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଆସୁଥିଲେ। ନିଜେ ମଧ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଫଳରେ ନାବାଳିକା ଭୟଭୀତ ହୋଇ ସୌମ୍ୟଙ୍କ ପ୍ରେମରେ ଫସିଯାଇଥିଲେ। ଗତ ୨୩ ତାରିଖ ରାତିରେ ସୌମ୍ୟ ଏକ ବାଇକ୍‌ରେ ଯାଇ ନାବାଳିକାଙ୍କୁ ତାଙ୍କ ଘରୁ ଅପହରଣ କରିନେବା ଲାଗିଯୋଜନା କରୁଥିବାବେଳେ ନାବାଳିକାଙ୍କ ପରିବାର ଲୋକେ ଉଠିପଡ଼ିବାରୁ ସେ ଦୌଡ଼ି ପଳାଇ ଯାଇଥିଲେ। ପରେ ଗ୍ରାମବାସୀ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ କୋର୍ଟରେ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।
















ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କେଜରିୱାଲଙ୍କ ଗିରଫଦାରିକୁ ନିନ୍ଦା


ଖବରଦାତା ସମ୍ମିଳନୀରେ ଆମ ଆଦମୀ ପାର୍ଟିର ନେତାମାନେ।

**ଧର୍ମଶାଳା,୨୪।୩ (ବଟକୃଷ୍ଣ ପରିଡ଼ା):**

ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରୀକୁ ଯାଜପୁର ଜିଲା ଆମ ଆଦମୀ ପାର୍ଟି ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ଜିଲା ଆମ ଆଦମୀ ପାର୍ଟି ପକ୍ଷରୁ ରବିବାର ଜାରକାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ମନୋଜ ମହାନ୍ତି ଯୋଗଦେଇ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ, ଭାଜପା ଚକ୍ରାନ୍ତକରି କେଜରିୱାଲଙ୍କୁ ଜେଲ ପଠାଇଛି। ଦିଲ୍ଲୀରେ ମଦ ବ୍ୟବସାୟ ଠିକା ନେବା ପାଇଁ ପିଶରଥ ଚନ୍ଦ୍ର ରେଡି ନାମକ ବ୍ୟବସାୟୀ କେଜରିୱାଲଙ୍କୁ ୧୦୦ କୋଟି ଟଙ୍କା ଲାଞ୍ଚ ଦେଇଥିବା ନେଇ ଅପପ୍ରଚାର କରାଯାଇଛି। ଏହାର କୌଣସି ପ୍ରମାଣନାହିଁ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ତାଙ୍କୁ ବେଆଇନ ଭାବେ ଗିରଫ କରିଥିବା ପାର୍ଟି ପକ୍ଷରୁ ଅଭିଯୋଗ ହୋଇଛି। ଏଖବରଦାତା ସମ୍ମିଳନୀରେ କୋରେଇ ବ୍ଲକ ଆମ ଆଦମୀ ପାର୍ଟି ସଭାପତି ବାମକିଶୋର ଦାସ, ବିଞ୍ଝରପୁର ବ୍ଲକ ସଭାପତି କୈଳାସ ଚନ୍ଦ୍ର ଜେନା, ବଡ଼ଚଣା ବ୍ଲକ୍ ସଭାପତି ବିଜୟ ଦାସ ଓ ଯାଜପୁର ମ୍ୟୁନିସିପାଲଟି ସଭାପତି ପୁଲିନ ବିହାରୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଭଗବତୀ ମେଳଣ ପ୍ରସ୍ତୁତି

**ସିଂହପୁର,୨୪।୩ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକର ସର୍ବପୁରାତନ ତଥା ଯାଜପୁର ଜିଲା ପ୍ରସିଦ୍ଧ ଜଗନ୍ନାଥପୁରର ଭଗବତୀ ମେଳଣ ଆସନ୍ତା ବୁଧବାର ମଧ୍ୟରାତ୍ରିରୁ ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ରବିବାର ପୂର୍ବାହ୍ନରେ ବିଜୟ କୁମାର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଦସ୍ୟ ଭାସ୍କର ଦ୍ୱିବେଦୀ, ସାଗର ଦ୍ୱିବେଦୀ, ସନ୍ତୋଷ ଦ୍ୱିବେଦୀ, ରବୀନ୍ଦ୍ର ଦ୍ୱିବେଦୀ, ପୂର୍ଣ୍ଣଚନ୍ଦ୍ର ଦ୍ୱିବେଦୀ ଓ ବିନୋଦ ଦ୍ୱିବେଦୀଙ୍କ ସମେତ ମା' ଭଗବତୀଙ୍କ ପୂଜକ ଏବଂ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମେଳଣକୁ ଅଧିକ ଆକୃଷ୍ଟ କରିବା ନିମନ୍ତେ କେତେକ ବିଶେଷ ପଦକ୍ଷେପ ନିଆଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଅଧିକ ପୋଲିସ ଫୋର୍ସର ସହାୟତା ନେବାକୁ ସ୍ଥିର କରାଯାଇଛି। ମେଳଣ ସମୟରେ ଯାନବାହନଗୁଡ଼ିକ ମେଳଣ ପଡ଼ିଆ ସଂଲଗ୍ନ ବରୀ-ବିଞ୍ଝାରପୁର ରାସ୍ତା ଦେଇ ଯାତାୟାତ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

## ଦୋଳଗୋବିନ୍ଦଙ୍କ ପରିବାରକୁ ମିଳୁନି ପକ୍କାଘର

**କୋରେଇ,୨୪।୩(ଚନ୍ଦ୍ରକାନ୍ତ ପତି):**

ବାସହୀନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କରୁଛନ୍ତି। ଅଥଚ ଏହିସବୁ ଯୋଜନା ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ସମ୍ଭବ ହେଉନାହିଁ। ତଳସ୍ତର ନେତାଙ୍କ ରାଜନୈତିକ ଫାଇଦା ଏବଂ ବିରୋଧୀ ଶାସକ ଟଣାଓଟରା ଯୋଗୁ ଏଭଳି ସମସ୍ୟା ଦେଖାଦେଉଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନ ନାଁରେ ବ୍ୟାପକ ପିସି ଆଦାୟ କରି ଅଯୋଗ୍ୟ ବ୍ୟକ୍ତିଙ୍କୁ ପକ୍କାଘର ଦେଇ ଯୋଗ୍ୟଙ୍କୁ ତାଲିକାରୁ ବାଦ କରାଯାଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ହଳଦୀଗଡ଼ିଆ ପଞ୍ଚାୟତର ଶାଳକଣା ଗ୍ରାମରେ। ଏହି ଗ୍ରାମର ଦୋଳଗୋବିନ୍ଦ ନାଥ(୫୨) ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ନାଥ(୪୫) ୨ ପୁଅଙ୍କୁ ଧରି ଦୀର୍ଘ ବର୍ଷ ହେବ ଭଙ୍ଗା କୁଡ଼ିଆରେ ଜୀବନ ଅତିବାହିତ କରୁଛନ୍ତି। ହେଲେ ରାଜ୍ୟ


ଭଙ୍ଗା କୁଡ଼ିଆ ସମ୍ମୁଖରେ ଦୋଳଗୋବିନ୍ଦ।

ସରକାରଙ୍କ ବିଜୁ ପକ୍କାଘର ଓ କେନ୍ଦ୍ର ସରକାରଙ୍କ ଆବାସ ଯୋଜନା ଏହି ପରିବାର ନିକଟରେ ପହଞ୍ଚି ପାରୁନାହିଁ।

ଫଳରେ ସାମାନ୍ୟ ବର୍ଷା ହେଲେ ଘରେ ପାଣି ଗଳୁଛି। ଶାନ୍ତିରେ ଟିକେ ଶୋଇବା ୪ ପ୍ରାଣୀଙ୍କ ପାଇଁ କଷ୍ଟସାଧ ହୋଇପଡୁଛି। ଉକ୍ତ ପରିବାର ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଦେଖିବାକୁ ମିଳିଛି। ଦୋଳଗୋବିନ୍ଦ ଦିନମଜୁରିଆ ଭାବେ କାର୍ଯ୍ୟ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ୨ପୁଅ ପଢ଼ା ସାରି ଚାକିରି ଅଭାବରୁ ଘରେ ବସିଛନ୍ତି। ଅନ୍ୟପକ୍ଷରେ ଆବାସ ଯୋଜନା ତାଲିକାରେ ବାରମ୍ବାର ଦୋଳଗୋବିନ୍ଦଙ୍କ ନାମ ଆସୁଥିଲେ ମଧ୍ୟ ରାଜନୈତିକ ଛକପଞ୍ଝା ଓ ଅନ୍ୟ କାରଣ ଦର୍ଶାଇ ଏହାକୁ ପଞ୍ଚାୟତ ପ୍ରତିନିଧିମାନେ କାଟି ଦେଉଥିବା ସେ ଅଭିଯୋଗ କରିଛନ୍ତି। ପୂର୍ବରୁ ଏନେଇ ସେ ଅଭିଯୋଗ କରିବାରୁ ଜିଲାପାଳ ତୁରନ୍ତ ତଦାରଖ କରି ଆବାସ ଯୋଗାଇ ଦେବାକୁ ବ୍ଲକ ପ୍ରଶାସନକୁ ଚିଠି କରିଥିଲେ। ହେଲେ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ। ତେଣୁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦୋଳଗୋବିନ୍ଦ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ଅଶୋକ କୁମାର ମାଝିଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ ଗ୍ରହଣ କରି ନ ଥିଲେ।

## ସଡ଼କ ଦୁର୍ଘଟଣାରେ ମହିଳା ମୃତ

ପାରାଦୀପ,(ଶରତ ରାଉତ): ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଅଠରବାଙ୍କିଠାରେ ରବିବାର ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିନାହିଁ। ପୋଲିସ ମୃତଦେହ ଜବତ କରି ବିଜୁ ମେମୋରିଆଲ ହସ୍ପିଟାଲରେ ସଂରକ୍ଷିତ ରଖିଛି। ଏନେଇ ଥାନାରେ ମାମଲା (ନଂ.୮୫/୨୪) ରୁଜୁ ହୋଇଛି। କୋଣସି ଗାଡି ତାଙ୍କୁ ଧକ୍କା ଦେଇ ପଳାଇଛି ବୋଲି ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି।

# ପିଲାଙ୍କ ଅନୁପାତରେ ଶିକ୍ଷୟିତ୍ରୀ, ଶିକ୍ଷକ ଅଧିକ

- ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସଂଖ୍ୟା ଗ୍ରାମାଞ୍ଚଳରେ କମୁଛି, ପାରାଦୀପରେ ବଢୁଛି
- ୫ ବର୍ଷ ହେବ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି ଛାତ୍ରୀଛାତ୍ର
- ସରକାରୀ ବିଦ୍ୟାଳୟରେ ଚାଲିଛି ଥଇଥାନ ନୀତି

ପାରାଦୀପ,୨୪।୩ (ଶରତ ରାଉତ)

ପାରାଦୀପରେ ଥିବା ୧୩ଟି ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷା ବିଭାଗ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସଂଖ୍ୟା ବୃଦ୍ଧି କରି ଚାଲିଛି। ଏହାସତ୍ତ୍ୱେ ବିଦ୍ୟାଳୟରେ ଭଲ ରେଜଲ୍ଟ ହେଉ ନ ଥିବା ଅଭିଯୋଗ ହେଉଛି। ରାଜ୍ୟର ଅନେକ ଗ୍ରାମାଞ୍ଚଳ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଆବଶ୍ୟକ ଅନୁସାରେ ନାହାନ୍ତି। ପାରାଦୀପରେ ଆବଶ୍ୟକଠାରୁ ଅଧିକ ଥିବା ସୂଚନା ଅଧିକାର ଆଇନ ଜରିଆରେ ଜଣାପଡ଼ିଛି। ୨୦୨୩-୨୪ ଶିକ୍ଷା ବର୍ଷରେ ପାରାଦୀପର ୧୩ ବିଦ୍ୟାଳୟରେ ୨୩୧୫ ଛାତ୍ରୀଛାତ୍ର ଥିବା ବେଳେ ୯୩ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଅଛନ୍ତି। ଓଡ଼ିଶା ସରକାରଙ୍କ ମାଗଣା ଓ ବାଧତାମୂଳକ ଶିକ୍ଷା ନିମନ୍ତେ ଶିଶୁମାନଙ୍କ ଅଧିକାର ଅଧିନିୟମ ୨୦୦୯ (ଧାରା ୧୯ ଏବଂ ୨୫ ର ଦ୍ରଷ୍ଟବ୍ୟ)ବିଦ୍ୟାଳୟ ପାଇଁ ସ୍ଥିରୀକୃତ ସର୍ତ୍ତ ଓ ମାନ ଅନୁସାରେ କେଉଁ ବିଦ୍ୟାଳୟ ପାଇଁ କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକ ରହିବେ ତାହା ଦର୍ଶାଯାଇଛି। ଏହି ଅନୁଯାୟୀ, ବିଦ୍ୟାଳୟର ୬୦ ଜଣ ଛାତ୍ରୀଛାତ୍ର ପର୍ଯ୍ୟନ୍ତ ୨, ୬୧ରୁ ୯୦ ମଧ୍ୟରେ ୩ ଜଣ, ୯୧ ରୁ ୧୨୦ ମଧ୍ୟରେ ୪ ଜଣ, ୧୨୧ରୁ ୨୦୦ମଧ୍ୟରେ ୫ ଜଣ ଓ ୧୫୦ ରୁ ଅଧିକ ପିଲା ଥିଲେ ସେଠାରେ ଜଣେ ପ୍ରଧାନ ଶିକ୍ଷକଙ୍କ ସହ ୫ ଜଣ ଶିକ୍ଷକ ଓ ୨୦୦ ରୁ ଅଧିକ ପିଲା ଥିଲେ ପ୍ରତି ୪୦ପିଲା ଅନୁପାତରେ ଜଣେ ଶିକ୍ଷକ ରହିବା ସହ ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ରହିବେ।

ଏହି ନିୟମ ଅନୁସାରେ ପାରାଦୀପର ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ସଂଖ୍ୟାକୁ ତର୍ଜମା କଲେ ଅତି ବେଶିରେ ୬୬ ଶିକ୍ଷୟିତ୍ରୀ, ଶିକ୍ଷକ ରହିବା କଥା। କିନ୍ତୁ ୯୩ ଜଣ ଅଛନ୍ତି। ଏପରି ହେବା ପଛରେ ଅନ୍ୟତମ କାରଣ ହେଲା ଅଧିକାଂଶ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ପାରାଦୀପ ବନ୍ଦର କର୍ମଚାରୀ, ବ୍ୟାଙ୍କ କର୍ମଚାରୀ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କର୍ମଚାରୀ ଅଛନ୍ତି। ସେମାନେ ଏକତ୍ର ରହିବା ପାଇଁ ବିଭିନ୍ନ ଗଳି ବାଟଦେଇ ପାରାଦୀପ ବିଦ୍ୟାଳୟରେ ପୋଷ୍ଟିଂ କରାଉଛନ୍ତି ବୋଲି ଶିକ୍ଷା ବିଭାଗର ଜଣେ କିରାଣି ନାମ ଗୋପନ ସର୍ତ୍ତରେ କହିଛନ୍ତି। ଟ୍ରାନ୍ସଫର କମିଟିରେ ଥିବା ରାଜନେତା ଓ ପ୍ରଶାସକଙ୍କୁ ଆୟୁନ୍ଧ କରି ଏପରି ଚାଲିଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ୨୦୦୮ରେ ସର୍ବଶିକ୍ଷା ଅଧୀନରେ ୧୨ଟି ପ୍ରକଳ୍ପ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହାବାଦ ଦୁଇଟି ଏନ୍‌ଏସି ହାଇସ୍କୁଲ ଓ ଅନ୍ୟ ଦୁଇଟି ମା'ଅମ୍ବିକା ହାଇସ୍କୁଲ ଓ ସଞ୍ଜୟଗାନ୍ଧୀ ହାଇସ୍କୁଲ ଥିଲା। ସେତେବେଳେ କେବଳ ୧୨ ପ୍ରକଳ୍ପ ବିଦ୍ୟାଳୟରେ ୪୨୦୦ ପିଲା ଥିଲେ ଏବଂ ୪୫ ଜଣ ଶିକ୍ଷୟିତ୍ରୀ,ଶିକ୍ଷକ ଥିଲେ। ପରବର୍ତ୍ତୀ ସମୟରେ ଦୁଇଟି ବିଦ୍ୟାଳୟ ପିଲା କମିବା ଯୋଗୁ ବନ୍ଦ ହୋଇଯାଇଛି। ହାଇସ୍କୁଲ ଓ ପ୍ରାଥମିକ ସ୍କୁଲ ମିଶ୍ରଣ ହୋଇଛି। ସବୁ ବିଦ୍ୟାଳୟ ମିଶ୍ରଣ ପରେ ପାରାଦୀପର ସଞ୍ଜୟ ଗାନ୍ଧୀ ବିଦ୍ୟାଳୟକୁ କ୍ଲଷ୍ଟର କରାଯାଇଛି। ସୂଚନା ଅଧିକାର ଆଇନ୍ ଜରିଆରେ ଧରିତ୍ରୀ ପ୍ରତିନିଧି ଶରତ ରାଉତ ଏନେଇ ଅଧିକ ତଥ୍ୟ ମଗାଇଥିଲେ। ଏହାପରେ କୁଜଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ଏ ସମ୍ପର୍କିତ ଚିଠି ଆସିଥିଲା। ଉକ୍ତ ଚିଠି (ନଂ .୧୯୧୭/ ୨୧।୧୧।୨୦୨୩) ଅନୁସାରେ, ୨୦୧୭ରେ ପାରାଦୀପରେ ୧୬୦୮ ଛାତ୍ରୀଛାତ୍ର ପଢୁଥିବାବେଳେ ୫୭ ଶିକ୍ଷୟିତ୍ରୀ, ଶିକ୍ଷକ ଥିଲେ। ଚଳିତ ଶିକ୍ଷା ବର୍ଷରେ ଯେଉଁ ୨୩୧୫ ପିଲା ରିପୋର୍ଟରେ ଦର୍ଶାଯାଇଛି ସେଗୁଡ଼ିକ ମଧ୍ୟରେ ସେକ୍ଟର ୨୧ ପ୍ରାଥମିକ ବିଦ୍ୟାଳୟରେ ୪୬ ଜଣ ପିଲା ପଢୁଥିବାବେଳେ ଶିକ୍ଷକ ୨, ଲକ୍‌ଡାରେ ୯୪ ଛାତ୍ରୀଛାତ୍ରଙ୍କୁ ୪ଶିକ୍ଷକ, ଘୋଲାପଡାରେ ୮୪ ପିଲାଙ୍କ ପାଇଁ ୪ , ଲୋକନାଥ କଲୋନୀରେ ୯୭ ପିଲାରେ ୪, ବଙ୍ଗାଳିପଡାର ୧୮ନଂ. ୱାର୍ଡରେ ୯୦ ପିଲାଙ୍କୁ ୪, ବଙ୍ଗାଳିପଡା ୬ନଂ. ୱାର୍ଡରେ ୧୦୭ ପିଲାଙ୍କୁ ୫ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ପାଠ ପଢ଼ାଉଛନ୍ତି। ସେହିପରି ଘନଗଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୮୭ ପିଲାଙ୍କ ପାଇଁ ୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିଲାବେଳେ ନୋଳିଆସାହିରେ ୨୬୬ ପିଲାଙ୍କ ପାଇଁ ୮, ମା'ଅମ୍ବିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୮୫ ପିଲାଙ୍କ ପାଇଁ ୯, ସଞ୍ଜୟ ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ୩୧୫ ପିଲାଙ୍କ ପାଇଁ ୧୬ , ମା' ଅମ୍ବିକା ହାଇସ୍କୁଲରେ ୧୨୮ ପିଲାଙ୍କ ପାଇଁ ୭, ଏନ୍‌ଏସି ହାଇସ୍କୁଲ ୪୦୬ଛାତ୍ରୀଛାତ୍ରଙ୍କ ପାଇଁ ୧୫ ଓ ଏନ୍‌ଏସି ବାଳିକା ବିଦ୍ୟାଳୟରେ ୧୧୦ ଛାତ୍ରୀଙ୍କ ପାଇଁ ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ଉକ୍ତ ରିପୋର୍ଟ ମଧ୍ୟରେ ପ୍ରାୟ ୧୫ ପ୍ରତିଶତ ଅଧିକ ପିଲା ଥିବାବେଳେ ସେମାନେ କିଏ ଜଣାପଡୁନାହିଁ। ଏଠାକାର କୌଣସି ସରକାରୀ ବିଦ୍ୟାଳୟରେ କିଛି ବର୍ଷ ହେବ ଦଶମ ଶ୍ରେଣୀରେ ଭଲ ରେଜଲ୍ଟ ହେଉନାହିଁ। ଏତେ ସଂଖ୍ୟକ ଶିକ୍ଷକ ଥିବା ସତ୍ତ୍ୱେ ଗତ ୫ ବର୍ଷ ହେବ କୌଣସି ପିଲା ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି। ଏ ପ୍ରସଙ୍ଗରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ ଉଠାଇ ନ ଥିଲେ।

## ଜାତୀୟ ୱିଣ୍ଡ ସର୍ଫିଙ୍ଗରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ବ୍ରୋଞ୍ଜ ପଦକ



ପଦକ ସହ ପ୍ରତିଯୋଗୀମାନେ।

ପାରାଦୀପ,୨୪।୩(ଶରତ ରାଉତ)

ମୁମ୍ବାଇ ଗୋରେଗାଓଁଠାରେ ଗତ ୨୦ରୁ ଚାଲିଥିବା ଜାତୀୟ ୱିଣ୍ଡ ସର୍ଫିଙ୍ଗ ଜଳକ୍ରୀଡ଼ାରେ ଓଡ଼ିଶାର ଦୁଇଜଣ ସ୍ୱର୍ଣ୍ଣ ପଦକ ଓ ଜଣେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବର୍ଗରେ ରାଜା ଅହମ୍ମଦ ଖାନ (୧୫),୧୯ ବର୍ଷ ରୁ କମ ବର୍ଗରେ ଦେବସ୍ମିତା କର (୧୭) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବର୍ଗରେ ନାରାୟଣ ମୁଣ୍ଡା (୧୮) ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ସ୍ପୋର୍ଟ୍ସ ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଥିଲା। ଓଡ଼ିଶା ସେଲର ୟାଟିଂ ଆସୋସିଏଶନ ପକ୍ଷରୁ ପ୍ରଶିକ୍ଷକ ସବୀର ବକ୍ସଙ୍କ ନେତୃତ୍ୱରେ ଜଳକ୍ରୀଡାରେ ଭାଗ ନେଇଥିଲେ।

## 'କ୍ୟା କରେଗା କାଜି'ରେ ପ୍ରେମ, ବଳିଦାନର ସଂଘର୍ଷ

**ଜାତୀୟ ନାଟକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା**

ପାରାଦୀପ,୨୪।୩ (ଶରତ ରାଉତ)

ପାରାଦୀପର ଜୟଦେବ ଭବନରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବ ରବିବାର ୬ଷ୍ଠ ସନ୍ଧ୍ୟାରେ ନାଟକ 'କ୍ୟା କରେଗା କାଜି' ମଞ୍ଚସ୍ଥ ହୋଇଛି। ଯୁବା ରଙ୍ଗମଞ୍ଚ ରାଞ୍ଚି ପ୍ରଯୋଜିତ ଏବଂ ଅଜୟ ମାଲକନୀଙ୍କ ନିର୍ଦ୍ଦେଶିତ ଏହି ହିନ୍ଦୀ ନାଟକରେ ପ୍ରେମ ଓ ବଳିଦାନର ସଂଘର୍ଷମୟ ଘଟଣା ପ୍ରଦର୍ଶିତ ହୋଇଥିଲା। ଫରାସୀ ଡ୍ରାମା ଦି ବାରବର ଅଫ ସେଭିଲରର ହିନ୍ଦୁସ୍ତାନୀ ରିମେକ ହେଉଛି ଏହି ନାଟକ।


ହିନ୍ଦୀ ନାଟକ କ୍ୟା କରେଗା କାଜିର ଏକ ଦୃଶ୍ୟ।

ବ୍ୟକ୍ତିଗତ ସ୍ନେହ ଓ ସଂଯୋଗ କିପରି ପରବର୍ତ୍ତୀ ସମୟରେ ପ୍ରେମ ହୋଇଛି ତାହା ନାଟକରେ କଳାକାରମାନେ ଦର୍ଶାଇଥିଲେ। ଜଣେ ମୁସଲମାନ ଝିଅ ତା'ର ପ୍ରେମକୁ ପାଇବା ପାଇଁ କରୁଥିବା ସଂଘର୍ଷକୁ ଏଥିରେ ଦେଖାଯାଇଥିଲା।

## ଗୁରୁ-ଶିଷ୍ୟ ମହାମିଳନ ଉତ୍ସବ

ବାଲିକୁଦା,୨୪।୩ (ତାପସ ସ୍ୱାଇଁ)

ଜନତା ଉଚ୍ଚ ବିଦ୍ୟାଳୟରେ ୧୯୯୯ ମାଟ୍ରିକ ବ୍ୟାଚ୍ ପକ୍ଷରୁ ଗୁରୁ-ଶିଷ୍ୟ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ସାରଳା ସଂସ୍କୃତ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ତଥା ଜନତା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ କୈଳାସ ବିଶ୍ୱାଳଙ୍କ ଅଧ୍ୟକ୍ଷତା କରିଥିଲେ। ସଭାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ, ମନୁଚରଣ ନାୟକ, ଜଗନ୍ନାଥ ପୋଥାଳ, ଧ୍ରୁବଚରଣ ସାହୁ, ବରିଷ୍ଠ ଶିକ୍ଷକ ଡ. ବିଷ୍ଣୁଚରଣ ସ୍ୱାଇଁ, ଗନ୍ଧର୍ବ ଚରଣ ସାହୁ, ବାଉରିବନ୍ଧୁ ମିଶ୍ର, ଧୀରେନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ରଥ, ରାଜକିଶୋର ମହାନ୍ତି, ବିଜୟ କେଶରୀ ଦାଶ, ଅନାଦି ବେହେରା, ଲକ୍ଷ୍ମୀଧର ସାହୁ, କର୍ମଚାରୀ ଭଗବାନ ସାହୁ, ପ୍ରମୋଦ ସ୍ୱାଇଁ, ନଟବର ସାହୁ, କାର୍ଯ୍ୟରତ ଶିକ୍ଷକ ବଂଶୀଧର ଦାସ, ଶ୍ରୀକାନ୍ତ ବାରିକଙ୍କୁ ଉପହାର ଦିଆଯିବା ସହ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ଦିବଂଗତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରାଯାଇଥିଲା । ଏହି ଅବସରରେ ଶିକ୍ଷକମାନେ ଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନଙ୍କ ପାରିବାରିକ ଜୀବନ ସୁଖମୟ ହେବାକୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଆୟୋଜିତ ଏହି ମହାମିଳନରେ ବ୍ୟାଚ୍‌ର ୧୦୭ ଜଣ ପୁରାତନ ଛାତ୍ରୀଛାତ୍ର ପରିବାର ସହ ଅଂଶଗ୍ରହଣ କରିଥିଲେ । ଦୀପକ ଜେନା ଧନ୍ୟବାଦ ଦେଇଥିଲେ ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର।

## ପଙ୍କପାଳରେ ପ୍ରସିଦ୍ଧ ରାଜଧାନୀ ମେଳଣ ଅନୁଷ୍ଠିତ

କୁଜଙ୍ଗ,୨୪।୩ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଦୁର୍ଗା ମଣ୍ଡପ ସମ୍ମୁଖରେ ପ୍ରତିବର୍ଷ ପରି ଚଳିତବର୍ଷ ପ୍ରସିଦ୍ଧ କାଉଡିପ ରାଜଧାନୀ ମେଳଣ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଚତୁର୍ଦ୍ଦଶୀ ତିଥିରେ ଏହି ମେଳଣ ଅନୁଷ୍ଠିତ ହୋଇଆସୁଥିବା ପରମ୍ପରା ଅନୁଯାୟୀ ରବିବାର ବଡିଭୋରୁ ମେଳଣ ଅନୁଷ୍ଠିତ ହୋଇଥିଲା । ଏଥିରେ ପଙ୍କପାଳର ଆରାଧ୍ୟ ପ୍ରଭୁ ଗୋପୀନାଥଙ୍କ ସମେତ ଆଖପାଖ ଅଞ୍ଚଳର ୧୧ ବିମାନ ସାମିଲ ହୋଇଥିଲା। ଚୌଧୁରୀ ଚନ୍ଦ୍ର କିଶୋର ମିଶ୍ର, ଅକ୍ଷୟ ସାହୁ, ସୁବ୍ରତ ସାମନ୍ତରାୟ, ଧୀରେନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ମହାପାତ୍ର, ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

## ନରସିଂହପୁର, କସ୍ୱା ମେଳଣ ଶେଷ

ଡେରାବିଶ,୨୪।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତସ୍ଥିତ କସ୍ୱା ମେଳଣ ରବିବାର ଶେଷ ହୋଇଛି। ଆଳି ରାଜାଙ୍କ ଶାସନ ସମୟରୁ ଏହି ମେଳଣ ହୋଇ ଆସୁଥିବା ବେଳେ ବ୍ଲକ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଛି। ଅପରାହ୍ନରେ ଅନୁଷ୍ଠିତ ମେଳଣରେ ପ୍ରଥମେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ସୁସଜ୍ଜିତ ଦୋଳ ବିମାନ ଓ ରାଜନଗରର ପଞ୍ଚମୁଖୀ ଦୋଳ ବିମାନ ଉପବେଶନ କରିବା ପରେ ଅନ୍ୟ ଦୋଳ ବିମାନଗୁଡିକ ମେଳଣ ପଡ଼ିଆରେ ପ୍ରବେଶ କରିଥିଲେ। ପୂଜକମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମାଟିହାଣ୍ଡିରେ ପ୍ରସ୍ତୁତ ଭୋଗ ନୈବେଦ୍ୟ ହେବା ପରେ ମେଳଣ ସମାପ୍ତ ହୋଇଥିଲା। ମେଳଣରେ ପ୍ରାୟ ୧୦ହଜାରରୁ ବହୁ ଶ୍ରଦ୍ଧାଳୁଙ୍କ ଜନସମାଗମ ହୋଇଥିଲା। ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଡେରାବିଶ ଥାନା ପକ୍ଷରୁ ମେଳଣ ପଡ଼ିଆରେ ପୋଲିସର ବ୍ୟବସ୍ଥା କରାଯାଇଥିଲା। ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂପୁର ଗ୍ରାମରେ ଫାଲ୍‌ଗୁନ ଚତୁର୍ଦ୍ଦଶୀ ତିଥିରେ ରବିବାର ନରସିଂହପୁର ମେଳଣ ଅନୁଷ୍ଠିତ ହୋଇଯାଇଛି। ୨୬୦ବର୍ଷ ତଳୁ ବାଲିଆର ଜମିଦାର କାନୁନ୍‌ଗୋ ପରିବାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ମେଳଣର ପରମ୍ପରା ନିଆରା। ମେଳଣ ପଡ଼ିଆରେ ପ୍ରଥମେ ଥାନପତି ଝିଙ୍କଡ଼ି ମଠ ବିମାନ ଉପବେଶନ କରିବା ପରେ ଅପରାହ୍ନରେ ଗ୍ରାମର ଉଭୟପାର୍ଶ୍ୱରୁ ୭୪ରୁ ଊର୍ଦ୍ଧ୍ୱ ବିମାନ ଘଣ୍ଟ ଘଣ୍ଟା, ବାଜାବାଣ ରୋଶଣି କରି ପଡ଼ିଆ ମଧ୍ୟକୁ ପ୍ରବେଶ କରି ଉପବେଶନ କରିଥାନ୍ତି। ପୂର୍ବରୁ ଜମିଦାରଙ୍କ ପରିବାର ପକ୍ଷରୁ ବିମାନ ସମ୍ମୁଖରେ ଭୋଗ ଲାଗି କରାଯାଉଥିବା ବେଳେ ଏବେ ନରସିଂହପୁର ଗ୍ରାମବାସୀଙ୍କ ପକ୍ଷରୁ ଭୋଗ ଲାଗି କରାଯାଉଛି। ଏହି ମେଳଣ ଦିନ ୧୧ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥାଏ। ଭୋଗ ଲାଗି ପରେ ବିମାନଗୁଡ଼ିକ କ୍ରମାନ୍ୱୟରେ ଫେରିଯାଆନ୍ତି। କିନ୍ତୁ ମେଳଣର ଶେଷ ପର୍ଯ୍ୟନ୍ତ ଥାନପତି ଝିଙ୍କଡ଼ି ବିମାନ ଓ ନରସିଂହପୁରର ଗୋପୀନାଥଜୀଉଙ୍କ ବିମାନ ବସି ରହିଥାନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାଦଲ


@ ମିନତୀ


@ ସ୍ୱରଣିକା


@ ସୋମନାଥ


@ ବୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଉଦ୍‌ଘାଟନୀ ମ୍ୟାଚରେ ରାଇଜିଂ କ୍ଲବ ବିଜୟୀ

**ପଣ୍ଡିତ ରଘୁନାଥ ମୁର୍ମୁ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ପାରାଦୀପ,୨୪।୩ (ଶରତ ରାଉତ)

ପାରାଦୀପ ମଧୁବନ ସବଷ୍ଟେଶନ ପଡିଆରେ ରବିବାର ଅପରାହ୍ନରେ ପଣ୍ଡିତ ରଘୁନାଥ ମୁର୍ମୁ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ରାଇଜିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ପାରାଦୀପ ପୌରାଞ୍ଚଳର ଖେଳାଳିମାନେ ସାମିଲ ହୋଇଛନ୍ତି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଅଜିତ୍ ଷଡ଼ଙ୍ଗୀ, ଅଟଳ ପରିଡ଼ା, ମନୋଜ ନାୟକ, ଚପଳା ସ୍ୱାଇଁ ଓ ଶୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ପାରାଦୀପର ୮ ନଂ. ୱାର୍ଡର ରାଇଜିଂ ଫୁଟବଲ କ୍ଲବ ଓ ୭ ନଂ ୱାର୍ଡର ବଜରଙ୍ଗୀ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ୨-୧ ଗୋଲରେ ୮ ନଂ. ୱାର୍ଡର ରାଇଜିଂ କ୍ଲବ ବିଜୟୀ ହୋଇଛି।


ବିଜୟୀ ଟିମ୍‌କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଖାଲି କରିବାକୁ ୧୦ ଦିନ ସମୟ ମାଗିଲେ ଠିକାଦାର

**ଏସ୍.କେ. ଏକାଡେମୀ ଖେଳ ପଡ଼ିଆ ଜବରଦଖଲ ପ୍ରସଙ୍ଗ**

- ପ୍ରଚ୍ଛଦପଟରେ ଅଛନ୍ତି ନେତା, ପ୍ରଶାସକ
- ରାସ୍ତାକୁ ଓହ୍ଲାଇବାକୁ ଛାତ୍ରୀଛାତ୍ର, ଅଭିଭାବକଙ୍କ ଚେତାବନୀ

ଜଗତ୍‌ସିଂହପୁର ୨୪।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାର ପୁରାତନ ତଥା ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ ଶ୍ରୀକୃଷ୍ଣ (ଏସ୍.କେ.) ଏକାଡେମୀର ସ୍ୱତନ୍ତ୍ର ପରିଚୟ ରହିଛି। ଏହି ଶିକ୍ଷାନୁଷ୍ଠାନରେ ବହୁ ଛାତ୍ରୀଛାତ୍ର କେବଳ ଜିଲା ନୁହେଁ ରାଜ୍ୟ, ଦେଶ ତଥା ବାହାରେ ସୁନାମ ଅର୍ଜନ କରିଛନ୍ତି। ଏଭଳି ଶିକ୍ଷାନୁଷ୍ଠାନର ଖେଳ ପଡ଼ିଆକୁ ପାଖାପାଖି ୧୫ ଦିନ ହେବ ଜଣେ ଠିକାଦାର ଯେଉଁଭଳି ଜବରଦଖଲ କରି ରଖିଛନ୍ତି ତାହା ଚିନ୍ତାର କାରଣ ହୋଇଛି। କାରଣ ସମ୍ପୃକ୍ତ ଠିକାଦାର ଶିକ୍ଷାନୁଷ୍ଠାନ ବିନା ଅନୁମତିରେ ପଡ଼ିଆରେ ବାଲି, ଗୋଡି, ମେଟାଲ, ରଡ୍ ଆଦି ଗଚ୍ଛିତ କରି ରଖିଛନ୍ତି। ଏଥିସହ ଏହି ପରିସରରେ ସିମେଣ୍ଟ ଓ ବାଲି ଆଦି ମିଶ୍ରଣ କରି ଜଗତ୍‌ସିଂହପୁର ସହରରେ ୬.୪୦ କୋଟି ଟଙ୍କା ବ୍ୟୟରେ ଚାଲିଥିବା ୧୦ନଂ. କେନାଲ ବକ୍ସ କଲଭର୍ଟ କାମରେ ବ୍ୟବହାର କରୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ପ୍ରଚ୍ଛଦ ପଟରେ କେତେଜଣ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଆଲୋଚନା ହେଉଛି।

ଅନ୍ୟପଟେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ରବିବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡ. ଅଭୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଠିକାଦାର ଖେଳ ପଡ଼ିଆରୁ ଏ ପର୍ଯ୍ୟନ୍ତ ଗଚ୍ଛିତ କରି ରଖିଥିବା ସାମଗ୍ରୀ ଖାଲି କରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିସହ ସଂସଦ ପକ୍ଷରୁ ଏଥି ମଧ୍ୟରେ କି କି ପଦକ୍ଷେପ ନିଆଯାଇଛି ତା'ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କିଛି ଦିନ ପୂର୍ବରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମାକାନ୍ତ ପତି ଖେଳ ପଡ଼ିଆ ଜବରଦଖଲ ପ୍ରସଙ୍ଗରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏଥିସହ ଏହାର ନକଲ ଏସ୍‌ପି, ତହସିଲଦାର ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରି ନ୍ୟାୟ ଭିକ୍ଷା କରିଥିଲେ। ବିଦ୍ୟାଳୟ ବିନା ଅନୁମତିରେ ଠିକାଦାର ଅନେକ ସାମଗ୍ରୀ ଗଚ୍ଛିତ କରି ରଖିବାରୁ ଖେଳ ପଡିଆ କ୍ଷତିଗ୍ରସ୍ତ ହେବା ସହ ପିଲାମାନଙ୍କ କ୍ରୀଡ଼ା ପ୍ରଭାବିତ ହେଉଥିବା ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏହାସତ୍ତ୍ୱେ ଜବରଦଖଲ ଉଚ୍ଛେଦ ନ ହେବାରୁ ଗତ ୨୩ ତାରିଖରେ ସଂସଦ ପକ୍ଷରୁ ଏକ ଦଳ ଏସ୍‌ପିଙ୍କୁ ସାକ୍ଷାତ କରିଥିଲେ। ତେବେ ତୁରନ୍ତ ଏହା ଉପରେ ଅନୁସନ୍ଧାନ ସହ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ତା'ପରେ ଜଗତ୍‌ସିଂହପୁର ଥାନା ପକ୍ଷରୁ ପଡିଆରେ ଅନୁଧ୍ୟାନ ସହ ପୁରାତନ ଛାତ୍ର ସଂସଦ ସଭାପତି ଓ ଅନ୍ୟସଭ୍ୟମାନଙ୍କ ସହ ବିଦ୍ୟାଳୟ ପରିସର ଓ ମୋ ସ୍କୁଲ ଅଭିଯାନର ସଭାପତି ସଲିଲ କୁମାର ଘୋଷଙ୍କ ସହ ଅନ୍ୟତ୍ର ଆଲୋଚନା କରାଯାଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଥିଲା। ଅର୍ଥାତ୍ ଠିକାଦାର ପଡିଆରୁ ସାମଗ୍ରୀ ଖାଲି କରିବେ ବୋଲି ସୁନିଶ୍ଚିତ କରାଯାଇଥିଲା। ଏହି ଅବସରରେ ସଂସଦ ସଭାପତି ନାୟକ ଓ ଅଭିଯାନ ସଭାପତି ଘୋଷ ଥାନାଧିକାରୀଙ୍କ ସହ ମୋବାଇଲ ଯୋଗେ ଯୋଗାଯୋଗ କରିବାରୁ ୧୦ ଦିନ ମଧ୍ୟରେ ସମ୍ପୃକ୍ତ ଠିକାଦାର ପଡିଆରୁ ତାଙ୍କ ସମସ୍ତ ସାମଗ୍ରୀ ଖାଲି କରିନେବେ ବୋଲି ଚୁକ୍ତି କରିଥିବା ଆଇଆଇସି ସୂଚନା ଦେଇଥିଲେ। ତେବେ ପଡ଼ିଆରୁ ଠିକାଦାର ସାମଗ୍ରୀ କେଉଁଭଳି ଏବଂ କେତେ ଦିନ ଭିତରେ ଖାଲି କରୁଛନ୍ତି ତା'ଉପରେ ନଜର ରଖିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ତେବେ ତୁରନ୍ତ ଜବରଦଖଲ ଉଚ୍ଛେଦ ନ ହେଲେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ଅଭିଭାବକମାନେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।


ପୁରାତନ ଛାତ୍ର ସଂସଦ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ବୈଠକ କରାଯାଉଛି।

# ଚାଲିଛି ସରକାରୀ ଜମି ବିକ୍ରି

ନୟାଗଡ଼,୨୪।୩(ଲୋକନାଥ ମିଶ୍ର)

ନୟାଗଡ଼ ସହରରେ ସରକାରୀ ଜମି ବିକ୍ରି ଚାଲିଛି । ଚଞ୍ଚକତା କରି ଘରୋଇ ରେକର୍ଡ ଦିଆଯାଉଥିଲାବେଳେ ସରକାରୀ ଜମି ମଡାଣ ଦିଆଯାଉଛି । ତେବେ ଜମି କ୍ରେତା ଜମି ଠକେଇର ରହସ୍ୟ ବୁଝିପାରୁ ନାହାନ୍ତି। ଏଭଳି ଠକେଇ ନୟାଗଡ଼ ସହରରେ ଚାଲିଛି । ନୟାଗଡ଼ ଜିଲା ସଦର ମହକୁମା ସମେତ ଆଖପାଖ ଅଞ୍ଚଳରେ ଜମି କିଣିବାକୁ ଅଧିକାଂଶ ଲୋକ ଆଗ୍ରହୀ। ଏହାର ଫାଇଦା ନେଇଛନ୍ତି କେତେଜଣ ମଧ୍ୟସ୍ଥ ଓ ବିଲଡ଼ର । ଜମି ବିକ୍ରିରେ ଚଞ୍ଚକତା କରି ସରକାରୀ ଜମିକୁ ଚାଲାକର ସହ ନୟାଗଡ଼ ସହରରେ ବିକ୍ରି କରାଯାଉଛି। କାଗଜପତ୍ରରେ ଥିବା ଜମି ଭିନ୍ନ ସ୍ଥାନରେ ଥିବାବେଳେ ଦଖଲ ଦିଆଯାଉଛି ପାହାଡ଼ ପାଦଦେଶରେ ଓ ସରକାରୀ ଜମିକୁ। ରେଜେଷ୍ଟ୍ରି ହେଉଥିବା ଜମିର ଡିସିମିଲ ଅଢ଼େଇ ଲକ୍ଷରୁ ୫ ଲକ୍ଷ ରହିଛି । ଜମି କ୍ରେତା ଏହି ଠକେଇ ଜାଣି ନ ପାରି ଜମି କିଣି ଚାଲିଛନ୍ତି । ଜମି କ୍ରେତା ଏହି ଠକେଇ ଜାଣିବାବେଳକୁ ଠକାମିରୁ ମୁକୁଳିବା କାଠିକର ପାଠ ହେଉଛି । ଏହିପରି ନୟାଗଡ଼ ସହରଠାରୁ ୩ କି.ମି. ଦୂର ଶିଆଳିଖୋଲ ଡ୍ୟାମ୍ ପାଖରେ ବଳରାମ ପାହାଡ଼ ପାଦଦେଶରେ ଅନେକ କୋଟି ଟଙ୍କାର ଜମି ବିକ୍ରି ଶେଷ ହୋଇଗଲାଣି। କେତେଜଣ ମଧ୍ୟସ୍ଥ ଓ ରାଜନୈତିକ ନେତାଙ୍କ ସହାୟତାରେ ବିଲଡ଼ରମାନେ ଏହାକୁ ଅକ୍ତିଆର କରି ଟଙ୍କା ହଡପ କରି ସାରିଲେଣି । ପ୍ରଥମେ ରେଳପଥ ପାଇଁ ମୁଣ୍ଡିଆର ଜମିରୁ ମାଟି ଖୋଳି ବିକ୍ରି କରି ଭଲ ଲାଭବାନ ହୋଇଥିଲେ । ପରେ ପାହାଡ଼ ପାଦଦେଶର ଜମିକୁ ସମତୁଲ କରି ପ୍ଲଟିଂ କରି ବିକ୍ରି କରିଲେ । ପ୍ରଶାସନିକ ହସ୍ତକ୍ଷେପ ନ ଥିବାରୁ ମୂଲ୍ୟବାନ ଜମିରେ ଘର ହୋଇଛି । ପୁଣି ଜଙ୍ଗଲର କିଛି ଗଛ ମଧ୍ୟ କଟାଯାଇଛି । ଏଭଳି ସ୍ଥିତି ଲାଗି ରହିଲେ ସରକାରୀ ଜମି ଆଉ ମିଳିବନି ବୋଲି ଅଭିଯୋଗ ହୋଇଛି।

ଅନ୍ୟପକ୍ଷେ ବ୍ୟକ୍ତିଗତ ଜମି ମାଲିକଙ୍କୁ ଜବରଦଖଲକୁ ସୁହାଉଛି । ଏହି କାରଣରୁ ପାହାଡ଼ିଆ ଜମି ମଧ୍ୟ ସରକାରୀ ହୋଇବି ବିକ୍ରି ଚାଲିଛି । ବଳରାମ ପାହାଡ଼ ପାଦ ଦେଶରେ ଶିଆଳଖୋଲ ଗାଁକୁ ପଡ଼ିଥିବା ରାସ୍ତା ପାର୍ଶ୍ୱରେ ଜମି ବିକ୍ରିର କେଳେଙ୍କାରୀ ବହୁଦିନ ହେଲା ଚାଲି ଆସିଛି । ଶିଆଳିଖୋଲ ଗାଁକୁ ପଡ଼ି ଥିବା ରାସ୍ତା ନିକଟ ଦେଇ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଅତିକ୍ରମ କରିଛି । ରେଳପଥ ଯୋଗୁ ବଳରାମ ପାହାଡ଼ ପାଦଦେଶର ଜମି ମୂଲ୍ୟବାନ ହୋଇଛି । ଏହି କାରଣରୁ କିଛି ବ୍ୟକ୍ତିଗତ ଜମି ମାଲିକ ଲାଭବାନ ହେଉଛନ୍ତି । ରେଳପଥ ଯାଇଥିବା ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବ୍ୟକ୍ତିଗତ ଜମିର କିଛି ମାଲିକ ନିଜ ଜମିରୁ ସ୍ୱଳ୍ପ ବିକ୍ରି କରି ସରକାରୀ ଜମିକୁ ଅଧିକ ଦଖଲ କରି ବିକ୍ରି କରି ସାରିଲେଣି । ଜମି କ୍ରେତା ସ୍ୱଳ୍ପ ଦାମରେ ଅଧିକ ଜମି ପାଉଛି । ବିକ୍ରେତା କମ ଜମି ବିକ୍ରି କରି ଅଧିକ ଲାଭ ପାଉଛନ୍ତି। ଉଭୟ ଲାଭରେ ରହୁଥିବାରୁ ଅଭିଯୋଗ ଶୀତଳଭଣ୍ଡାରରେ ରହୁଛି ।

ନୟାଗଡ଼ ଆରଟିଓ ଅଫିସ ପଛପାଖ ନବଘନପୁର ମୌଜାରେ ଗୋଚର ଜମି ବିକ୍ରି ଚାଲିଛି । ଜଣେ ରାଜନୈତିକ ବ୍ୟକ୍ତି ଏହି ଜମି ବିକ୍ରି କରୁଥିବା ଅଭିଯୋଗ ହୋଇଛି । ସରକାରୀ ଜମି ବିକ୍ରି ହେଉଥିଲେ ମଧ୍ୟ ପ୍ରଶାସନିକସ୍ତରରେ ପଦକ୍ଷେପ ନାହିଁ । ଅନ୍ୟପକ୍ଷେ ଯେଉଁମାନେ ସରକାରୀ ଜମି କ୍ରୟ କରୁଛନ୍ତି ସେମାନେ ଜାଣି ଶୁଣି ଏପରି ଜମି କିଣୁଛନ୍ତି । ସରକାରୀ ଜମି କିଣୁଥିବା ଜଣେ ବ୍ୟକ୍ତିଙ୍କ ସୂଚନା ଅନୁସାରେ ସ୍ୱଳ୍ପ ଦାମରେ ଜମି କିଣିଲୁ । ରାଜନେତାଙ୍କ ସହଯୋଗ ରହିଛି । ଆମକୁ କେହି ଜବରଦଖଲରୁ ହଟାଇ ପାରିବେନି ବୋଲି କୁହାଯାଇଛି। ଏଣୁ ସରକାରୀ ଜମି କିଣିବାରେ ଟେନଶନ ନାହିଁ ବୋଲି ସେ କହିଛନ୍ତି ।

- ଚଞ୍ଚକତା କରି ଘରୋଇ ରେକର୍ଡ ଦିଆଯାଉଛି
- ଠକେଇ ଜାଣି ପାରୁ ନାହାନ୍ତି ଜମିକ୍ରେତା
- ଶିଆଳିଖୋଲ ଅଞ୍ଚଳରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଜମି ବିକ୍ରି

## ସଂକ୍ଷେପରେ

### କାର,ସ୍କୁଟି ଧକ୍କା: ୨ ଗୁରୁତର



ଦଶପଲ୍ଲା,୨୪।୩(ପ୍ରକାଶ କୁମାର ପାଣି)

ଦିନକୁ ଦିନ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ.ଜାତୀୟ ରାଜପଥ ଯାତ୍ରୀଙ୍କ ପାଇଁ ପାଲଟିଛି ମରଣଯନ୍ତା । ପ୍ରତିଦିନ ଏହି ଜାତୀୟ ରାଜପଥର ଦଶପଲ୍ଲାଠାରୁ ବାଣିଗୋଛା ମଧ୍ୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲାବେଳେ ଦଶପଲ୍ଲା ଥାନା ଅନ୍ତର୍ଗତ ଶାଳଭଙ୍ଗା ଜଙ୍ଗଲ ନିକଟରେ ରବିବାର ଅପରାହ୍ନ ୨ଟା ସମୟରେ କାର୍ ସହିତ ଏକ ସ୍କୁଟିର ମୁହାଁମୁହିଁ ଧକ୍କା ହୋଇଛି । ସ୍କୁଟି ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ କାର୍ ଟି ଏକ କାଦୁଅ ବିଲକୁ ଖସିପଡ଼ିଛି । ଖବରପାଇ ବାଣିଗୋଛା ପୋଲିସ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସରେ ଦଶପଲ୍ଲା ଡାକ୍ତରଖାନାକୁ ପଠାଇଛି । ପରେ ଆହତମାନଙ୍କୁ ନୟାଗଡ଼ ରେଫର୍ କରାଯାଇଛି ।

### ଦୋଳଯାତ୍ରା ପାଇଁ ଉତ୍ସବମୁଖର ଗୋଡିପଡ଼ା

ନୟାଗଡ଼,୨୪।୩(ଲୋକନାଥ ମିଶ୍ର)

ଦୋଳଯାତ୍ରା ପାଇଁ ନୟାଗଡ଼ ଜିଲାର ଗୋଡିପଡ଼ା ଲଡୁକେଶ ମହେଶଙ୍କ ପୀଠ ଉତ୍ସବ ମୁଖର ହୋଇ ଉଠିଛି । ୨୦୨୧ରେ ଦୋଳପର୍ବ ଯାତ୍ରାର ନବକଳେବର ପରେ ବିମାନଙ୍କ ସଂଖ୍ୟା ବଢ଼ିଛି । ପ୍ରାୟ ୩୩ ବର୍ଷ ହେଲା ଯାତ୍ରା ଆଉ ଆଗପରି ହେଉ ନ ଥିଲା । ଧିରେ ଧରେ ବିମାନ ସଂଖ୍ୟା କମି ୨ରେ ପହଞ୍ଚି ଥିଲା । ଦୋଳପର୍ବ କେବଳ ପର୍ବରେ ସୀମିତ ରହି ଯାଇଥିଲା । ୨୦୨୧ ବର୍ଷ ୯ଟି ବିମାନ ଯୋଗେ ଠାକୁର ଆସି ମେଳଣ ପଡ଼ିଆରେ ସମାଗମ ହୋଇଥିଲେ । ହୋଲି ପର୍ବରେ ଏକ ଆଟୋପ ପଟୁଆର ଗାଁ ପରିକ୍ରମା କରିଥିଲା । ଏଥିରେ ଗୋଡିପଡ଼ାର ଲଡୁକେଶ ମହେଶଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ଗୋପୀନାଥ, ଡିମିଶରର ଜଗନ୍ନାଥ, କେଶପାନିଆ ଓ ପାଟୁଲିସାହିର ଆଖଣ୍ଡଳମଣି, ସାନଗୋରଡା ଗାଁର ଲଡୁକେଶ୍ୱର, କେଶପାନିଆର ସପନେଶ୍ୱର, ତଲାଗିବନ୍ଧର ବିଶେଶ୍ୱରନାଥ, ଡମସାହିର ଶିବ ଠାକୁର ଅଂଶ ଗ୍ରହଣ କରିଥିଲେ । ଠାକୁର ଗୋଡିପଡା ଗାଁକୁ ଯାଇ ଭୋଗ ଖାଇଥିଲେ ।

### ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ ପ୍ରବଚନ

ଖଣ୍ଡପଡ଼ା,୨୪।୩(ଅଜୟ କୁମାର ମହାରଣା)

ବିଶ୍ୱର କଲ୍ୟାଣ ଆଧ୍ୟାତ୍ମିକ ଚେତନାର ବିକାଶ କଳ୍ପେ ୯ଦିନ ବ୍ୟାପୀ ୩୯ତମ ବାର୍ଷିକ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅବସରରେ ରବିବାର ୮ମ ସନ୍ଧ୍ୟାରେ ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ, ରାମ ଭରତମିଳନ ପ୍ରସଙ୍ଗ ଉପରେ ପ୍ରବକ୍ତା ସାରଙ୍ଗଧର ଦାସଙ୍କ ଦ୍ୱାରା ପ୍ରବଚନ ପ୍ରଦାନ କରାଯାଇଥିଲା । ଖଣ୍ଡପଡ଼ା ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଖଣ୍ଡପଡ଼ା ପଶ୍ଚିମ ମୁଖା ମହାବୀର ପୀଠ(ମୁକ୍ତିତୀର୍ଥ)ରେ ଅନୁଷ୍ଠିତ ହେଉଥିବା ୮ମ ଦିନର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । କାର୍ଯ୍ୟକ୍ରମକୁ ହନୁମାନ ମନ୍ଦିର ପରିଚାଳନା କମିଟିର ସଭାପତି କାଶୀନାଥ ଦାସ, ସମ୍ପାଦକ ବିଜୟ କୁମାର ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

### ମଝିସାହିପାଟଣା କ୍ରିକେଟ୍ କପ୍: ଫିଅରଲେସ ଟିମ୍ ବିଜୟୀ

ଖଣ୍ଡପଡ଼ା,୨୪।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ମଝିସାହିପାଟଣା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ରବିବାର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପଲଟନ ପଡ଼ିଆ ମିନିଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଲିଗ୍ ମ୍ୟାଚରେ ଫିଅରଲେସ ଫାଇଟର କ୍ରିକେଟ୍ ଟିମ୍ ୭ ଉଇକେଟରେ ଟିମ୍ ଭେନମକୁ ହରାଇ ବିଜୟୀ ହୋଇଛି । ଟସ୍ ଜିଣି ଫିଅରଲେସ ଫାଇଟର ବୋଲିଂର ନିଷ୍ପତ୍ତି ନେଇଥିଲା । ଟିମ୍ ଭେନମ ବ୍ୟାଟିଂ ଆରମ୍ଭ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା । ଜବାବରେ ଫିଅରଲେସ ଟିମ୍ ୧୦ ଓଭରରେ ୩ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ ସଂଗ୍ରହ କରି ବିଜୟ ହାସଲ କରିଛି । ବିଜୟୀ ଦଳର ହାପି ୨୫ ବଲରେ ୫୫ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ମ୍ୟାଚ୍‌କୁ ଚନ୍ଦନ କୁମାର ମିଶ୍ର ଓ ବାପୁଲ ଆଚାର୍ଯ୍ୟ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ତ୍ରିନାଥ କୁମାର ସାହୁ ଯୋଗଦେଇଥିଲେ ।

## ଜିଲାସ୍ତରୀୟ ଭଲି ଟୁର୍ନାମେଣ୍ଟ ଉଦ୍‌ଯାପିତ

# ବାଇଗୁଣିଆ ଟିମ୍ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି ।

ଖଣ୍ଡପଡ଼ା,୨୪।୩(ଅଜୟ କୁମାର ମହାରଣା)

ଶ୍ରୀ ନୀଳମାଧବ ସ୍ପୋର୍ଟିଂ କ୍ଲବ କଣ୍ଟିଲୋ ଆନୁକୂଲ୍ୟରେ ଶନିବାର ଆୟୋଜିତ ଦିବାରାତ୍ର ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟରେ ବାଇଗୁଣିଆ ଭଲି କ୍ଲବ ୨-୦ ସେଟ୍‌ରେ କୋସକା ଭଲିଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ଗାନ୍ଧୀପାର୍କଠାରେ ଆୟୋଜିତ ଟୁର୍ନାମେଣ୍ଟରେ ୮ ଦଳ ଭାଗ ନେଇଥିବା ବେଳେ ବୈଦେଶ୍ୱର ଭଲିକ୍ଲବ୍‌କୁ ୨-୦ ସେଟ୍‌ରେ କୋସକା ଭଲି ଟିମ୍ ହରାଇ ବିଜୟୀ ହୋଇଥିବା ବେଳେ ନାଟୁଗାଁ ଟିମ୍ ୨-୧ ସେଟ୍‌ରେ ସିଧାମୂଳାକୁ ଏବଂ କଣ୍ଟିଲୋ ଟିମ ୨-୧ ସେଟ୍‌ରେ ବାଘୁଆପଲ୍ଲୀ ଟିମକୁ ହରାଇ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା । ପ୍ରଥମ ସେମି ଫାଇନାଲରେ କଣ୍ଟିଲୋ ଟିମ୍‌କୁ ୨-୧ ସେଟ୍‌ରେ କୋସକା ଟିମ୍ ହରାଇ ବିଜୟୀ ହୋଇଥିବା ବେଳେ ୨ୟ ସେମି ଫାଇନାଲରେ ବାଇଗୁଣିଆ ଟିମ୍ ୨-୧ ସେଟ୍‌ରେ ନାଟୁଗାଁ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ରାତି ପ୍ରାୟ ସାଢ଼େ ୧୨ଟାରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବାଇଗୁଣିଆ ଭଲି ଟିମ୍ ୨-୦ ସେଟ୍‌ରେ କୋସକା ଟିମ୍‌କୁ ହରାଇ ଟୁର୍ନାମେଣ୍ଟରେର ଚାମ୍ପିୟନ ହୋଇଛି । ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ପରବର୍ତ୍ତୀ ସମୟ ବିଳମ୍ବିତ ରାତିରେ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯୋଗଦେଇ ଚାମ୍ପିୟନ ବାଇଗୁଣିଆଁ ଭଲି ଦଳ ଓ ରନର୍ସଅପ୍ କୋସକା ଦଳଙ୍କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ଶଙ୍କର୍ଷଣ ମଲିକ, ରାଜୀବ ଲୋଚନ ନାୟକ, ବାବୁଲି ଦଳେଇ, ରାଜେଶ ମହାରଣା, ଖେଳ ପରିଚାଳନା କରିଥିଲେ । ସ୍କୋରବୋର୍ଡରେ ସନ୍ତୋଷ କୁମାର ସାହୁ, ଅଜିତ କୁମାର ସାହୁ,ଅରମାନ କୁମାର ମହାରଣା ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ଓମ୍ ପ୍ରକାଶ ସାହୁ ଓ ଅମ୍ରେସ କୁମାର ସାହୁ । ଟୁର୍ନାମେଣ୍ଟର ପ୍ରତ୍ୟେକ ଯୋଡିଙ୍କ ମ୍ୟାଚକୁ ଉପଭୋଗ କରିବା ନିମନ୍ତେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

### କୁମ୍ଭାରପଡ଼ା, ରୟତଢୋଲମରା, ବଳଭଦ୍ର ପ୍ରସାଦ ପଞ୍ଚାୟତକୁ ଲକ୍ଷ୍ମୀ ବସ ଚଳାଚଳ ଦାବି

ଖଣ୍ଡପଡ଼ା,୨୪।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଓ ଗଣିଆ ବ୍ଲକର ସୀମାନ୍ତ ପଞ୍ଚାୟତ ଭାବେ ପରିଚିତ ରୟତଢୋଲମରା, କୁମ୍ଭାରପଡ଼ା ଓ ବଳଭଦ୍ରପ୍ରସାଦ ପଞ୍ଚାୟତକୁ ଲକ୍ଷ୍ମୀବସ ଚଳାଚଳ ନିମନ୍ତେ ଉପରୋକ୍ତ ୩ଟି ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି । ଖଣ୍ଡପଡ଼ା ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟଠାରୁ ପ୍ରାୟ ୨୦ରୁ ୨୫ କି.ମି ଦୁରରେ ଏହି ୩ ପଞ୍ଚାୟତ ଅବସ୍ଥିତ । ଦୈନିକ ବିଭିନ୍ନ କାର୍ଯ୍ୟରେ ଉକ୍ତ ଅଞ୍ଚଳର ଜନସାଧାରଣ ଖଣ୍ଡପଡ଼ା ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟକୁ ଆସୁଥିବା ବେଳେ ଗମନା ଗମନ କ୍ଷେତ୍ରରେ ଏଇ ପଞ୍ଚାୟତଗୁଡ଼ିକ ବହୁ ପଛରେ ରହିଛି । ଉକ୍ତ ପଞ୍ଚାୟତଗୁଡିକୁ ଘରୋଇ ପରିବହନର କେତୋଟି ଯାତ୍ରୀବାହୀ ବସ ଯାତାୟତ କରୁଥିବା ବେଳେ ନିୟମିତ ଭାବେ ଲକ୍ଷ୍ମୀବସ ଉକ୍ତ ଅଞ୍ଚଳକୁ ଯାତାୟତ କରିବାକୁ ସାଧାରଣରେ ଦାବି ହେଉଛି । ଖଣ୍ଡପଡ଼ା ସହରରୁ କୋସକା ମଧ୍ୟରେ ଚଳାଚଳ କରୁଥିବା ଲକ୍ଷ୍ମୀବସଟି ଶରଧାପୁର ଗ୍ରାମ ଦେଇ ରୟତଢୋଲମରା, କୁମ୍ଭାରପଡ଼ା ଓ ବଳଭଦ୍ରପ୍ରସାଦ ପଞ୍ଚାୟତକୁ ଯାତାୟତ କଲେ ୩ ପଞ୍ଚାୟତର ବାସିନ୍ଦା ବିଶେଷ ଭାବେ ଉପକୃତ ହୋଇ ପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି । ଏଥିପ୍ରତି ଜିଲାପାଳ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ୧୦ କେଜି ଗଞ୍ଜେଇ ସହ ସ୍କୁଟି ଜବତ

# ୨ ବ୍ୟବସାୟୀ ଜେଲ ଗଲେ

ନୟାଗଡ଼,୨୪।୩(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପୋଲିସ ସ୍କୁଟି ସହ ୧୦ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଜବତ ଗଞ୍ଜେଇର ଦାମ ୧ ଲକ୍ଷ ଟଙ୍କା ହେବ । ବେଆଇନ ଭାବେ ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ରବିବାର ନୟାଗଡ଼ ଟାଉନ ଥାନା ଘଡୁଆଳ ଗାଁର ସହିଲ କୁମାର ସାହୁ(୨୬) ଓ ରଣପୁର ଥାନା ଡମସାହି ଗାଁର ସରୋଜ କୁମାର ସାହୁ(୩୫)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଏକ ସ୍କୁଟି(ନଂ.ଓଆର୦୨ବି ୯୭୯୮)ରେ ଓଡ଼ଗାଁରୁ ନୟାଗଡ଼କୁ ଗଞ୍ଜେଇ ଆସୁଥିବାର ଖବର ମିଳିଥିଲା । ଖବର ପାଇ ପୋଲିସ ପିଟିଏସ୍ ଛକ ନିକଟରେ ଅପେକ୍ଷା କରି ସ୍କୁଟି ସହ ଗଞ୍ଜେଇକୁ ଜବତ କରିଛି । ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ ଗିରଫ କରାଯାଇଛି । ଏନେଇ ଏକ ମାମଲା (ନଂ.୧୦୫/୨୪) ରୁଜୁ କରାଯାଇଛି ।

## ସେଲ୍‌ଫି କର୍ନର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାଦଲ



@ ମିନତୀ



@ ସ୍ୱର୍ଣ୍ଣିକା



@ ସୋମନାଥ



@ ବୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

## ଓଡ୍ରିଆମାଳରେ ସ୍ୱାସ୍ଥ୍ୟସେବା ଶିବିର



ନୟାଗଡ଼,୨୪।୩(ଲୋକନାଥ ମିଶ୍ର)

ନୟାଗଡ଼ ରୋଟାରୀ କ୍ଲବ ତରଫରୁ ଓଡ଼ଗାଁ ବ୍ଲକ୍ ଓଡ୍ରିଆମାଳ ଆଶ୍ରମ ବିଦ୍ୟାଳୟ ପରିସରରେ ରବିବାର ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ଅବଦୁଲ ଆରିଫ୍ ଖାଁ ଓ ସମ୍ପାଦକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଆଶ୍ରମ ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ରଙ୍କ ସମେତ ଓଡ୍ରିଆମାଳ, ନିହଲ ପ୍ରସାଦ, ନାଣ୍ଡିଗିରି ଓ ଭୋବସର ଗ୍ରାମର ଲୋକମାନେ ଚିକିତ୍ସା ସୁବିଧା ପାଇଥିଲେ। କୋମଣ୍ଡ ଜନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ନରେଶ ଚନ୍ଦ୍ର ନାୟକ ଓ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର କ୍ରିଷ୍ଣା ନାୟକ ରୋଗୀମାନଙ୍କୁ ପରାମର୍ଶ ଦେଇଥିଲେ। ନୟାଗଡ଼ ନିରୋଗ ପାଥୋଲୋଜିର ଟିମ ରକ୍ତ,ମଧୁମେହ ,ରକ୍ତଚାପ ଆଦି ପରୀକ୍ଷା କରିଥିଲେ । ଶରଣକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀମାନେ ଔଷଧ ବିତରଣରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗଦେଇଥିବା ବେଳେ କବି ହରିଶ ପ୍ରଧାନ, ସାମାଜିକ କର୍ମୀ ଶ୍ରୀକାନ୍ତ ଖଟେଇ, ସୌଦାମିନୀ ସ୍ୱାଇଁ,ରୋଟାରିଆନ ସନ୍ତୋଷ କୁମାର ନାୟକ, ଅବିନାଶ ସାହୁ, ଦିଲୀପ କୁମାର ମିଶ୍ର, ମିହିର ରଞ୍ଜନ ନାୟକ, ଜି.ରଶ୍ମିରାଜ,ପ୍ରବୀର କୁମାର ପୃଷ୍ଟି, ମନୋରଞ୍ଜନ ପ୍ରଧାନ ଓ ବସିରନ ବିବି ପ୍ରମୁଖ ସହଯୋଗ କରିଥିଲେ।

# ଇରାନୀଙ୍କ ପରେ ଲାଲାଙ୍କ ପାଳି

ନୟାଗଡ଼,୨୪।୩(ଲୋକନାଥ ମିଶ୍ର)

ଭାଜପା ନେତ୍ରୀ ଇରାନୀ ରାୟ ଦଳୀୟ ସମର୍ଥକଙ୍କ ସହ ରବିବାର ଭୁବନେଶ୍ୱର ଶଙ୍ଖ ଭବନରେ ବିଜେଡିରେ ସାମିଲ ହେବା ପରେ ଦୀର୍ଘଦିନରୁ ଲାଗି ରହିଥିବା ଚର୍ଚ୍ଚା ସତ୍ୟରେ ପରିଣତ ହୋଇଛି । ତେବେ ଇରାନୀଙ୍କ ସ୍ୱାମୀ ତଥା ନୟାଗଡ଼ ଜିଲା ଭାଜପାର ପୂର୍ବତନ ସଭାପତି ଲାଲା ମନୋଜ ରାୟ ବିଜେଡିରେ ଯୋଗ ଦେଇ ନାହାନ୍ତି । ଲାଲାଙ୍କ ନୟାଗଡ଼ ଜିଲା ସଦର ମହକୁମାରେ ବିଜେଡିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ନିଜେ ଲାଲା ମନୋଜ ରାୟ ଏହାକୁ ସ୍ୱୀକାର କରିଛନ୍ତି । ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ, ସସ୍ମିତ ପାତ୍ର, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ବିଜେଡି ନେତା ପ୍ରିୟବ୍ରତ ମଲିକଙ୍କ ଉପସ୍ଥିତିରେ ଦଳରେ ଇରାନୀ ସାମିଲ ହୋଇଛନ୍ତି। ଭାଜପାରେ ଅଣଦେଖା ପରେ ସେ ବିଜେଡିରେ ମିଶିଥିବା କହିଛନ୍ତି। ନାରୀକୁ ସମ୍ମାନ ଦେବା ଜାଣିନି ଭାଜପା । ଗତ ଲୋକସଭା ନିର୍ବାଚନ, ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳର ଭୋଟ ବ୍ୟାଙ୍କ ବଢ଼ାଇଥିବାବେଳେ ଭାଜପା ସମ୍ମାନ ଦେଲା ନାହିଁ । ମୋ ପ୍ରତି ଅନ୍ୟାୟ ହୋଇଥିବାରୁ ପ୍ରଥମେ ଭାଜପାର କାର୍ଯ୍ୟକାରିଣୀ ସଦସ୍ୟରୁ ଇସ୍ତଫା ଦେଇ ଥିଲି । ପରେ ବିଜେଡିରେ ମିଶିଛି ବୋଲି କହିଛନ୍ତି । ମୋ ସହ ଭାଜପା ମଣ୍ଡଳ ସଭାପତି ବିନୋଦ ନାୟକ, ଜିଲା ଭାଜପା କୋଷାଧ୍ୟକ୍ଷ ପ୍ରଭାତ ଷଡ଼ଙ୍ଗୀ, ଓଡଗାଁ ଏନଏସି ମଣ୍ଡଳ ସଭାପତି ପ୍ରକାଶ ଦାଶ ପ୍ରମୁଖ ଶତାଧିକ ଭାଜପା କର୍ମକର୍ତ୍ତା ଓ କର୍ମୀ ବିଜେଡିରେ ମିଶିଛନ୍ତି ।



ଇରାନୀ ରାୟ



ଲାଲା ମନୋଜ ରାୟ

ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ଲାଲା ମନୋଜ ରାୟ କଂଗ୍ରେସରେ ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ହୋଇ ୫୪ ହଜାର ଭୋଟ ପାଇଥିଲେ । ସେ ସମୟରେ ବିଜେଡିର ଅରୁଣ ସାହୁ ଲାଲାଙ୍କୁ ହରାଇ ବିଧାୟକ ହୋଇଥିଲେ । ୨୦୧୭ ମେ ୫ରେ ଲାଲା ମନୋଜ ରାୟ ଓ ସ୍ତ୍ରୀ ଇରାନୀ ରାୟ ଭାଜପାରେ ଯୋଗ ଦେଇଥିଲେ । ଭାଜପାର ପ୍ରାର୍ଥୀ ୨୦୧୪ ନିର୍ବାଚନରେ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ପ୍ରାୟ ୭ ହଜାର ଭୋଟ ପାଇଥିଲେ । ଲାଲା ମନୋଜ ରାୟ ଓ ଇରାନୀ ରାୟ ଭାଜପାକୁ ଆସିବା ପରେ ସଙ୍ଗଠନ ବଢ଼ାଇଥିଲେ । ୨୦୧୯ ନିର୍ବାଚନରେ ଲାଲା ମନୋଜ ରାୟ ପ୍ରାର୍ଥୀ ନ ହୋଇ ସ୍ତ୍ରୀ ଇରାନୀଙ୍କୁ ନୟାଗଡ଼ ନିର୍ବାଚନ ମଣ୍ଡଳୀ ଛାଡିଥିଲେ । ଇରାନୀ ରାୟ ଭାଜପାରୁ ପ୍ରାର୍ଥୀ ହୋଇ ୬୮ ହଜାର ଭୋଟ ପାଇଥିଲେ । ଇରାନୀଙ୍କୁ ହରାଇ ୨୦୧୯ ନିର୍ବାଚନରେ ପୁଣି ଅରୁଣ ସାହୁ ବିଧାୟକ ହୋଇଥିଲେ । ଇରାନୀ କଂଗ୍ରେସର ଭୋଟକୁ ହାତେଇବାରେ ସକ୍ଷମ ହୋଇଥିଲେ । ପରେ ସଙ୍ଗଠନକୁ ମଜବୁତ୍ କରିଥିଲେ । ୨୦୧୯ ନିର୍ବାଚନ ପରେ ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଭାଜପାରେ ନିଜର ସଙ୍ଗଠନକୁ ବୃଦ୍ଧି କରାଇଥିଲେ । ବିଭିନ୍ନ ସମୟରେ ଭାଜପାରେ ଇରାନୀ ଓ ପ୍ରତ୍ୟୁଷାଙ୍କ ମଧ୍ୟରେ ବଳ କଷାକଷି ଚାଲିଥିଲା । ଉଭୟ ନେତ୍ରୀ ଭାଜପା ଟିକେଟ୍ ପାଇବେ ବୋଲି କହି ନିଜର ସଙ୍ଗଠନ କରି ଚାଲିଥିଲେ । ଇରାନୀଙ୍କ ଉପରେ ଭାଜପାର କେନ୍ଦ୍ରୀୟ ଓ ରାଜ୍ୟ ନେତାଙ୍କ ଆଶୀର୍ବାଦ ରହିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟୁଷାଙ୍କ ପଲା ଭାରି ରହିଲା । ଧିରେ ଧିରେ ଲାଲା ଓ ଇରାନୀ ଭାଜପାରେ ଅଲୋଡା ହୋଇଥିଲେ ।

# ୬ ଲୋକ ସଭା, ୪୨ ବିଧାନସଭା ଆସନ ପାଇଁ ବିଜେଡିର ରଣନୀତି

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

■ ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, ଯାଜପୁର, କଟକ, ଜଗତ୍‌ସିଂହପୁରର ସମୀକ୍ଷା

■ ତୃଣମୂଳସ୍ତରରେ କାମ କରିବାକୁ ନେତାଙ୍କୁ ନିର୍ଦ୍ଦେଶ ଦେଲେ ସଭାପତି

ବିଜେଡି ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ଲୋକ ସଭା କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀ ଲୋକମାନଙ୍କୁ ଡାକି ଆଲୋଚନା କରିଚାଲିଛି। ଏହିକ୍ରମରେ ରବିବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, ଯାଜପୁର, କଟକ ଏବଂ ଜଗତ୍‌ସିଂହପୁର ଲୋକ ସଭା ଆସନ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ନେତାମାନଙ୍କୁ ଡାକି ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ସେହିପରି ଭାଜପାର କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ଶେଷ ହେବା ପରେ ଓଡ଼ିଶା ଫେରି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟରେ ଆସନ୍ତା ନିର୍ବାଚନରେ ବିଜେଡି ସହ ଆର୍ ପାର୍ ଲଢ଼େଇ ହେବ ବୋଲି ମତ ରଖିଛନ୍ତି।

ସୂଚନାଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶାର ଦୁଇ ସଂସଦୀୟ କ୍ଷେତ୍ର ସୁନ୍ଦରଗଡ଼, ସମ୍ବଲପୁର ସହ ଉପକୂଳ ଓଡ଼ିଶାର ଯାଜପୁର, ଜଗତ୍‌ସିଂହପୁର, କଟକ ଓ ଢେଙ୍କାନାଳ ଲୋକ ସଭା ଏବଂ ଏହାର ଅଧୀନ ୪୨ ବିଧାନସଭା ଆସନ ଦଖଲ ଲକ୍ଷ୍ୟରେ ବିଜେଡି ନିଜର ରଣନୀତି ପ୍ରସ୍ତୁତ କରିଛି। ସମସ୍ତ ଆସନରେ ବିଜେଡିର ବିଜୟ ସୁନିଶ୍ଚିତ କରିବା ଲାଗି ଅନୌପଚାରିକ ଭାବେ ଏକପ୍ରକାର ପ୍ରାର୍ଥୀ ଚୟନ ହୋଇଥିବା ଜଣାପଡ଼ିଛି। ଦିନକ ପୂର୍ବରୁ ପଶ୍ଚିମ ଓଡ଼ିଶାର ଅନ୍ୟ ୩ ସଂସଦୀୟ କ୍ଷେତ୍ର ଉପରେ ଆଲୋଚନା କରାଯାଇଥିଲା। ଏହାସହ ଗତ ଲୋକ ସଭା ନିର୍ବାଚନର ସବୁ ତ୍ରୁଟି ବିଚ୍ୟୁତିକୁ ଏଡ଼ାଇ ବିଜୟର ନୂଆ ରେକର୍ଡ ସୃଷ୍ଟି ପାଇଁ ଦଳୀୟ ନେତାଙ୍କୁ କୁହାଯାଇଛି। ଅନୁରୂପ ଭାବରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ଦଳୀୟ ନେତାଙ୍କ ସହ ସାଙ୍ଗଠନିକ ସ୍ଥିତି ବିଷୟରେ ସବିଶେଷ ଆଲୋଚନା କରିଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସକାଳେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ଓ ଅନ୍ୟ ନେତୃବୃନ୍ଦ ନବୀନ ନିବାସରେ ପହଞ୍ଚିଥିଲେ। ଏହାପରେ ସୁନ୍ଦରଗଡ଼, ସମ୍ବଲପୁର ଓ ଅପରାହ୍ନରେ ଯାଜପୁର, ଜଗତ୍‌ସିଂହପୁର, ଢେଙ୍କାନାଳ ଆସନ ଏବଂ ଏହାର ଅନ୍ତର୍ଗତ ବିଧାନସଭା ଆସନ ସଂକ୍ରାନ୍ତରେ ଆଲୋଚନା ହୋଇଛି। ଗତ ନିର୍ବାଚନରେ ବିଜେଡି ପରାଜିତ ହୋଇଥିବା ସୁନ୍ଦରଗଡ଼ ଓ ସମ୍ବଲପୁର ଲୋକ ସଭା ଆସନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ସେହିପରି କାର୍ତ୍ତିକ ପାଣ୍ଡିଆନ ଦଳୀୟ ନେତାଙ୍କ ସହିତ ଆଲୋଚନା କରିବା ସଙ୍ଗେସଙ୍ଗେ ଯେଉଁମାନେ ଆସନ୍ତା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବେ ସେମାନଙ୍କୁ ଏକ ପ୍ରକାର ଫିଲ୍ଡରେ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସାଂସଦ, ବିଧାୟକ, ଜିଲା ପରିଷଦ ସଭାପତିଙ୍କଠାରୁ ଆରମ୍ଭ କରି ୱାର୍ଡ଼ସ୍ତରରେ ସକ୍ରିୟ କର୍ମୀଙ୍କ ସହ ସମନ୍ୱୟ ରଖି ନିର୍ବାଚନ ପ୍ରସ୍ତୁତି ଚଳାଇବାକୁ ମଧ୍ୟ କୁହାଯାଇଛି। ବୈଠକରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ସଞ୍ଜୟ ବାବୁ, ନଳିନୀକାନ୍ତ ପ୍ରଧାନ, ବିଶାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁନ୍ଦରଗଡ଼ ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡାଇ, ମନ୍ତ୍ରୀ ଶାରଦା ନାୟକ, ଢେଙ୍କାନାଳ ସଂସଦୀୟ କ୍ଷେତ୍ର ବୈଠକରେ ସାଂସଦ ମହେଶ ସାହୁ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ୍, ବିଧାୟକ ବ୍ରଜ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ସଂସଦୀୟ କ୍ଷେତ୍ର ବୈଠକରେ ଯାଜପୁର ପର୍ଯ୍ୟବେକ୍ଷକ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



ନବୀନ ନିବାସଠାରେ ଯାଜପୁର ଲୋକ ସଭା କ୍ଷେତ୍ର ଓ ଏହା ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀର ସମୀକ୍ଷା ବେଳେ ଉପସ୍ଥିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସହ ଅନ୍ୟ ବିଜେଡି ନେତାମାନେ।

## ୬ ଆସନରେ ପ୍ରାର୍ଥୀ ବଦଳାଇଲା ଭାଜପା

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ରବିବାର ଓଡ଼ିଶାର ୧୮ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ପ୍ରାର୍ଥୀ ଘୋଷଣାରେ ଏବେ ବିଜେଡି ଏବଂ କଂଗ୍ରେସ ପଛରେ ପଡ଼ିଯାଇଛନ୍ତି। ହେଲେ ୬ଟି ଲୋକ ସଭା ନିର୍ବାଚନମଣ୍ଡଳୀରେ ଦଳ ପ୍ରାର୍ଥୀ ବଦଳାଇଛି। ଏଥିରୁ ୪ଟି ଆସନରେ ବିଜୟୀ ପ୍ରାର୍ଥୀଙ୍କୁ ମଧ୍ୟ ଦଳ ଲୋକ ସଭା ଟିକେଟ ଦେଇନାହିଁ। ସେହିପରି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଭାଜପା ମୟୂରଭଞ୍ଜରୁ ଟିକେଟ ନ ଦେବା ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ରାଜ୍ୟର ୩ ପ୍ରମୁଖ ଲୋକ ସଭା ଆସନ କଟକ, ଯାଜପୁର ଏବଂ କନ୍ଧମାଳରେ ଭାଜପା କାହାକୁ ପ୍ରାର୍ଥୀ କରିବ ସେନେଇ ଘୋଷଣା ନ କରିବା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଏହି ୩ ଆସନରେ ଭାଜପା ଅନ୍ୟ ଦଳରୁ ଆମଦାନୀ ନେତାଙ୍କୁ ପ୍ରାଧାନ୍ୟ ଦେଇପାରେ ବୋଲି କୁହାଯାଉଛି।

ଭାଜପା ଯେଉଁ ୧୮ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି, ସେଥିରେ ୨୦୧୯ ନିର୍ବାଚନରେ ବିଜୟୀ ହୋଇଥିବା ଏମ୍‌ପି ସୁରେଶ ପୂଜାରୀ, ନିତେଶ ଗଙ୍ଗଦେବ, ବସନ୍ତ ପଣ୍ଡା ଏବଂ ବିଶ୍ୱେଶ୍ୱର ଟୁଡୁଙ୍କୁ ଏଥର ପ୍ରାର୍ଥୀ କରିନାହିଁ। ସୁରେଶଙ୍କ ସ୍ଥାନରେ ଦଳ ବରଗଡ଼ରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ କରିଥିବାବେଳେ ସମ୍ବଲପୁରରେ ନିତେଶ ଗଙ୍ଗଦେବଙ୍କ ବଦଳରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୟୂରଭଞ୍ଜରେ ନବ ଚରଣ ମାଝୀ, କଳାହାଣ୍ଡିରେ ମାଳବିକା କେଶରୀ ଦେଓଙ୍କୁ ନୂଆକରି ଦଳ ଟିକେଟ ଦେଇଛି। ସେହିପରି କୋରାପୁଟ ଲୋକ ସଭା ଆସନରେ ଗତଥର ଜୟରାମ ପାଙ୍ଗୀଙ୍କୁ ଦଳ ଟିକେଟ ଦେଇଥିବାବେଳେ ଭାଜପା ସେଠାରେ ୩ ନମ୍ବର ସ୍ଥାନରେ ରହିଥିଲା। ଏଥର ଦଳ ସେହି ଆସନରେ କାଳେରାମ ମାଝିଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପଟେ ବ୍ରହ୍ମପୁର ଆସନ ନିମନ୍ତେ ଗତଥର ଦଳ ଭୃଗୁ ବକ୍ସିପାତ୍ରଙ୍କୁ ଟିକେଟ ଦେଇଥିବା ବେଳେଏଥର ଏଠାରେ ବିଜେଡିରୁ ବହିଷ୍କୃତ ହୋଇ ଭାଜପାରେ ଯୋଗଦେଇଥିବା ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଟିକେଟ ଦେଇଛି।

ଗତଥର ବିଜୟୀ ହୋଇଥିବା ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ନିତେଶ ଗଙ୍ଗଦେବ ଏବଂ ବିଶ୍ୱେଶ୍ୱରଙ୍କୁ ଦଳ କେଉଁଠାରେ ଥଇଥାନ କରିବ ନା ସେମାନେ ବିଧାନସଭା ନିର୍ବାଚନ ଲଢ଼ିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୂର୍ବରୁ ବସନ୍ତ ଏବଂ ବିଶ୍ୱେଶ୍ୱର ବିଧାନସଭା ଲଢ଼ିବେ ବୋଲି ଚର୍ଚ୍ଚା ହେଉଥିଲା। ସେହିପରି ଧର୍ମେନ୍ଦ୍ର ଏଥର ସମ୍ବଲପୁରରୁ ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି ବୋଲି କୁହାଯାଉଥିବାବେଳେ ନିତେଶ ଏଥର ବାଦ୍ ପଡ଼ିପାରନ୍ତି ବୋଲି ମଧ୍ୟ ପ୍ରାୟ ସମସ୍ତଙ୍କୁ ଊଣା ଅଧିକେ ଜଣାଥିଲା। ୨୦୧୪ରୁ ୨୦୧୯ ନିତେଶ ଦେବଗଡ଼ରୁ ବିଧାୟକ ଥିଲେ। ତେଣୁ ତାଙ୍କୁ ଦଳ ପୁଣିଥରେ ସେହି ଆସନରୁ ବିଧାନସଭାକୁ ପଠାଇପାରେ। ହେଲେ ନିତେଶଙ୍କ ସ୍ତ୍ରୀ କିଛିଦିନ ହେବ ବିଜେଡି ସହ ସମ୍ପର୍କରେ ଥିବାରୁ ତାଙ୍କ ପରିବାର ଶାସକ ଦଳରେ ମଧ୍ୟ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ସେହିପରି କଟକ ଲୋକ ସଭା ଆସନରୁ ବିଜେଡି ଟିକେଟରେ ୬ଥର ବିଜୟୀ ହୋଇଥିବା ଭର୍ତ୍ତୃହରି ମହତାବ ୨ ଦିନ ତଳେ ଦଳ ଛାଡ଼ିଛନ୍ତି। ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ଭାଜପା ଛାଡ଼ି ବିଜେଡିରେ ମିଶିଲେ ଇରାନୀ

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

ନୟାଗଡ଼ ନିର୍ବାଚନମଣ୍ଡଳୀର ୨୦୧୯ ସାଧାରଣ ନିର୍ବାଚନରେ ଭାଜପାରୁ ବିଧାୟିକା ପ୍ରାର୍ଥୀ ହୋଇଥିବା ଇରାନୀ ରାୟଙ୍କ ସହ ଶତାଧିକ କର୍ମୀ ରବିବାର ଶଙ୍ଖଭବନଠାରେ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ, ରାଜ୍ୟ ସଭା ଏମ୍‌ପି ମାନସ ରଞ୍ଜନ ମଙ୍ଗରାଜ ଏବଂ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ଇରାନୀ ବିଜେଡିରେ ଯୋଗ ଦେଇଛନ୍ତି। ଇରାନୀ ଏବଂ ତାଙ୍କ କର୍ମୀଙ୍କୁ ଅରୁଣ ସାହୁ, ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଦ୍ୱାରା ନୟାଗଡ଼ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଅଧିକ ମଜଭୁତ ହେବ ବୋଲି ବିଜେଡିର ୩ ବରିଷ୍ଠ ନେତା ମତ ରଖିଛନ୍ତି। ବିଜେଡିରେ ଯୋଗଦେବା ପରେ ଇରାନୀ କହିଛନ୍ତି ଯେ, ନୟାଗଡ଼ରେ ଭାଜପା ପାଇଁ ବହୁତ କିଛି କରିଥିଲେ। ତାଙ୍କ ପରିଶ୍ରମ ଓ ତ୍ୟାଗର ସମ୍ମାନ ଭାଜପାରେ ମିଳିଲାନି। ଭାଜପାରେ ମହିଳାଙ୍କୁ ସମ୍ମାନ ମିଳେନାହିଁ। ତାଙ୍କ ସହିତ ଭାଜପା ଅନ୍ୟାୟ କରିଛି। ଭାଜପାର ଅନ୍ୟାୟ ବିରୋଧରେ ଲଢ଼ିବେ। ଭାଜପାରେ ତାଙ୍କୁ ବହୁତ ଅଣଦେଖା କରାଯାଉଥିଲା। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବେ। ଦଳରେ ତାଙ୍କ ସହ ଯୋଗ ଦେଇଥିବା ସମସ୍ତ ଭାଜପା କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।




ଶଙ୍ଖଭବନଠାରେ ଭାଜପାରୁ ଆସି ବିଜେଡିରେ ଯୋଗ ଦେଇଥିବା ଇରାନୀ ରାୟଙ୍କୁ ଦଳୀୟ ନେତାମାନେ ସ୍ୱାଗତ କରୁଛନ୍ତି।

## ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ: ଭାଜପା

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ମହାମାରୀ ବିରୋଧ ଲଢ଼େଇରେ 'ସ୍ୱାସ୍ଥ୍ୟ ପରିଚାଳନାର' ଭାରତବର୍ଷର ପରାକାଷ୍ଠାକୁ ବିଶ୍ୱ ଦରବାରରେ ପ୍ରମାଣିତ କରିଛନ୍ତି। ଜାତିସଂଘ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସମେତ ବିଶ୍ୱର ବିକଶିତ ଓ ପ୍ରଭାବଶାଳୀ ରାଷ୍ଟ୍ରଗୁଡ଼ିକ ମୋଦିଙ୍କୁ ପ୍ରଶଂସା କରିଛନ୍ତି। ଅନ୍ୟପଟେ ବିଜେଡି ଶାସନରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟ ସରକାର ମିଛ ବିଜ୍ଞାପନ ଓ ପ୍ରଚାର ପ୍ରସାରରେ ମାତିଛନ୍ତି ବୋଲି ଭାଜପା ନେତା ତଥା ବିଧାୟକ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଏମ୍‌ସ ହସ୍ପିଟାଲ ପ୍ରତିଷ୍ଠା କରିଛନ୍ତି। ଆୟୁଷ୍ମାନ ଭାରତ ଯୋଜନା ଜରିଆରେ ୩୧ କୋଟି ଭାରତୀୟ ଉପକୃତ ହୋଇଛନ୍ତି। ଅତ୍ୟନ୍ତ ଶସ୍ତା ମୂଲ୍ୟରେ ଔଷଧ ଯୋଗାଇ ଦେବା ପାଇଁ ଦେଶବାସୀଙ୍କ ପାଇଁ ୧୦ ହଜାରରୁ ଊର୍ଦ୍ଧ୍ୱ ଜନଔଷଧି କେନ୍ଦ୍ର ଖୋଲାଯାଇଥିବା ବେଳେ ୨୫ ହଜାର କୋଟି ଟଙ୍କା ସଞ୍ଚୟ ସମ୍ଭବ ହୋଇଛି। ହେଲେ କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନା ଓଡ଼ିଶାରେ ଲାଗୁ କରିବା ପାଇଁ ବାରମ୍ବାର ଅନୁରୋଧ କରିବା ପରେ ମଧ୍ୟ ରାଜ୍ୟ ସରକାର ଏହାକୁ କାହିଁକି ଲାଗୁ କରୁନାହାନ୍ତି। ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ ନ କରି ରାଜ୍ୟ ସରକାର ରଙ୍ଗିନ ସ୍ୱପ୍ନ ଦେଖାଇବା ଦୁର୍ଭାଗ୍ୟଜନକ ବୋଲି ପ୍ରଦୀପ କହିଛନ୍ତି।

## ଭାଜପାରେ ୫ ଆଶାୟୀ


ହେମନ୍ତ ପାଢ଼ୀ


ପ୍ରଦୀପ ନାୟକ


ନରେନ ପଲେଇ


ସିତାଂଶୁ ଶେଖର ମହାପାତ୍ର


ମନସ୍ମିତା ଖୁଣ୍ଟିଆ

### ଚର୍ଚ୍ଚାରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ

ଭଦ୍ରକ,୨୪।୩
(ସନାତନ ରାଉତ)

ଆସନ୍ତା ସାଧାରଣ ନିର୍ବାଚନରେ ମେଣ୍ଟ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ବେଳେ ଭାଜପା ଓ ବିଜେଡି ଏକାକୀ ନିର୍ବାଚନ ଲଢ଼ିବା ଏକପ୍ରକାର ନିଶ୍ଚିତ ହୋଇଛି। ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ଆଶାୟୀ ସଂଖ୍ୟା ବଢ଼ି ଚାଲିଛି। ଶହୀଦ ଭଗତ ସେନାର ଆବାହକ ତଥା ସାମାଜିକ କର୍ମୀ ସୀତାଂଶୁ ଶେଖର ମହାପାତ୍ର ଓ ପୂର୍ବତନ ବିଧାୟକ ନରେନ ପଲେଇଙ୍କ ଭାଜପାରେ ଯୋଗଦାନ ପରେ ଭଦ୍ରକ ବିଧାନସଭା ଆସନରେ ଦଳର ଶକ୍ତି ବୃଦ୍ଧି ପାଇଛି। ଅନ୍ୟପକ୍ଷେ ରାଜ୍ୟ ସଭାପତି ମନମୋହନ ସାମଲ ଭଦ୍ରକରୁ ହୋଇଥିବାରୁ ଜିଲାର ସମସ୍ତ ଆସନରେ ବିଜେଡି ସହ କଡ଼ା ଟକ୍କର ହେବ ବୋଲି ରାଜନୀତି ବିଶାରଦମାନେ ଆକଳନ କରିଛନ୍ତି। ଭଦ୍ରକ ବିଧାନସଭା ଆସନରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଦଳୀୟ ଟିକେଟ ପାଇଁ ଏବେ ଜୋରଦାର ଲବି ଆରମ୍ଭ ହୋଇଛି।

ଗତ ନିର୍ବାଚନରେ ଡା. ପ୍ରଦୀପ ନାୟକ ଭାଜପାରୁ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିର ସଞ୍ଜୀବ ମଲ୍ଲିକଙ୍କଠାରୁ ହାରିଥିଲେ। ସଞ୍ଜୀବଙ୍କୁ ୯୩ ହଜାର ୬୬୮ ଭୋଟ୍ ଓ ପ୍ରଦୀପଙ୍କୁ ୬୦ ହଜାର ୨୭୯ ଭୋଟ୍ ମିଳିଥିଲା। ସେହିପରି କଂଗ୍ରେସର ନଳିନୀ ମହାନ୍ତି ୨୨ ହଜାର ୬୩୦ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏଥର ଦଳୀୟ ପ୍ରାର୍ଥୀ ପାଇଁ ପ୍ରଦୀପଙ୍କ ନାମ ଚର୍ଚ୍ଚାରେ ଥିବାବେଳେ ଜିଲା ସଭାପତି ହେମନ୍ତ ପାଢ଼ୀ ମଧ୍ୟ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ହେମନ୍ତ ମଧ୍ୟ ପ୍ରାର୍ଥୀ ହେବା ପାଇଁ ବିଭିନ୍ନ ସ୍ଥାନରେ ମିଶ୍ରଣ ପର୍ବ କରିବା ସହ ସଙ୍ଗଠନ କରିବାରେ ଲାଗିପଡ଼ିଛନ୍ତି। ଗତ ନିର୍ବାଚନ ବେଳେ ଆଶାୟୀ ଥିବା ନାରୀନେତ୍ରୀ ମନସ୍ମିତା ଖୁଣ୍ଟିଆ ଏଥର ମଧ୍ୟ ଟିକେଟ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ସୀତାଂଶୁ ଆଉ ନରେନଙ୍କ ମିଶ୍ରଣ ପରେ ଦଳ ନୂଆ ଚେହେରାକୁ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ନରେନ ପୂର୍ବରୁ କଂଗ୍ରେସରୁ ବିଧାୟକ ହୋଇଥିବା ବେଳେ ଗତ ନିର୍ବାଚନଠାରୁ ଦଳଠାରୁ ନିଜକୁ ଦୂରେଇ ରଖିଥିଲେ। ଭଦ୍ରକରେ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନବୀନ ନିବାସ ଯାଇ ଦାବିପତ୍ର ଦେବା ହେଉ କି ମେମୁ ଟ୍ରେନ୍ ଚାଲିବା, ପୁରୁଣାବଜାର କିମ୍ବା ଚନ୍ଦନ ବଜାରରେ ଷ୍ଟେଟ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ଆନ୍ଦୋଳନ କରି ଲୋକଙ୍କ ସେବାରେ ନିଜକୁ ନିୟୋଜିତ ରଖିଥିଲେ। ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡ଼ିତ ରହି ଜଣାଶୁଣା ଚେହେରା ଭାବେ ସୀତାଂଶୁ ସାରା ଜିଲାରେ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି। ଦଳ ପାଖରେ ୫ଜଣ ଯୋଗ୍ୟ ପ୍ରାର୍ଥୀ ଥିବାବେଳେ କାହାକୁ ଟିକେଟ ମିଳିବ, କିଏ ବିଜେଡିକୁ କଡ଼ା ଟକ୍କର ଦେଇପାରିବେ ସେନେଇ ମାନସ ମନ୍ଥନ ଚାଲିଛି। ବିଜେଡିର ଗୋଷ୍ଠୀ କନ୍ଦଳ ଚାଲିଥିବା ବେଳେ ଏଥିରୁ ଭାଜପା କେତେ ଫାଇଦା ନେଇପାରିବ ତାହା ସମୟ ଆସିଲେ ଜଣାପଡ଼ିବ।

## ପାଟଣାରେ ଭାଜପା ଖୋଜୁଛି ଦକ୍ଷ ପ୍ରାର୍ଥୀ

କେନ୍ଦୁଝର,୨୪।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଅନ୍ୟତମ ବିଧାନସଭା ନିର୍ବାଚନମଣ୍ଡଳୀ ପାଟଣା ବିଜେଡି ହାତରେ ରହିଥିବା ବେଳେ ଯୁବ ବିଧାୟକ ଜଗନ୍ନାଥ ନାୟକଙ୍କୁ ଆଉ ଥରେ ଦଳ ପ୍ରାର୍ଥୀ କରିବା ସମ୍ଭାବନା ରହିଛି। ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦେଇଥିବା ୬ ଥରର ବିଧାୟକ ହୃଷୀକେଶ ନାୟକ ଟିକେଟ ପାଇବା ସମ୍ଭାବନା ଅଧିକ ରହିଛି। ତେବେ ସବୁଠାରୁ ବଡ଼ ସମସ୍ୟା ଭାଜପା ଦଳରେ ପ୍ରାର୍ଥୀ ଚୟନକୁ ନେଇ ଦେଖାଦେଇଛି। ଏହି ନିର୍ବାଚନ ମଣ୍ଡଳୀରେ ଜିଲା ସଭାପତି, ପୂର୍ବତନ ଜିଲା ସଭାପତି, ଯୁବ ସଭାପତି ସମେତ ବହୁ ପଦାଧିକାରୀଙ୍କ ଘର ରହିଥିବାରୁ ଦଳ ପାଇଁ ଚିନ୍ତାର ବିଷୟ ହୋଇଛି। ବିଜେଡି ବିଧାୟକ ଜଗନ୍ନାଥ ନାୟକଙ୍କ ଭାଇ ସତ୍ୟବ୍ରତ ନାୟକ ଭାଜପାରୁ ଆଶାୟୀ ଅଛନ୍ତି। ସେହିଭଳି ଅଖିଳ ଚନ୍ଦ୍ର ନାୟକ, ମମିତା ନାୟକ ସମେତ ଗୌତମ ନାୟକ ମଧ୍ୟ ଟିକେଟ ଦୌଡ଼ରେ। ତେବେ ସତ୍ୟବ୍ରତ ନିର୍ବାଚନ ମଣ୍ଡଳୀ ବୁଲୁଥିଲେ ହେଁ ଭାଇ ବିରୋଧରେ ଭାଇଙ୍କୁ ଛିଡ଼ା କରିବାକୁ ଭାଜପା କୌଣସି ରିସ୍କ ନେବାକୁ ଚାହୁଁନାହିଁ। ଏଥିପାଇଁ ଗତ ନିର୍ବାଚନରେ ମଧ୍ୟ ତାଙ୍କୁ ଟିକେଟ ମିଳି ନ ଥିବା ଆଲୋଚନା ହେଉଛି। ଏହି ସିଟ୍‌ରେ ଭାଜପାର କ୍ରମାଗତ ପରାଜୟକୁ ଆଖି ଆଗରେ ରଖି ଭାଜପା ଚଳିତ ନିର୍ବାଚନକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ଗତ ନିର୍ବାଚନରେ ଭାଜପା ଟିକେଟରେ ଛିଡ଼ା ହୋଇଥିବା ପ୍ରାର୍ଥୀ ଦଳ ଛାଡି ଦେବା ଦଳ ପାଇଁ ଚିନ୍ତାର ବିଷୟ ହୋଇଥିଲା। ତେବେ ସେ ସମୟରେ ଦଳର ଅନ୍ୟତମ ଦକ୍ଷତା ସମ୍ପନ୍ନ ନେତା ଅଖିଳ ଚନ୍ଦ୍ର ନାୟକଙ୍କୁ ଟିକେଟ ନ ମିଳିବାରୁ କର୍ମୀ ସମର୍ଥନରେ ସ୍ୱାଧୀନ ଭାବରେ ଛିଡ଼ା ହୋଇଥିଲେ। ସେ ଚାକିରୀ ଛାଡ଼ି ଜନସେବା କରିବା ପାଇଁ ରାଜନୀତିକୁ ଓହ୍ଲାଇଥିଲେ। ତେବେ ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ପାଇଁ କାମ କରୁଥିବା ଅଖିଳଙ୍କୁ ପ୍ରାର୍ଥୀ କଲେ କଡ଼ା ଟକ୍କର ହେବା ସମ୍ଭାବନାକୁ ନେଇ ତାଙ୍କ ସମର୍ଥକ ତଥା କର୍ମୀମାନେ ଆଶା ବାନ୍ଧିଛନ୍ତି। ସେହିପରି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାୟକ ମଧ୍ୟ ଉକ୍ତ ଅଞ୍ଚଳରେ କାମ କରିଆସୁଛନ୍ତି। କିଏ ଟିକେଟ ପାଉଛନ୍ତି ତାକୁ ଏବେ ଅପେକ୍ଷା ରହିଛି।

## ଭୋଟ୍ ଫର୍ ମୋଦି ବାର୍ତ୍ତା ନେଇ ତାମିଲନାଡୁରୁ ଦିଲ୍ଲୀ ଅଭିମୁଖେ ରାଜଲକ୍ଷ୍ମୀ

କଟକ,୨୪।୩(ଶିକ୍ଷା ପ୍ରିୟଦର୍ଶିନୀ)

### କଟକ ବେଲ୍‌ଭ୍ୟୁ ଛକରେ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା

ଭୋଟ ଫର୍ ନେଶନ ବାର୍ତ୍ତା ନେଇ ତାମିଲନାଡୁ ମଦୁରାଇରୁ ବାଇକ୍ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ରାଜଲକ୍ଷ୍ମୀ ମାଣ୍ଡା। ଇତିମଧ୍ୟରେ ସେ ୮ଟି ରାଜ୍ୟ ବୁଲି ସାରିଥିବାବେଳେ ୯ମ ରାଜ୍ୟ ଭାବେ ଓଡ଼ିଶା ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ସେ କଟକରେ ପହଞ୍ଚିଛନ୍ତି। କଟକ ବେଲ୍‌ଭ୍ୟୁ ଛକଠାରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସେଠାରୁ ପ୍ରେସ୍‌ଛକ ପର୍ଯ୍ୟନ୍ତ ବିଶାଳ ବାଇକ ଶୋଭାଯାତ୍ରାରେ ତାଙ୍କୁ ନିଆଯାଇଥିଲା। ଏନେଇ ରାଜଲକ୍ଷ୍ମୀ କହିଛନ୍ତି, ୪୧ ଦିନ ହେବ ବାଇକ୍ ଯୋଗେ ଯାତ୍ରା କରିଆସୁଛି। ୨୧ ହଜାର କିଲୋମିଟର ଯାତ୍ରା କରିବି। ମାଇଁ ଭୋଟ୍ ଫର୍ ମୋଦି ନାରା ଦେଇ ସାଧାରଣ ଲୋକଙ୍କୁ ସଚେନତ କରାଇବା ସହ ମୋଦି ସରକାରଙ୍କ ସମସ୍ତ କାର୍ଯ୍ୟ ନେଇ ଲୋକଙ୍କୁ ଅବଗତ କରାଉଛି। ଯେପରି ଭାରତକୁ ଆହୁରି ବିକାଶ ଓ ବିଶ୍ୱଗୁରୁ କରିବା କ୍ଷେତ୍ରରେ ମୋଦିଙ୍କୁ ଭୋଟ ଦେବା ପାଇଁ ଲୋକଙ୍କୁ ନିବେଦନ କରୁଛି। ଭାଜପା ସରକାରଙ୍କୁ ଆଗମୀ ନିର୍ବାଚନରେ ୪୦୦ ପାର୍ କରେଇବା ପାଇଁ ନାରା ଦେଇ ଏହି ଯାତ୍ରା ଆରମ୍ଭ କରିଛି। କଟକରେ ଭବ୍ୟ ସ୍ୱାଗତ କରାଯାଇଥିବାରୁ ବହୁ ଖୁସି ଅନୁଭବ କରୁଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତଥା କର୍ପୋରେଟର ଗଗନ ଓଝା କହିଛନ୍ତି, ରାଜଲକ୍ଷ୍ମୀ ଭାରତ ଭ୍ରମଣ କରି ଭୋଟ ଫର୍ ମୋଦି ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ତାହା ସମ୍ପୂର୍ଣ୍ଣ ଭାବେ ନିଆରା। ମୋଦି ସରକାରଙ୍କର ସମସ୍ତ କାର୍ଯ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବାର ଏକ ନୂଆ ପ୍ରୟାସ ରହିଛି। ରାଜଲକ୍ଷ୍ମୀଙ୍କ ଏହି ପ୍ରୟାସରେ ଲୋକେ ଅନୁପ୍ରାଣିତ ହେବେ ବୋଲି ଆଶା ରହିଛି। ଏହି କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ଲକ୍ଷ୍ମୀଧର ବେହେରା, କର୍ପୋରେଟର ଗୋପାଳ ବେହେରା, ବୁଢ଼ା ଦଳାଇ, ରୀତା ମହାପାତ୍ର, ଶିବନାରାୟଣ ନାୟକ, ସଞ୍ଜୟ ଦାଶ, ନବ ଦାସ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



# ହୋଲି ସ୍ୱତନ୍ତ୍ର ଟ୍ରେନ୍‌ରେ ଠକେଇ ସମ୍ଭାବନା

ଭୁବନେଶ୍ୱର,୨୪।୩(ଅନୁରାଧା ମହାରଣା)

ଭାରତୀୟ ରେଳପଥ ଏହାର ଯାତ୍ରୀମାନଙ୍କୁ ଉତ୍ତମ ଅନୁଭୂତି ପ୍ରଦାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାବେଳେ ହୋଲି ଅବସରରେ ସ୍ୱତନ୍ତ୍ର ରେଳ ଚଳାଚଳ କରିବ । ତେବେ ଏହି ଯାତ୍ରା ସମୟରେ କୌଣସି ଯାତ୍ରୀ ଯେପରି ଖାଦ୍ୟପାନୀୟ କିଣାରେ ଠକାମିର ଶିକାର ନ ହୁଅନ୍ତି ସେନେଇ ଭାରତୀୟ ରେଳପଥ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏହାର ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳପଥ ଏକ ସାଧାରଣ ହେଲ୍ପଲାଇନ ନମ୍ବର ୧୩୯ ଜାରି କରିଛି। ରେଲୱେର କୌଣସି ବିକ୍ରେତାଙ୍କ ବିଷୟରେ ଅଭିଯୋଗ କରିବାକୁ ପ୍ରଥମେ

## ଯାତ୍ରୀଙ୍କ ପାଇଁ ହେଲ୍ପଲାଇନ୍ ନମ୍ବର-୧୩୯

ଯାତ୍ରୀଙ୍କୁ ରେଲୱେର ହେଲ୍ପଲାଇନ ନମ୍ବର ୧୩୯ ଡାଏଲ କରିବାକୁ ପଡିବ। ଏହା ପରେ ଠକେଇ ବିଷୟରେ ଅଭିଯୋଗ କରିବାକୁ ୯ ଦବାଇବାକୁ ପଡିବ। ଯାତ୍ରୀ ଅଭିଯୋଗକୁ ଠିକ୍ ଭାବରେ ପହଞ୍ଚାଇବା ପାଇଁ ବିକ୍ରେତାଙ୍କ ନାମ, ଷ୍ଟଲ ନମ୍ବର, ପ୍ଲାଟଫର୍ମ ନମ୍ବର, ଷ୍ଟେଶନ ଟାଇମିଂ ଆଦି ସମ୍ପର୍କରେ ସୂଚନା ଦେବା ଜରୁରୀ। ଏହା ସାହାଯ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ ହୋଇପାରିବ।




ସୂଚନାଥାଉକି, ରେଳ ଷ୍ଟେଶନ ପରିସରରେ କିମ୍ବା ଟ୍ରେନ ଭିତରେ ଉପଲବ୍ଧ ସୁବିଧା ପାଇବାକୁ ଚେଷ୍ଟା କରି ଅନେକ ଯାତ୍ରୀ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ହୋଲି ପାଇଁ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନରେ ବିକ୍ରେତାମାନେ ଖାଦ୍ୟ ସାମଗ୍ରୀ ପାଇଁ ଏମ୍‌ଆର୍‌ପିଠାରୁ ଅଧିକ ଟଙ୍କା ମାଗନ୍ତି। ଏହା ଏକ ଆଇନଗତ ଅପରାଧ ହୋଇଥିବାରୁ ଏନେଇ ଗ୍ରାହକ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ କୁହାଯାଇଛି। ଅଧିକାଂଶ ଟ୍ରେନ କୌଣସି ଷ୍ଟେଶନରେ ଅଟକିଯିବା ମାତ୍ରେ ଲୋକମାନେ ପ୍ଲାଟଫର୍ମରୁ ଓହ୍ଲାଇ ଚା ଏବଂ ସ୍ନାକ୍ସ ନେଇଥାନ୍ତି। ଏଭଳି ପରିସ୍ଥିତିରେ ସେମାନଙ୍କ ନିକଟରେ କିଣାକିଣି ଓ ମୂଲଚାଲ ପାଇଁ କମ୍ ସମୟ ଥାଏ। ଠକେଇର ଶିକାର ହୋଇଥିବା ଯାତ୍ରୀ ରେଳପଥର 'ରେଳ ମଦଦ୍' ଆପ୍ ମଧ୍ୟ ବ୍ୟବହାର କରିପାରିବେ। ରେଳପଥର ବ୍ୟବସ୍ଥା ଅନୁଯାୟୀ ସେହି ଅସାଧୁ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଯଦି ଯାତ୍ରୀଙ୍କର ଟ୍ରେନ ଛାଡ଼ିବାକୁ ଅଧିକ ସମୟ ଅଛି, ସେ ଷ୍ଟେଶନମାଷ୍ଟର କିମ୍ବା ରେଳ ପ୍ଲାଟଫର୍ମରେ ଉପସ୍ଥିତ ଥିବା କୌଣସି ରେଳ ଅଧିକାରୀଙ୍କ ନିକଟରେ ଅଭିଯୋଗ ମଧ୍ୟ କରିପାରିବେ।

# ବ୍ୟୁଟିଫୁଲ ଇଣ୍ଡିଆନ୍ସ-୨୦୨୪

## 'ମାମାଆର୍ଥ'ର ୩ୟ ସଂସ୍କରଣ

ଭୁବନେଶ୍ୱର,୨୪।୩ (ଅଭୟ ଦାଶ)

ଦେଶର ପ୍ରମୁଖ ବ୍ୟୁଟି ଆଣ୍ଡ ପର୍ସନାଲ କେୟାର ବ୍ରାଣ୍ଡ୍ ତଥା ଦ୍ରୁତ ଅଭିବୃଦ୍ଧିଶୀଳ (ଫାଷ୍ଟେଷ୍ଟ ଗ୍ରୋଇଙ୍ଗ) ଘରୋଇ ସଂସ୍ଥା ମାମାଆର୍ଥର ବହୁ ପ୍ରତୀକ୍ଷିତ ଏବଂ ବ୍ରାଣ୍ଡର ୩ୟ ସଂସ୍କରଣ 'ବ୍ୟୁଟିଫୁଲ ଇଣ୍ଡିଆନ୍ସ-୨୦୨୪' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଫେମିନା ଆଣ୍ଡ ମାମାଆର୍ଥର ମିଳିତ ସହଯୋଗରେ'ବ୍ୟୁଟିଫୁଲ ଇଣ୍ଡିଆନ୍ସ-୨୦୨୪'ର ୩ୟ ସଂସ୍କରଣ ମୁମ୍ବାଇଠାରେ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଲୋକପ୍ରିୟ ଅଭିନେତା ଓ ପ୍ରସିଦ୍ଧ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ଏକ ବିଚାରକମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ବଲିଉଡ କଳାକାର ଓ ବିଭିନ୍ନ ଉଦ୍ୟୋଗ ସହ ଜଡିତ ବ୍ୟକ୍ତିବିଶେଷଙ୍କୁ ଫେମିନା ଆଣ୍ଡ ମାମାଆର୍ଥ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏ ସମ୍ପର୍କରେ ମାମାଆର୍ଥର ସହ ପ୍ରତିଷ୍ଠାତା ତଥା ସିଆଇଓ ଘଜଲ ଅଲଘା କହିଛନ୍ତି, ଗତ ୨ଟି ସଂସ୍କରଣରେ ଆମେ ବେଶ୍ ସଫଳତା ପାଇଥିବାରୁ ୩ୟ ସଂସ୍କରଣ ପାଇଁ ଆଶା ଓ ଉତ୍ସାହ ବଢ଼ିଥିଲା। ଏହି ସଂସ୍କରଣରେ ମଧ୍ୟ ଆମର ଅନେକ ଆଶଙ୍କା ରହିଛି। ସେହିଭଳି ଆମର ଉତ୍ପାଦ ସବୁ ବର୍ଗଙ୍କ ନିକଟତର ହେବା ସହିତ ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିଛି।




# ଟାଟା ଟ୍ରଷ୍ଟର ଅନ୍ତରଣ ଉତ୍ସବ



ଭୁବନେଶ୍ୱର,୨୪।୩

ଟାଟା ଟ୍ରଷ୍ଟ ପକ୍ଷରୁ ନିକଟରେ ଆୟୋଜିତ ୩ ଦିନିଆ 'ଅନ୍ତରଣ ଆର୍ଟିସାନ' ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ମାର୍ଚ୍ଚ ୨୪ (ରବିବାର)ରେ ଆନୁଷ୍ଠାନିକ ଭାବେ ଶେଷ ହୋଇଥିଲା। ବିଶେଷକରି ମୌଳିକ କାରିଗରିକୁ ପ୍ରୋତ୍ସାହନ ଦେବା ତଥା ହସ୍ତତନ୍ତ କ୍ଷେତ୍ରରେ ରୂପାନ୍ତରଣ ଆଣିବା ଉଦ୍ଦେଶ୍ୟରେ ଟାଟା ଟ୍ରଷ୍ଟ ପକ୍ଷରୁ ଅନ୍ତରଣ ଉତ୍ସବ ଭୁବନେଶ୍ୱରର ନ୍ୟୁ ମ୍ୟାରିଅନ ହୋଟେଲ୍‌ଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିଲା। ଏପରିକି ଓଡ଼ିଶାର ମାଣିଆବନ୍ଧ ଏବଂ ଗୋପାଳପୁରର କାରିଗରିକୁ ଭିତ୍ତିକରି ଏକ ୩ ଦିନିଆ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଯେଉଁଠାରେ ନୂଆପିଢ଼ିର ଯୁବ କାରିଗରଙ୍କ ସର୍ଜନାରେ ବୁଣାଯାଇଥିବା ଶାଢ଼ି, ଓଢ଼ଣି, ଷ୍ଟୋଲ ଆଦି ଉଭୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଉପଲବ୍ଧ ଥିଲା। ଉପରୋକ୍ତ ସାମଗ୍ରୀଗୁଡ଼ିକ ଟସର ଘୀଚା, ମଲବେରୀ ଏବଂ କପା ସୂତାରେ ତିଆରି ହୋଇଛି। ଅପରପକ୍ଷରେ ଅନ୍ତରଣ ହେଉଛି ଭାରତର ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ରୂପାନ୍ତରଣ ଆଣିବା ଲାଗି ଟାଟା ଟ୍ରଷ୍ଟର ଏକ ଉଦ୍ୟମ ହୋଇଥିଲାବେଳେ ଏହା ଆସାମ, ନାଗାଲାଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ହସ୍ତଶିଳ୍ପ ଓ ଉଭୟ ତନ୍ତ ଏବଂ ବୁଣାକାରଙ୍କୁ ଉତ୍ସାହିତ କରି ଯୁବପିଢ଼ିଙ୍କୁ ଏହି ଶିଳ୍ପରେ ଧରି ରଖିବା ଲାଗି ସହାୟକ ହେଉଛି।

# କଳିଙ୍ଗ ହସ୍ପିଟାଲର ନୂତନ ବ୍ଲକ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ କଳିଙ୍ଗ ହସ୍ପିଟାଲ ଲିମିଟେଡ୍ (କେଏଚ୍‌ଏଲ୍)ର ୨୭ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେଏଚ୍‌ଏଲ୍‌ର ନୂତନ ବ୍ଲକ୍ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଏଚ୍‌ଏଲ୍‌ର ଚେୟାରମ୍ୟାନ (ଅଧ୍ୟକ୍ଷ) ଡା. ଶିତକଣ୍ଠ ଦାଶ, ଏମ୍‌ଡି ନିଲଞ୍ଜନା ମୁଖର୍ଜୀ, ଏମ୍‌ଏସ୍ ଡା. ପି.କେ. ମିଶ୍ର ଏବଂ ଡା. ରାଜେଶ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ନେଇ ନିଲଞ୍ଜନା କହିଛନ୍ତି, ଆମର ସମ୍ମାନିତ ଚେୟାରମ୍ୟାନ୍‌ଙ୍କ ଅମୂଲ୍ୟ ଅବଦାନକୁ ଆମେ ସମ୍ମାନ ଜଣାଇ ଏ୩-ବ୍ଲକ୍‌ର ନାମ ଡା.ଏସ୍.କେ. ଦାସ ବ୍ଲକ୍ ରଖିଛୁ। ଏହି ସ୍ମାରକୀ ଘଟଣା ଆମ ଯାତ୍ରାର ଏକ ପ୍ରମୁଖ ମୁହୂର୍ତ୍ତକୁ ଚିହ୍ନିତ କରୁଛି,ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ଆମର ଅଦମ୍ୟ ପ୍ରତିବଦ୍ଧତାକୁ ଏହା ପ୍ରମାଣିତ କରିଛି।



ଉଲ୍ଲେଖଯୋଗ୍ୟ, କଳିଙ୍ଗ ହସ୍ପିଟାଲର ନୂତନ ବ୍ଲକ୍ (ଡକ୍ଟର ଏସ୍.କେ.ଦାସ ବ୍ଲକ୍) ନାମରେ ନାମିତ ହୋଇଛି, ଯାହାକି କେଏଚ୍‌ଏଲ୍‌ର ଚେୟାରମ୍ୟାନ ଡା. ଶିତକଣ୍ଠ ଦାସଙ୍କ ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ ବୋଲି କେଏଚ୍‌ଏଲ୍ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ଉକ୍ତ ବ୍ଲକ୍‌ରେ ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୫୦ଶଯ୍ୟା ଓ ଅତିରିକ୍ତ ୪ଟି ଓଟି ମଧ୍ୟ ବୃଦ୍ଧି ପାଇଛି, ଯେଉଁଥିରେ ଉନ୍ନତ ଅର୍ଥୋ ସାଇନ୍ସ, ନ୍ୟୁରୋ ସାଇନ୍ସ, ରେନେଲ ସାଇନ୍ସ ଏବଂ ଗ୍ୟାଷ୍ଟ୍ରୋ ସାଇନ୍ସ ଅସ୍ତ୍ରୋପଚାର ଭଳି ସୁବିଧା ରହିବ। ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଉନ୍ନତ ଉପକରଣ ସହ କେନ୍ଦ୍ରୀୟ ସେବା ବିଭାଗ ସିଏସ୍ଏସ୍‌ଡି ଯାହା କିଡ୍‌ନୀ ପ୍ରତିରୋପଣ ୟୁନିଟ୍‌ର ସମ୍ପ୍ରସାରଣର ଅତିରିକ୍ତ ସୁବିଧା ଯେଉଁଠାରେ ସଂକ୍ରମଣ ନିୟନ୍ତ୍ରଣ ଆମର ପ୍ରମୁଖ ଲକ୍ଷ୍ୟ ରହିଛି। ନୂତନ ଇଣ୍ଟେନସିଭ କେୟାର ୟୁନିଟ୍ (ଆଇସିୟୁ)ରେ ନୂତନ ଆଇସୋଲେସନ କ୍ରିଟିକାଲ କେୟାର ୟୁନିଟ୍, କେନ୍ଦ୍ରୀୟ ନର୍ସିଂ ବ୍ୟବସ୍ଥା ରୋଗୀଙ୍କ ଯୋଗାଯୋଗ ଓ ପ୍ରତିକ୍ରିୟା ପାଇଁ ସମୟରେ ଉନ୍ନତି ଆଣିବ।

# ସୁବ୍ରତଙ୍କୁ ଓଡ଼ିଶା ଉଦ୍ୟୋଗୀ ପୁରସ୍କାର

ଭୁବନେଶ୍ୱର,୨୪।୩

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଷ୍ଟଲୱାର୍ଟ ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡର ଏମ୍‌ଡି ସୁବ୍ରତ ଦାସଙ୍କୁ ନିକଟରେ ଆଉ ଏକ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ସାମାଜିକ କାର୍ଯ୍ୟକ୍ରମ ଓ ଗୃହନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସଫଳ ଯୁବଦ୍ୟୋଗୀ ସୁବ୍ରତ କୁମାର ସାହୁଙ୍କୁ ଓଡ଼ିଶା ଉଦ୍ୟୋଗୀ ପୁରସ୍କାର-୨୦୨୪ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ନିର୍ବାଣ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଓଡ଼ିଶା ଉଦ୍ୟୋଗୀ ପୁରସ୍କାର-୨୦୨୪ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ପୂର୍ବତନ ସାଂସଦ ଡ.ପ୍ରସନ୍ନ କୁମାର ପାଟ୍ଟଶାଣୀ, ଏଫଆଇଇଓର ଓଡ଼ିଶା ଶାଖା ମୁଖ୍ୟ କମଳାକାନ୍ତ ସାହୁ, ପାରାଦୀପ ପରିବହନର ସିଏମ୍‌ଡି ପ୍ରଭାତ ନନ୍ଦୀ, ହେଲ୍‌ଥ ଅନ୍‌ଟପ୍‌ର ପ୍ରତିଷ୍ଠାତା ଗୌରବ ରାଲହନ, ସାମାଜିକକର୍ମୀ ଡ.ରୀନା ରାଉତରାୟ, ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ସିଓଓ ଆଲୋକ ଶ୍ରୀବାସ୍ତବ, ଲୋରିଏଲ ଇଷ୍ଟେଟର ଏମ୍‌ଡି ଟିଟନ ସାହୁଙ୍କ ସମେତ ତୃପ୍ତିକାନ୍ତ ପାଣିଗ୍ରାହୀ, ପାର୍ଥସାରଥୀ ମିଶ୍ର, ଲକ୍ଷ୍ମୀ ସ୍ୱାଇଁ ଏବଂ ଅଭିନେତ୍ରୀ ନିକିତା ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୨୦ଜଣ ଶ୍ରେଷ୍ଠ ଉଦ୍ୟୋଗୀଙ୍କୁ ଓଡ଼ିଶା ଉଦ୍ୟୋଗୀ ପୁରସ୍କାର ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।



ଅତିଥିଙ୍କଠାରୁ ସୁବ୍ରତ କୁମାର ସାହୁ ପୁରସ୍କାର ଗ୍ରହଣ କରୁଛନ୍ତି ।

## ରାଜ୍ୟ

# ମାଓବାଦୀଙ୍କ ଧମକ

# ଭୟରେ ମାସେରୁ ଊର୍ଦ୍ଧ୍ୱ ହେଲା ଛୁଟିରେ ଅଧ୍ୟାପକ

ନନ୍ଦପୁର,୨୪।୩(ଶଙ୍କର ପୂଜାରୀ)

ନନ୍ଦପୁର ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ପରୀକ୍ଷା ଦାୟିତ୍ୱରୁ ନିବୃତ୍ତ ରହିବାକୁ ମାଓବାଦୀ ଧମକ ଦେଉଥିବା ଆଳ ଦେଖାଇ ଗତ ୩୪ ଦିନ ହେଲା ବିଦ୍ୟାଳୟରେ ଅନୁପସ୍ଥିତ ରହିଛନ୍ତି। ନନ୍ଦପୁର ଅଞ୍ଚଳରେ କୌଣସି କର୍ମଚାରୀଙ୍କୁ ମାଓବାଦୀ ଧମକ ଦେବା ଘଟଣା ପ୍ରଥମ ହୋଇଥିବାରୁ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଏହାର ପ୍ରକୃତ କାରଣ ଯାଞ୍ଚ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



ଅଧ୍ୟାପକ କାର୍ତ୍ତିକେଶ୍ୱର ପଟ୍ଟନାୟକ।

ନନ୍ଦପୁର ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ବୋର୍ଡ ପରୀକ୍ଷା ଫେବୃଆରୀ ୧୭ରୁ ଆରମ୍ଭ ହୋଇଥିଲା। କର୍ତ୍ତୃପକ୍ଷ ପରୀକ୍ଷା ପରିଚାଳନା ନିମନ୍ତେ ସମସ୍ତ ଅଧ୍ୟାପକଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ମାତ୍ର ଏହି ବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ କାର୍ତ୍ତିକେଶ୍ୱର ପଟ୍ଟନାୟକ ପରୀକ୍ଷା ପୂର୍ବରୁ ୧୫ ତାରିଖରେ ତାଙ୍କୁ ମାଓବାଦୀମାନେ ଧମକଚମକ ଦେଉଛନ୍ତି। ମୋ ଜୀବନ ପ୍ରତି ବିପଦ ଅଛି। ତେଣୁ ପରୀକ୍ଷା ପରିଚାଳନା ନ କରି ବିଦ୍ୟାଳୟରେ ଅନୁପସ୍ଥିତ ରହିବି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଆବେଦନପତ୍ର ଡାକ ଯୋଗେ ପଠାଇଥିଲେ। ସେବେଠାରୁ ୩୪ଦିନ ହେଲା ପଟ୍ଟନାୟକ ଅନୁପସ୍ଥିତ ରହିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ କିଏ କାହିଁକି ଏଭଳି ଧମକ ଦେଲା ଜାଣିବାକୁ ତାଙ୍କୁ ଫୋନ କଲେ ସେ ଫୋନ ଉଠାଉ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏନେଇ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏବିଷୟରେ ଅଧ୍ୟାପକ ପଟ୍ଟନାୟକଙ୍କୁ ଫୋନ କରି ପଚାରିବାରୁ ସେ କହିଲେ, ଗତ ଫେବୃଆରୀ ୧୩ରେ ସେ ନିଜ ଦାୟିତ୍ୱ ସାରି ବିଦ୍ୟାଳୟରୁ ଫେରୁଥିବା ବେଳେ ଜଣେ ଅଚିହ୍ନା ବ୍ୟକ୍ତି ତାଙ୍କୁ ରାସ୍ତାରେ ଅଟକାଇ ନିଜକୁ ମାଓବାଦୀ ବୋଲି ପରିଚୟ ଦେଇ ଧମକ ଦେଇଥିଲେ। ପରୀକ୍ଷା ସମୟରେ ବିଦ୍ୟାଳୟକୁ ଆସିଲେ ତମକୁ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ କହିଥିଲେ। ସେବେଠାରୁ ଭୟରେ ସେ ବିଦ୍ୟାଳୟକୁ ଯାଉନାହାନ୍ତି ବୋଲି ପଟ୍ଟନାୟକ କହିଛନ୍ତି। କୋରାପୁଟ ଜିଲାରେ ମାଓବାଦୀଙ୍କ ଗତିବିଧି ବର୍ତ୍ତମାନ ନ ଥିବା ବେଳେ ଅଧ୍ୟାପକଙ୍କ ଏଭଳି ଅଭିଯୋଗ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଅଧ୍ୟକ୍ଷା ବୈଜୟନ୍ତୀ ସାମଲ ଛୁଟିରୁ ଫେରିଲେ ଘଟଣା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଏବେ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ କହିଛନ୍ତି।

# ହାଟରେ ବଢୁଛି ଜାଲ୍ ନୋଟ୍ କାରବାର

ସେମିଳିଗୁଡା /ସୁନାବେଡା , ୨୪/୩ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା ଓ ସୁନାବେଡ଼ା ଅଞ୍ଚଳରେ ଦିନକୁ ଦିନ ଜାଲ୍ ନୋଟ୍ କାରବାର ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଏହି ନକଲି ନୋଟ କାରବାର ପଛରେ ବଡ଼ ର୍‍ୟାକେଟ କାମ କରୁଥିବା ଅଭିଯୋଗ ହେଉଛି। ଏଠାରେ ଥିବା ବିଭିନ୍ନ ହାଟମାନଙ୍କରେ ଛୋଟ ଛୋଟ ପିଲାଙ୍କ ମାଧ୍ୟମରେ ଏହି କାରବାର କରୁଥିବା ଜଣାପଡ଼ିଛି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ସରଳ ଆଦିବାସୀମାନେ ଜାଲ୍ ନୋଟ୍ ସମ୍ପର୍କରେ ଅବଗତ ନ ଥିବାରୁ ଏହାର ଫାଇଦା ନେଇ ର୍‍ୟାକେଟ୍ ହାଟଗୁଡ଼ିକୁ ଟାର୍ଗେଟ୍ କରୁଛନ୍ତି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ସୁନାବେଡା ଓ ସେମିଳିଗୁଡାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଏକ ଭେଣ୍ଡିଂ ଜୋନ୍ ଅଞ୍ଚଳରେ ପ୍ରତି ରବିବାର ହାଟ ବସୁଛି। ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଆସି ଏଠାରେ କାରବାର କରୁଛନ୍ତି।




ସେମିଳିଗୁଡା ଓ ସୁନାବେଡା ଅଞ୍ଚଳରେ ୫ଶହ ଟଙ୍କିଆ ଜାଲ୍ ନୋଟ।

## ଛୋଟ ପିଲାଙ୍କୁ ସାମିଲ କରୁଛି ର୍‍ୟାକେଟ୍



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ହାତୀ ଆକ୍ରମଣରେ ଯୁବକ ମୃତ

ଜଳେଶ୍ୱର,୨୪।୩(ନବୀନ ସାହୁ)

ଓଡ଼ିଶା ପଶ୍ଚିମବଙ୍ଗ ସୀମାନ୍ତ କଇଁଫୁଲିଆ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭୁଟାନ ସୋରେନ (୪୦)। ରବିବାର ସକାଳ ୭ଟାରେ ଭୁଟାନ ବଣକୁ ଶୌଚ ପାଇଁ ଯାଇ ଫେରୁଥିବା ସମୟରେ ବେଢ଼ାଜାଲ- ଭୁଡ୍ରବଣି ରାସ୍ତାରେ ଦଶଟିକିଆ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ଘଟଣାସ୍ଥଳରେ ଭୁଟାନଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ନୟାଗ୍ରାମ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ସ୍ତ୍ରୀ ଓ ୧୫ ବର୍ଷର ଝିଅ ଅଛନ୍ତି। ଚାଷକାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ଭୁଟାନଙ୍କ ମୃତ୍ୟୁପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛି। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ୨ ଭାଇଙ୍କ ମଧ୍ୟରେ ହାତାହାତି, ବଡ଼ଭାଇ ମୃତ

ଓଡ଼ାପଡ଼ା,୨୪।୩(ରଞ୍ଜିତ ନାୟକ)

ଢେଙ୍କାନାଳ ସଦର ଥାନା ଗୁଣ୍ଡେଇ ପଞ୍ଚାୟତ ଅଧୀନ କାଉଁରିଆପାଳ ଗ୍ରାମରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଜମିବାଡ଼ି ସମସ୍ୟାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ କଳହ ସହ ହାତାହାତି ହେବା ସମୟରେ ବଡ଼ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମଚରଣ ମହାନ୍ତି। ପୋଲିସ କହିଛି, ଜମିବାଡ଼ି ସମସ୍ୟାକୁ କେନ୍ଦ୍ରକରି କାଉଁରିଆପାଳ ଗ୍ରାମର ପଦ୍ମଚରଣ ମହାନ୍ତି ଏବଂ ତାଙ୍କ ସାନ ଭାଇ ବରୁଣ କୁମାର ମହାନ୍ତି ହାତାହାତି ହୋଇଥିଲେ। ଏହି ସମୟରେ ପଦ୍ମଚରଣ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସଦର ପୋଲିସ ପହଞ୍ଚି ବରୁଣ ଏବଂ ତାଙ୍କ ସ୍ତ୍ରୀ ଓ ପୁଅକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନଗଛ ଚେର ଅତ୍ୟନ୍ତ ସୁତର**
**ହିଡରେ ନ ଥାଏ ପାଣି**
**ଉତ୍ତମ ଲୋକଟି କପଟ ନ ଥାଏ**
**କଥା ପଦକରୁ ଜାଣି।**

ଧାନ ଚେରଟି ସଫା ସୁତୁରା ଦେଖାଯାଏ। ସେମିତି ଉତ୍ତମ ଲୋକଟିର ହୃଦୟ ମଧ୍ୟ ନିର୍ମଳ ତଥା ନିଷ୍କପଟ ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଧନ ବୋଲି କଲି ବାଲି ଗରଡା**
**ବନ୍ଧୁ ବୋଲି କଲି ଶାମ ପରିଡା।**

ବାଲିଗରଡା କୌଣସି ମୂଲ୍ୟବାନ ଧାତୁ କି ପଥରରେ ଗଣା ହୋଇ ନ ଥାଏ। ଏହାର ମୂଲ୍ୟ ସାମାନ୍ୟ ମାଟିଠାରୁ ମଧ୍ୟ କମ୍ ହୋଇଥାଏ। ସେହିପରି ଯିଏ ବନ୍ଧୁତ୍ୱ କ'ଣ ଜାଣି ନ ଥାଏ, ତା'ଠାରୁ ବନ୍ଧୁପଣିଆ ଆଶା କରିବା ବୃଥା ହୋଇଥାଏ। ଏପରିସ୍ଥଳେ କେବଳ ମନସ୍ତାପ କରିବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ସୁସ୍ଥ ସ୍ୱାସ୍ଥ୍ୟର ଚାବିକାଠି



ଡା. ନିତ୍ୟାନନ୍ଦ ସ୍ୱାଇଁ

"ସାମ୍ପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଆଦୌ ଅନୁକୂଳ ହୋଇପାରୁନାହିଁ। ଫଳରେ ବଢ଼ି ବଢ଼ି ଚାଲିଛି ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବେଗ ତଥା ଦୀର୍ଘକାଳୀନ ଅଣସଂକ୍ରାମକ ଜୀବନଶୈଳୀ ରୋଗମାନ। ଏଭଳି ଦୁଃସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଯୋଗ ହିଁ ପ୍ରଧାନ ଅବଲମ୍ବନ।"



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ତେବେ ଏହା ପଛରେ ରହିଛି ଅନେକ କାରଣ। ତନ୍ମଧ୍ୟରୁ ଏକ ସହଜ ତଥା ସରଳ ଉପାୟ ହାତପାଆନ୍ତାରେ ରହିଛି। ସେ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ ରବର୍ଟ୍ ବେନ୍‌ସନ୍। ଆମେରିକାସ୍ଥିତ ହାର୍ଭାର୍ଡ ମେଡିକାଲ ସ୍କୁଲର ଏହି ପ୍ରଫେସର ୧୯୮୫ ମସିହାରେ କେତେଜଣ ସହକର୍ମୀଙ୍କୁ ନେଇ ଉତ୍ତର ଭାରତରେ ଥିବା ତଥା ହିମାଳୟର ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ଅବସ୍ଥିତ ଏକ ତିବ୍ବତୀୟ ସନ୍ନ୍ୟାସୀ ଆଶ୍ରମ ବୁଲିବାକୁ ଆସିଥିଲେ। ସେଠାରେ ପହଞ୍ଚିବା ପରେ ସେହି ଆଶ୍ରମର ସନ୍ନ୍ୟାସୀଗଣ ଗଭୀର ଭାବରେ ଧ୍ୟାନମଗ୍ନ ଥିବାର ଦେଖିବାକୁ ପାଇଥିଲେ। ପୁଣି ସେହି ସମୟରେ ସେଠାକାର ତାପମାତ୍ରା ଥିଲା ମାଇନସ ୨୦ ଡିଗ୍ରୀ ସେଲ୍‌ସିୟସ। କିନ୍ତୁ ଆଶ୍ଚର୍ଯ୍ୟର କଥା ଏଇଆ ଯେ, ଆଶ୍ରମର ସନ୍ନ୍ୟାସୀମାନେ ନିଜ ଶରୀରକୁ ଆବୃତ୍ତ କରି ରଖିଥିଲେ ଓଦା ବସ୍ତ୍ରରେ। ୧୫,୦୦୦ ଫୁଟ ଉଚ୍ଚତାରେ ମଧ୍ୟ ସେମାନେ ବେଶ୍ ଶାନ୍ତି ଓ ଆରାମରେ ନିଦ୍ରା ଯାଉଥିଲେ। ତିବ୍ବତୀୟ ସନ୍ନ୍ୟାସୀମାନଙ୍କର ଏପରି ଅସାଧାରଣ ସାମର୍ଥ୍ୟ ବିସ୍ମିତ କରିପକେଇଥିଲା ବେନ୍‌ସନ୍‌ଙ୍କ ଗୋଷ୍ଠୀକୁ। ବେନ୍‌ସନ୍ ଜାଣିବାକୁ ପାଇଥିଲେ ଯେ ସନ୍ନ୍ୟାସୀମାନଙ୍କଠାରେ ଏଭଳି ଅନୁକୂଳ ଶାରୀରିକ ଓ ମାନସିକ ସାମର୍ଥ୍ୟ ସମ୍ଭବ ହୋଇଥିଲା କେବଳ ଯୋଗର ପ୍ରଭାବ ଯୋଗୁ। ପରବର୍ତ୍ତୀ ସମୟରେ ବେନ୍‌ସନ୍ ଯୋଗ ଓ ଧ୍ୟାନ ପଦ୍ଧତିକୁ ନିଜର ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଉତ୍କଣ୍ଠା ଓ ଉଦ୍‌ବେଗରେ ତଥା ନିଦ୍ରାହାନିରେ ପୀଡ଼ିତ ରୋଗୀଙ୍କଠାରେ ପ୍ରୟୋଗ କରି ବେଶ୍ ସୁଫଳ ପାଇଥିଲେ। ମାତ୍ର ପ୍ରଶ୍ନ ଉଠେ, ଧ୍ୟାନ, ପ୍ରାଣାୟାମ, ଆସନ ଆଦି ଯୋଗ ପଦ୍ଧତିମାନ ରୋଗ ଆରୋଗ୍ୟ କରିବାରେ ସହାୟକ ହୋଇପାରୁଛି କିପରି? ଆଚ୍ଛା କୁହନ୍ତୁ ତ, ଆପଣଙ୍କର ପରମ ଶତ୍ରୁ କିଏ? ପୁଣି କିଏ ଆପଣଙ୍କର ପରମ ମିତ୍ର? କୁହାଯାଉଛି ଯେ, ଆମ ମନ ହିଁ ଆମର ପରମ ଶତ୍ରୁ ଆଉ ସେହି ମନ ହିଁ ଆମର ପରମ ମିତ୍ର ମଧ୍ୟ। ମନଟା କାଁ ଭାଁ ସିନା ସ୍ଥିର, ଶାନ୍ତ ଓ ଏକାଗ୍ର, ମାତ୍ର ଅଧିକାଂଶ ସମୟରେ ଅସ୍ଥିର, ଅଶାନ୍ତ, ବିକ୍ଷିପ୍ତ, ବିଭ୍ରାନ୍ତ ତଥା ଅନ୍ୟମନସ୍କ। ସେଥିପାଇଁ ମନ ଉପରେ ଲଗାମ ଦେବା ମହାକଷ୍ଟ। କିନ୍ତୁ ମନକୁ ଶୃଙ୍ଖଳିତ ତଥା ନିୟନ୍ତ୍ରିତ କରି ନ ପାରିଲେ ଜୀବନରେ ଆଖିଦୃଶିଆ ଅଗ୍ରଗତି କରିବା ସମ୍ଭବ ନୁହେଁ।

କିଛି ବର୍ଷେ ପୂର୍ବେ ଟାଇମ୍ ମାଗାଜିନ୍ ଉଲ୍ଲେଖ କରିଥିଲା ଯେ ଏକବିଂଶ ଶତାବ୍ଦୀରେ ଜନସାଧାରଣଙ୍କର ସବୁଠାରୁ ମାରାତ୍ମକ ଶତ୍ରୁ ହେଉଛି ମାନସିକ ଚାପ ବା 'ଷ୍ଟ୍ରେସ୍'। ଏହି ଅତ୍ୟଧିକ ମାନସିକ ଚାପ ଯୋଗୁ ସମାଜରେ ବଢ଼ି ବଢ଼ି ଚାଲିଛି ଉଚ୍ଚ ରକ୍ତଚାପ ହାର। ଉଚ୍ଚ ରକ୍ତଚାପକୁ କୁହାଯାଉଛି 'ସାଇଲେଣ୍ଟ କିଲର' ବା ନୀରବ ହତ୍ୟାକାରୀ। ଭାରତରେ ଏହି ରୋଗରେ ଆକ୍ରାନ୍ତ ରୋଗୀମାନଙ୍କର ସଂଖ୍ୟା ପ୍ରାୟ ୧୦ କୋଟିରୁ ଅଧିକ। ହେଲେ ଏହାର ରହିଛି ଏକ ଅତି ସହଜ ତଥା ସରଳ ଆରୋଗ୍ୟ ପଦ୍ଧତି। ତାହା ହେଉଛି ପରମାନନ୍ଦ ବା ପରମ ସୁଖଦ ଅନୁଭବ।

ଶରୀର ଓ ମନ ଏତେ ଅଙ୍ଗାଙ୍ଗୀ ଭାବରେ /ଯୁକ୍ତ ଯେ ଗୋଟିଏ ଉପରେ କୌଣସି ଏକ ପ୍ରଭାବ ସ୍ୱତଃ ଅନ୍ୟଟିକୁ ପ୍ରଭାବିତ କରିପକାଏ। ତେଣୁ ଯୋଗ କଲେ ମନ ଏକ ଉନ୍ନତ ପର୍ଯ୍ୟାୟକୁ ଉନ୍ନୀତ ହୋଇଯାଏ। ଫଳରେ ମନ ହୋଇଯାଏ ସମ୍ପୂର୍ଣ୍ଣ ପ୍ରଶାନ୍ତ। ମନ ପ୍ରଶାନ୍ତ ହେବା ସଙ୍ଗେ ସଙ୍ଗେ ଶରୀରର କୋଷଗୁଡ଼ିକରେ ମେଟାବୋଲିଜମ ବା ଯୋପଚୟ ପ୍ରକ୍ରିୟା ହୋଇପଡ଼େ ସମ୍ପୂର୍ଣ୍ଣ ମନ୍ଥର। ମନ୍ଥର ହୋଇଯାଏ ଶ୍ୱାସକ୍ରିୟାର ହାର। ନିସ୍ତବ୍ଧ ହୋଇଯାଏ ସ୍ନାୟୁତନ୍ତ୍ର।

ଧ୍ୟାନ କରିବା ସମୟରେ ଚିନ୍ତା ପ୍ରକ୍ରିୟାର ଉତ୍ତେଜିତ ଅବସ୍ଥା ପ୍ରଶମିତ ହୋଇ ଜାତ ହୋଇପଡ଼େ ଜୀବକୋଷୀୟ ସନ୍ତୁଳନ ଅବସ୍ଥା ବା ସମାବସ୍ଥା। ସ୍ୱାସ୍ଥ୍ୟ ଉପରେ ଏହି ଅବସ୍ଥାର ପ୍ରଭାବ ଅତ୍ୟନ୍ତ ଅନୁକୂଳ। ସୁତରାଂ ଯୋଗ କଲେ ରକ୍ତଚାପ କମିଯାଏ। ହୃଦ୍‌ରୋଗ ଓ ଡାଇବେଟିସ୍‌ର ହାର ହ୍ରାସପାଏ। ଊଣା ହୋଇଯାଏ କ୍ରୋଧ ଓ ମାନସିକ ଚାପ।

ବେଳ ଥିଲା, ଯେତେବେଳେ ଶରୀର ଉପରେ ମନର ପ୍ରଭାବ ବିଷୟରେ ଚିକିତ୍ସକମାନଙ୍କୁ ବିଶେଷ କିଛି ଜଣା ନ ଥିଲା। ଏବେ କିନ୍ତୁ ଧାରଣା ଦୃଢ଼ୀଭୂତ ହେବାରେ ଲାଗିଛି ଯେ ଶାରୀରିକ କ୍ରିୟାଗୁଡ଼ିକୁ ବହୁଳାଂଶରେ ପ୍ରଭାବିତ କରିଥାଏ ବ୍ୟକ୍ତିର ମନସ୍ତତ୍ତ୍ୱ। ମନ ଅସୁସ୍ଥ ହୋଇ ଉତ୍କଣ୍ଠିତ ତଥା ଉଦ୍‌ବିଗ୍ନ ରହିଲେ ତାହା ଅନେକ ରୋଗର କାରଣ ହୋଇପଡ଼େ। ସେହି ସବୁ ରୋଗଗୋଷ୍ଠୀକୁ କୁହାଯାଏ ଶାରୀରିକ ବ୍ୟାଧି ବା 'ସାଇକୋ ସୋମାଟିକ୍ ଡିଜିଜେସ୍'। ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ପେପ୍‌ଟିକ୍, ଅଲ୍‌ସର, ଏକ୍‌ଜିମା, ସୋରିଆସିସ୍ ଇତ୍ୟାଦି ଜାତ ହେବା ମୂଳରେ ରହିଛି ମୁଖ୍ୟ ଭୂମିକା।

ସାମ୍ପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଆଦୌ ଅନୁକୂଳ ହୋଇପାରୁନାହିଁ। ଫଳରେ ବଢ଼ି ବଢ଼ି ଚାଲିଛି ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବେଗ ତଥା ଦୀର୍ଘକାଳୀନ ଅଣସଂକ୍ରାମକ ଜୀବନଶୈଳୀ ରୋଗମାନ। ଏଭଳି ଦୁଃସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଯୋଗ ହିଁ ପ୍ରଧାନ ଅବଲମ୍ବନ। ବ୍ୟକ୍ତିଟିଠାରେ ରହିଥାଇପାରେ ଅସାଧାରଣ ଶାରୀରିକ ସାମର୍ଥ୍ୟ, ମାତ୍ର ଏହା ସହିତ ମାନସିକ ସ୍ତରରେ ତା'ପରେ ସନ୍ତୁଳନ ଅବସ୍ଥା ନ ଥିଲେ ତା'ର ଜୀବନ ହୋଇପାରେ ଅତ୍ୟନ୍ତ ଦୁର୍ବିଷହ।

ମନେରଖିବା ଉଚିତ ଯେ, ଶରୀର, ମନ ଓ ଆତ୍ମାର ପୂର୍ଣ୍ଣାଙ୍ଗ ତଥା ସୁସଙ୍ଗତ ବିକାଶରେ ଯୋଗ ସାଧନା ଖୁବ୍ ସହାୟକ ହୋଇଥାଏ। ସୁତରାଂ ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା। ଏହା ଆବଶ୍ୟକ କରିଥାଏ ନିୟମିତ ଅଭ୍ୟାସ, ଧୈର୍ଯ୍ୟ ଏବଂ ସମୟ। ନିୟମିତ ଯୋଗ କରି ଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି।

ଯୋଗ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ଭାରତ ହିଁ ଯୋଗର ଜନ୍ମଭୂମି। ଆସନ୍ତୁ, ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ସମ୍ପୂର୍ଣ୍ଣ ସୁସ୍ଥ ରହିବା ନିମନ୍ତେ ନିୟମିତ ଯୋଗ କରିବା ପାଇଁ ସେମାନଙ୍କୁ ପ୍ରେରଣା ପ୍ରଦାନ କରିବା।

-'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୩୧୧, ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

## ଡିଜିଟାଲ ଡ୍ରଗ୍ ଡିଭାଇସ୍



ଚାପଗ୍ରସ୍ତ ହେବା ପଛରେ ଅନେକ କାରଣ ରହିଛି। କାର୍ଯ୍ୟବ୍ୟସ୍ତତା ହେଉ ଅବା କାମକୁ ତୁଲାଇବା ଟେନ୍‌ସନ ଏଭଳି ସମସ୍ୟାକୁ ପ୍ରାୟ ଡାକିଆଣିଥାଏ। ତେବେ ଏଭଳି ମାନସିକ ଚାପରୁ ଜଣେ କିପରି ଅନେକାଂଶରେ ମୁକ୍ତି ପାଇବ ତାହାର ଏକ ଉପାୟ ବାହାର କରିଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ସେମାନେ 'ଡିଜିଟାଲ ଡ୍ରଗ୍ ଡିଭାଇସ୍' ନାମକ ଏକ ହାଇଟେକ୍ ଡିଭାଇସ ପ୍ରସ୍ତୁତ କରିଛନ୍ତି। ଏହି ଡିଭାଇସ୍ ନକାରାତ୍ମକ ମାନସିକତାକୁ ସକାରାତ୍ମକ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିବା କିଛି ବ୍ୟକ୍ତିଙ୍କୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ଡିଭାଇସ ପିନ୍ଧିବାକୁ ଦେଇଥିଲେ। ବିଶେଷଭାବରେ ଏହାକୁ ମୁଣ୍ଡରେ ପିନ୍ଧିବାକୁ ପଡ଼ିଥାଏ। ଏଥିରୁ ବିକିରିତ ହେଉଥିବା ଏକ ରଶ୍ମି ମସ୍ତିଷ୍କ ଭିତରକୁ ଯିବା ପରେ ତାହାର ସୁପ୍ରଭାବ ଏହାର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଫଳରେ ଚିନ୍ତାଗ୍ରସ୍ତ ବ୍ୟକ୍ତି ସେଥିରୁ କେତେକାଂଶରେ ମୁକ୍ତ ହୋଇଥାନ୍ତି। ପରୀକ୍ଷାମୂଳକ ଭାବରେ ଏହି ଡିଭାଇସ୍ ଠିକ୍ ଭାବରେ କାର୍ଯ୍ୟ କରୁଛି ବୋଲି ବିଶେଷଜ୍ଞମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ ପରବର୍ତ୍ତୀ ସମୟରେ ଏହି ଡିଭାଇସ୍‌କୁ ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରାଯିବାକୁ ଚେଷ୍ଟା କରାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିର ସହଜ ଉପାୟ

ଆମେ ସୁସ୍ଥ ରହିବା ଲାଗି ଅନେକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ଆମ ଶରୀର ଭିତରେ ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାର ରହିଛି। ଏହା ଦୃଢ଼ ରହିବା ନିହାତି ଦରକାର। ଏଥିଯୋଗୁ ଆମେ ନିଜକୁ କେତେକ ରୋଗ କବଳରୁ ଅନେକାଂଶରେ ରକ୍ଷା କରିଥାଉ। ତେବେ ଏହା କିପରି ସତେଜ ରହିବ ସେ ନେଇ ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ସକାଳୁ ଖାଲି ପେଟରେ ନିୟମିତ ଉଷୁମ ପାଣି ପିଅନ୍ତି ତେବେ ଏହା ତାଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ଜଣେ ଆଜମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡ଼ିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରିସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ବି ରହିଛି। କୋଲେଷ୍ଟରଲ ଜନିତ ସମସ୍ୟା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରହିଥାଏ। ଏହା ମଧ୍ୟ ମେଦବହୁଳତାକୁ କେତେକାଂଶରେ ନିୟନ୍ତ୍ରଣରେ ରଖେ।



## ସ୍ୱଭାବକୁ ପ୍ରଭାବିତ କରେ ସୋସିଆଲ ସାଇଟ୍



ଆଜିକାଲି ସୋସିଆଲ ସାଇଟ୍‌ର ବ୍ୟବହାର କେତେ ମାତ୍ରାରେ ହେଉଛି ତାହା କହିବା ଅନାବଶ୍ୟକ। ଅବଶ୍ୟ ଏଥିରୁ ଆମେ ଅନେକ ପ୍ରକାର ଭଲ କଥା ଶିଖିପାରୁଛେ। ହେଲେ ଏହା ସହ ଯଦି ଜଣେ ଆବଶ୍ୟକତାଠାରୁ ଅଧିକ ସମୟ ନିଜକୁ ନିୟୋଜିତ ରଖନ୍ତି, ତେବେ ତାଙ୍କର ସ୍ୱଭାବରେ ପରିବର୍ତ୍ତନ ଆସିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଲଣ୍ଡନ ୟୁନିଭର୍ସିଟିର ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଇଛନ୍ତି। 'ସ୍ୱଭାବରେ ପରିବର୍ତ୍ତନ ଏବଂ ସୋସିଆଲ ସାଇଟ୍ ବ୍ୟବହାର' ଶୀର୍ଷକ ବିଷୟକୁ ନେଇ ଏମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ସ୍ୱଭାବ ଏହାଦ୍ୱାରା କିପରି ପ୍ରଭାବିତ ହେଉଛି ତାହାକୁ ସେମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ସ୍ୱଭାବ ପ୍ରଭାବିତ ହେଉଥିବାର ଉକ୍ତ ୟୁନିଭର୍ସିଟିର ମନସ୍ତତ୍ତ୍ୱବିତ୍‌ମାନେ ଜାଣିପାରିଥିଲେ। ତେଣୁ ସୋସିଆଲ ସାଇଟ୍‌କୁ ସୀମିତ ସମୟ ପାଇଁ ବ୍ୟବହାର କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ପାଞ୍ଚଟି କଥା

ଆମେ ସୁସ୍ଥ ରହିବା ପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ପ୍ରଥମ କଥା ହେଲା ଆବଶ୍ୟକତାଠାରୁ ଅଧିକ ଖାଆନ୍ତୁ ନାହିଁ। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ଯେତେବେଳେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ, ସେତେବେଳେ ପେଟଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଦ୍ୱିତୀୟ କଥା ହେଲା ସବୁବେଳେ ରାତ୍ରଭୋଜନରେ ସୁପାଚ୍ୟ ତଥା ହାଲୁକା ଖାଦ୍ୟ ଖାଆନ୍ତୁ। ରାତିରେ ଖାଇ ସାରିବା ପରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ତୃତୀୟ କଥା ହେଲା କେତେକ ବ୍ୟକ୍ତି ଠିକ୍ ଖାଇ ସାରିବା ପରେ ନିଶାଦ୍ରବ୍ୟ ସେବନ କରିଥାଆନ୍ତି। ଏଭଳି ଅଭ୍ୟାସ ବର୍ଜନ କରନ୍ତୁ। ଚତୁର୍ଥ କଥା ହେଲା-ଯଦି ଆପଣଙ୍କର ଡାଇବେଟିସ୍ ସମସ୍ୟା ରହିଛି, ତେବେ ଖାଇବା ପରେ ପରେ ଆଦୌ ପାଣି ପିଅନ୍ତୁ ନାହିଁ। କାରଣ ଏହା ଓଜନ ବଢ଼ିବାରେ ସାହାଯ୍ୟ କରିଥାଏ। ପଞ୍ଚମ କଥା ହେଲା ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ନିର୍ଦ୍ଧାରିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ସ୍ୱା ସ୍ଥ୍ୟ ସୂ ଚ ନା

➤ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ସକାଳେ ଅଧ ଘଣ୍ଟାଏ ଚାଲନ୍ତୁ। ଏହାର ସୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ।



➤ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହା ମାନସିକ ଶାନ୍ତି ଦେଇଥାଏ।

➤ତେଲମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। କାରଣ ଏହା ଏକ ଅଭ୍ୟାସରେ ପରିଣତ ହୋଇଗଲେ ପରବର୍ତ୍ତୀ ସମୟରେ ପେଟଜନିତ ସମସ୍ୟାର ମୁଖ୍ୟ କାରଣ ସାଜିଥାଏ।

➤ପ୍ରତିଦିନ କିଛି ନା କିଛି ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ।

➤ନିୟମିତ ସମୟ ଅନ୍ତରାଳରେ ନିଜର ଦୃଷ୍ଟିଶକ୍ତି ପରୀକ୍ଷା କରାଇ ନିଅନ୍ତୁ।

➤ପ୍ରତିଦିନ ରାତ୍ର ଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା ସାମିଲ କରନ୍ତୁ। କାରଣ ଏହା ହେଉଛି ଭିଟାମିନ୍ 'ସି' ପ୍ରମୁଖ ଉତ୍ସ।

# ହୋଲି ଓ ଜୈବ ପ୍ରାକୃତିକ ରଙ୍ଗ



ଡ. ଦେବାଶିଷ ମହାନ୍ତି

ଆମେ ପାଳନ କରୁଥିବା ପ୍ରମୁଖ ପର୍ବପର୍ବାଣି ମଧ୍ୟରେ ହୋଲି ଅନ୍ୟତମ। ରଙ୍ଗର ଏହି ପର୍ବ ଆମ ଦେଶରେ ବେଶ୍ ଜାକଜମକରେ ପାଳନ କରାଯାଏ। ଏବେ ଆମେ ପ୍ରାକୃତିକ ଔଷଧୀୟ ଫଗୁ ବଦଳରେ ବିଷାକ୍ତ, ଅସ୍ୱାସ୍ଥ୍ୟକର ତଥା ମାରାତ୍ମକ ରାସାୟନିକ ରଙ୍ଗ ବ୍ୟବହାର କରୁଛୁ। ଅଧୁନା ଅଜୈବ ଖଣିଜ ପଦାର୍ଥରୁ ପ୍ରସ୍ତୁତ ରଙ୍ଗ ଶସ୍ତା ଓ ଉଜ୍ଜ୍ୱଳ ହୋଇଥିବାରୁ ହୋଲି ରଙ୍ଗରେ ବହୁଳ ବ୍ୟବହୃତ। କିନ୍ତୁ ଏହି ଶସ୍ତା ରଙ୍ଗ ପାଇଁ ମନୁଷ୍ୟ ସ୍ୱାସ୍ଥ୍ୟ ଓ ପରିବେଶକୁ ବହୁମୂଲ୍ୟ ଦେବାକୁ ପଡୁଛି। ଏହିସବୁ ରଙ୍ଗ ମନୁଷ୍ୟ ଶରୀରରେ ବ୍ୟବହାର ପାଇଁ ବିଶେଷକରି ହୋଲି ରଙ୍ଗ ପାଇଁ ଉଦ୍ଭାବିତ ହୋଇ ନ ଥିଲା। ଏବେ ବ୍ୟବହୃତ ଏହି ସବୁ ଶସ୍ତା କୃତ୍ରିମ ରଙ୍ଗ ତିନି ପ୍ରକାରର। ଶୁଷ୍କ ରଙ୍ଗ, ଆର୍ଦ୍ର ରଙ୍ଗ ଓ ବହଳ ଅଠାଳିଆ ରଙ୍ଗ। ଶୁଷ୍କ ରଙ୍ଗଗୁଡ଼ିକ ସାଧାରଣତଃ ପ୍ରଚୁର ମାତ୍ରାରେ ଭାରି ଧାତୁ ଥିବା ଅଭ୍ର ବା ବାଲି ମିଶ୍ରିତ ଆଜବେଷ୍ଟସ ଅଟେ। ଭାରି ଧାତୁଗୁଡ଼ିକ ପ୍ରଣାଳୀବଦ୍ଧ ଜହର, ଯେଉଁମାନେ କି ଶରୀରର ବିପାକ କ୍ରିୟାକୁ ବାଧାପ୍ରାପ୍ତ କରାନ୍ତି ଓ ବୃକ୍କ, ଯକୃତ୍ ଓ ଅସ୍ଥି ପରି ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ ଗଚ୍ଛିତ ହୁଅନ୍ତି। ଭାରି ଧାତୁ ମଧ୍ୟରେ ସିସା ମନୁଷ୍ୟ ମସ୍ତିଷ୍କକୁ କ୍ଷତି ପହଞ୍ଚାଇଥାଏ ଓ ଶିଖିବାର ସାମର୍ଥ୍ୟକୁ ନଷ୍ଟ କରିଦିଏ। ଏହା ଶିଶୁମାନଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ। ତମ୍ବା ଚକ୍ଷୁ, ବୃକ୍କ, ଯକୃତ୍, ଚର୍ମ ଓ ଶ୍ୱାସନଳୀକୁ ଆକ୍ରାନ୍ତ କରେ। ପାରଦ ସ୍ନାୟୁତନ୍ତ୍ର, କିଡ୍‌ନୀ, ଲିଭର ପ୍ରଭୃତିକୁ ନଷ୍ଟ କରିଦିଏ। ଅତ୍ୟଧିକ ଲୌହ ବ୍ୟବହାର ଚର୍ମକୁ ଆଲୋକ ସମ୍ବେଦନଶୀଳ କରିଦିଏ। କ୍ରୋମିଅମ ଶ୍ୱାସନଳୀରେ ଶ୍ୱାସ ରୋଗ ସୃଷ୍ଟି କରେ ଓ ନିକେଲ ନିମୋନିଆ ରୋଗ ପାଇଁ ଦାୟୀ ଇତ୍ୟାଦି ଇତ୍ୟାଦି। ଅଭ୍ର ଓ ଆଜବେଷ୍ଟସ ମଧ୍ୟ କିଛି କମ୍ ବିପଦପୂର୍ଣ୍ଣ ନୁହନ୍ତି। ଜଳ ରଙ୍ଗ ମଧ୍ୟରେ ମୁଖ୍ୟ ହେଲା ଜେନେଟିଆନ ଭାୟୋଲେଟ୍, ଯାହାକି ବିଷାକ୍ତ ଓ ବିପଦପୂର୍ଣ୍ଣ ରସାୟନ। ଏହା ବିଭିନ୍ନ ପ୍ରକାର ଚର୍ମ ରୋଗ ସୃଷ୍ଟି କରେ। ବହଳ ଅଠାଳିଆ ରଙ୍ଗଗୁଡ଼ିକ ମଧ୍ୟ ଅତ୍ୟଧିକ ବିଷାକ୍ତ। କଳା ରଙ୍ଗ ଆକାରରେ ବ୍ୟବହୃତ ଲିଡ ଅକ୍ସାଇଡ କିଡ୍‌ନୀକୁ ଅକାମୀ କରିଦିଏ। ସବୁଜ ଓ ନୀଳ ରଙ୍ଗ ପାଇଁ ବ୍ୟବହୃତ ଫେରୋସ ସଲଫେଟ, କପର ସଲଫେଟ ଓ ପ୍ରୁସିଆନ ବ୍ଲୁ ଚର୍ମ ଓ ଚକ୍ଷୁ ପାଇଁ ଅତ୍ୟନ୍ତ ବିପଜ୍ଜନକ। ନାଲି ରଙ୍ଗ ପାଇଁ ବ୍ୟବହୃତ ମରକ୍ୟୁରି ଅକ୍ସାଇଡ ଅତ୍ୟନ୍ତ ବିଷାକ୍ତ ଓ ଚର୍ମ କର୍କଟ ସୃଷ୍ଟିକାରୀ ଅଟେ। ରୌପ୍ୟ ଧବଳ ରଙ୍ଗ ପାଇଁ ବ୍ୟବହୃତ ସିଲଭର୍ ବ୍ରୋମାଇଡ କର୍କଟ ରୋଗର କାରକ। ଏହିସବୁ ବିଷାକ୍ତ ରସାୟନ ଅଭଙ୍ଗୁର ଅଟନ୍ତି।

କଳ୍ପନା କରନ୍ତୁ, ଏହିସବୁ ବିଷାକ୍ତ ରସାୟନ ହୋଲି ପରେ ଜଳରେ ମିଶି ପରିବେଶରେ ପ୍ରବେଶ କରି, ଜଳ ଓ ମୃତ୍ତିକାକୁ କେତେ ମାତ୍ରାରେ ପ୍ରଦୂଷିତ କରୁଥିବେ। ଏହି ବିଷାକ୍ତ ରସାୟନ ପୁଣି ଖାଦ୍ୟ ଶୃଙ୍ଖଳରେ ସଞ୍ଚୟ ହୋଇ ଦୀର୍ଘ ଦିନ ପରେ ମନୁଷ୍ୟ ଶରୀରକୁ ପ୍ରତ୍ୟାବର୍ତ୍ତନ କରେ ଓ ବେଶି ସାଙ୍ଘାତିକ ରୋଗର କାରଣ ହୋଇଯାଏ। ହୋଲିରେ ବ୍ୟବହୃତ ରାସାୟନିକ ରଙ୍ଗ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଉଭୟ ମନୁଷ୍ୟ ଓ ପରିବେଶ ପ୍ରତି କ୍ଷତିକାରକ। ତେଣୁ ହୋଲି ରଙ୍ଗ ଭାବେ ବ୍ୟବହୃତ ଏହି ରାସାୟନିକ ରଙ୍ଗକୁ ବର୍ଜନ କରି ପରିବେଶ ଓ ମନୁଷ୍ୟ ସ୍ୱାସ୍ଥ୍ୟକୁ ବଞ୍ଚାଇବାର ସମୟ ଉପସ୍ଥିତ। ହୋଲି ପାଇଁ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ଆମ ପୂର୍ବଜ ବ୍ୟବହାର କରୁଥିବା ଜୈବିକ ରଙ୍ଗ ବା ଫଗୁ ବ୍ୟବହାର କରିବା ଏବେ ସମୟର ଆହ୍ୱାନ। ଏହି ରଙ୍ଗଗୁଡ଼ିକୁ ଆମେ ଘରେ ପ୍ରସ୍ତୁତ କରି ପାରିବା କିମ୍ବା ଜୈବିକ ରଙ୍ଗ ପ୍ରସ୍ତୁତକାରୀ ଶିଳ୍ପାନୁଷ୍ଠାନରୁ କ୍ରୟ କରିପାରିବା।



ସବୁଜ ବା ହରିତ୍ ରଙ୍ଗ ପ୍ରସ୍ତୁତ କରିବା ପାଇଁ ଆମେ ମେହେନ୍ଦିକୁ ଚୂର୍ଣ୍ଣ କରି ପ୍ରସ୍ତୁତ କରିପାରିବା କିମ୍ବା କୃଷ୍ଣଚୂଡ଼ା ପତ୍ର, ଶାଗ ପତ୍ର କିମ୍ବା ନିମପତ୍ରକୁ ଶୁଖାଇ ଓ ଗୁଣ୍ଡ କରି ସବୁଜ ଫଗୁ ଭାବରେ ବ୍ୟବହାର କରିପାରିବା। କଞ୍ଚା ନିମପତ୍ରକୁ ବାଟି ଏହାର ଦ୍ରବଣକୁ ଜଳ ରଙ୍ଗ ଭାବେ ବ୍ୟବହାର କରିପାରିବା। ଶୁଷ୍କ ହଳଦିଆ ରଙ୍ଗ ପ୍ରସ୍ତୁତି ପାଇଁ ହଳଦୀ ଗୁଣ୍ଡ ଓ କଞ୍ଚା ହଳଦୀ ବଟାକୁ ଚନ୍ଦନରେ ମିଶାଇ ବହଳ ଅଠାଳିଆ ରଙ୍ଗ ଓ ହଳଦୀ ବଟା ଦ୍ରବଣକୁ ଜଳ ରଙ୍ଗ ଆକାରରେ ବ୍ୟବହାର କରାଯାଇପାରିବ। ଏହାଛଡ଼ା ବେଲକୁ ଶୁଖାଇ ଗୁଣ୍ଡ କରି କିମ୍ବା ଗେଣ୍ଡୁ ଓ ସୂର୍ଯ୍ୟମୁଖୀ ଭଳି ହଳଦିଆ ରଙ୍ଗ ଫୁଲକୁ ଶୁଖାଇ ଗୁଣ୍ଡ କରି ହଳଦିଆ ଫଗୁ ପ୍ରସ୍ତୁତ କରିପାରିବା। ପଳାଶ ଫୁଲକୁ ଶୁଖାଇ ସେଥିରୁ ହଳଦିଆ କିମ୍ବା କମଳା ରଙ୍ଗ ପ୍ରସ୍ତୁତ କରାଯାଇପାରେ। ହଳଦୀଗୁଣ୍ଡରେ ଲେମ୍ବୁରସ ମିଶାଇଲେ କମଳା ରଙ୍ଗ ମିଳିବ। ମେହେନ୍ଦିକୁ ପାଣିରେ ବତୁରାଇ ଦେଲେ କମଳା ରଙ୍ଗର ଜଳ ରଙ୍ଗ ମିଳିବ। ନାଲି ରଙ୍ଗ ଶୁଖିଲା ଗୋଲାପ ଫୁଲର ପାଖୁଡ଼ାରୁ ମିଳିପାରିବ। ଏଥିରେ ଚନ୍ଦନ ମିଶାଇଲେ ସୁଗନ୍ଧିତ ଲୋହିତ ଫଗୁର ପେଷ୍ଟ ପ୍ରସ୍ତୁତ ହୋଇଯିବ। ବେଦେନାର ଚୋପା ଓ ମଞ୍ଜିକୁ ବାଟି ସେଥିରୁ ମଧ୍ୟ ନାଲି ପାଣି ରଙ୍ଗ କରାଯାଇ ପାରେ। ବିଟ୍‌ରେଟ ନିଶ୍ଚିନ୍ତ ଭାବେ ବାଇଗଣୀ ରଙ୍ଗର ପ୍ରାକୃତିକ ଉତ୍ସ। ଏହାକୁ ଶୁଖାଇ ଶୁଷ୍କ ରଙ୍ଗ ଓ ଏହାର ବାଟଣର ଦ୍ରବଣକୁ ଜଳ ରଙ୍ଗ ଭାବେ ବ୍ୟବହାର କରାଯାଇପାରେ। ନୀଳ (ଇଣ୍ଡିଗୋ), ଜାମ୍ବୁକୋଳି, ନୀଳ ମନ୍ଦାର ଓ ବେଗୁନିଆ ଫୁଲରୁ ଶୁଷ୍କ, ବହଳ ଅଠାଳିଆ ଓ ଆର୍ଦ୍ର ନୀଳ ରଙ୍ଗ ତିଆରି କରାଯାଇପାରେ। ଖଇର, ଚା' ପତି କିମ୍ବା କଫି ଦାନାରୁ ବାଦାମୀ ରଙ୍ଗ ଓ ଅଁଳା ମଞ୍ଜି, ଅମୃତଭଣ୍ଡା ମଞ୍ଜିରୁ କଳା ରଙ୍ଗ ପ୍ରସ୍ତୁତ କରାଯାଏ। ଅରୁଆ ଚାଉଳ ଗୁଣ୍ଡ ଧବଳ ରଙ୍ଗ ପାଇବାର ଶ୍ରେଷ୍ଠ ଉତ୍ସ। ପୁଣି ଥରେ ସମୟ ଆସିଛି ହୋଲି ରଙ୍ଗକୁ ପ୍ରାକୃତିକ କରିବାର। ବର୍ତ୍ତମାନ ସମୟର ଆହ୍ୱାନ ଯେ ରାସାୟନିକ ରଙ୍ଗର ବର୍ଜନ କରି ପ୍ରାକୃତିକ ହୋଲି ଖେଳିବା। ଏହି ବାର୍ତ୍ତା ଘରେ ଘରେ ପହଞ୍ଚାଇ ମାନବ ଜାତିକୁ ଦୁରାରୋଗ୍ୟ ବ୍ୟାଧିରୁ ଏବଂ ଧରିତ୍ରୀ ମାତାକୁ ବିଷାକ୍ତ ପ୍ରଦୂଷଣ ସୃଷ୍ଟିକାରୀ ପଦାର୍ଥରୁ ରକ୍ଷା କରିବା।

-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦

ଧରିତ୍ରୀ 50 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୫/୨୦୨୪ Bhubaneswar, Monday, March 25/ 2024

# ଓଡ଼ିଶା ଏଫ୍‌ସି ଚାମ୍ପିୟନ

**ଭୁବନେଶ୍ୱର, ୨୪।୩**
**(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଅନ୍ତିମ ଲିଗ୍ ମ୍ୟାଚ୍‌ରେ କିକ୍ ଷ୍ଟାର୍ଟ ଏଫ୍‌ସିକୁ ୬-୦ ଗୋଲ୍ ବୃହତ ବ୍ୟବଧାନରେ ପରାସ୍ତ କରିବା ସହ ଇଣ୍ଡିଆନ୍ ଓମେନ୍ସ ଲିଗ(ଆଇଡବ୍ଲ୍ୟୁଏଲ୍)ରେ ଚାମ୍ପିୟନ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଦ୍ୱିତୀୟ ଥର ଆଇଡବ୍ଲ୍ୟୁଏଲ୍‌ରେ ଅଂଶଗ୍ରହଣ କରିଥିବା ଓଏଫ୍‌ସି ୧୨ ମ୍ୟାଚ୍‌ରୁ ୧୦ ବିଜୟ ସହିତ ୩୧ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନରେ

**ଇଣ୍ଡିଆନ୍ ଓମେନ୍ସ ଲିଗ୍**
- କିକ୍ ଷ୍ଟାର୍ଟ ବିପକ୍ଷରେ ଲିଣ୍ଡାଙ୍କ ହ୍ୟାଟ୍ରିକ୍, ପ୍ୟାରୀଙ୍କ ଡବଲ୍
- ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା

ରହିଥିଲା। ରବିବାର ମ୍ୟାଚ୍‌ରେ ଲିଣ୍ଡା ୧୧, ୬୬ ଓ ୭୭ତମ ମିନିଟରେ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ପ୍ୟାରୀ ଖାଖା ୧୩ ଓ ୨୨ତମ ମିନିଟରେ ଡବଲ୍ ଗୋଲ ଦେଇଥିବା ବେଳେ କାର୍ତ୍ତିକା ଅଙ୍ଗମୁଥୁ ୫୮ ତମ ମିନିଟରେ ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଓଏଫ୍‌ସି ପ୍ରଥମ ଥର ଟାଇଟଲ ଜିତିବା ସହ ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି।



ଚାମ୍ପିୟନ ଓଡ଼ିଶା ଏଫ୍‌ସି ମହିଳା ଦଳର ବିଜୟ ଉଲ୍ଲାସ। (ଫଟୋ: ବିକାଶ ନାୟକ)

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିଥିବା ଓଏଫ୍‌ସି ପ୍ରଥମ ମିନିଟରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଟାଇଟଲ ଜିତିବା ପାଇଁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ ପଡୁଥିବା ବେଳେ ୧୧ତମ ମିନିଟରେ ମନୀଷା ପାନ୍ନା ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ମନୀଷା ଓ ୱିନଙ୍କ ମିଳିତ ପାସ୍‌କୁ ଗୋଲରେ ପରିଣତ କରିବା ସହିତ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ ଲିଣ୍ଡା। ଏହାର ଦୁଇ ମିନିଟ ମଧ୍ୟରେ ଲେଫ୍ଟ ୱିଙ୍ଗରୁ ଲିଣ୍ଡାଙ୍କ ପାସ୍‌କୁ ଗୋଲରେ ପରିଣତ କରିଥିଲେ ପ୍ୟାରୀ ଖାଖା। ମ୍ୟାଚ୍‌ର ୨୨ତମ ମିନିଟରେ ପ୍ୟାରୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ଓଏଫ୍‌ସି ୩-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଓଏଫ୍‌ସି ସମାନ ଆକ୍ରମଣାତ୍ମକ ପ୍ରଦର୍ଶନ ଜାରି ରଖିଥିଲା। ୫୮ ମିନିଟରେ ୱିନ୍‌ଙ୍କ ପାସ୍‌ରୁ କାର୍ତ୍ତିକା ଏକ ଗୋଲ ଦେଇ ଘରୋଇ ଦଳକୁ ୪-୦ରେ ଆଗୁଆ କରିଥିଲେ। ତେବେ ୬୬ ଓ ୭୭ତମ ମିନିଟରେ ସ୍କୋର କରିବା ସହ ଲିଣ୍ଡା କମ୍ ବ୍ୟକ୍ତିଗତ ହ୍ୟାଟ୍ରିକ୍ ପୂରଣ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଯୁଗ୍ମ ସମ୍ପାଦକ ତଥା ଏଆଇଏଫ୍‌ଏଫ୍ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଅଭିଜିତ ପଲ୍ ଓଏଫ୍‌ସି ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ କେରଳ ୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା।

# କାର୍ଲୋସ ସେଞ୍ଜ ଜିତିଲେ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି

**ମେଲବୋର୍ନ, ୨୪।୩ (ଏପି)**

ଫେରାରିର କାର୍ଲୋସ ସେଞ୍ଜ ଜୁନିୟର ଅଷ୍ଟ୍ରେଲିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏହାଦ୍ୱାରା ସେ ରେଡ୍‌ବୁଲ୍‌ର ବିଜୟ ଧାରାରେ ବ୍ରେକ୍ ଲଗାଇଛନ୍ତି। ଆପେଣ୍ଡିସାଇଟ୍ସ ଅସ୍ତ୍ରୋପଚାର ଯୋଗୁ କାର୍ଲୋସ ସାଉଦି ଆରବରେ ଅନୁଷ୍ଠିତ ପୂର୍ବ ରେସ୍‌ରେ ଭାଗ ନେଇ ପାରି ନ ଥିଲେ। ମାକ୍ସ ଭର୍ଷ୍ଟାପେନ୍‌ଙ୍କ କାର୍ ଇଞ୍ଜିନରେ ନିଆଁ ଲାଗିଯିବାରୁ ସେ ରେସ୍‌ରୁ ରିଟାୟର୍ଡ ନେବାରୁ ବାଧ୍ୟ ହୋଇଥିଲେ। ସ୍ପାନିଶ ଡ୍ରାଇଭର ଏଥିରୁ ପୂରା ଫାଇଦା ଉଠାଇଥିଲେ। ରବିବାର କାର୍ଲୋସ ପ୍ରଥମ ଧାଡ଼ିରେ ଭର୍ଷ୍ଟାପେନ୍‌ଙ୍କ ସହ ରେସ୍ ଆରମ୍ଭ କରିଥିଲେ। ଦ୍ୱିତୀୟ ଲାପ୍‌ର ନବମ ଟର୍ନରେ ଡଚ୍ ଡ୍ରାଇଭରଙ୍କ କାର୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେବାରୁ ସେ ତାଙ୍କୁ ଅତିକ୍ରମ କରିଯାଇଥିଲେ। ଭର୍ଷ୍ଟାପେନ୍ ସିଜନ ଆରମ୍ଭ ପ୍ରଥମ ଦୁଇ ବାହାରିନ ଓ ସାଉଦି ଆରବ ରେସ୍ ଜିତିବା ପରେ କ୍ରମାଗତ ୯ମ ବିଜୟ ଲକ୍ଷ୍ୟରେ ଥିଲେ। କାର୍ଲୋସ ତାଙ୍କ ଟିମ୍‌ମେଟ୍ ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିନେଇଥିଲେ। ୨୦୨୨ ବାହାରିନ ଗ୍ରାଁ ପ୍ରି ପରେ



ଟ୍ରଫି ସହ କର୍ଲୋସ ସେଞ୍ଜ୍।

**ଭର୍ଷ୍ଟାପେନ୍‌ଙ୍କ କାର୍‌ରେ ଯାନ୍ତ୍ରିକ ତ୍ରୁଟି**

ଫେରାରି ପ୍ରଥମ ଥର ରେସ୍‌ରେ ପ୍ରଥମ ଦୁଇ ସ୍ଥାନ ଅଧିକାର କରିବାରେ ସଫଳ ହୋଇଛି। ମ୍ୟାକଲରେନର ଲାଣ୍ଡୋ ନୋରିସ ତୃତୀୟ ସ୍ଥାନ ହାସଲ କରିଥିଲେ। ଆଲବର୍ଟ ପାର୍କରେ ଏହା ହେଉଛି ତାଙ୍କର ପ୍ରଥମ ପୋଡିୟମ ଫିନିଶ। ତାଙ୍କ ଟିମ୍‌ମେଟ ଅଷ୍ଟ୍ରେଲିଆନ ଓସ୍କାର ପିଆଷ୍ଟ୍ରି ଚତୁର୍ଥ ହୋଇଥିଲେ। କାର୍ଲୋସଙ୍କର ଏହା ହେଉଛି କ୍ୟାରିୟରର ତୃତୀୟ ଏବଂ ଗତବର୍ଷ ସିଙ୍ଗାପୁର ଗ୍ରାଁ ପ୍ରି ପରେ ଏହା ତାଙ୍କର ପ୍ରଥମ ବିଜୟ। ୨୦୨୫ରେ ସେ ଲୁଇସ୍ ହାମିଲଟନଙ୍କ ସ୍ଥାନରେ ଫେରାରି ଟିମ୍‌ରେ ଯୋଗଦାନ କରିବେ। ରବିବାର ରେସ୍‌ରେ ଯଥାକ୍ରମେ ୫ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ସର୍ଗିଓ ପେରେଜ (ରେଡ୍‌ବୁଲ୍), ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ), ୟୁକି ସୁନୋଡା (ଆର୍‌ବି), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ନିକୋ ହକେନବର୍ଗ (ହାସ୍), କେଭିନ ମାଗ୍ନସେନ (ହାସ୍)।

# ହର୍ଷିତଙ୍କୁ ଜରିମାନା

**କୋଲକାତା, ୨୪।୩(ପି.ଟି.):** କୋଲକାତା ନାଇଟ ରାଇଡର୍ସ ପେସ୍ ବୋଲର ହର୍ଷିତ ରାଣାଙ୍କୁ ଜରିମାନା ପ୍ରଦାନ କରାଯାଇଛି। ଆଇପିଏଲ୍‌ର କୋଡ୍ ଅଫ୍ କଣ୍ଡକ୍ଟ ଉଲ୍ଲଂଘନ କାରଣରୁ ହର୍ଷିତଙ୍କୁ ନିଜ ମ୍ୟାଚ୍ ଫି'ର ୬୦ ପ୍ରତିଶତ ହରାଇବାକୁ ପଡିଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ଧାରା ୨.୫ର ଉଲ୍ଲଂଘନ ପାଇଁ ଦୁଇଟି ଭିନ୍ନ ଘଟଣାରେ ହର୍ଷିତଙ୍କୁ ଦଣ୍ଡିତ କରାଯାଇଛି। ମ୍ୟାଚ୍‌ର ଷଷ୍ଠ ଓଭରରେ ମୟଙ୍କ ଅଗ୍ରୱାଲଙ୍କୁ ଆଉଟ କରିଥିଲେ ରାଣା। ଏହା ପରେ ତାଙ୍କ ଆଡକୁ ଚାଲି ଚାଲି ଯିବା ସହିତ ଏକ ଫ୍ଲାଇଙ୍ଗ କିସ୍ ଦେଇଥିଲେ। ଅନ୍ତିମ ଓଭରରେ ହାଇଦ୍ରାବାଦକୁ ବିଜୟ ପାଇଁ ୧୩ ରନ୍ ଆବଶ୍ୟକ ଥିବା ବେଳେ ରାଣା ୨ ଉଇକେଟ ନେବାରୁ କୋଲକାତା ୪ ରନ୍‌ରେ ବିଜୟୀ ହୋଇଥିଲା।

# ମୁମ୍ବାଇକୁ ହରାଇଲା ଗୁଜରାଟ

**ଅହମଦାବାଦ, ୨୪।୩**

ଆଇପିଏଲ୍‌ର ରବିବାର ମ୍ୟାଚରେ ଗୁଜରାଟ ଟାଇଟନ୍ସ ୬ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଗୁଜରାଟ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନ କରିଥିଲା। ଜବାବରେ ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୬୨ ରନ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଇନିଂସର ମେରୁଦଣ୍ଡ ସାଜିଥିବା ସାଇ ସୁଦର୍ଶନ ସର୍ବାଧିକ ୪୫ (୩୯ ବଲ, ୩ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଚମତ୍କାର ବୋଲିଂ କରି ନିଜ ୪ ଓଭରରେ ମାତ୍ର ୧୪ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇ ଖାତା ଖୋଲିବା ପୂର୍ବରୁ ଇଶାନ କିଶନ (୦)ଙ୍କ ଉଇକେଟ ହରାଇଥିଲେ ହେଁ ରୋହିତ ଶର୍ମା ଓ ଡେୱାଲ୍ଡ ବ୍ରେଭିସଙ୍କ ଦୃଢ଼ ବ୍ୟାଟିଂ ବଳରେ ବିଜୟ ପଥରେ ଅଗ୍ରସର ହୋଇଥିଲା। ମାତ୍ର ଏହି ୨ ଉଇକେଟ ପତନ ପରେ ମୁମ୍ବାଇ ଇନିଂସ ଦିଗହରା ହୋଇ ଯାଇଥିଲା। ବ୍ରେଭିସ ୪୬ ଓ ରୋହିତ ୪୩ ରନକରି ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ୨୦ ଓଭରରେ ୧୬୮/୬ (ସାଇ ସୁଦର୍ଶନ-୪୫, ଗିଲ୍-୩୧, ଟେୱାଟିଆ-୨୨, ଯଶପ୍ରୀତ୍ ବୁମରା-୩/୧୪, ଗେରାଲ୍ଡ କୋଜି-୨/୨୭, ପୀୟୁଷ ଚାୱଲା-୧/୩୧)। ମୁମ୍ବାଇ ୨୦ ଓଭରରେ ୧୬୨/୯ (ଡେୱାଲ୍ଡ ବ୍ରେଭିସ-୪୬, ରୋହିତ ଶର୍ମା-୪୩, ତିଲକ ବର୍ମା-୨୫, ଆଜମତୁଲା ଓମାରଜାଇ-୨/୨୭, ଉମେଶ ଯାଦବ-୨/୩୧, ସ୍ପେନସର ଜନସନ-୨/୨୫, ମୋହିତ ଶର୍ମା-୨/୩୨, ସାଇ କିଶୋର-୧/୨୪)।

# ଜାତୀୟ ସବ୍‌ଜୁନିୟର ଉଷୁରେ ଓଡ଼ିଶା ଭାଗନେବ

**ଭୁବନେଶ୍ୱର, ୨୪।୩**
**(ତପନ ସ୍ୱାଇଁ)**

ଜମ୍ମୁ-କଶ୍ମୀରର ଜମ୍ମୁ ବିଶ୍ୱବିଦ୍ୟାଳୟ ପରିସରରେ ୨୩ତମ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍ ଚଳିତ ମାସ ୨୬ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକ ୪୦ ଜଣିଆ ପ୍ରତିନିଧି ଦଳ ଅଂଶଗ୍ରହଣ କରିବ। ଏହା ମଧ୍ୟରେ ୩୦ ଖେଳାଳି, ୪ ଅଫିସିଆଲ ଓ ୬ ଜାତୀୟ ଜଜ୍ ସାମିଲ। ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ ଓଡ଼ିଶା ପ୍ରତିନିଧି ଦଳ ରବିବାର ଜମ୍ମୁ-କଶ୍ମୀର ଯାତ୍ରା କରିଛି। ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ୩୦ ଖେଳାଳିଙ୍କ ମଧ୍ୟରୁ ୨୦ ଜଣ ସାଣ୍ଡା ଓ ୧୦ ଜଣ ତାଓଲୁ ଇଭେଣ୍ଟରେ ଅଂଶଗ୍ରହଣ କରିବେ।ଜାତୀୟ ଜଜ୍ ଅନୁରାଧା ଦୋରା, ସୃଜନ କୁମାର ରଥ, ଶିକା ବାହାଦୂର, ଈଶ୍ୱର ମହନ୍ତ ଓ ତାନିୟା ଶ୍ରୀବାସ୍ତବ ଦଳସହ ଯାତ୍ରା କରିଛନ୍ତି। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ସ୍କୁଲ୍ସ ଓପନ ଚେସ୍: ରୋନିତ ଚାମ୍ପିୟନ

**ଭୁବନେଶ୍ୱର, ୨୪।୩**
**(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ଜଟଣୀ ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାର ସ୍କୁଲ୍ସ ଓପନ ଚେସ୍ ଜଟଣୀସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଖୋର୍ଦ୍ଧା ଆଶା ଇଣ୍ଟରନ୍ୟାଶନାଲ ସ୍କୁଲର ରୋନିତ ଅଗ୍ରୱାଲ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତିରଞ୍ଜନ ସାହୁ, ଆର୍ଯ୍ୟଂଶ ମିଶ୍ର, ଅଞ୍ଜଳି ମିଶ୍ର, ହିମାଂଶୁ ଶେଖର ସାହୁ, ସୂର୍ଯ୍ୟେନ୍ଦୁ ପ୍ରକାଶ ସାହୁ, ଶ୍ରୀନିକା ବଳବନ୍ତରାୟ, ଅମନ ଅର୍ପିତ ସ୍ୱାଇଁ, ନୀଳାଂଶ ଗୋଲାପୁଡି ଓ ଆୟାନ ଅଙ୍କିତ ସ୍ୱାଇଁ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ୧୧ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଜଟଣୀ ସେଣ୍ଟ ଜାଭିଅର ହାଇସ୍କୁଲ ପ୍ରିନ୍ସିପାଲ ଲୀନା ମିଶ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜଟଣୀ ଚେସ୍ ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ବଳିୟାରସିଂ, ସମ୍ପାଦକ ଅବିନାଶ ବଳିୟାରସିଂ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ବିଜୟରୁ ରୟାଲ୍ସର ଅଭିଯାନ

**ଜୟପୁର, ୨୪।୩**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ୨୦ ରନ୍‌ରେ ପରାସ୍ତ କରି ଆଇପିଏଲ୍ ୧୭ରେ ଅଭିଯାନ ଆରମ୍ଭ କରିଛି ରାଜସ୍ଥାନ ରୟାଲ୍ସ। ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୨୦ ଓଭରରେ ୪ ଉଇକେଟରେ ୧୯୩ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ନିର୍ଦ୍ଧାରିତ ଓଭରରେ ୬ ଉଇକେଟରେ ୧୭୩ ରନ୍ କରିଥିଲା।

ଟସ୍ ଜିତି ବ୍ୟାଟିଂ କରିଥିବା ରାଜସ୍ଥାନ ପକ୍ଷରୁ ଜୋସ୍ ବଟଲର (୧୧) ଦଳୀୟ ସ୍କୋର ୧୩ ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ। ଯଶସ୍ୱୀ ଜୟସ୍ୱାଲ (୨୪) ଓ ଅଧିନାୟକ ସଞ୍ଜୁ ସାମସନ୍(୮୨*) ଦ୍ୱିତୀୟ ଉଇକେଟରେ ୩୬ ରନ୍ ଯୋଡିଥିଲେ। ୪ ନମ୍ବରରେ ବ୍ୟାଟିଂ ପଦୋନ୍ନତି ପାଇଥିବା ରିୟାନ୍ ପରାଗ (୪୩)ଙ୍କ ସହ ୯୩ ରନ୍ ଯୋଡିଥିଲେ ସାମସନ୍।

୧୯୪ ରନ୍ ଲକ୍ଷ୍ୟର ପିଛା କରୁଥିବା ଲକ୍ଷ୍ନୌ ୧୧ ରନ୍‌ରେ ୩ ଉଇକେଟ ହରାଇଥିଲା। ଅଧିନାୟକ ଲୋକେଶ ରାହୁଲ (୫୮) ଓ ଇମ୍ପାକ୍ଟ ପ୍ଲେୟର ଦୀପକ ହୁଡା(୨୬)ଙ୍କ ମଧ୍ୟରେ ଚତୁର୍ଥ ଉଇକେଟରେ ୪୯ ରନ୍‌ର ଭାଗୀଦାରି ହୋଇଥିଲା। ପରବର୍ତ୍ତୀ ବ୍ୟାଟର ନିକୋଲାସ ପୁରନ୍ (୬୪*)ଙ୍କ ସହ ୯୫ ରନ୍ ଯୋଡି ଦଳକୁ ବିଜୟର ନିକଟତର କରିଥିଲେ ରାହୁଲ। ଅଧିନାୟକ ରାହୁଲ ୪୪ ବଲ୍ ଖେଳି ୪ ଚୌକା ଓ ୨ ଛକା ସହ ୫୮ ରନ୍ କରିଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ବାଙ୍ଗାଲୋର ବନାମ ପଞ୍ଜାବ**
ସ୍ଥାନ: ବାଙ୍ଗାଲୋର
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ପ୍ଲେୟର ଅଫ୍ ଦି ମ୍ୟାଚ ସଞ୍ଜୁ ସାମସନ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୯୩/୪ (ସଞ୍ଜୁ ସାମସନ-୮୨*, ରିୟାନ ପରାଗ-୪୩, ଯଶସ୍ୱୀ ଜୟସ୍ୱାଲ-୨୪, ନବୀନ ଉଲ୍ ହକ୍-୨/୪୧, ରବି ବିଷ୍ଣୋଇ-୧/୩୮, ମୋହସିନ୍ ଖାନ-୧/୪୫)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୭୩/୬ (ନିକୋଲା ପୁରନ-୬୪*, ଲୋକେଶ ରାହୁଲ-୫୮, ଦୀପକ ହୁଡା-୨୬, ଟ୍ରେଣ୍ଟ ବୋଲ୍ଟ-୨/୩୫, ସନ୍ଦୀପ ଶର୍ମା-୧/୨୨, ଚହଲ-୧/୨୫)।

**ଚାମ୍ପିୟନ୍ସ ଟ୍ରଫି କ୍ରିକେଟ**

# ପାକିସ୍ତାନ ଗସ୍ତରେ ଆଇସିସି ପ୍ରତିନିଧି ଦଳ

**ଲାହୋର, ୨୪।୩(ପି.ଟି.):** ଆସନ୍ତା ବର୍ଷ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦୃଢ଼ ଆଶାବାଦୀ। ଏହି ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ର ଏକ ପ୍ରତିନିଧି ଦଳ ସୋମବାର ପାକିସ୍ତାନ ଗସ୍ତରେ ଆସୁଛନ୍ତି। ସେମାନେ ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟ ଲାଗି ଚାଲିଥିବା ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖିବେ। ପ୍ରତିନିଧି ଦଳରେ ଜଣେ ସୁରକ୍ଷା ବିଶେଷଜ୍ଞ ରହିଛନ୍ତି। ସେମାନେ ବିଶେଷ କରି ପ୍ରସ୍ତାବିତ ଭେନ୍ୟୁ କରାଚୀ, ଲାହୋର ଓ ରାୱଲପିଣ୍ଡି ପରିଦର୍ଶନରେ ଯିବେ। ୧୯୯୬ରେ ଭାରତ ସହିତ ମିଳିତ ଭାବେ ବିଶ୍ୱକପ୍ ଆୟୋଜନ ପରେ ପାକିସ୍ତାନ ପ୍ରଥମ ଥର ଏକ ଆଇସିସି ଇଭେଣ୍ଟ ଆୟୋଜନ କରିବାକୁଯାଉଛି। ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥା ନୀରିକ୍ଷଣ କରିବା ଲାଗି ଗତ ମାସରେ ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି)ର ଏକ ପ୍ରତିନିଧି ଦଳ ମଧ୍ୟ ପାକିସ୍ତାନ ଗସ୍ତରେ ଆସିଥିଲା। ସେମାନଙ୍କ ଦଳ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବା ଲାଗି ଏପ୍ରିଲ ମଧ୍ୟ ଭାଗରେ ଏହି ଦେଶକୁ ଟୁର୍‌ରେ ଆସିବ। ଚାମ୍ପିୟନ୍ସ ଟ୍ରଫି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହେବ ବୋଲି ନକ୍‌ଭି ଦୋହରାଇ କହିଛନ୍ତି।

# ୧୭ ବର୍ଷୀୟ ଏଣ୍ଡ୍ରିକ୍‌ଙ୍କ ପ୍ରଥମ ଗୋଲ୍‌ରେ ବ୍ରାଜିଲ ବିଜୟୀ

**ଲଣ୍ଡନ, ୨୪।୩ (ଏପି)**

ରିଅଲ ମାଡ୍ରିଡ୍‌ର ଭାବି ଖେଳାଳି ଏଣ୍ଡ୍ରିକ୍ ସର୍ବ କନିଷ୍ଠ ପୁରୁଷ ଖେଳାଳି ହିସାବରେ ୱେମ୍ବ୍ଲିରେ ଏକ ଅନ୍ତର୍ଜାତୀୟ ଗୋଲ୍ ସ୍କୋର କରି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତାଙ୍କର ଏହି ଏକମାତ୍ର ଗୋଲ୍ ବଳରେ ଇଂଲଣ୍ଡ ବିପକ୍ଷ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ ବ୍ରାଜିଲ ୧-୦ରେ ଜିତି ନେଇଛି। ଆଣ୍ଡ୍ରିକ୍ ସିଜନ ଶେଷରେ ପାଲ୍‌ମିରାସରୁ ଯାଇ ମାଡ୍ରିଡ୍‌ରେ ଯୋଗଦେବେ। ସେତେବେଳେ ତାଙ୍କୁ ୧୮ବର୍ଷ ବୟସ ହୋଇଥିବ। ଦ୍ୱିତୀୟାର୍ଦ୍ଧ ଖେଳର ୯ମ ମିନିଟ୍‌ରେ ରୋଡ୍ରିଗୋଙ୍କ ବଦଳ ଖେଳାଳି ଭାବେ ପଡ଼ିଆକୁ ଆସି ଏଣ୍ଡ୍ରିକ୍ ତାଙ୍କ ଗୋଲ୍ ମ୍ୟାଚର ୭୧ତମ ମିନିଟ୍‌ରେ ସ୍କୋର କରିଥିଲେ। ୧୭ ବର୍ଷ ୨୪୬ ଦିନ ବୟସରେ ବ୍ରାଜିଲ ସିନିୟର ଦଳରୁ ଖେଳି ଏହା ତାଙ୍କର ପ୍ରଥମ ଗୋଲ୍।

# ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଆରମ୍ଭ

**ଭୁବନେଶ୍ୱର, ୨୪।୩**
**(ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ କମଳା ପରିଡ଼ା ସ୍ମାରକୀ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ପ୍ରତିଯୋଗିତାର ସେମିଫାଇନାଲରେ ମୁକ୍ତେଶ୍ୱର କ୍ଲବକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ନିର୍ଦ୍ଧାରିତ ୩୫ ଓଭରରେ ୭ ଉଇକେଟ ହରାଇ ୨୦୩ ରନ କରିଥିଲା। ଦଳ ପକ୍ଷରୁ ଜୀବନ ରଣସିଂ ୩୯ ଓ ମହିମା ବେହେରା ୩୨ ରନ କରିଥିଲେ। ବିପକ୍ଷ ଦଳର ଶୁଭ୍ରକାନ୍ତ ପରିଡ଼ା ୩ଟି ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ୨୭.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରି ନେଇଥିଲା। ସ୍ୱୟଂ ପ୍ରକାଶ ପଣ୍ଡା ୭୧ ଓ ତୀର୍ଥଙ୍କର ସାହୁ ୬୮ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଶୁଭାଶିଷ ମଲିକ ୪୫ ରନକରି ଆଉଟ ହୋଇଥିଲେ। ମାତ୍ର ୪୦ ବଲ୍‌ରୁ ୫ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୬୮ ରନ କରିଥିବା ତୀର୍ଥଙ୍କର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମରେଶ ପରିଡ଼ା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ବିଧାୟକ ତଥା ଆୟୋଜକ କ୍ଲବର ସଭାପତି ସୁରେଶ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଉପସଭାପତି ରାଧାନାଥ ମହାପାତ୍ର, ବିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ରଥ, ଆୟୋଜକ କ୍ଲବର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଓ ପୂର୍ବତନ ରଣଜୀ ଖେଳାଳିମାନେ ଉପସ୍ଥିତ ଥିଲେ।


ତୀର୍ଥଙ୍କର ସାହୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ